ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୩/୨୦୨୨ (୧୮ ପୃଷ୍ଠା) | Bhubaneswar, Friday, December 23/2022 | Page 18 | ₹ 7.00 | ★★★★★★
୪୯ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 30 | ମୂଲ୍ୟ ₹୭/-



**ବେଷ୍ଟ ଅଭିନେତା ଅଭିଷେକ**

ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନଙ୍କୁ ଶ୍ରେଷ୍ଠ ଅଭିନେତା ବର୍ଗରେ ଫିଲ୍ମ ଫେୟାର ଓଟିଟି ଆୱାର୍ଡସ୍‌ରେ ସମ୍ମାନିତ କରାଯାଇଛି।

୧୨

୧୮

**ବାର ବର୍ଷ ପରେ ଉନାଡ୍‌କଟ୍**

ବାର ବର୍ଷ ପରେ ଭାରତୀୟ ଟେଷ୍ଟ କ୍ରିକେଟ ଦଳକୁ ଫେରିଛନ୍ତି ପେସ୍ ବୋଲର ଜୟଦେବ ଉନାଡ୍‌କଟ୍।









# ଆସିଲା କୋଭିଡ୍

## ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ



- ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ
- କୋଭିଡ୍ ପରୀକ୍ଷା ବଢ଼ାଇବା ସହ ପ୍ରିକଶନ ଡୋଜ୍ ଲାଗି ପ୍ରୋତ୍ସାହିତ କରିବାକୁ ନିର୍ଦ୍ଦେଶ
- ଅନ୍ତର୍ଜାତୀୟ ବିମାନଯାତ୍ରୀଙ୍କ କୋଭିଡ୍ ପରୀକ୍ଷା ହେବ

**ନୂଆଦିଲ୍ଲୀ,୨୨।୧୨**

ଚାଇନା ସମେତ ବିଶ୍ୱର ବିଭିନ୍ନ ଭାଗରେ କୋଭିଡ୍ ମହାମାରୀ ପୁଣିଥରେ ଲେଉଟିଛି। କୋଭିଡ୍ ମହାମାରୀ ଚାଇନାରେ ଭୟଙ୍କର ରୂପ ଧାରଣ କରିଛି। ସେଠାର ହସ୍ପିଟାଲଗୁଡ଼ିକରେ ରୋଗୀ ଭର୍ତ୍ତି ହୋଇଥିବା ବେଳେ ଶବ ରଖିବା ଲାଗି ହସ୍ପିଟାଲ ଶବାଗାର ଏବଂ କ୍ରିମେଟୋରିୟମରେ ଜାଗା ନାହିଁ। ବିଭିନ୍ନ ଦେଶରେ ସଂକ୍ରମଣ ବଢୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦେଶର କୋଭିଡ୍ ସ୍ଥିତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଦେଶରେ କୋଭିଡ୍ ସ୍ଥିତିରେ ଆତ୍ମସନ୍ତୋଷ ନ ହୋଇ ସର୍ଭିଲାନ୍ସ ବ୍ୟବସ୍ଥା ବିଶେଷ କରି ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ କଟକଣା ଜୋର୍‌ଦାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ପ୍ରସ୍ତୁତି, ଲଜିଷ୍ଟିକ୍ସ, ଟିକାକରଣ ଅଭିଯାନର ସ୍ଥିତି ଏବଂ ନୂଆ କୋଭିଡ୍ ଭାରିଆଣ୍ଟ ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ମୋଦି ସମୀକ୍ଷା କରିଥିଲେ। ପ୍ରତ୍ୟେକ ଗହଳି ସ୍ଥାନରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ପରସ୍ପରଠାରୁ ସାମାଜିକ ଦୂରତା ବଜାୟ ରଖିବା ଆଦି କୋଭିଡ୍ ନିୟମାବଳୀ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ବିଶେଷ କରି ଆଗକୁ ବଡ଼ଦିନ ଏବଂ ନୂଆବର୍ଷ ଆସୁଥିବାରୁ ଅଧିକ ସତର୍କ ରହିବାକୁ କୁହାଯାଇଛି। ସେହିପରି ବହୁବିଧ ରୋଗ ଥିବା ଏବଂ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକାର ପ୍ରିକଶନ ଡୋଜ୍ ନେବା ଲାଗି ପ୍ରୋତ୍ସାହିତ କରିବା, କୋଭିଡ୍ ପରୀକ୍ଷା ଏବଂ ଜିନୋମ୍ ସିକ୍ୱେନ୍ସିଂକୁ ପ୍ରଧାନମନ୍ତ୍ରୀ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟଗୁଡ଼ିକୁ ଆଇଏନ୍‌ଏସ୍‌ଏସିଓଜି ଜିନୋମ ସିକ୍ୱେନ୍ସିଂ ଲାବରେଟୋରିକୁ ଅଧିକରୁ ଅଧିକ ନମୁନା ପଠାଇବାକୁ ପରାମର୍ଶ ଦିଆଯାଇଛି। ଯଦି କୋଭିଡ୍‌ର ନୂଆ ଭାରିଆଣ୍ଟ ☞ପୃଷ୍ଠା–୪

## ଭୟଭୀତ ନ ହେବାକୁ ପରାମର୍ଶ

**ନୂଆ ଭାରିଆଣ୍ଟ**

- ଆଜି ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ
- ଆସିପାରେ ନୂଆ ଗାଇଡ୍‌ଲାଇନ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

କିଛି ମାସ ବିରାମ ପରେ ପୁଣି କୋଭିଡ୍–୧୯ ସଂକ୍ରମଣ ଭୟ ଘାରିଲାଣି। ଓମିକ୍ରନର ସବ୍‌ଭାରିଆଣ୍ଟ ବିଏଫ୍.୭ ଯୋଗୁ ଚାଇନାରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ଏହି ଭୂତାଣୁ ସଂକ୍ରମିତ ଚିହ୍ନଟ ହେଲେଣି। ଆଗାମୀ ଦିନରେ ଯେପରି ଏହି ଭୂତାଣୁ ସଂକ୍ରମଣ ଅଧିକ ନ ବ୍ୟାପିବ ସେଥିଲାଗି ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଏ ନେଇ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ସମ୍ଭାବ୍ୟ ସଂକ୍ରମଣକୁ ଦେଖି ଆଗୁଆ କି ପ୍ରକାର ପଦକ୍ଷେପ ନିଆଯିବ ସେ ନେଇ ବୈଠକରେ ନିଷ୍ପତ୍ତି ନିଆଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଞ୍ଚଳିକ ମେଡିକାଲ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି) ଅଧିକାରୀ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସ ଏବଂ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକର କର୍ତ୍ତୃପକ୍ଷମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଜୈବବିବିଧତାର ସ୍ୱଦେଶୀ ରକ୍ଷକ**

## ନାଜାଲ ଟିକାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୨।୧୨**

ବିଶ୍ୱରେ କୋଭିଡ୍ ମହାମାରୀ ପୁଣିଥରେ ଭୟ ସୃଷ୍ଟି କରିଥିବାବେଳେ ନାଜାଲ ଭାକ୍ସିନ୍‌କୁ ଭାରତ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ଦେଶରେ କୋଭିଡ୍ ଟିକାକରଣ ଅଭିଯାନକୁ ଆଗେଇ ନେବାରେ ସହାୟକ ହେବ। ଇଞ୍ଜେକଶନରେ ଦିଆଯାଉଥିବା ଭାକ୍ସିନ ତୁଳନାରେ ନାଜାଲ ଟିକା ଭଲ ବୋଲି ବିବେଚନା କରାଯାଉଛି। ☞ପୃଷ୍ଠା–୪

# ୱାର୍ଡର ପରୀକ୍ଷାରେ ପ୍ରବଳ ବିଶୃଙ୍ଖଳା

**ଚାକିରି ସରକାରୀ, ଦେବେ ଘରୋଇ**

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ରାଜ୍ୟର ୪୦୩ ଜେଲ ୱାର୍ଡର ପଦବୀ ଲାଗି ଗୁରୁବାରଠାରୁ ପରୀକ୍ଷା ଆରମ୍ଭ ହୋଇଛି। ଏହି ପରୀକ୍ଷା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ହେଲେ ପରୀକ୍ଷା ଆରମ୍ଭ ଦିନରୁ ହିଁ ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର୍ଥୀଙ୍କୁ ସକାଳ ୮ଟା ସମୟରେ ରିପୋର୍ଟିଂ କରିବାକୁ ସମୟ ଦିଆଯାଇଥିଲା। ସେମାନେ ୯ଟାରୁ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଦେଇଥାଆନ୍ତେ ବୋଲି ତାଙ୍କୁ ମିଳିଥିବା ଆଡ୍‌ମିଟ୍ କାର୍ଡରେ ଉଲ୍ଲେଖ ଥିଲା। ହେଲେ ପରୀକ୍ଷା କେନ୍ଦ୍ରରେ ୨୦୦ ଜଣ ପିଲା ପରୀକ୍ଷା ଦେବାକୁ ଥିବା ବେଳେ ସେଠାରେ ମୋଟ ୧୦୦ଟି କମ୍ପ୍ୟୁଟର ରହିଥିଲା। ଫଳରେ ବାକି ପିଲାମାନେ ପରୀକ୍ଷା ଦେଇପାରି ନ ଥିଲେ। ଏହାକୁ ନେଇ ପିଲାଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ମଧ୍ୟ ସ୍ୱାଭାବିକ। ଯଦି ପରୀକ୍ଷା ପାଇଁ ଡକାଯାଇଥିବା ପିଲାଙ୍କ ଲାଗି ଆବଶ୍ୟକ ଅନୁଯାୟୀ କମ୍ପ୍ୟୁଟର ନ ଥିଲା ତେବେ ସେମାନଙ୍କୁ କାହିଁକି ଗୋଟିଏ ସମୟରେ ଡକାଯାଇଥିଲା ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଏହି ପରୀକ୍ଷାକୁ ପରିଚାଳନା କରିବା ଲାଗି ଟେଣ୍ଡର ପାଇଥିବା ସିଲିକନ ଟେକ୍ ଲାବ୍ ଲିମିଟେଡ କମ୍ପାନୀର ଭୂମିକା ମଧ୍ୟ ବର୍ତ୍ତମାନ ସନ୍ଦେହ ଘେରକୁ ଆସିଛି। କାରଣ ସିଲିକନ ଟେକ୍ ଲାବ୍ ଲିମିଟେଡ୍ କମ୍ପାନୀ ଜରିଆରେ ପ୍ରିଜନ ରିକ୍ରୁଟମେଣ୍ଟ ବୋର୍ଡ ୱାର୍ଡର ପରୀକ୍ଷା ରାଜ୍ୟରେ କରାଉଛି। ଆଶ୍ଚର୍ଯ୍ୟର କଥା ଏହିକି ଯେ, ଏହି କମ୍ପାନୀ ପରୀକ୍ଷା ପତ୍ର ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ର କେଉଁଠାରେ ହେବ ଏବଂ ପିଲାଙ୍କୁ ଆଡମିଟ୍ କାର୍ଡ ଦେବା ପର୍ଯ୍ୟନ୍ତ ସବୁକିଛି କରାଉଛି। ତେଣୁ ଜେଲ ୱାର୍ଡର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀର ପରୀକ୍ଷା ପାଇଁ ଯଦି ପରୀକ୍ଷା କେନ୍ଦ୍ରରେ ପିଲାଙ୍କୁ ଯେତେବେଳେ ସମୟ ଦିଆଯାଇଛି ସେଥିରେ ତ୍ରୁଟି ରହେ, ତେବେ ଏହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଉକ୍ତ କମ୍ପାନୀର ପ୍ରାରମ୍ଭିକ କାର୍ଯ୍ୟ ଦେଖିଲେ ସବୁକିଛି ବୁଝାପଡୁଛି। ଅନ୍ୟପଟେ ଏହି କମ୍ପାନୀ ଜାଲ୍ ଦସ୍ତାବିଜ ଦେଇ ଟେଣ୍ଡର ହାତେଇଥିବା ଅନ୍ୟ ଏକ ଘରୋଇ କମ୍ପାନୀ ପୂର୍ବରୁ ଅଭିଯୋଗ କରିଥିଲା। ଏନେଇ ଧରିତ୍ରୀ ପକ୍ଷରୁ ମଧ୍ୟ ଗତ ନଭେମ୍ବର ୧୧ ତାରିଖରେ ‘ଚାକିରି ସରକାରୀ, ଦେବେ ଘରୋଇ’ ଶୀର୍ଷକ ଖବର ପ୍ରକାଶ ପାଇଥିଲା।ଅନ୍ୟପଟେ ରାଜ୍ୟର ଅନେକ ପରୀକ୍ଷାକେନ୍ଦ୍ରରେ ସମସ୍ୟା ସୃଷ୍ଟି ହୋଇଛି। ହେଲେ ରାଜଧାନୀର ଏକ ଘରୋଇ କଲେଜରେ ଅତ୍ୟନ୍ତ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ☞ପୃଷ୍ଠା–୪

## ଦାଦନ ଖଟିବାକୁ ଗଲେ ନଗଡ଼ାବାସୀ

**ସରକାରଙ୍କ ବିକାଶ ଯୋଜନା ଫେଲ୍**

**ଯାଜପୁର ଅଫିସ/କାଳିଆପାଣି (ଡି.ଏନ.ଏ.),୨୨।୧୨**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତ ନଗଡ଼ା ଗ୍ରାମରେ ଶିଶୁ ମୃତ୍ୟୁ ଘଟଣା କାହାକୁ ଅଛପା ନାହିଁ। ୨୦୧୬ ଜୁଲାଇରେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା ନଗଡ଼ାରେ ଅଜାଡି ଦିଆଯାଇଥିଲା। ନଗଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ଶିଶୁ ମୃତ୍ୟୁ ଘଟଣାର ୨ ବର୍ଷରେ ପ୍ରାୟ ୨୩ କୋଟି ଟଙ୍କା ରାସ୍ତା, ପାଣି, ବିଦ୍ୟୁତ୍ ଆଦି କ୍ଷେତ୍ରରେ ବିନିଯୋଗ ହୋଇଥିଲା। ତେବେ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଆତ୍ମସାତ୍ ହୋଇଥିବା ନେଇ ରାଜ୍ୟ ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ର ଆବାହକ ପ୍ରଦୀପ ପ୍ରଧାନ ଲୋକଯୁକ୍ତଙ୍କ ପାଖରେ ୧୪।୧୦।୨୦୧୯ରେ ☞ପୃଷ୍ଠା–୪

# ‘ଆମ ପାଇଁ କନ୍ୟା ଖୋଜିଦିଅ’

**ବ୍ୟାଚେଲରଙ୍କ ନିଆରା ପ୍ରତିବାଦ**

**ମୁମ୍ବାଇ, ୨୨।୧୨**

ମହାରାଷ୍ଟ୍ରରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିବାରେ ଲାଗିଛି। ଏହି କାରଣ ପାଇଁ ରାଜ୍ୟର ବହୁ ବିବାହଯୋଗ୍ୟ ଯୁବକ ବାହାହେବା ଲାଗି କନ୍ୟା ଖୋଜି ଖୋଜି ହତାଶ ହୋଇ ପଡ଼ିଛନ୍ତି। ତେବେ ଏ ପ୍ରକାର ସମସ୍ୟାକୁ ଦୂର କରିବା ପାଇଁ ସୋଲାପୁର ଜିଲାର ‘ବ୍ରାଇଡ୍‌ଗ୍ରୁମ୍ ମୋର୍ଚ୍ଚା’ ପକ୍ଷରୁ ନିଆରା ପ୍ରତିବାଦ ବୁଧବାର କରାଯାଇଛି। ଏକାଧିକ ବିବାହଯୋଗ୍ୟ ଯୁବକ ବର ବେଶରେ ଘୋଡ଼ାରେ ବସି ବ୍ୟାଣ୍ଡ, ବାଜା, ବରଯାତ୍ରୀ ନେଇ କଲେକ୍ଟରଙ୍କ ଅଫିସରେ ଦାବିପତ୍ର ଦେଇଛନ୍ତି। ମାର୍ଚ୍ଚରେ ସାମିଲ ହୋଇଥିବା ପ୍ରତ୍ୟେକ ବିବାହଯୋଗ୍ୟ ଯୁବକଙ୍କ ପାଇଁ ରାଜ୍ୟ ସରକାର କନ୍ୟା ଯୋଗାଡ଼ କରନ୍ତୁ ବୋଲି ସେମାନେ ନିଜ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରାଜ୍ୟରେ ପ୍ରତି ୧୦୦୦ ପୁଅଙ୍କ ମଧ୍ୟରେ ୮୮୯ ଝିଅ ରହିଥିବା ଯୋଗୁ ଯୁବକମାନଙ୍କୁ ବାହାହେବା ଲାଗି କନ୍ୟା ମିଳୁ ନାହାନ୍ତି। ଏ ପ୍ରକାର ନିଆରା ମାର୍ଚ୍ଚ ଦେଖି ହୁଏତ ଲୋକଙ୍କ ମନରେ କୌତୂହଳ ଜାତ ହେଉଥିବ କିନ୍ତୁ ବେଳ ଥାଉ ଏହାର ନିରାକରଣ କରାଯିବା ଜରୁରୀ ବୋଲି ଜ୍ୟୋତି କ୍ରାନ୍ତି ପରିଷଦର ପ୍ରତିଷ୍ଠାତା ରମେଶ ବରସ୍କାର କହିଛନ୍ତି। ଅନ୍ୟପକ୍ଷେ କନ୍ୟା ଭ୍ରୂଣ ହତ୍ୟା ଯୋଗୁ ଏହି ସମସ୍ୟା ଏବେ ବଡ଼ ଗମ୍ଭୀର ରୂପ ନେଇଥିବା ସେ ପ୍ରକାଶ କରିଛନ୍ତି। ଦେଶରେ ଲିଙ୍ଗ ନିରୂପଣ ବିରୋଧରେ ଲାଗୁ ଆଇନକୁ ଆହୁରି କଠୋର କରିବା ପାଇଁ ମଧ୍ୟ ଏହି ମାର୍ଚ୍ଚରେ ସାମିଲ ହୋଇଥିବା ଯୁବକ ଦାବି କରିଛନ୍ତି।








**କେ**ଉଁଠି ଅଧିକାର ପାଇଁ ବିଦ୍ରୋହ ତ ପୁଣି କେଉଁ ଦେଶରେ କଟକଣାକୁ ବିରୋଧ କରି ଶାଣିତ ହୋଇଛି ସାଧାରଣ ଜନତାଙ୍କ ସ୍ୱର। ବିଦାୟୀ ବର୍ଷ ୨୦୨୨ ସାରା ବିଶ୍ୱରେ ଦେଖିଛି ବିକ୍ଷୋଭ ଓ ଆନ୍ଦୋଳନ। ୟୁକ୍ରେନୀୟ ମହିଳାଙ୍କ ପ୍ରତି ରୁଷୀୟ ସୈନ୍ୟଙ୍କ ବର୍ବର ବ୍ୟବହାର ପ୍ରତିବାଦରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜଣେ ମହିଳାଙ୍କ ଉଲଗ୍ନ ପ୍ରତିବାଦ ସମସ୍ତଙ୍କୁ ଚକିତ କରିଦେଇଥିବାବେଳେ ଇରାନରେ ୨୨ ବର୍ଷୀୟା କୁର୍ଦ୍ଦିଶ ଯୁବତୀ ମହସା ଅମିନିଙ୍କ ମୃତ୍ୟୁ ପରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ଥମିନାହିଁ। ଋଣଭାରରେ ବୁଡିଥିବା ଶ୍ରୀଲଙ୍କାରେ ସରକାର ବିରୋଧୀ ଜନ ଆନ୍ଦୋଳନ ଏ ବର୍ଷର ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ଚାଇନାରେ କରୋନା ମହାମାରୀ କାୟା ମେଲାଇ ଆତଙ୍କ ସୃଷ୍ଟି କରିଥିବାବେଳେ ଏହାର ମୁକାବିଲା ପାଇଁ ଜାରି କଠୋର ଲକ୍‌ଡାଉନ୍‌ରେ ଅତିଷ୍ଠ ଦେଶବାସୀ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ପ୍ରଥମ ଥର ପାଇଁ ମାଗିଛନ୍ତି ଇସ୍ତଫା।



# ହିଜାବ ପିନ୍ଧିବୁ ନାହିଁ

## ଇରାନରେ ଅମିନି ବିପ୍ଳବ

**ସେ**ପ୍ଟେମ୍ବର ୧୩ରେ ୨୨ ବର୍ଷୀୟା କୁର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନି ଉଚିତ ଢଙ୍ଗରେ ହିଜାବ ପରିଧାନ କରି ନ ଥିବା ଦର୍ଶାଇ ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାର ୩ ଦିନ ପରେ ପୋଲିସ ହାଜତରେ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବର୍ବରତାରେ ମହସାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେବେଠୁ ଏହାର ପ୍ରତିବାଦରେ ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଯୁବତୀମାନେ ନିଜ ଚୁଟି କାଟି ହିଜାବକୁ ଜାଳିବାରେ ଲାଗିଥିଲେ। ସରକାର ବିରୋଧୀ ସ୍ଲୋଗାନରେ ରାଜଧାନୀ ତେହରାନ ପ୍ରକମ୍ପିତ ହୋଇଥିଲା। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଆନ୍ଦୋଳନକାରୀମାନେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବିରୋଧରେ ନାରାବାଜି କରି ଦେଶରେ ଇସ୍‌ଲାମିକ୍ ସରକାର ଉଚ୍ଛେଦ ପାଇଁ ମଧ୍ୟ ଦାବି କରିଥିଲେ। ସାମାଜିକ ଗଣମାଧ୍ୟମରେ ଏସବୁ ବହୁଳ ପ୍ରସାରିତ ହେବା ପରେ ଆମେରିକା ସମେତ ବିଭିନ୍ନ ଦେଶରେ ଇରାନ ବିରୋଧୀ ମନୋଭାବ ବଢ଼ିଥିଲା। ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଏହି ଆନ୍ଦୋଳନ ପଛରେ ୱାଶିଂଟନର ହାତ ଥିବା କହିଥିଲେ। ପୋଲିସ ବର୍ବରତାରେ ପ୍ରାୟ ୫୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ସରକାର ମୁଣ୍ଡ ନୁଆଁଇ ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ମୋରାଲିଟି ପୋଲିସକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ନିଜ ଟାଣପଣ ଦେଖାଇବାକୁ ଯାଇ ରଇସି ସରକାର ୨ ଜଣ ବିକ୍ଷୋଭକାରୀଙ୍କୁ ଫାଶୀ ଦେଇଛନ୍ତି। ସର୍ବସମ୍ମୁଖରେ କ୍ରେନ୍‌ରେ ଝୁଲାଇ ଦିଆଯାଇଥିବା ମୃତ୍ୟୁଦଣ୍ଡର ଫଟୋ ଓ ଭିଡିଓ ଭାଇରାଲ ହୋଇଛି।



# ରାଷ୍ଟ୍ରପତି ଭବନରେ ବିକ୍ଷୋଭକାରୀ

## ଶ୍ରୀଲଙ୍କାରେ ଅରାଜକତା

**ଏ**କଦା ସ୍ୱର୍ଣ୍ଣର ଲଙ୍କା କୁହାଯାଉଥିବା ଶ୍ରୀଲଙ୍କାରେ ଜୁଲାଇ ୯ରେ ଅଭୂତପୂର୍ବ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତତ୍କାଳୀନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ଆର୍ଥିକ ସଙ୍କଟ ଉପୁଜିଥିଲା। ୨.୨ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପରାଷ୍ଟ୍ର ୪ ଲକ୍ଷ କୋଟି ଟଙ୍କାର ବିଦେଶୀ ଋଣବୋଝରେ ନଇଁ ପଡ଼ିଥିବାବେଳେ ମୁଦ୍ରାସ୍ଫୀତି ସର୍ବକାଳୀନ ରେକର୍ଡ ଭାଙ୍ଗି ୫୪.୬%ରେ ପହଞ୍ଚିଥିଲା। ଇନ୍ଧନ ପାଇଁ ଅନେକ ହଜାର ଲୋକ ଧାଡ଼ିରେ ଛିଡ଼ା ହୋଇ ଅପେକ୍ଷା କରିଥିଲେ ସେମାନଙ୍କ ପାଳି କେତେବେଳେ ଆସିବ। ଖାଦ୍ୟ, ଔଷଧ, ବିଦ୍ୟୁତ୍ ଓ ତୈଳ ସଙ୍କଟ ଉଗ୍ରରୂପ ଧାରଣ କରିବାରୁ ଲୋକେ ଜାତୀୟ ପତାକା ଧରି ରାସ୍ତାକୁ ଓହ୍ଲାଇଥିଲେ। ଗୋଟାବାୟାଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବା ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନକୁ ଦଖଲ କରିଥିଲେ। ସେମାନେ ରାଷ୍ଟ୍ରପତି ଭବନକୁ କବ୍‌ଜା କରିବା ପୂର୍ବରୁ ଗୋଟାବାୟା ଦେଶଛାଡ଼ି ପଳାୟନ କରିଥିଲେ। କେବଳ ରାଜଧାନୀ କଲମ୍ବୋରେ ନୁହେଁ, ବିକ୍ଷୋଭକାରୀମାନେ ଗଲେ, କାଣ୍ଡି ଓ ମଟାରା ଭଳି ପ୍ରାଦେଶିକ ସହରରେ ମଧ୍ୟ ରେଳ ଅଧିକାରୀମାନଙ୍କୁ ଟାର୍ଗେଟ କରିଥିଲେ। ଶେଷରେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କୁ ରାଷ୍ଟ୍ରପତି କରାଯାଇଥିଲା। ସେ ଏକାଧିକ ଥର ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲେ।

# ଇରାକ ପାର୍ଲାମେଣ୍ଟରେ ଭଙ୍ଗାରୁଜା



**ରା**ଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ଇରାକରେ ଜୁଲାଇ ୨୭ରୁ ମାସାଧିକ କାଳ ଧରି ଦେଖିବାକୁ ମିଳିଥିଲା ବଡ଼ ଧରଣର ଆନ୍ଦୋଳନ। ଇରାନ ସମର୍ଥିତ ପୂର୍ବ ପ୍ରାଦେଶିକ ଗଭର୍ନର ମହମ୍ମଦ ଶିଆ ଅଲ୍ ସୁଦାନୀଙ୍କୁ ପ୍ରଧାନମନ୍ତ୍ରୀ କରାଯିବ ବୋଲି ପ୍ରଘଟ ହେବା ପରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଶିଆ ଧର୍ମଗୁରୁ ମୋକ୍‌ତାଦା ଅଲ୍-ସଦରଙ୍କ ସମର୍ଥକମାନେ ବାଗ୍‌ଦାଦ୍‌ର ଗ୍ରୀନ୍ ଜୋନ୍‌ରେ ଥିବା କାଉନ୍‌ସିଲ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ବିଲ୍ଡିଂକୁ ଧସେଇ ପଶି ପାର୍ଲାମେଣ୍ଟ ଭଙ୍ଗ ଏବଂ ସାନି ନିର୍ବାଚନ ଦାବି କରିଥିଲେ। ସେମାନେ ମୋକ୍‌ତାଦାଙ୍କ ଫଟୋ ଓ ଇରାକର ଜାତୀୟ ପତାକା ଧରି ବିକ୍ଷୋଭ କରିଥିଲେ। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସୁରକ୍ଷା ବଳ ଲୁହବୁହା ବାଷ୍ପ ଓ ୱାଟର କ୍ୟାନନ୍ ପ୍ରୟୋଗ କରିଥିଲା। କିନ୍ତୁ ମୋକ୍‌ତାଦାଙ୍କ ସମର୍ଥକ ଏହାକୁ ଭ୍ରୁକ୍ଷେପ ନ କରି ପାର୍ଲାମେଣ୍ଟରେ ଭଙ୍ଗାରୁଜା କରିଥିଲେ। ଏପରି କି ରାଷ୍ଟ୍ରପତି ଭବନର ସୁଇମିଂ ପୁଲ୍‌ରେ ଅନେକ ବିକ୍ଷୋଭକାରୀ ପହଁରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପୋଲିସ ଗୁଳିରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଶେଷରେ ମୋକ୍‌ତାଦା ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିଲେ।

# ଆମ ଦେହ, ଆମ ଅଧିକାର




## ଗର୍ଭପାତର ବୈଧତା ଦାବିକଲେ ଆମେରିକୀୟ ମହିଳା

**ଜେ**ନ୍ ରୋ ନାମରେ ପରିଚିତ ଆମେରିକୀୟ ମହିଳା ମେକ୍‌କୋର୍ଭି ୧୯୬୯ରେ ନିଜ ତୃତୀୟ ଶିଶୁକୁ ଗର୍ଭରେ ଧାରଣ କରିଥିଲେ। ରୋ ଗର୍ଭପାତ କରାଇବାକୁ ଚାହୁଁଥିଲେ। କିନ୍ତୁ ସେ ଟେକ୍ସାସ୍‌ରେ ରହୁଥିବାରୁ ଅସୁବିଧା ହୋଇଥିଲା। କାରଣ ଟେକ୍ସାସ୍‌ରେ କେବଳ ମା'ଙ୍କ ଜୀବନ ରକ୍ଷା ପାଇଁ ଜରୁରୀ ହେଲେ




ଏହାକୁ ଆଇନତଃ ସ୍ୱୀକୃତି ମିଳୁଥିଲା। ରୋ'ଙ୍କ ଓକିଲମାନେ ଫେଡେରାଲ କୋର୍ଟରେ ତାଙ୍କ ସ୍ୱାମୀ ହେନେରି ୱେଡ୍‌ଙ୍କ ବିରୋଧରେ ପିଟିଶନ ଦାଖଲ କରିଥିଲେ। ପରେ ଟେକ୍ସାସ୍ କୋର୍ଟ ଏହି ମାମଲାକୁ ସୁପ୍ରିମକୋର୍ଟକୁ ଶୁଣାଣି ପାଇଁ ସ୍ଥାନାନ୍ତର କରିଥିଲେ। ସୁପ୍ରିମକୋର୍ଟ ରୋ'ଙ୍କ ସପକ୍ଷରେ ରାୟ ଦେଇଥିଲେ। ଏଥିପାଇଁ ୧୯୭୩ରେ ଆମେରିକୀୟ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନର ସହାୟତା ନିଆଯାଇଥିଲା, ଯାହାକି ଜଣେ ଗର୍ଭବତୀ ମହିଳାଙ୍କୁ ଗର୍ଭଧାରଣ/ଗର୍ଭପାତର ସ୍ୱାଧୀନତା ଦେଇଥାଏ। ଗତ ଜୁନ୍ ୨୩ରେ ସର୍ବୋଚ୍ଚ ଅଦାଲତ ଏହି ଅର୍ଦ୍ଧଶତାବ୍ଦୀ ପୁରୁଣା 'ରୋ ବନାମ ୱେଡ୍' ମାମଲାର ରାୟକୁ ଖାରଜ କରିଦେଇଥିଲେ। ଏଥିସହ ଗର୍ଭପାତ କରାଇବା ମହିଳାଙ୍କ ଆଇନଗତ ଅଧିକାର ରହିବ କି ନାହିଁ ସେନେଇ ରାଜ୍ୟଗୁଡ଼ିକ ନିଜସ୍ୱ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିପାରିବେ ବୋଲି କହିଥିଲେ। ଏଥିଯୋଗୁ ପ୍ରାୟ ୩.୬ କୋଟି ମହିଳା ଗର୍ଭପାତ ସୁବିଧାରୁ ବଞ୍ଚିତ ହେବା ନେଇ ସ୍ୱାସ୍ଥ୍ୟ ସମ୍ପର୍କିତ ସଂସ୍ଥା ପ୍ଲାନ୍‌ଡ ପେରେଣ୍ଟହୁଡ୍ ଆଶଙ୍କା କରିଥିଲା। ଏହି ରାୟ ବିରୋଧରେ ମହିଳାମାନେ ରାସ୍ତାକୁ ଓହ୍ଲାଇଥିବାବେଳେ ଜୁଲାଇ ୧୦ରେ ରାଷ୍ଟ୍ରପତି ଜୋ ବାଇଡେନ୍ ଗର୍ଭପାତ ଅଧିକାରକୁ ସୁନିଶ୍ଚିତ କରୁଥିବା ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ।



# ଆମକୁ ବଳାତ୍କାର କରନାହିଁ

## ରୁଷୀୟ ସୈନ୍ୟଙ୍କ ବିରୋଧରେ କାନ୍ସରେ ଉଲଗ୍ନ ପ୍ରତିବାଦ

**ୟୁ**କ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷୀୟ ସୈନ୍ୟଙ୍କ ବର୍ବରତା ସୀମା ଲଂଘିଥିବାବେଳେ ମେ' ୨୦ରେ ଫ୍ରାନ୍ସରେ ଆୟୋଜିତ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଏହାର ଅଭିନବ ପ୍ରତିବାଦ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ର ଉତ୍ସବରେ ଜର୍ଜ ମିଲରଙ୍କ 'ଥ୍ରି ଥାଉଜାଣ୍ଡ ଇୟର୍ସ ଅଫ୍ ଲଙ୍ଗିଂ'ର ୱାର୍ଲ୍ଡ ପ୍ରିମିୟର ଚାଲିଥିଲା। ଏହି ସମୟରେ ୟୁକ୍ରେନ୍ ମହିଳାଙ୍କୁ ରୁଷୀୟ ସୈନ୍ୟଙ୍କ ବଳାତ୍କାରକୁ ବିରୋଧ କରି ଜଣେ ମହିଳା ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ରେଡ୍ କାର୍ପେଟରେ ପ୍ରତିବାଦ ଜଣାଇଥିଲେ। ସେ ନିଜ ଦେହରେ ୟୁକ୍ରେନ୍‌ର ଜାତୀୟ ପତାକା ଆଙ୍କି 'ଷ୍ଟପ୍ ରେପିଂ ଅସ୍' (ଆମକୁ ବଳାତ୍କାର ବନ୍ଦ କର) ବୋଲି ଲେଖିଥିଲେ। ଦେହରେ ଲାଲ୍ ରଙ୍ଗର ଛିଟା ଲଗାଇ ଚିତ୍କାର କରିବା ସହ ଫଟୋଗ୍ରାଫରଙ୍କ ଆଗରେ ପୋଜ୍ ଦେଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିଥିଲେ। ମହିଳା, ଯୁବତୀ ଏପରି କି ଛୋଟ ପିଲାଙ୍କୁ ମଧ୍ୟ ରୁଷିଆ ସୈନ୍ୟ ବଳାତ୍କାର କରୁଥିବା କହି ୩ ଦିନ ପୂର୍ବରୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଉଦ୍‌ଘାଟନୀ ସମାରୋହରେ ସହାୟତା ମାଗିଥିଲେ।

# ଜିନ୍‌ପିଙ୍ଗ୍‌ଙ୍କ ଇସ୍ତଫା ମାଗିଲା ଚାଇନା

## କୋଭିଡ୍ କଟକଣାକୁ ବିରୋଧ

**କ**ରୋନା ମହାମାରୀର କେନ୍ଦ୍ରସ୍ଥଳ କୁହାଯାଉଥିବା ଚାଇନାରେ ସଂକ୍ରମଣ ପୁଣି ବଢ଼ିବାରେ ଲାଗିଥିବାବେଳେ କମ୍ୟୁନିଷ୍ଟ ସରକାର ଜିରୋ-କୋଭିଡ୍ ନୀତିକୁ କଡ଼ାକଡ଼ି କରିଥିଲେ। ୬ ମାସର ବ୍ୟବଧାନ ପରେ ପ୍ରଥମ ଥର ପାଇଁ ଜଣେ ୮୬ ବର୍ଷୀୟ ସଂକ୍ରମିତଙ୍କ ମୃତ୍ୟୁ ଘଟିବାରୁ ସରକାର ଦେଶବ୍ୟାପୀ ଏପରି କଟକଣା ଜାରି କରିଥିଲେ। ମାସ ମାସ ଧରି କଠୋର ଲକ୍‌ଡାଉନ୍‌ରେ ଅତିଷ୍ଠ ଚାଇନାବାସୀ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଇସ୍ତଫା ଦାବି କରିଥିଲେ। ବେଜିଂ ଓ ସାଂଘାଇ ସମେତ ଦେଶର ବିଭିନ୍ନ ସହରରେ ୟୁନିଭର୍ସିଟି ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଥିଲେ। ବିକ୍ଷୋଭ ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେମାନେ ସାଦା କାଗଜ ଧରିଥିଲେ। ୧୯୮୯ ତିଆନ୍‌ମେନ୍ ସ୍କୋୟାର ବିକ୍ଷୋଭ ପରେ ୩୩ ବର୍ଷ ଭିତରେ ଏଭଳି ଆନ୍ଦୋଳନ ଦେଖିବାକୁ ମିଳି ନ ଥିଲା। ଜନ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବାରୁ ଜିନ୍‌ପିଙ୍ଗ୍ ସରକାର କଟକଣା କୋହଳ କରିବାକୁ ବାଧ୍ୟ ହୋଇଥିଲେ।



# କପ୍ ୨୭କୁ ଗ୍ରେଟାଙ୍କ ବର୍ଜନ

**ଜା**ତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ୨୭ତମ ସମ୍ମିଳନୀ ଇଜିପ୍ଟର ରେଡ୍ ସି ରିସର୍ଟ ଟାଉନ୍ ଶାର୍ମ ଏଲ୍-ଶେଖ୍‌ରେ ନଭେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। କପ୍-୨୭ରେ ପ୍ରାୟ ୨୦୦ ଦେଶର ପ୍ରତିନିଧି ଯୋଗଦେଇଥିଲେ। କିନ୍ତୁ ସୁଇଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ଏହାକୁ ବର୍ଜନ କରିଥିଲେ। କ୍ଷମତାରେ ଥିବା ଲୋକେ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟର ସମାଧାନକୁ ପ୍ରାଥମିକତା ଦେଉ ନ ଥିବାରୁ ସେ ଏଥିରେ ଯୋଗଦେଇ ନ ଥିବା କହିଥିଲେ। ଫ୍ରାଇଡେଜ୍ ଫର୍ ଫ୍ୟୁଚର ପ୍ରତିଷ୍ଠାତା ୧୯ ବର୍ଷୀୟା ଗ୍ରେଟାଙ୍କ ମତରେ କପ୍-୨୭ରେ ସାମିଲ ପ୍ରତିନିଧିମାନଙ୍କ ପାଇଁ ଏହି ସମ୍ମିଳନୀ କେବଳ ଦୃଷ୍ଟି ଆକର୍ଷଣର ସୁଯୋଗ। କ୍ଷମତାସୀନ ଲୋକେ ବାସ୍ତବରେ ଜଳବାୟୁ ସଙ୍କଟକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଇଜିପ୍ଟ ସମେତ ବିଭିନ୍ନ ଦେଶରେ 'କ୍ଲାଇମେଟ୍ ଜଷ୍ଟିସ୍' ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।


MARUTI SUZUKI
NEXA
TOUGH, STYLISH, SPORTY.
AND NOW 2,00,000 CUSTOMERS STRONG.
Ignis, a perfect city car, sets a new milestone.
Join the community of the Tough.
CREATE. INSPIRE.
2 LACS MILESTONE
IGNIS
IGNIS
COMPACT URBAN SUV
17.78 cm Smartplay Studio (Available from Zeta variant onwards)
High Ground Clearance and SUV-LIKE Stance
Auto Gear Shift
Spacious and Comfortable Interiors
1.2L VVT Petrol Engine
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH - FULL FRONTAL IMPACT
FRONTAL OFFSET IMPACT
SIDE IMPACT
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Scan the QR code for more details about the Ignis.
VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.
Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 7064499300), NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153),
CUTTACK: NEXA STADIUM RD (JYOTE MOTORS PH: 7440005202).
SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
Multiple financiers
Digital Document Upload
Live Loan status
Complete transparency (associated fees & charges)
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Offers vary across variants. Maruti Suzuki India Limited reserves the right to discontinue offers without notice. For details on functioning of safety features, kindly refer to the Owner's Manual.

**ଆଜିର ମନ୍ତବ୍ୟ**

ଭାଜପା ଏମ୍‌ପି ସଞ୍ଜୟ ରାଉତ ଜଣେ ଚାଇନା ଏଜେଣ୍ଟ। ସେ ବେଜିଂ ସହିତ ଡିଲ୍ କରି ଭାରତ ସହ ବିଶ୍ୱାସଘାତ କରିଛନ୍ତି।

– ବାସବରାଜ ବୋମାଇ, କର୍ନାଟକ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଙ୍କଡ଼ ହାତରେ ଶାଳଗ୍ରାମ**
**ନଚାଇ ନଚାଇ ନେଲା ପ୍ରାଣ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ପାରି ନଥାନ୍ତି। ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମତା ପ୍ରକାଶ କରିଥାନ୍ତି। ଅପାତ୍ରରେ ଦାନ ଦେଲା ଭଳି ଅଯୋଗ୍ୟ ତଥା ଅପାରଗ ବ୍ୟକ୍ତିଙ୍କ ହାତରେ କ୍ଷମତା ଦିଆଗଲେ ହୀନସ୍ତା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମେଘ ଚଇତିମତା କଲା**
**ଗଉଡ଼ ଗାଈ ଦୁହିଁ ଦୁହିଁ ମଲା।**

ଚୈତ୍ର ମାସରେ ବର୍ଷା ହେଲେ ବିଲ ପଡ଼ିଆରେ ବହୁତ ଘାସ ହୁଏ। ଗାଈକୁ ଘାସ ଅଭାବ ହୁଏ ନାହିଁ, ଫଳସ୍ୱରୂପ ଗାଈ ବହୁତ କ୍ଷୀର ଦିଏ। ଏପରିସ୍ଥଳେ ଗଉଡ଼କୁ ଅଧିକ ସମୟ ପର୍ଯ୍ୟନ୍ତ ଗାଈ ଦୁହିଁବାକୁ ପଡିଥାଏ ଓ ସେ ସବୁବେଳେ ଗାଈ କାମରେ ବ୍ୟସ୍ତ ରହୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆସିଲା କୋଭିଡ୍...

ପ୍ରଥମ ପୃଷ୍ଠାରୁ...

ଭାରତରେ ସଂକ୍ରମିତ ହେଉଥାଏ ତେବେ ଶୀଘ୍ର ଚିହ୍ନଟ ଦ୍ୱାରା ଏହାକୁ ରୋକାଯାଇପାରିବ। ଏଥିପାଇଁ ଆବଶ୍ୟକ ଜନସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ସତର୍କ କରାଇଦେଇ କହିଛନ୍ତି, କୋଭିଡ୍ ଏପର୍ଯ୍ୟନ୍ତ ଯାଇନାହିଁ। ତେଣୁ ଆମକୁ ସ୍ଥିତି ଉପରେ କଡ଼ା ନଜର ରଖିବାକୁ ହେବ। କୋଭିଡ୍‌କୁ ନେଇ ଚିନ୍ତା ବଢ଼ୁଥିବାବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏ ସମ୍ପର୍କରେ ଲୋକ ସଭାକୁ ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ ୨ ପ୍ରତିଶତ ଯାତ୍ରୀଙ୍କର ର୍‍ୟାଣ୍ଡମ୍ ପରୀକ୍ଷା ଆରମ୍ଭ ହୋଇଯାଇଛି। ରାଜ୍ୟଗୁଡ଼ିକ ସତର୍କ ରହିବା ସହ ଜନସାଧାରଣଙ୍କୁ ମାସ୍କ ପିନ୍ଧିବା ଏବଂ ହାତ ଧୋଇବା ଲାଗି ସଚେତନ କରିବାକୁ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଭୂତାଣୁର ପ୍ରକୃତିରେ କ୍ରମାଗତ ବିବର୍ତ୍ତନ ହେଉଥିବାରୁ ଏହା ବିଶ୍ୱ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିଛି। ଭାରତରେ ଏବେ ଦୈନିକ ହାରାହାରି ୧୫୩ କୋଭିଡ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସାରା ବିଶ୍ୱରେ ଦୈନିକ ୫.୮୭ ଲକ୍ଷ କୋଭିଡ୍ ମାମଲା ଆସୁଥିବା ସେ କହିଛନ୍ତି। ଆଗାମୀ ୩ ମାସ ମଧ୍ୟରେ ଚାଇନା ଜନସଂଖ୍ୟାର ୬୦ ପ୍ରତିଶତ ସଂକ୍ରମିତ ହେବେ ବୋଲି ମହାମାରୀ ବିଶେଷଜ୍ଞ ପୂର୍ବାନୁମାନ କରିଥିବାରୁ ଭାରତରେ ଚିନ୍ତା ବଢ଼ିଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୨୨୦ କୋଟି ଡୋଜ୍ କୋଭିଡ୍ ଟିକା ଦିଆଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର, ନୀତି ଆୟୋଗ ସିଇଓ ପରମେଶ୍ୱରନ ଆୟର, ଭି.କେ. ପଲ୍, କ୍ୟାବିନେଟ ସଚିବ ରାଜୀବ ଗୌବା, ସ୍ୱରାଷ୍ଟ୍ର ସଚିବ ଏ.କେ. ଭାଲ୍ଲା ଏବଂ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଉପସ୍ଥିତ ଥିଲେ। ଉତ୍ତରପ୍ରଦେଶ, ଦିଲ୍ଲୀ ସମେତ କେତେକ ରାଜ୍ୟରେ ମଧ୍ୟ କୋଭିଡ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।

## ଭୟଭୀତ ନ ହେବାକୁ...

ମିଳିଥିବା ସୂଚନା ଅନୁଯାୟୀ ଅନ୍ୟ ଦେଶରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ପ୍ରସ୍ତୁତ ହେବ। ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ କୋଭିଡ୍‌ର ନୂଆ ଭାରିଆଣ୍ଟ କେବଳ ଚାଇନାରେ ବ୍ୟାପୁଛି। ଏହା ଅର୍ଥ ନୁହେଁ ଯେ ଭାରତରେ ବ୍ୟାପିବ ନାହିଁ। ଭାରତରେ ମଧ୍ୟ ଏହି ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ଏହାକୁ ନେଇ ଲୋକମାନେ ଆତଙ୍କିତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଜଣେ ବ୍ୟକ୍ତିଙ୍କଠାରେ ନୂଆ ଭାରିଆଣ୍ଟ ଠାବ କରାଯାଇଛି। ଗତ ସେପ୍ଟେମ୍ବର ୩୦ ତାରିଖରେ ସେହି ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ତେବେ ସେହି ସଂକ୍ରମିତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ନ ଥିଲା। ଏହି ଭାରିଆଣ୍ଟର ମୃତ୍ୟୁ ହାର କମ୍। ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ ସରକାରଙ୍କ ଗାଇଡ୍‌ଲାଇନକୁ ପାଳନ କରାଯିବ। ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇନାହିଁ। ଏହା ଉପରେ ନଜର ରଖାଯାଇଛି। ଦରକାର ପଡ଼ିଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ତେବେ କରୋନାର ନୂଆ ଭାରିଆଣ୍ଟ ବ୍ୟାପୁଥିବାରୁ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ପାଇଁ ଲୋକମାନେ ବୁଷ୍ଟର ଡୋଜ ନେବା ଦରକାର। ଅନ୍ୟପକ୍ଷରେ ଟ୍ରାକିଂ, ଟେଷ୍ଟିଂ ଓ ଚିକିତ୍ସା ଜାରି ରହିବ ବୋଲି ସେ କହିଛନ୍ତି।। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତିଯେ ନୂଆ ଭାରିଆଣ୍ଟକୁ ପ୍ରତିହତ କରିବା ଭଳି ପ୍ରତିରୋଧକ କ୍ଷମତା ଭାରତର ଲୋକମାନଙ୍କଠାରେ ରହିଛି। ଏ ନେଇ ବିବ୍ରତ ହେବାର କୌଣସି କାରଣ ନାହିଁ। ଗତ କିଛିମାସ ହେବ ଏହି ନୂଆ ଭାରିଆଣ୍ଟ ଭାରତରେ ବ୍ୟାପୁଥିବାର ଦେଖାଯାଉ ନାହିଁ। ତେବେ ଭବିଷ୍ୟତରେ କ'ଣ ହେବ ତାହା କହିହେବ ନାହିଁ। ଏହାକୁ ଦୃଷ୍ଟିରେ ରଖି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ନିହାତି ଜରୁରୀ ବୋଲି ସେ କହିଛନ୍ତି।

## ନାଜାଲ ଟିକାକୁ...

ଟିକାକୁ ଅନୁମୋଦନ କରିଥିବା ବିଶେଷଜ୍ଞ କମିଟି ଗୁରୁବାର ଏହାକୁ ମଞ୍ଜୁରୀ ପ୍ରଦାନ କରିଛି। ଇଞ୍ଜେକ୍ସନରେ ଟିକା ନେବାକୁ ଭୟ କରୁଥିବା ଲୋକଙ୍କ ପାଇଁ ନାଜାଲ ଭାକ୍ସିନ ସହାୟକ ହେବ। ଏହାକୁ ଗଚ୍ଛିତ ରଖିବା ଓ ବଣ୍ଟନ କରିବା ସହ। ଏହି ଟିକା ନଷ୍ଟ ହେବା ସମ୍ଭାବନା କମ୍। ଭୂତାଣୁର ପ୍ରବେଶ ପଥ ନାକରେ ଟିକା ଦିଆଯାଉଥିବାରୁ ଏହା ଉପଯୁକ୍ତ ସୁରକ୍ଷା ଯୋଗାଇପାରିବ ବୋଲି କୁହାଯାଇଛି।

## ଓ୍ୱାର୍ଡର ପରୀକ୍ଷାରେ...

ପରୀକ୍ଷା ଦେବାକୁ ଆସିଥିବା କେତେଜଣ ପିଲା ଗୁରୁତର ଅଭିଯୋଗ କରି କହିଛନ୍ତି ଯେ, ଯେଉଁ ଶିକ୍ଷାନୁଷ୍ଠାନଠାରେ ସରକାରୀ ପଦବୀ ଲାଗି ପରୀକ୍ଷା କରାଯାଏ ସେଠାକୁ ଉକ୍ତ କଲେଜରେ ପଢୁଥିବା ପିଲାଙ୍କୁ ସେହି ସମୟରେ ଯିବାକୁ ଅନୁମତି ମିଳି ନ ଥାଏ। ଯେଉଁମାନେ ପରୀକ୍ଷା ପରିଚାଳନା ଲାଗି ଥିଲେ ସେମାନେ ଅତ୍ୟନ୍ତ ଖରାପ ବ୍ୟବହାର ଦେଖାଇଥିଲେ। ବୋଧହୁଏ ସେମାନେ ଅଭିଜ୍ଞତା ନ ଥିବା ବେସରକାରୀ ଅଧ୍ୟାପକ, ଯେଉଁମାନେ ପରୀକ୍ଷା ପରିଚାଳନା ଲାଗି ଯୋଗ୍ୟ ନୁହନ୍ତି। ୫ ବର୍ଷ ଅପେକ୍ଷା କରିବାପରେ ପରୀକ୍ଷା ଦେବାକୁ ଆସୁଛୁ ହେଲେ ଏହି ଦଶା ଭୋଗୁଛୁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଡିଆଇଜି ପ୍ରିଜନ୍ସ (ହେଡ୍ କ୍ୱାର୍ଟର୍ସ) ଶୁଭକାନ୍ତ ମିଶ୍ର କହିଛନ୍ତି, ସିଲିକନ ଟେକ୍ ଲାବ୍ ଲିମିଟେଡ୍ ପରୀକ୍ଷା ପ୍ରଶ୍ନପତ୍ରଠାରୁ ଆରମ୍ଭକରି ପିଲାଙ୍କ ପରୀକ୍ଷା କେନ୍ଦ୍ର ଚୟନ ସବୁକିଛି କରୁଛି। ରାଜ୍ୟର ଯେଉଁସବୁ ସ୍ଥାନରେ ପରୀକ୍ଷା କେନ୍ଦ୍ରକୁ ନେଇ ସମସ୍ୟା ଦେଖାଦେଇଛି ସେସବୁ ପିଲାଙ୍କ ମଧ୍ୟରୁ ଯେଉଁମାନେ ପରୀକ୍ଷା ଦେଇପାରି ନାହାନ୍ତି ସେମାନେ ଆସନ୍ତା ୨୮ରେ ଆଉ ଥରେ ପରୀକ୍ଷା ଦେବେ। ସେମାନଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ସିଲିକନ ଟେକ୍ ଲାବ୍ ଲିମିଟେଡ୍ ପକ୍ଷରୁ ମେସେଜ୍ ପଠାଯିବ ବୋଲି ମିଶ୍ର କହିଛନ୍ତି। ତେବେ ଏଭଳି ତ୍ରୁଟି ଯାହା ଦେଖାଦେଇଛି ଏହା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହେବ ସେନେଇ ସେ କିଛି କହିନାହାନ୍ତି।

ଅନ୍ୟପଟେ ନୀଳଗିରିର ଏକ କଲେଜରେ ହେବାକୁ ଥିବା ପରୀକ୍ଷାକେନ୍ଦ୍ରରେ ମଧ୍ୟ ସେହିଭଳି ଅନ୍ୟ ଏକ ପ୍ରକାର ସମସ୍ୟା ଦେଖିବାକୁ ମିଳିଛି। ଉକ୍ତ ପରୀକ୍ଷା କେନ୍ଦ୍ରରେ ଦୁଇଟି ସିଟିଂରେ ମୋଟ୍ ୨୩୦ ଜଣ ପିଲା ପରୀକ୍ଷା ଦେବାକୁ ଆସିଥିଲେ। ହେଲେ ସେଠାରେ ସର୍ଭର ସମସ୍ୟା ହେବାରୁ ପିଲାଙ୍କ ଭିତରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଦୁଇଟି ଯାକ ସିଟିଂରେ ହେବାକୁ ଥିବା ପରୀକ୍ଷା ବାତିଲକରି ସମାନଭାବେ ଆସନ୍ତା ୨୮ ତାରିଖରେ କରିବାକୁ ସ୍ଥିର କରାଯାଇଛି। ତେଣୁ ବିଶୃଙ୍ଖଳିତ ପଦ୍ଧତିରେ ପରୀକ୍ଷା କରାଉଥିବା ଘରୋଇ କମ୍ପାନୀକୁ କିଏ ଘଣ୍ଟ ଘୋଡ଼ାଉଛି ବୋଲି ପରୀକ୍ଷାର୍ଥୀମାନେ (ନିଜ ନାମ ଦେବାକୁ ଅନିଚ୍ଛା ପ୍ରକାଶ କରି) ପଚାରିଥିଲେ। ଏହାର ବିଧିବଦ୍ଧ ତଦନ୍ତ ହେଲେ ଅନେକ ସତ୍ୟ ପ୍ରକାଶ ପାଇବ ବୋଲି ସେମାନେ କହିଛନ୍ତି। ପ୍ରିଜନ ରିକ୍ରୁଟମେଣ୍ଟ ବୋର୍ଡର ଅଧ୍ୟକ୍ଷ ତଥା ଅତିରିକ୍ତ ଡିଜି ପ୍ରିଜନ୍ସ ଦୀପ୍ତେଶ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଟେଲିଫୋନ୍ ଉଠାଇନାହାନ୍ତି।

# ସମସ୍ତଙ୍କ ଜାମିନ ଆବେଦନ ଖାରଜ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବର ୧୨ ତାରିଖ ଆନ୍ଦୋଳନ ସମୟରେ କୋର୍ଟ ପରିସରରେ ଭଙ୍ଗାରୁଜା ଓ ବିଚାରପତିମାନଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଏହି ଘଟଣାରେ ପୋଲିସ ମୋଟ ୩୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୁରୁବାର ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସମସ୍ତ ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। ଅପରାହ୍ନରେ ଅଭିଯୁକ୍ତଙ୍କ ଓକିଲ ଓ ସରକାରୀ ଓକିଲ ନିଜ ପକ୍ଷ ରଖିଥିଲେ। ଗିରଫ ସମସ୍ତ ୩୮ ଜଣଙ୍କ ଜାମିନ ଆବେଦନ ଖାରଜ ହୋଇଥିବା ନେଇ କୋର୍ଟ ରାୟ ଶୁଣାଇଛନ୍ତି।

ଅଭିଯୁକ୍ତ ପକ୍ଷଙ୍କ ଓକିଲ ତଥା ସିଏସି ସଦସ୍ୟ ପ୍ରମୋଦ ଦାସ କହିଛନ୍ତି, ସମସ୍ତ ତଥ୍ୟ ଦେଇ ଜାମିନ ଆବେଦନ କରାଯାଇଥିଲା। ବିଚାରପତି ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆଗକୁ କି ପଦକ୍ଷେପ ନିଆଯିବ ସେ ନେଇ ସିଏସିରେ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ପୂର୍ବରୁ ଗତ ୧୭ରେ ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଥିଲା। ଏବେ ପୁଣି ଜାମିନ ଆବେଦନ ଖାରଜ ହେବା ପରେ ସମର୍ଥକମାନେ ନିରାଶ ହୋଇଛନ୍ତି। ସେମାନଙ୍କ କହିବା କଥା କୋର୍ଟ ରାୟକୁ ସ୍ୱାଗତ କରାଯାଉଛି, ହେଲେ ସରକାରୀ



ସମ୍ବଲପୁରରେ ବରଗଡ ଜିଲା ଓକିଲସଂଘ କର୍ମକର୍ତ୍ତା।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଆନ୍ଦୋଳନ ପ୍ରସଙ୍ଗ**

**ସରକାରୀ ପେଞ୍ଚରେ ଫସିଲେ ଆନ୍ଦୋଳନକାରୀ**

ପେଞ୍ଚରେ ଜିଲାର ଓକିଲ ଓ ଆନ୍ଦୋଳନକାରୀ ଫସିଯାଇଛନ୍ତି। ଅନ୍ୟପଟେ ଗୁରୁବାର ମଧ୍ୟ କୋର୍ଟ କାର୍ଯ୍ୟରେ ଅଚଳାବସ୍ଥା ଜାରି ରହିଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ବାର୍‌ର ସଦସ୍ୟମାନେ ଆସି ଜିଲା ଓକିଲ ସଂଘର ସଦସ୍ୟ, ଜିଲା ପ୍ରଶାସନ ଓ ଜେଲ ଭିତରେ ଓକିଲମାନଙ୍କୁ ଭେଟି ଆଲୋଚନା କରିଥିଲେ। କୋର୍ଟ କାର୍ଯ୍ୟ ଯେଭଳି ସ୍ୱାଭାବିକ ହେବ, ମହକିଲମାନେ ନିଜ କାମ ସୁରୁଖୁରୁରେ କରିପାରିବେ ସେ ନେଇ ଜିଲା କୋର୍ଟ, ଜିଲା ପ୍ରଶାସନ ଓ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି। ବିଚାରପତି, କର୍ମଚାରୀ ଓ ଅଧିକାରୀ ଆସି କୋର୍ଟ କାର୍ଯ୍ୟ କରୁଛନ୍ତି। ହେଲେ ଓକିଲ ନ ଥିବାରୁ ମହକିଲମାନେ ଫେରି ଯାଉଛନ୍ତି। ୫୪ଜଣ ଓକିଲଙ୍କୁ ବାଦ ଦେଇ ଅନ୍ୟ ଓକିଲମାନଙ୍କ ନିଲମ୍ବନ ଆଦେଶ ୧୪ ତାରିଖରେ ପ୍ରତ୍ୟାହୃତ ହୋଇଥିଲା। ଏହା ସତ୍ତ୍ୱେ ସେମାନେ କାର୍ଯ୍ୟରେ ଯୋଗଦାନ କରୁ ନାହାନ୍ତି। ଘଟଣାରେ ଗିରଫ ୩୮ ଜଣଙ୍କ ମଧ୍ୟରେ ୮ ଜଣ କିନ୍ନର, ଜଣେ ସାଧାରଣ ଲୋକ ଓ ୨୯ଜଣ ଓକିଲ ଅଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଯୁବକଙ୍କୁ ହତ୍ୟା

**ପାତ୍ରପୁର, ୨୨।୧୨ (ଡି.ଏନ୍.ଏ.)**

**ଚାଉଳ ପାଇଁ ଯାଇଥିବା ବେଳେ ସଂଘବଦ୍ଧ ଆକ୍ରମଣ, ୨ ଗୁରୁତର**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟକୁ ଗୁରୁବାର ପିଡିଏସ୍ ଚାଉଳ ଆଣିବା ପାଇଁ ଯାଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୩ଜଣ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସାମନ୍ତିଆପଲ୍ଲୀ ପଞ୍ଚାୟତ ଆମ୍ବଗାଁର ଏମ୍. ରାମାରାଓ। ଗୁରୁତର ଆହତ ରାମାରାଓଙ୍କ ଦାଦା କ୍ରିଷ୍ଣା ଓ ସମ୍ପର୍କୀୟ ଭାଇ କେ. ଲାଛେୟା କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସାମନ୍ତିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟକୁ ଗୁରୁବାର ସକାଳେ ପିଡିଏସ୍ ସାମଗ୍ରୀ ଆଣିବାକୁ ଆମ୍ବଗାଁର ଲୋକେ ଯାଇଥିଲେ। ସେମାନଙ୍କ ମଧ୍ୟରେ ଆମ୍ବଗାଁର ଏମ୍. ରାମାରାଓ, କ୍ରିଷ୍ଣା ଏବଂ ଲାଛେୟା ଥିଲେ। ଚାଉଳ ନେବାକୁ ଲୋକଙ୍କ ଗହଳି ହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହଠାତ୍ ସେହି ଗାଁର କେତେଜଣ ବ୍ୟକ୍ତି ପହଞ୍ଚି ଛୁରିରେ ଉପରୋକ୍ତ ୩ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଏମ୍. ରାମାରାଓଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ରିଷ୍ଣା ଓ ଲାଛେୟାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜରଡ଼ା ପୋଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ.୩୯୨/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଆମ୍ବଗାଁରେ ବହୁ ବର୍ଷ ହେଲା ଗୋଟିଏ ସମ୍ପ୍ରଦାୟର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ରହିଥିଲା। ପୂର୍ବରୁ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଗୃହଦାହ, ବୋମାମାଡ଼ ହେବା ସହିତ କେତେଜଣ ବ୍ୟକ୍ତି ଆହତ ହୋଇଥିଲେ। ଏ ନେଇ ଏକାଧିକ ମାମଲା ରୁଜୁ ହୋଇଥିଲା। ଗ୍ରାମରେ କିଛି ବର୍ଷ ପୋଲିସ ମୁତୟନ ହୋଇଥିଲେ। ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଗଠନ କରାଯାଇ ବିବାଦର ସମାଧାନ ହୋଇଥିଲେ ମଧ୍ୟ ଚାପା ଉତ୍ତେଜନା ଲାଗି ରହିଥିଲା।

# ସାକ୍ଷୀଙ୍କ ଆତ୍ମହତ୍ୟା ନେଇ ଉଦ୍‌ବେଗ ପ୍ରକାଶ କଲେ କୋର୍ଟ

**କଟକ ଅଫିସ, ୨୨।୧୨**

**ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା**

- **ମୁଖ୍ୟ ବନ ସଂରକ୍ଷକଙ୍କ ସତ୍ୟପାଠ ଦାଖଲ**
- **ଖୋଲାଯିବ ଜଳାଶୟ, ଲଗାଯିବ ବାଉଁଶ**
- **ସମ୍ବଲପୁର-ମହାନଦୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ହେବ ଅତିରିକ୍ତ ପୋଲ**

ହାତୀମୃତ୍ୟୁକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରିଛନ୍ତି ହାଇକୋର୍ଟ। ଗୁରୁବାର ଶୁଣାଣି ବେଳେ ହାଇକୋର୍ଟ ଶିମିଳିପାଳ ହାତୀ ମୃତ୍ୟୁ ମାମଲାରେ ଜଣେ ସାକ୍ଷୀ ଆତ୍ମହତ୍ୟା କରିବା ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ ସେନେଇ ଶିମିଳିପାଳ କ୍ଷେତ୍ର ଅଧିକାରୀଙ୍କଠାରୁ ଜାଣିବାକୁ ଚାହିଁଛନ୍ତି। ଏଥିସହ ଉକ୍ତ ମାମଲାର ଚାର୍ଜଶିଟ୍ ତୁରନ୍ତ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ମିଳିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁୟାରୀ ୧୮ ତାରିଖକୁ ଧାର୍ଯ୍ୟ କରଛନ୍ତି। ପ୍ରକାଶ ଯେ, ଗୁରୁବାର ଶୁଣାଣିବେଳେ ଜଏଣ୍ଟ ଟାସ୍କ ଫୋର୍ସ ସଦସ୍ୟ ଡ. ରମଣ ସୁକୁମାର ଓଡ଼ିଶାରେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ହାତୀ କରିଡର ଉପରେ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ସମ୍ବଲପୁର ଓ ମହାନଦୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ହାତୀଙ୍କ ଚଳାଚଳ ପାଇଁ ଅତିରିକ୍ତ ପୋଲ ନିର୍ମାଣର ଆବଶ୍ୟକତା ଥିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଞ୍ଚଳରେ ରାଜ୍ୟର ୭୦ରୁ ୭୫% ହାତୀ ରହୁଥିବାବେଳେ ଏହି ସଂଖ୍ୟା ୨ହଜାର ବୋଲି ସେ ଦର୍ଶାଇଥିଲେ। ଡ. ସୁକୁମାରଙ୍କ ପାୱାର ପଏଣ୍ଟ ତଥ୍ୟକୁ ରେକର୍ଡ ଭାବେ ରଖିବା ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭର୍ଚୁଆଲ ମାଧ୍ୟମରେ ଜଏଣ୍ଟ ଟାସ୍କ ଫୋର୍ସର ମୁଖ୍ୟ ବନ ସଂରକ୍ଷକ ଡ. ମନୋଜ ନାୟାର ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କ୍ଷେତ୍ର ଅଧିକାରୀ ଏବଂ ବ୍ୟକ୍ତିଗତ ଭାବେ ଆଡଭୋକେଟ ଜେନେରାଲ ଓ ଆବେଦନକାରୀଙ୍କ ସିନିୟର କାଉନ୍‌ସେଲ ଉପସ୍ଥିତ ହୋଇ ଓଡ଼ିଶାରେ ସୁରକ୍ଷିତ ଭାବେ ହାତୀ ଚଳପ୍ରଚଳ କରିବା ନିମନ୍ତେ ଆବଶ୍ୟକ ପ୍ରସ୍ତାବ ପ୍ରଦାନ କରିଥିଲେ। ମୁଖ୍ୟ ବନ ସଂରକ୍ଷକ ଡ. ନାୟାର ହାତୀ ସୁରକ୍ଷା ନିମନ୍ତେ ପ୍ରସ୍ତୁତ ଆକ୍ସନ ପ୍ଲାନରେ ଏସବୁ ରହିଥିବା ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏଥିସହ ଡିସେମ୍ବର ୨୧ତାରିଖରେ ଦାଖଲ କରାଯାଇଥିବା ସତ୍ୟପାଠରେ ଚଳିତ ବର୍ଷରୁ ଆରମ୍ଭ ହୋଇଥିବା ଗଜସାଥୀ ଯୋଜନା ସମ୍ପର୍କରେ ଉଲ୍ଲେଖ ରହିଛି। ଗଜସାଥୀ ଭାବେ ୧୧୭୭ ଗ୍ରାମରୁ ୫୪୫୭ ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଛି। ଏହାର ସବିଶେଷ ତାଲିକା ସତ୍ୟପାଠରେ ସାମିଲ କରାଯାଇଛି। ଏଥିସହ ଜନ ସୁରକ୍ଷା ଗଜ ରକ୍ଷା ନାମକ ଯୋଜନାରେ ଜନସାଧାରଣଙ୍କୁ ସାମିଲ କରାଯାଇ ସୋଲାର ବାଡ଼ ନିର୍ମାଣ ପାଇଁ ଲକ୍ଷ୍ୟ ରହିଛି ଯେଉଁଥିରେ ରାଜ୍ୟ ସରକାର ୯୦% ଖର୍ଚ୍ଚ ବହନ କରିବେ। ଆହୁରି ମଧ୍ୟ ବିଦ୍ୟୁତ୍ ଆଘାତରୁ ହାତୀ ଓ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ନିମନ୍ତେ ୩,୮୧୪ କିଲୋମିଟର ଖୋଲା ବିଦ୍ୟୁତ ତାର ମଧ୍ୟରୁ ୨,୩୫୪ କିଲୋମିଟର ତାରକୁ କେବୁଲରେ ପରିଣତ କରାଯାଇଛି। ଏହାବାଦ୍ ବିପଦ ଥିବା ଆହୁରି ୪,୪୪୪ କିଲୋମିଟର ଖୋଲା ବିଦ୍ୟୁତ୍ ତାର ଓ ୩୧,୦୦୦ ବିଦ୍ୟୁତ ସ୍ଥଳକୁ ଚିହ୍ନଟ କରାଯାଇଛି। ତଥ୍ୟ ମୁତାବକ ୧୯ଟି ବନ ଡିଭିଜନର ୩୨ଟି ରେଞ୍ଜକୁ ହାତୀ-ମଣିଷ ଲଢ଼େଇର ସର୍ବାଧିକ ବିପଦସଙ୍କୁଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ହାତୀଙ୍କ ନିମନ୍ତେ ପରିସଂସ୍ଥାର ଉନ୍ନତିକରଣ କରାଯିବ। ଏଥିରେ ନୂତନ ଭାବେ ୩୪ଟି ଜଳାଶୟ ନିର୍ମାଣ, ୨୬ଟି ଜଳାଶୟର ପୁନରୁଦ୍ଧାର, ୪୪ଟି ଜଳ ଅମଳ ସଂସ୍ଥା, ୨୦୦ ହେକ୍ଟର ଅଞ୍ଚଳରେ ବୁଦାଳିଆ ଘାସ ଚାଷ ଓ ବାଉଁଶ ଗଛ ସୃଷ୍ଟି ନିମନ୍ତେ ୧ ଲକ୍ଷ ବାଉଁଶ ମଞ୍ଜି ବଲ ରୋପଣ କରାଯିବ। ଏଥିସହ ହାତୀ କରିଡରର ନକ୍ସା ବଦଳାଯିବ। ଏନେଇ ଭାରତ ସରକାରଙ୍କ ଅବଗତ କରାଯାଇଛି। ଶିମିଳିପାଳ-କୁଲଡିହା-ହ୍ରଦଗଡ଼ ପାରମ୍ପରିକ ହାତୀ କରିଡରକୁ ସୁରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯିବା ନିମନ୍ତେ ପଦକ୍ଷେପ ନିଆଯାଇଥିବା ଡ. ନାୟାର ସତ୍ୟପାଠରେ ଦର୍ଶାଇଛନ୍ତି। ଶିମିଳିପାଳ ହାତୀ ମୃତ୍ୟୁ ଘଟଣାରେ ୩ ବନ ଅଧିକାରୀଙ୍କୁ ଗିରଫ କରି ଉଦଳା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ସେମାନେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଆବେଦନକାରୀ ଗୀତା ରାଉତଙ୍କ ପକ୍ଷରୁ ଆଇନଜୀବୀ ଆଶିଷ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ଦାଦନ ଖଟିବାକୁ...



ଦାଦନ ଖଟି ଯାଉଥିବା ନଗଡ଼ା ଗ୍ରାମର ଲୋକମାନେ।

ଅଭିଯୋଗ କରିଥିଲେ। ଏହାପରେ ଓଡ଼ିଶା ଲୋକାୟୁକ୍ତ (ଏଲଓ୍ୱାଇ)-୪୫୫/୨୦୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ତଦନ୍ତକୁ କଳେବଳେ କୌଶଳେ ରଫାଦଫା କରାଯାଇଥିବା ବେଳେ ଏବେ କାମ ଅନ୍ୱେଷଣରେ ନଗଡ଼ାବାସୀ ଦାଦନ ଖଟି ଯାଉଥିବା ଏକ ସମ୍ବେଦନଶୀଳ ଖବର ହସ୍ତଗତ ହୋଇଛି। ପ୍ରଶାସନିକ ଅବହେଳା କାରଣରୁ ବିଜୁ ପକ୍କାଘର, ଜବ୍‌କାର୍ଡ, ଲେବର କାର୍ଡ, କାଳିଆ, କୃଷି ଯୋଜନା, ବିଧବା ଭତ୍ତା ଇତ୍ୟାଦି ଯୋଜନାରୁ ସଫଳତା ପାଇବାରୁ ଖଣି ପ୍ରଭାବିତ ଅଞ୍ଚଳବାସୀ ବଞ୍ଚିତ ହୋଇଛନ୍ତି। ଏହାସହ ଉନ୍ନୟନ କାର୍ଯ୍ୟ ନାମରେ ଠିକାଦାର ରାଜନୀତି ବିକାଶକୁ ବହୁ ପଛକୁ ଠେଲି ଦେଇଛି। ଲୋକଙ୍କ ଆର୍ଥିକ ସ୍ଥିତି ସେତେଟା ସ୍ୱଚ୍ଛଳ ହୋଇ ପାରୁନାହିଁ। ଖଣିରେ ଯାନ୍ତ୍ରିକ ବ୍ୟବହାରକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିବାରୁ ଖଣି ପ୍ରଭାବିତ ଅଞ୍ଚଳବାସୀ ସେଠାରେ କାମ ପାଉ ନାହାନ୍ତି। ଏଥିଯୋଗୁ ପରିବାରର ମୁରବିମାନେ ରାଜ୍ୟ ବାହାରକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। ଗୁରୁବାର ଏହିଭଳି ଏକ ଦୁଃଖଦ ଦୃଶ୍ୟ କାଳିଆପାଣି ଖଣି ଅଞ୍ଚଳର ବସଷ୍ଟାଣ୍ଡରେ ଦେଖିବାକୁ ମିଳିଥିଲା। ବହୁ ଚର୍ଚ୍ଚିତ ନଗଡ଼ା ଗ୍ରାମର ସୁରିଆ ପଧାନ, ନନ୍ଦ ପଧାନ, ଅର୍ଜୁନ ପଧାନ, କୁଞ୍ଜା ପଧାନ, କୈଳାସ ପଧାନ, ଦୁଃଶାସନ ମହାଖୁଡ଼, ପଞ୍ଚୁ ମହାଖୁଡ଼ ପ୍ରମୁଖ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନଗଡ଼ା ଛାଡି ବସ ଯୋଗେ କାମ ଅନ୍ୱେଷଣରେ ବାହାରକୁ ଚାଲିଯାଇଛନ୍ତି। ମୂଲ୍ୟବାନ ଭୂ-ସମ୍ପଦ, ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଏଭଳି ସ୍ଥିତି ଦେଖଣାହାରିଙ୍କୁ ବିଚଳିତ କରିଛି। ଏଠାରେ ବି ଚାଲିଛି ମଣିଷ ବେପାର ବୋଲି ଚର୍ଚ୍ଚାର ବିଷୟ ହୋଇଛି। ନଗଡ଼ାବାସୀ କାମ ନ ପାଇ ଦଲାଲ ହାତରେ ନିଜ ମୁଣ୍ଡକୁ ବିକ୍ରିକରି ପଡୋଶୀ ରାଜ୍ୟକୁ ଦାଦନ ଖଟିଯିବା ଘଟଣା ଉପରୋକ୍ତ କଥାକୁ ପ୍ରମାଣିତ କରୁଛି।

ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଓ କଳାହାଣ୍ଡି ଜିଲାରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଶ୍ରମିକ ଦାଦନ ଖଟିଯିବା ସାଧାରଣ କଥା ହୋଇଛି। ହେଲେ ଯାଜପୁର ଭଳି ଖଣି ଏବଂ ଶିଳ୍ପବହୁଳ ଜିଲାରୁ ଲୋକେ ଦାଦନ ଖଟି ଯିବା କଥା ଉଠିବା ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଖଣି ଓ ଶିଳ୍ପ ସମୃଦ୍ଧ ଏହି ଜିଲାରେ ବାହାର ଅଞ୍ଚଳର ଶ୍ରମିକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ସ୍ଥାନୀୟ ଲୋକେ କାମଧନ୍ଦା ପାଉ ନାହାନ୍ତି। ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମଧ୍ୟ ଠିକ ଭାବେ କାମ ମିଳୁନାହିଁ। ସୁକିନ୍ଦା ଅଞ୍ଚଳରେ ୧୭୩ ନିୟୁତ ଟନ୍ କ୍ରୋମାଇଟ ଗଚ୍ଛିତ ଅଛି ବୋଲି ସରକାରୀ ଭାବେ ଆକଳନ କରାଯାଇଛି। ଭାରତ ସ୍ୱାଧୀନତା ପୂର୍ବରୁ ଏଠାରୁ କ୍ରୋମାଇଟ୍ ଖନନ ଆରମ୍ଭ ହୋଇ ସାରିଛି। ଏଠାକାର ମୂଲ୍ୟବାନ ପ୍ରାକୃତିକ ସମ୍ପଦରେ ଅନେକ କମ୍ପାନୀ ସେମାନଙ୍କ ମୂଳଦୁଆ ପକାଇଛନ୍ତି। ତେବେ ୨୦୧୦ ପରଠାରୁ ଜିଲାର ଖଣି, ଶିଳ୍ପ ଓ ରେଳୱେ ସାଇଡିଂରେ ଅଧିକାଂଶ ଯାନ୍ତ୍ରିକ ବ୍ୟବହାର କାରଣରୁ ଜିଲାର ଖଣି ପ୍ରଭାବିତ ଲୋକେ ବୃତ୍ତି ହରାଇ କ୍ଷୁଧାର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କ୍ଷୁଧାମୁକ୍ତିର ଆଶୁ ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ୨୦୧୫ରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଖଣି ପ୍ରଭାବିତ ଲୋକଙ୍କୁ କାମ ଯୋଗାଇ ଦେବା ବଦଳରେ କେତେଜଣ ମୁଷ୍ଟିମେୟ ରାଜନେତାଙ୍କୁ ହାତ କରି ଖଣି କମ୍ପାନୀ କର୍ତ୍ତୃପକ୍ଷ ବାହାର ଲୋକଙ୍କୁ ଆଣି କାମରେ ଲଗାଉଛନ୍ତି। ଫଳରେ ଏଠାକାର ଲୋକେ ବାହାରକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶାରୀରିକ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ଯାନବାହନ ଚଳାଚଳ, ଆଲୋଚନା କ୍ଷେତ୍ର ତଥା ହୋଟେଲ ବ୍ୟବସାୟରେ ଉନ୍ନତମାନର ଫଳ ପାଇବେ। ଆଇନ ଅଦାଲତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ବଜାୟ ରଖି କାମ ହାସଲ କରିପାରିବେ।

**ବୃଷ**
ଅନ୍ୟକୁ ସାହାଯ୍ୟ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପରିବାର ମଧ୍ୟରେ ନିଜର ପତିଆରା ଦେଖାନ୍ତୁ ନାହିଁ, କାରଣ ଭଲ ବଦଳରେ ତାହା ମନ୍ଦରେ ପରିଣତ ହେବ। ଅପ୍ରିୟ ସତ୍ୟ କହି ଭୁଲ୍ ବୁଝାମଣାର ଶିକାର ହେବାକୁ ପଡ଼ିପାରେ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି ରହିପାରିଲେ କାମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇପାରିବ। ନୂତନ ଭାବେ କିଛିଟା ଆରମ୍ଭ କରି ଏକପ୍ରକାର ଆତ୍ମତୃପ୍ତି ଲାଭ କରିପାରନ୍ତି। ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟରେ ଉନ୍ନତି କରିବେ।

**କର୍କଟ**
ନୂତନ ଭାବେ କୌଣସି ମୂଲ୍ୟବାନ୍ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପରିବହନରେ ସମସ୍ୟା ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ନିଶ୍ଚିତ ଉପକୃତ ହେବେ।

**ସିଂହ**
ପାରିବାରିକ କ୍ଷେତ୍ରରେ ସ୍ନେହ, ଶ୍ରଦ୍ଧା ଆଶାନୁରୂପ ପାଇବା ମୁସ୍କିଲ୍ ହୋଇପଡ଼ିବ। ଅଟକି ରହିଥିବା କୌଣସି ଖବର ହଠାତ୍ ପାଇ ଖୁସି ହେବେ। ଆଜି ଦିନଟିରେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଆର୍ଥିକ ସ୍ଥିତି ସୁଧୁରିଯିବାର ଆଶାକରି କେତେକାଂଶରେ ଖୁସି ହେବେ।

**କନ୍ୟା**
ପାରିବାରିକ କ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ସମସ୍ୟାକୁ ବଢ଼ାଇ ଦେଇପାରେ। ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ଉପକୃତ ହେବେ। ବିନୟ ସହକାରେ ଅନୁରୋଧ କଲେ କର୍ମକ୍ଷେତ୍ରରେ ସମ୍ମାନ୍ନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**ତୁଳା**
ଅତୀତ ଘଟଣାକୁ ବାରମ୍ବାର ଚିନ୍ତାକରି ମନକୁ ବିଭ୍ରାନ୍ତ କରିବା ଦ୍ୱାରା କିଛି ଲାଭ ହେବନି। ଆର୍ଥିକ, ଶାରୀରିକ ପୀଡ଼ା ଅବଶ୍ୟ ରହିବ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ସାମାଜିକସ୍ତରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**
ଆଜି ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବାକୁ ପଡ଼ିବ। ଅନ୍ୟମାନଙ୍କ କଥାକୁ ସତ ମନେକରି ପଦାଧିକାରୀ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି। ନୂତନ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ବିଶେଷ ଅଗ୍ରଗତି ହୋଇପାରିବ ନାହିଁ। ପରିବାରର ଆବଶ୍ୟକତା ପୂରଣ ପାଇଁ ଧାର ଉଧାର କରିବାକୁ ପଡ଼ିପାରେ।

**ମକର**
ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆକସ୍ମିକ ଭାବେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶୁଭେଚ୍ଛୁମାନଙ୍କ ସାନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**କୁମ୍ଭ**
ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ, ନିଶ୍ଚିତ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ଅନ୍ୟର ଖଳବୁଦ୍ଧିରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି।

**ମୀନ**
ଆଜି ଆକସ୍ମିକ ଭାବେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ପଡ଼ୋଶୀ ନିଆଁରେ ଘିଅ ଢାଳିଲା ଭଳି କଥା କହି ପରିସ୍ଥିତିକୁ ବଢ଼ାଇ ଦେଇପାରନ୍ତି। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ଅନିବାର୍ଯ୍ୟ କାରଣବଶତଃ ଶେଷ ସମୟରେ ଆଜିର ଯାତ୍ରା ସ୍ଥଗିତ ରହିଯିବ।

ଆଜି ଡିସେମ୍ବର ୨୩ ତାରିଖ, ପୌଷ ମାସର ବକୁଳ ଅମାବାସ୍ୟା, ଶୁକ୍ରବାର, ଶ୍ରୀଜୀଉଙ୍କର ଏବଂ ଗୃହୀଣାଂ ବକୁଳଲାଗି, ରାଶି ନକ୍ଷତ୍ର-ମୂଳା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୧ମି. ଗତେ ଘ.୦୭।୦୪ମି. ମଧ୍ୟେ, ଘ.୦୭।୪୭ମି. ଗତେ ଘ.୦୯।୦୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୪ମି. ଗତେ ଘ.୧୧।୪୫ମି. ମଧ୍ୟେ ରାହୁକାଳ।

**ଜେଲରେ କ୍ରାଇମବ୍ରାଞ୍ଚ ଆଇଜିଙ୍କ ଛାନ୍‌ଭିନ୍‌**

ବଲାଙ୍ଗୀର ଅଫିସ, ୨୨।୧୨: କଣ୍ଟାବାଞ୍ଜି ସବ୍‌ଜେଲରେ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେଇଛି। ଗୁରୁବାର କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଅପରାହ୍ଣ ପ୍ରାୟ ୧ଟାରେ କଣ୍ଟାବାଞ୍ଜି ସବ୍‌ଜେଲରେ ପହଞ୍ଚିଥିଲେ। ଜେଲ ଭିତରକୁ ପ୍ରବେଶର ପ୍ରାୟ ୪ ଘଣ୍ଟା ପରେ ସେ ବାହାରକୁ ବାହାରିଥିଲେ। ଗଣମାଧ୍ୟମକୁ ଅଧିକ ସୂଚନା ଦେଇ ନ ଥିଲେ ମଧ ଏକ ବୃହତ୍ ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ଉକ୍ତ ଟିମ୍‌ରେ ଏକ୍ସପର୍ଟମାନେ ରହିଛନ୍ତି ଏବଂ ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ସେ କହିଥିଲେ। ତେବେ ନିର୍ଦ୍ଦିଷ୍ଟ ଭାବେ କ'ଣ ତଦନ୍ତ କରାଯାଉଛି ଏବଂ ଏ ଯାଏ ହୋଇଥିବା ତଦନ୍ତରୁ କ'ଣ ମିଳିଛି ସେନେଇ ସେ କିଛି କହି ନ ଥିଲେ।

# ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାଯିବ



ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରଠାରେ ଗୁରୁବାର ସର୍ବଦଳୀୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଭିନ୍ନ ଦଳର ନେତାମାନେ ଜର୍ସି ପ୍ରଦର୍ଶନ କରୁଛନ୍ତି।

## ହକି ବିଶ୍ୱକପ୍ ପାଇଁ ସର୍ବଦଳୀୟ ବୈଠକ

- ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ
- ସରକାରଙ୍କୁ ଧନ୍ୟବାଦ ଦେଲେ ସବୁ ଦଳ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଆମନ୍ତ୍ରଣ କରାଯିବ। ବିଶ୍ୱକପ୍ ଆୟୋଜନ ଏବଂ ସୁପରିଚାଳନା ନିମନ୍ତେ ଗୁରୁବାର ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ଓଡ଼ିଶାରେ ଏହି କ୍ରୀଡ଼ା ମହୋତ୍ସବର ସଫଳତା ପାଇଁ ସେ ସବୁ ରାଜନୈତିକ ଦଳର ସହଯୋଗ କାମନା କରିଛନ୍ତି। ହକି ବିଶ୍ୱକପ୍ ପ୍ରସ୍ତୁତିରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଭାରତ ସରକାରଙ୍କୁ ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱକପ୍ ହକିର ଆୟୋଜନରେ କେବଳ ଓଡ଼ିଶା ନୁହେଁ, ସାରା ଦେଶର ସମ୍ମାନ ଜଡ଼ିତ । ସେଥିପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

ଆଲୋଚନାରେ ଭାଗ ନେଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଲଗାତର ଭାବେ ଦ୍ୱିତୀୟ ଥର ବିଶ୍ୱକପ୍ ଆୟୋଜନ ସାରା ବିଶ୍ୱରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି କରିଛି ବୋଲି ମତ ଦେବା ସହ କ୍ରୀଡ଼ାର ଏହି ଉନ୍ନତି ଦିଗରେ ସରକାରଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି।

ବୈଠକରେ ଯୋଗ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ପ୍ରଶଂସା କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ଉତ୍ସବ ୨୦୩୬ ଅବସରରେ ଯେପରି ଓଡ଼ିଶାରୁ ୧୦୦ ଅଲିମ୍ପିଆନ ବାହାରିପାରିବେ, ସେଥିପାଇଁ ସମସ୍ତେ ମିଳିମିଶି କାମ କରିବା ଉଚିତ ବୋଲି କହିଛନ୍ତି। ଏହାଛଡ଼ା କ୍ରମାଗତ ଭାବେ ୨ ଥର ବିଶ୍ୱକପ୍ ହକି ଆୟୋଜନ ଭଳି ବିରଳ ଘଟଣାକୁ ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ଦେବା, ଉଭୟ ଭୁବନେଶ୍ୱର-ରାଉରକେଲାର ସ୍ୱଚ୍ଛତା ପାଇଁ ନାଗରିକମାନଙ୍କୁ ସାମିଲ କରିବା, ସ୍ଥାନୀୟ ଓଡ଼ିଆ ଖେଳର ପ୍ରସାର କରିବା, ରାଉରକେଲା-ଭୁବନେଶ୍ୱର ରେଳପଥକୁ ହକି ପାଇଁ ବ୍ରାଣ୍ଡିଂ କରିବା ଆଦି ବିଭିନ୍ନ ସୁଚିନ୍ତିତ ମତାମତ ଦେଇ କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟର ସବୁ ଜିଲାରେ ହକି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା, ବିଜୁ ଜନତା ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଓ ଦେବୀପ୍ରସାଦ ମିଶ୍ର, ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ସିପିଆଇର ସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା, ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇର ଅଲିକିଶୋର ପଟ୍ଟନାୟକ, ଅଭୟ ସାହୁ, ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା, ଆପ୍ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ଆର୍‌ଜେଡି ସଭାପତି ହେମନ୍ତ କୁମାର ପ୍ରମୁଖ ଭାଗ ନେଇ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଛନ୍ତି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ବୈଠକକୁ ସଂଯୋଜନା କରିଥିଲେ।

କ୍ରୀଡ଼ା ସଚିବ ଆର୍. ଭିନିଲକ୍ରିଷ୍ଣା ଆଗାମୀ ୧୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୧୭ ଦିନିଆ ଭବ୍ୟ କ୍ରୀଡ଼ା ମହୋତ୍ସବର ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


Baidyanath
ବୈଦ୍ୟନାଥ
ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସଡିଟି | ଆୟୁସିଡ୍, ଅମ୍ଳକି ରସାୟନ |
| ଆନେମିଆ | ନବାୟସ ଲୌହ, ଲୋହାସବ୍ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ, ସ୍ପିରୁଲିନା ପ୍ଲସ୍ |
| ଆର୍ଥରାଇଟିସ୍, ଗାଉଟ୍, ଆମବାତ (ରୁମେଟିକ୍) ଯନ୍ତ୍ରଣା | ଆର୍ଥ ପ୍ଲସ୍, ରୁମାର୍ଥୋ, ରୁମା କେୟାର ଅଏଲ୍ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ଟ୍ୟାବ୍, ଇସାବେଲ୍ - ଏଚ୍ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ୍, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ଟ୍ୟାବ୍, ଅଜୱାଇନ୍ ଅର୍କ |
| ହୃତପିଣ୍ଡର ସମସ୍ୟା | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ୍ |
| ବଦହଜମି | ଏକ୍ସାଜେଷ୍ଟେ, ଅବିପତିକର ଚୂର୍ଣ |
| କିଡନୀ ଏବଂ ଗଲ୍ ଷ୍ଟୋନ | ପଥରୀନା, କଞ୍ଚନର ଗୁଗୁଲୁ |
| ଲ୍ୟୁକୋରିଆ | ଲ୍ୟୁକୋନିଲ୍, ପତ୍ରାଙ୍ଗସବ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୁତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗୁଲୁ ଟ୍ୟାବ୍ |
| ଡାଇବେଟିସ୍ | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ

JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905


# ଗାୟତ୍ରୀବାଳାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



ଡ. ଗାୟତ୍ରୀବାଳା ପଣ୍ଡା



ଗୋପବନ୍ଧୁ ମିଶ୍ର

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)

୨୦୨୨ ବର୍ଷ ପାଇଁ ଓଡ଼ିଆ କବୟିତ୍ରୀ ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମିଳିବ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ଏ ନେଇ ଗୁରୁବାର ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଡ. ପଣ୍ଡାଙ୍କୁ ତାଙ୍କର କବିତା ସଂକଳନ 'ଦୟାନଦୀ' ପାଇଁ ଏହି ପୁରସ୍କାର ଦିଆଯିବ। ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ତାମ୍ର ଫଳକ ମିଳିବ। ଏହି ପୁସ୍ତକ ୨୦୧୭ରେ ପକ୍ଷୀଘର ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶ ପାଇଥିଲା, ଯାହା କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ। ଏଥିରେ ଉତ୍ସର୍ଗ ଓ ପରିଶିଷ୍ଟକୁ ମିଶାଇ ୬୪ଟି କବିତା ରହିଛି। କବୟିତ୍ରୀ ପଣ୍ଡାଙ୍କ ଅଦ୍ୟାବଧି ୨୪ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ଏଥିମଧ୍ୟରେ ଓଡ଼ିଆ ଭାଷାରେ ୧୨ଟି କବିତା, ୨ଟି ଗଳ୍ପ, ୨ଟି ଉପନ୍ୟାସ ଓ ୧ଟି ପ୍ରବନ୍ଧ ସଂକଳନ ରହିଛି। ଏତଦ୍‌ବ୍ୟତୀତ ହିନ୍ଦୀ ଭାଷାରେ ୪ଟି ଓ ଇଂଲିଶ୍ ଭାଷାରେ ୨ଟି କବିତା ଓ ଗୋଟିଏ ଗଳ୍ପ ସଂକଳନ ଅନୂଦିତ ହୋଇଛି। ୨୦୧୧ରେ କବିତା ସଂକଳନ 'ଗାଁ' ପାଇଁ ପ୍ରଥମ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିଲେ ଗାୟତ୍ରୀ। ସେ କହିଛନ୍ତି, ଏହି ମର୍ଯ୍ୟାଦାଜନକ ସାହିତ୍ୟ ଏକାଡେମୀ ପୁରସ୍କାର ମୋତେ ନୁହେଁ, ମୋ ଲିଖିତ କବିତା ପୁସ୍ତକ 'ଦୟାନଦୀ' ପାଇଁ ମିଳିଛି। ଏହି ପୁରସ୍କାର ହେଉଛି ପାଠକଙ୍କ ଶ୍ରଦ୍ଧା ଓ ସଦିଚ୍ଛା। ଏହା ତାଙ୍କୁ ତାଙ୍କର ଲେଖନୀ ପ୍ରତି ଆହୁରି ଦାୟବଦ୍ଧ କରିବ। ଜଗତ୍‌ସିଂହପୁର ଜିଲାର ସାଦେଇପୁରରେ ୧୯୭୭ରେ ତାଙ୍କର ଜନ୍ମ। ସେ ଗୋଲକ ବିହାରୀ ପଣ୍ଡା ଓ ଅରୁଣିମା ପଣ୍ଡାଙ୍କ କନ୍ୟା ତଥା ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କ ସ୍ତ୍ରୀ। ସୂଚନାଯୋଗ୍ୟ, ଡ. ପଣ୍ଡାଙ୍କ ନାମକୁ ଚୂଡ଼ାନ୍ତ କରିଥିବା ଓଡ଼ିଆ ଚୟନ କମିଟିରେ ଡ. ଜୟନ୍ତୀ ରଥ, କ୍ଷୀରୋଦ ପରିଡ଼ା ଓ ଡ. ସୁଦର୍ଶନ ଆଚାର୍ଯ୍ୟ ସଦସ୍ୟ ଥିଲେ। ସେହିପରି ବିଭିନ୍ନ ଭାଷାରେ ଅନୁବାଦ ପୁରସ୍କାର ମଧ୍ୟ ଘୋଷଣା କରାଯାଇଛି।

### ଗୋପବନ୍ଧୁ ମିଶ୍ରଙ୍କୁ ସଂସ୍କୃତ ଅନୁବାଦ ପୁରସ୍କାର

ପ୍ରଫେସର ଗୋପବନ୍ଧୁ ମିଶ୍ର କଥାକାର ମନୋଜ ଦାସଙ୍କ ଉପନ୍ୟାସ 'ଅମୃତ ଫଳ'ର ସଂସ୍କୃତ ଅନୁବାଦ 'ଅମୃତ ଫଳମ୍' ପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେ ନୟାଗଡ଼ ଜିଲାର ବିରୁଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି। ଗୋପବନ୍ଧୁ ବର୍ତ୍ତମାନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ପ୍ରଫେସର ଅଛନ୍ତି। ଏହା ପୂର୍ବରୁ ସେ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ। ତେବେ ଓଡ଼ିଆ ସମେତ ମୋଟ ୭ଟି ଭାଷାରେ ଅନୁବାଦ ପୁରସ୍କାର ଆଗାମୀ ଦିନରେ ଘୋଷଣା କରାଯିବ ବୋଲି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଉପଦେଷ୍ଟା ବିଜୟାନନ୍ଦ ସିଂହ ସୂଚନା ଦେଇଛନ୍ତି।


ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ ପ୍ରତୀକ ମହାପାତ୍ର
ଆର୍ବିଭାବ - ୦୪.୦୨.୧୯୯୯ | ତିରୋଧାନ - ୧୭.୧୨.୨୦୧୭ (ବହୁଳ ଅମାବାସ୍ୟା)

ଛୋଟୁରେ,
ଯା ଭିତରେ ବିତିଗଲାଣି ପାଞ୍ଚଟି ନିର୍ଦ୍ଦୟ ନିଦାଘ । ଭୁଲି ହେଉନି ମୋ ଜୀବନର ସେଇ କଳାଦିନ, ବହୁଳ ଅମାବାସ୍ୟାର ଗାଢ଼ ଅନ୍ଧାର ଭିତରେ ହଜିଗଲୁ ମୋର କୁଳ ଚନ୍ଦ୍ରମା । ବ୍ୟାକୁଳ ବିଦୀର୍ଣ୍ଣ ହୋଇ କେତେ ମୁଁ ଖୋଜିଲି । ତୁ ଆଉ ଚନ୍ଦ୍ର ନହୋଇ ରହିଗଲୁ ସୁଦୂର ଅପହଞ୍ଚ ଏକ ନିଖୋଜ ନକ୍ଷତ୍ର ହୋଇ । ଦୁଃଖର ଦରିଆ ଭିତରେ ବୁଡ଼ି ତୋ ସ୍ମୃତିର ବତୀଘରୁ ଟିକିଏ ଉଷ୍ମତା ସାଉଁଟିବାର ଅପଚେଷ୍ଟା ଭିତରେ ମୁଁ ଯାହା ବଞ୍ଚିଛି । ମୋ ଧନ ଯେଉଁଠି ଅଛୁ ଭଲରେ ଥା । ତୋ ଅମ୍ଳାନ ଆତ୍ମାର ସଦ୍‌ଗତି ପାଇଁ ସଦୈବ ପ୍ରାର୍ଥନା ମୁଦ୍ରାରେ ମୁଁ ।

ତୋର ହତଭାଗିନୀ 'ମା' (ଦୁର୍ଗେଶ ନନ୍ଦିନୀ) ଓ ପରିବାରବର୍ଗ






**PRADHAN MANTRI GRAM SADAK YOJANA (PMGSY)**

**e-Procurement Notice**

**PMGSY Online-BLGR-19/2022-23**

**No.O-1505:The Chief Construction Engineer, R. W. Circle, Bolangir on behalf of Odisha State Rural Road Agency invites the percentage** rate bids in electronic tendering system for construction of roads under Pradhan Mantri Gram Sadak Yojana in the district of Bolangir for 6 number of packages with estimated cost totaling to Rs. 16.58 Cr including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement. dtd (21.12.2022)**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved formant.

(c) original affidavit regarding correctness of information furnished with bid document as per provisions of Clause 4.4B(a) (ii) of ITB with Chief Construction Engineer, R.W. Circle, Bolangir/S.E.R.W.Division, Titilagarh on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 18.01.2023 up to 5.00 P.M. For further details please log on to www.pmgsytenders.gov.in

**Sd./- Chief Construction Engineer**
**R.W.Circle, Bolangir**
**OIPR-25118/11/0024/2223**



75 Azadi Ka Amrit Mahotsav
G20 ଭାରତ 2023 INDIA

**ଜିଏସ୍‌ଟି ଟିକସଦାତାଗଣ ଧ୍ୟାନ ଦିଅନ୍ତୁ!**

ଆର୍ଥିକ ବର୍ଷ ୨୦୨୧-୨୦୨୨ ପାଇଁ ଦୟାକରି ଫର୍ମ ଜିଏସ୍‌ଟିଆର୍-୯* ଏବଂ ଫର୍ମ ଜିଏସ୍‌ଟିଆର୍-୯ସି# ରେ ଆପଣଙ୍କର ବାର୍ଷିକ ରିଟର୍ନ ଫାଇଲ କରନ୍ତୁ

ଡିସେମ୍ବର ୨୦୨୨
୩୧ ଧାର୍ଯ୍ୟ ତାରିଖ ପୂର୍ବରୁ

***ଟିକସଦାତା ଫର୍ମ ଜିଏସ୍‌ଟିଆର୍-୯ ଫାଇଲ୍ କରିବା ଆବଶ୍ୟକ ।**

କେବଳ ନିମ୍ନଲିଖିତଙ୍କୁ ଛାଡ଼ି ବାର୍ଷିକ ସର୍ବମୋଟ ₹୨ କୋଟିରୁ ଅଧିକ (ଆର୍ଥିକବର୍ଷ ୨୦୨୧-୨୨ ଅବଧିରେ) କାରବାରଧାରୀ ସମସ୍ତ ଜିଏସ୍‌ଟି ଟିକସଦାତା:

(i) ଇନ୍‌ପୁଟ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର
(ii) ଟିଡିଏସ୍ ଡିଡକ୍ଟର
(iii) ଟିସିଏସ୍ କଲେକ୍ଟର
(iv) କାଜୁଆଲ ଟିକସଯୋଗ୍ୟ ବ୍ୟକ୍ତି
(v) ଅଣ-ନିବାସୀ ଟିକସଯୋଗ୍ୟ ବ୍ୟକ୍ତି

**# ଟିକସଦାତା ଫର୍ମ ଜିଏସ୍‌ଟିଆର୍-୯ସିରେ ଫର୍ମ ଫାଇଲ୍ କରିବା ଆବଶ୍ୟକ**

ସର୍ବମୋଟ ବାର୍ଷିକ କାରବାର ₹୫ କୋଟିରୁ ଅଧିକ ରହିଥିବା (ଆର୍ଥିକବର୍ଷ ୨୦୨୧-୨୨ ଅବଧିରେ) ଟିକସଦାତାଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର-୯ସିରେ ଏକ ଆତ୍ମ-ପ୍ରମାଣିତ ରିକନ୍‌ସିଲିଏସନ୍ ଷ୍ଟେଟମେଣ୍ଟ ସହିତ ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ଦାଖଲ କରାଯିବ।



ଜିଏସ୍‌ଟି ବାର୍ଷିକ ରିଟର୍ନ ଉପରେ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

ଫର୍ମ ଜିଏସ୍‌ଟିଆର୍-୯ ଏବଂ ଫର୍ମ ଜିଏସ୍‌ଟିଆର୍-୯ସିର ବିଳମ୍ବିତ ଫାଇଲିଂ ଜରିମାନା ଆକର୍ଷିତ କରିବ

cbc 15502/13/0017/2223

Central Board of Indirect Taxes and Customs
@cbic_india @cbicindia @cbicindia @CBIC INDIA @cbic www.cbic.gov.in

ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। **–ଶ୍ରୀଅରବିନ୍ଦ**



# ଜୈବବିବିଧତାର ସ୍ୱଦେଶୀ ରକ୍ଷକ




ଭାଲେରି କୋର୍ଟୋଇଜ
ଡାଇରେକ୍ଟର, ଇଣ୍ଡିଜେନସ ଲିଡରଶିପ୍ ଇନିସିଏଟିଭ

କେ.ଏମ୍. ରେୟିସ୍
କୋ-ଫାଉଣ୍ଡର ଆଣ୍ଡ ଆଡଭାଇଜର, ସେଣ୍ଟର ଫର୍ ସଷ୍ଟେନବିଲିଟି ପି.ଏଚ୍

ଫିଲିପାଇନ୍ସର ଦକ୍ଷିଣପଶ୍ଚିମରେ ଥିବା ଜଙ୍ଗଲରେ ବଟାକ୍ ଜନଜାତି ଲୋକେ ରହନ୍ତି। ଏହି ଜଙ୍ଗଲ ଜୈବବିବିଧତାର ପ୍ରମୁଖ ସ୍ଥଳୀ। କାନାଡ଼ାର ମଣ୍ଟ୍ରିଲ ଆକାର ଏହି ଜଙ୍ଗଲରେ ସ୍ତନ୍ୟପାୟୀ ପାଙ୍ଗୋଲିନ୍ ସମେତ ବିପଦରେ ଥିବା ତଥା ବିଲୁପ୍ତପ୍ରାୟ ୩୧ଟି ପ୍ରଜାତି ଜୀବ ଦେଖାଯାଆନ୍ତି। ୨୦୨୧ର ଶେଷାର୍ଦ୍ଧର ସୁପର୍ ଟାଇଫୁନ ଓଡେଟେରୁ ଲୋକମାନଙ୍କୁ ସୁରକ୍ଷା ଦେବାରେ ମୁଖ୍ୟ ଭୂମିକା ନେଇଥିଲା ଏହି ଜଙ୍ଗଲ। ବଟାକ୍ ସମୁଦାୟ ମାତ୍ର ୨୦,୦୦୦ ଆମେରିକୀୟ ଡଲାରରେ ଏହି ଜଙ୍ଗଲର ସ୍ଥିତି ବଜାୟ ରଖିବା ସହ ଏହାର ଯତ୍ନ ନିଅନ୍ତି । ବାସ୍ତବରେ ଏହି ପରିମାଣର ଅର୍ଥରାଶି ଗୋଟିଏ ରୋଲେକ୍ସ ଘଣ୍ଟାର ମୂଲ୍ୟଠାରୁ ବି କମ୍। ଜୈବବିବିଧତାପୂର୍ଣ୍ଣ ଜଙ୍ଗଲରେ କେବଳ ବଟାକ ଜନଜାତି ରହୁନାହାନ୍ତି, ବରଂ କାନାଡାର ନିତାସିନାନ (ଏବେ କ୍ୟୁବେକ୍ ଓ ଲାର୍ବାଡୋର ଭାବେ ଜଣାଶୁଣା)ର ଅତି ଥଣ୍ଡା ଜଙ୍ଗଲରେ ଇନ୍ନୁ ଜନଜାତି ରହୁଛନ୍ତି। ଏହା ପୃଥିବୀର ଏକମାତ୍ର ଜଙ୍ଗଲ ଯାହାର ପ୍ରାକୃତିକ ଦୃଶ୍ୟ ଓ ପରିସଂସ୍ଥା ଅକ୍ଷୁଣ୍ଣ ରହିଛି। ଏହା ଉଡ୍‌ଲାଣ୍ଡ କାରିବୌ, ବଣ ବିଲେଇ, ହେଟା,ମେରୁ ଅଞ୍ଚଳରେ ଦେଖାଯାଉଥିବା ଧଳାଭାଲୁଙ୍କ ବାସସ୍ଥଳୀ। ମୁଖ୍ୟତଃ, ଏହି ଜଙ୍ଗଲ ଉପର ଦେଇ ପ୍ରବାସୀ ପକ୍ଷୀମାନେ ଯାଇଥାନ୍ତି। ବୈଜ୍ଞାନିକମାନଙ୍କ ଆକଳନ ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାଣୀ ଓ ଉଦ୍ଭିଦଙ୍କ ବାସସ୍ଥଳୀରେ ପରିବର୍ତ୍ତନ ହେଉଥିବାରୁ ଭବିଷ୍ୟତରେ ଏହି ଜଙ୍ଗଲ ସେମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ହେବ। ଲାବ୍ରାଡୋରରେ ରହୁଥିବା ଇନ୍ନୁ ଜନଜାତିର ସଂଗଠନ 'ଇନ୍ନୁ ନେଶନ' ଦୀର୍ଘଦିନ ହେଲା ଏହି ବନାଞ୍ଚଳର ଯତ୍ନ ନେଉଛି । ସ୍ୱଦେଶୀ ସୁରକ୍ଷିତ ଓ ସଂରକ୍ଷିତ ଅଞ୍ଚଳଗୁଡ଼ିକ ପାଇଁ ପ୍ରସ୍ତାବ ଦେଇ ଏପରିକି ତାହା ଗଠନ କରି ସେଗୁଡ଼ିକର ସୁରକ୍ଷା ପାଇଁ ଚେଷ୍ଟାକରୁଛି।

ଏକ ଆକଳନରୁ ଜଣାପଡ଼ିଛି ଯେ, ପୃଥିବୀରେ ଏବକାର ଜୈବବିବିଧତାର ୮୦% ଆଦିବାସୀ ଏବଂ ସ୍ଥାନୀୟ ସମୁଦାୟ ରହୁଥିବା ଅଞ୍ଚଳରେ ଦେଖିବାକୁ ମିଳେ। ଏବେ ୧୦ ଲକ୍ଷରୁ ଅଧିକ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀମାନେ ବିଲୁପ୍ତିର ଦ୍ୱାରଦେଶରେ ଥିବାବେଳେ ପରିବେଶ ସୁରକ୍ଷା ପାଇଁ ସ୍ପଷ୍ଟ ଭାବେ ଏହିସବୁ ସମୁଦାୟକୁ ସଶକ୍ତ କରାଯିବା ଉଚିତ। ନିକଟରେ ନିତାସିନାନର ଦକ୍ଷିଣକୁ ଅନେକ ଶହ ମାଇଲ ଦୂର ମଣ୍ଟ୍ରିଲରେ ଶେଷ ହୋଇଥିବା ଜାତିସଂଘର ଜୈବବିବିଧତା ସମ୍ମିଳନୀ(କପ୍୧୫) ତାହା କରିବା ଲାଗି ଏକ ସୁଯୋଗ ଦେଇଛି। ପୃଥିବୀରୁ ପ୍ରାଣୀ ବିଲୁପ୍ତି ସଙ୍କଟର ଗମ୍ଭୀରତାକୁ ସ୍ୱୀକାର କରିବାରେ ବିଶ୍ୱ ଅସଫଳ ହୋଇଥିବାରୁ ଏହାର ସମାଧାନ ପାଇଁ ଆମକୁ ଏକାକୀ ପଦକ୍ଷେପ ନେବାକୁ ହେବ। କୋଭିଡ୍ ମହାମାରୀ ଯୋଗୁ କପ୍୧୫ ସମ୍ମିଳନୀରେ ୧ ବର୍ଷ ବିଳମ୍ବ ହେଲା, କିନ୍ତୁ ସମସ୍ୟା ସବୁ ବହୁ ପଛରେ ରହିଗଲା। ଏକ ଦଶନ୍ଧିରୁ ଅଧିକ ସମୟ ହେଲା ବୈଜ୍ଞାନିକମାନେ ବିଲୁପ୍ତି ସଙ୍କଟ ସମ୍ପର୍କରେ ଅନେକ ଲେଖା ପ୍ରକାଶ କରୁଛନ୍ତି। ଆଦିବାସୀ ସମୁଦାୟଗୁଡ଼ିକ ସେମାନଙ୍କ ବାସସ୍ଥାନକୁ ନଷ୍ଟ କରୁଥିବା ତଥା ବଳପୂର୍ବକ କରାଯାଉଥିବା ବିକାଶମୂଳକ କାର୍ଯ୍ୟକୁ ବିରୋଧ କରୁଛନ୍ତି। ଶେଷରେ ପରିସଂସ୍ଥାର ହୋଇଥିବା ଅତ୍ୟଧିକ କ୍ଷତି ରୋକିବାକୁ ଓ ପ୍ରକୃତିର ଶ୍ରେଷ୍ଠ ତତ୍ତ୍ୱାବଧାରକ ଭାବେ ନିଜକୁ ପ୍ରମାଣିତ କରିଥିବା ଜନଜାତି ଲୋକଙ୍କ ପ୍ରତି କରାଯାଉଥିବା ଅନ୍ୟାୟକୁ ନେଇ ବିଶ୍ୱର ନିଦ ଭାଙ୍ଗିଛି। ୨୦୩୦ ସୁଦ୍ଧା ସ୍ଥଳଭାଗ ଓ ସମୁଦ୍ରରେ ରହୁଥିବା ଜୀବମାନଙ୍କ ମଧ୍ୟରୁ ଅତି କମ୍‌ରେ ୩୦%ର ସୁରକ୍ଷା ଲକ୍ଷ୍ୟ '୩୦x୩୦' ହାସଲ କରିବାକୁ ସ୍ଥିର ହୋଇଛି। ଏହି ସମୟରେ ବିଭିନ୍ନ ପ୍ରଜାତିର ଧ୍ୱଂସକୁ ରୋକିବା ଲାଗି ଆଦିବାସୀ ଓ ସ୍ଥାନୀୟ ସମୁଦାୟର ଅଧିକାରଗୁଡ଼ିକୁ (ଜମି ଅଧିକାର ସହ) ଗ୍ରହଣ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପାୟ । କପ୍୧୫ ଆଲୋଚନାରେ ଏହା ବି ଏକ ମୁଖ୍ୟ ବିଷୟ ରହିଥିଲା ଏବଂ ସମ୍ମିଳନୀର ଶେଷ ଦିନରେ ପାଖାପାଖି ୧୯୦ ଦେଶ '୩୦x୩୦ ' ଲକ୍ଷ୍ୟ ସମ୍ବଳିତ ଏକ ଚୁକ୍ତିକୁ ସ୍ୱୀକାର କରିଥିଲେ।



କପ୍୧୫ ସମ୍ମିଳନୀରେ ବିଶ୍ୱର ସବୁଆଡୁ ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏମାନଙ୍କ ଜମି ଅଧିକାରକୁ ସ୍ୱୀକାର କରିବା, ପ୍ରଭାବୀ ଓ ଉପଯୋଗୀ ସାବ୍ୟସ୍ତ ହୋଇଥିବା ସେମାନଙ୍କ କାର୍ଯ୍ୟକୁ ସମର୍ଥନ କରିବା ଏବଂ ସହନୀୟ ଜୈବବିବିଧତା ପାଇଁ ସେମାନଙ୍କ ଲକ୍ଷ୍ୟ ସହ ତାଳଦେଇ କାମ କରିବାକୁ ବିଶ୍ୱ ନେତାମାନଙ୍କୁ ପ୍ରେରିତ କରିବାକୁ ସେମାନେ ସମ୍ମିଳନୀରେ ଉପସ୍ଥିତ ରହିଥିଲେ। ସେମାନଙ୍କ ଦାବି ଚୁକ୍ତିରେ ସ୍ଥାନୀୟ ଅଧିକାର ବ୍ୟବସ୍ଥା ସମ୍ପର୍କିତ ଲେଖା ସାମିଲ କରିବାକୁ ନିଶ୍ଚିତ କରିଥିଲା। ଏହା ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ପାଇଁ '୩୦x୩୦' ଲକ୍ଷ୍ୟ ହାସଲ କରିବାର ପଦକ୍ଷେପ ଯୋଗୁ ସୃଷ୍ଟି ହେବାକୁ ଥିବା ବିସ୍ଥାପନ ଭୟର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାକବଚ ହୋଇପାରିବ। ତେବେ ଉକ୍ତ ଲକ୍ଷ୍ୟ ସମ୍ପର୍କିତ ପଦକ୍ଷେପଗୁଡ଼ିକରେ ତଥ୍ୟ ସମ୍ବଳିତ ମତାମତ ଦେବା ଲାଗି ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ପାଇଁ ସୁଯୋଗ ରହିବା ଉଚିତ। ଏଥିରେ ମାନବ ଅଧିକାର ଆଧାରିତ ଦୃଷ୍ଟିକୋଣ ଆପଣାଇବା ଦରକାର । ଜୈବବିବିଧତା ସୁରକ୍ଷା ଲାଗି ସେମାନେ ପ୍ରତ୍ୟକ୍ଷ ଭାବେ ପାଣ୍ଠି ପାଇବା ଆବଶ୍ୟକ। ଉକ୍ତ ପରିପ୍ରେକ୍ଷୀରେ କାନାଡା ଏକ ପ୍ରକୃଷ୍ଟ ଉଦାହରଣ ସୃଷ୍ଟି କରିଛି। ସାରା ବିଶ୍ୱରେ ଜନଜାତି ଲୋକଙ୍କ ଭଳି ଇନ୍ନୁ ସମେତ କାନାଡାରେ ପ୍ରଥମରୁ ରହିଆସିଥିବା ଅନ୍ୟ ଜନଜାତି ସ୍ଥାୟୀ ଭାବେ ପରିସଂସ୍ଥାକୁ କିଭଳି ସଞ୍ଚାଳନ କରିବାକୁ ହୁଏ ତାହା ସେମାନଙ୍କୁ ଜଣା ବୋଲି ପ୍ରମାଣ କରିଛନ୍ତି। ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା କାନାଡାରେ ୯୦% ସୁରକ୍ଷିତ ଅଞ୍ଚଳ ସୃଷ୍ଟି କରିବାରେ ଆଦିବାସୀ ଓ ସ୍ଥାନୀୟ ସମୁଦାୟର ନେତୃତ୍ୱ କିମ୍ବା ଭାଗୀଦାରି ରହିଆସିଛି। ଆହୁରି ଅଧିକ ସୁରକ୍ଷିତ ଅଞ୍ଚଳ ଗଢ଼ିବା ପ୍ରସ୍ତାବ ରଖିବାରେ ଏମାନେ ମୁଖ୍ୟ ଭୂମିକା ନେଉଛନ୍ତି। ଜୈବବିବିଧତା ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ଆଦିବାସୀମାନଙ୍କ ଭାଗୀଦାରି ଆବଶ୍ୟକତାକୁ କାନାଡା ସରକାର ସ୍ୱୀକାର କରିଛନ୍ତି। ଗତବର୍ଷ ଏମାନଙ୍କ ଚାଲିଥିବା ସଂରକ୍ଷଣ କାର୍ଯ୍ୟକ୍ରମ ପାଇଁ ନୂଆକରି ସରକାର ୩୪୦ ମିଲିୟନ କାନାଡିଆନ ଡଲାର( ୨୫୮ ମିଲିୟନ ଆମେରିକୀୟ ଡଲାର) ପାଣ୍ଠି ଘୋଷଣା କରିଥିଲେ ଓ ଏହା ୫ ବର୍ଷ ଧରି ଯୋଗାଇ ଦିଆଯିବ। ଅନ୍ୟ ଶିଳ୍ପଭିତ୍ତିକ ଦେଶଗୁଡ଼ିକ ଏହି ମଡେଲ ଅନୁସରଣ କରିବେ କି ନାହିଁ ତାହା ଉପରେ କପ୍୧୫ ବୁଝାମଣାର ସଫଳତା ନିର୍ଭର କରେ।

ସାମ୍ପ୍ରତିକ ସ୍ଥିତିରେ ଜନଜାତିର ଲୋକେ ଏବଂ ସ୍ଥାନୀୟ ସମୁଦାୟଗୁଡ଼ିକ ଅନ୍ତର୍ଜାତୀୟ ସଂରକ୍ଷଣ ଅନୁଷ୍ଠାନଗୁଡ଼ିକଠାରୁ ଅଞ୍ଚଳର ସୁରକ୍ଷା ପାଇଁ ମୋଟରେ କେବଳ ୧୭-୨୩% ସହଯୋଗ ପାଇଛନ୍ତି। କିନ୍ତୁ ଆମେ ସେମାନଙ୍କୁ କମ୍ ସଂସାଧନ ଯୋଗାଇ ଦେଉଛୁ। ଅନ୍ୟ ଅର୍ଥରେ, ଆଦିବାସୀ ଲୋକେ ଓ ସ୍ଥାନୀୟ ସମୁଦାୟଗୁଡ଼ିକ କେବଳ ଜୈବବିବିଧତାର ଶ୍ରେଷ୍ଠ ରକ୍ଷକ ନୁହନ୍ତି ବରଂ ଅର୍ଥ ଅନୁଯାୟୀ ଭଲ ପରିଣାମ ଦେଉଛନ୍ତି। ଜୈବବିବିଧତାର ତତ୍ତ୍ୱାବଧାନ ଓ ସଂରକ୍ଷଣ ପାଇଁ ସେମାନଙ୍କ ସହଯୋଗ ମାନବଜାତି ଓ ପୃଥିବୀ ଲାଗି ଉପକାରୀ। ଜୈବବିବିଧତା ସଙ୍କଟ ଦୂର କରିବା ଲାଗି କପ୍୧୫ ବୁଝାମଣା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଯେଉଁଭଳି ଭାବେ ବିଲୁପ୍ତି ସଙ୍କଟ ବଢ଼ିଚାଲିଛି ତାହାକୁ ଦେଖିଲେ ସମ୍ମିଳନୀର ପ୍ରତିବଦ୍ଧତାକୁ ତୁରନ୍ତ କାର୍ଯ୍ୟରେ ପରିଣତ କରିବା ଜରୁରୀ। ଆମେ ପୃଥିବୀର ଜୈବବିବିଧତାକୁ ସୁରକ୍ଷା କରି କରିପାରିବା ବୋଲି ଆଦିବାସୀ ଲୋକମାନେ ଦେଖାଇଦେଇଛନ୍ତି। ହେଲେ ଆମେ ଏହାକୁ ଏକାକୀ କରିପାରିବା ନାହିଁ, ଏଥିପାଇଁ ବିଶ୍ୱର ସହଯୋଗ ଲୋଡ଼ା।

## ମୁଁ କିଏ



ନଗେନ୍ଦ୍ର ନାଥ ପଟ୍ଟନାୟକ

ବୋଧ କହିଲେ ବୁଝିବାକୁ ହୁଏ ଜ୍ଞାନ ଅଥବା ବୁଝିବା ଶକ୍ତି। ଏ ବୋଧଶକ୍ତି ବଳରେ ବୁଦ୍ଧତ୍ୱ ପ୍ରାପ୍ତ କରାଯାଇପାରେ ଏଥିରେ ତିଳେମାତ୍ର ଦ୍ୱିରୁକ୍ତି ନାହିଁ। ସେହିପରି ବୁଦ୍ଧ କୌଣସି ନାମ କି ଉପନାମ ନୁହେଁ। ପରନ୍ତୁ ତାହା ଏକ ଅବସ୍ଥା। ମନୁଷ୍ୟ ଯେବେ ଜାଣିନିଏ ଯେ ସେ କିଏ ବୋଲି ସେହିପରି ଅବସ୍ଥା ସୁତରାଂ ବୁଦ୍ଧର ଅର୍ଥ ପରମ ସତ୍ୟ ସହିତ ସାକ୍ଷାତକାର କରୁଥିବା ବ୍ୟକ୍ତିବିଶେଷ ବୋଧିଆ କିମ୍ବା ବୁଦ୍ଧତ୍ୱ ଅର୍ଥାତ୍ କାହାର ଭରସା ବିନା ପରମ ଜ୍ଞାନ ପ୍ରାପ୍ତ କରିବା। ବୁଦ୍ଧଙ୍କୁ ତଥାଗତ ଭାବେ ବି ଅଭିହିତ କରାଯାଏ । ସୁତରାଂ ତଥ୍ୟ ଓ ଆଗତରୁ ଯାହାଙ୍କର ସୃଷ୍ଟି ସିଏ ତଥାଗତ। ଅର୍ଥାତ୍ ସତ୍‌ମାର୍ଗରେ ଆତଯାତ କରୁଥିବା ବ୍ୟକ୍ତି। ସେହିଭଳି ମନୁଷ୍ୟର ପ୍ରତିଟି ଦଶବର୍ଷରେ ଆଭ୍ୟନ୍ତରୀଣ ରୂପେ ଅନେକ ପରିବର୍ତ୍ତନ ବା ରୂପାନ୍ତରୀକରଣ ଘଟିଥାଏ। ପରିବର୍ତ୍ତନ ପ୍ରକୃତିର ଅଲଂଘନୀୟ ନିୟମ ରୂପେ ସ୍ୱୀକାର କରାଯାଏ। ଖାଲି ସେତିକି ନୁହେଁ ଏକଥା ବି ବିନାଦ୍ୱିଧାରେ କୁହାଯାଏ ଯେ ପରିବର୍ତ୍ତନ ଜୀବନର ଅକାଟ୍ୟ ସତ୍ୟ। ଦୁଇ ତିନିଲକ୍ଷ ବର୍ଷର ମାନବ ଯାତ୍ରାରେ ପରିବର୍ତ୍ତନ ଘଟିଆସୁଛି। ଏ ଯାତ୍ରା ନିରନ୍ତର ଭାବେ ଅବ୍ୟାହତ ରହିଛି। ବିଶ୍ୱ ଇତିହାସରେ ପ୍ରାକ୍ ଐତିହାସିକ ଯୁଗର ଭୟଙ୍କର ସମୁଦ୍ର ରାକ୍ଷସ ଡାଏନୋସର ଭଳି ଅଧିକାଂଶ ବିନାଶକାରୀ ଜୀବ ଏ ଧରିତ୍ରୀ କୋଳରେ ବିଦ୍ୟମାନ।

ଅବଶ୍ୟ ଟିକେ ତଳେଇ ବିଚାରିଲେ ମନୁଷ୍ୟ କ୍ଷେତ୍ରରେ ବି ଏ କଥାର ବିଶେଷ ସାମଞ୍ଜସ୍ୟ ରହିଛି। ମାନବ କେବଳ ବିବର୍ତ୍ତିତ ହେଉନି, ପରନ୍ତୁ ସମୟ ଅନୁରୂପ ନିଜେ ନିଜକୁ ଢାଳ ବି କରିଚାଲିଛି । ଏହି ରୂପାନ୍ତରଣ ମାଧ୍ୟମରେ ନିତିପ୍ରତିଦିନ ମୁଣ୍ଡ ଟେକୁଥିବା ସମସ୍ୟାଗୁଡ଼ିକରୁ ନିସ୍ତାର ପାଇପାରୁଛି। ମାନବ ଇତିହାସ କାଳଖଣ୍ଡ ମଧ୍ୟରେ ମନୁଷ୍ୟ ଶିକାର ଯୁଗରୁ କୃଷି, ପୁଣି ଶିଳ୍ପୋଦ୍ୟୋଗ ପରେ ପରେ ବୈଷୟିକ ସୂଚନା ଓ ଗଣମାଧ୍ୟମ କ୍ରାନ୍ତିର ଏଇ ଯୁଗରେ ନିଜସ୍ୱ ଅସ୍ତିତ୍ୱକୁ ବଜାୟ ରଖିବାରେ ସମର୍ଥ ହୋଇଛି। ଏତଦ୍‌ଭିନ୍ନ କୋଭିଡ୍ ଭଳି ଅଦୃଶ୍ୟଶକ୍ତିର ସଂକ୍ରମଣଜନିତ ବିଷମ ପରିସ୍ଥିତିରେ ସମଗ୍ର ମାନବଜାତିର ଅସ୍ତିତ୍ୱ ସଙ୍କଟାପନ୍ନ। ଏଭଳି ସଙ୍ଗିନ ସ୍ଥିତିରେ ମାନବ ଏକପ୍ରକାର ମରଣମୁହଁକୁ ଠେଲି ହୋଇଯାଇଛି କହିଲେ ଅତିରଞ୍ଜିତ ହେବନାହିଁ। ଏଭଳି ଦୁରନ୍ତ ପରିସ୍ଥିତି ସତ୍ତ୍ୱେ ବି ମନୁଷ୍ୟ ପ୍ରାୟତଃ ବିଜୟ ପ୍ରାପ୍ତି ଅଭିମୁଖେ ଅଗ୍ରସର ହେଉଛି। ଏ କଥା କହିବା ଅନାବଶ୍ୟକ ଯେ କେବଳ ଇତିହାସ ବା ଯୁଗରେ ପରିବର୍ତ୍ତନ ବା ରୂପାନ୍ତରୀକରଣ ପରିଲକ୍ଷିତ ହେଉଛି। ଏହି ପରିବର୍ତ୍ତନ ଘଟିଥାଏ ଛୋଟରୁ ଅତି ଛୋଟ ଜୀବ ମଧ୍ୟରେ, ସୂକ୍ଷ୍ମରୁ ଅତିସୂକ୍ଷ୍ମ କଣିକାରେ ଆଉ ବିଶାଳକାୟ ଜୀବଙ୍କ ଭିତରେ। ମାତ୍ର ଜୀବିତ ସିଏ ହିଁ ରହିଥାଏ ଯିଏ ଫିଟେଷ୍ଟ ବା ଉପଯୁକ୍ତ ତଥା ଯୋଗ୍ୟ (ଡାରଉିନଙ୍କ ସିଦ୍ଧାନ୍ତ ଅନୁସାରେ)। ଆଗର ଓ ଏବର ମନୁଷ୍ୟ ମଧ୍ୟରେ କି କି ପ୍ରକାର ବିବର୍ତ୍ତନ ଘଟିଛି, ତା' ଆଚାର ବ୍ୟବହାର ସଂସ୍କୃତିରେ କ'ଣ ପରିବର୍ତ୍ତନ ଘଟିଛି ତାହା କହିବା ନିଷ୍ପ୍ରୟୋଜନ।

ଏହି ପରିପ୍ରେକ୍ଷୀରେ ଏମିତି ଜଣେ ମହାପୁରୁଷଙ୍କ ମାଧ୍ୟମରେ ପରିବର୍ତ୍ତନକୁ ଜୀବନର ସାର୍ଥକତା ସହିତ ପ୍ରସ୍ତୁତ କରାଯିବା ନିହାତି ହେବା ଦରକାର, ଯାହାଙ୍କୁ ବିଶ୍ୱବାସୀ ଭଗବାନ୍ ବୁଦ୍ଧଙ୍କ ନାମରେ ଜାଣିଥା'ନ୍ତି। ସେ ହିଁ ଭଗବାନ୍ ବୁଦ୍ଧ ଯିଏକି ଅଙ୍ଗୁଳିମାଳ ଭଳି ଦୁର୍ଦ୍ଦାନ୍ତ ଦୈତ୍ୟକୁ ନିଜସ୍ୱ ବାଣୀ ଓ ଉପଦେଶ ବଳରେ ଆପଣାର ଶିଷ୍ୟ ବନେଇ ପାରିଥିଲେ । ପୁନଶ୍ଚ ଇଏ ସେଇ ଭଗବାନ୍ ବୁଦ୍ଧ ଯାହାଙ୍କ ଜୀବନର ମୂଳାଧାର ହେଉଛି ଧମ୍ମ। ଏଥିରେ ଧମ୍ମ ଆଉ ଜୀବନର ମର୍ମ ବି ପ୍ରଚ୍ଛନ୍ନ ଭାବେ ନିହିତ। ପ୍ରକୃତିର ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରି ଜୀବିକାର୍ଜନ କରିବା ହିଁ ଧମ୍ମ। ଏ ଧମ୍ମ କଳ୍ପନା ଆଧାରିତ ନୁହେଁ ପରନ୍ତୁ ଯାଞ୍ଚ ପରଖ କରି ଆପଣାଉଥିବା ଜୀବନର ଯଥାର୍ଥତାଭିତ୍ତିକ। ସେଥିରେ ପୁଣି ଏହା ବିଜ୍ଞାନସମ୍ମତ ସିଦ୍ଧାନ୍ତର ବହୁ ଊର୍ଦ୍ଧ୍ୱରେ।

ଏହି ମହାମାନବ ସିଦ୍ଧାର୍ଥ ରୂପେ ରାଜକୁମାର ହୋଇ ପୁଣି ଗୌତମ ରୂପେ ଜଙ୍ଗଲରୁ ଜଙ୍ଗଲ ଘୂରିବୁଲି ବୋଧିସତ୍ତ୍ୱ ପ୍ରାପ୍ତକଲେ। ଏ ଅନ୍ୱେଷଣ ଏଭଳି ଏକ ଅବସ୍ଥା ଯଦ୍ୱାରା ସେ ଭଗବାନ୍ ବୁଦ୍ଧ ବନିଗଲେ। ଏହି ପରିବର୍ତ୍ତନ ସ୍ୱରୂପକୁ ଆମେ ଜାଣିଛେ ଆଉ ସ୍ୱୀକାର ବି କରିଛେ। ଏହା ପ୍ରତ୍ୟେକ ମଣିଷ ଜୀବନରେ ପ୍ରଜ୍ୱଳିତ ଆଲୋକଜ୍ୟୋତି ନେଇ ଅମା ଅନ୍ଧକାର ମଧ୍ୟରେ ଏକ ଆଶାର କିରଣ ସହ ଦଣ୍ଡାୟମାନ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ମୋ: ୯୪୩୮୩୩୨୧୩୮**

## ଏଇ ଭାରତରେ

ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏକ ନିଆରା ଉପାୟ ଆପଣାଇଛନ୍ତି ଡ. ଗଜାନନ ଡି ମୁରାକ୍‌ତାର। ଲୋକମାନେ ଜଙ୍ଗଲକୁ ଅଧିକ ଗୁରୁତ୍ୱ ଦେଉଥିବାବେଳ ସେଠାରେ ଘାସପଡ଼ିଆ କଥା ଅଧିକ ଚିନ୍ତା କରୁଛନ୍ତି ଡ. ଗଜାନନ। ସେ ୨୫ ବର୍ଷ ହେଲା ଉଦ୍ଭିଦ ଓ ପରିବେଶ ବିଜ୍ଞାନର ପ୍ରାଧ୍ୟାପକ ଭାବେ ମହାରାଷ୍ଟ୍ରର ଚିକାଲଧାରା ବିଜ୍ଞାନ ମହାବିଦ୍ୟାଳୟରେ କାର୍ଯ୍ୟରତ। ସେ ମୁଖ୍ୟତଃ ବ୍ୟାଘ୍ର ସଂରକ୍ଷଣ ଓ ସୁରକ୍ଷିତ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ପାଇଁ ବାସସ୍ଥାନ ଏବଂ ଚାରଣଭୂମି ଲାଗି ସବୁଜ ଘାସ ପଡ଼ିଆ ସୃଷ୍ଟି କରୁଛନ୍ତି। ଏଥିପାଇଁ ଡ.ଗଜାନନ 'ଘାସ ମଣିଷ' ଭାବେ ଜଣାଶୁଣା। ସେ ସ୍ଥାନୀୟ ଘାସରୁ ମଞ୍ଜି ସଂଗ୍ରହ କରି ତାହାକୁ ପଟାଳିରେ ବଢ଼ାଇବା ପରେ ଜଙ୍ଗଲରେ ଘାସ ନ ଥିବା ସ୍ଥାନରେ ଲଗାଉଛନ୍ତି। ସେ ମଧ ଏକ ଘାସ ମଞ୍ଜି ବ୍ୟାଙ୍କ କରିଛନ୍ତି। ସେ ୧୨ ରାଜ୍ୟରେ ୩୩ଟି ବ୍ୟାଘ୍ର ସଂରକ୍ଷଣ ଓ ସୁରକ୍ଷିତ ଅଞ୍ଚଳରେ ଏହି ପ୍ରକାର ଘାସପଡ଼ିଆ କରିପାରିଛନ୍ତି। ବିସ୍ଥାପିତ ଗ୍ରାମଗୁଡ଼ିକରେ ସେ ଉକ୍ତ ପଡ଼ିଆ ସୃଷ୍ଟିକରି ଜଙ୍ଗଲୀ ଜୀବଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଖାଦ୍ୟ ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଡିସେମ୍ବର ୧୯୯୭**

- ଖୁଜେସ୍ତାନ ସୀମାନ୍ତ ଅଞ୍ଚଳରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଇରାନ ଇରାକକୁ ୩୭ ଜଣ ଓ ଇରାକ ଇରାନକୁ ୭ ସୈନ୍ୟଙ୍କ ମୃତ ଶରୀର ପ୍ରତ୍ୟର୍ପଣ କରିଛନ୍ତି।
- ତୃଣମୂଳ କଂଗ୍ରେସକୁ ନେଇ ଜିଦିରେ ଅଟଳ ରହିବାରୁ ବିଦ୍ରୋହୀ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ କଂଗ୍ରେସ ଦଳରୁ ବହିଷ୍କୃତ।
- ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟଭାର ବଢ଼ିଯାଇଥିବା ପରିପ୍ରେକ୍ଷୀରେ ଉତ୍ତର-ଓଡ଼ିଶା ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | | | | | |
| 7 | | | | | | | 6 | 1 |
| 1 | 9 | 4 | | | 2 | | | 3 |
| | | | 8 | | | | | 5 |
| | | | | 1 | 4 | | | |
| | 4 | | 3 | | | 2 | | |
| | | | | 8 | 9 | | 3 | |
| | | | 6 | | | | | 9 |
| | | 1 | | 3 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 9 | 8 | 7 | 2 | 4 | 1 |
| 4 | 8 | 7 | 2 | 3 | 1 | 9 | 6 | 5 |
| 1 | 9 | 2 | 4 | 5 | 6 | 7 | 3 | 8 |
| 3 | 4 | 9 | 8 | 6 | 5 | 1 | 2 | 7 |
| 8 | 6 | 1 | 7 | 2 | 4 | 3 | 5 | 9 |
| 2 | 7 | 5 | 1 | 9 | 3 | 6 | 8 | 4 |
| 9 | 2 | 4 | 3 | 1 | 8 | 5 | 7 | 6 |
| 7 | 3 | 6 | 5 | 4 | 9 | 8 | 1 | 2 |
| 5 | 1 | 8 | 6 | 7 | 2 | 4 | 9 | 3 |

ଗତକାଲିର ଉତ୍ତର

# ସ୍ମୃତି ଓ ଜହ୍ନରାତି



ପ୍ରଫେସର ରମେଶଚନ୍ଦ୍ର ପରିଡ଼ା

ଆମେ ସାଧାରଣତଃ ସ୍ମୃତିକୁ ଜହ୍ନରାତି ସହିତ ତୁଳନା କରିଥାଉ। କାରଣ, ଏ ଉଭୟ ଆମ ବିକ୍ଷୁବ୍ଧ ମନକୁ ଶାନ୍ତ କରିଥା'ନ୍ତି। ବିଜୁଳିବତି ନ ଥିବା ଯୁଗର ପଲ୍ଲୀଗ୍ରାମରେ ବଢ଼ିଥିବା ଲୋକେ ହିଁ କେବଳ ସ୍ମରଣ କରିପାରିବେ ଯେ, କର୍ମମୟ ଦିବସର ଅବସାନ ପରେ ଘର ଅଗଣାରେ ଜହ୍ନ ଆଲୁଅରେ ବିଶ୍ରାମ କିପରି ଦୂର କରିଥାଏ କ୍ଲାନ୍ତି ଏବଂ ଅବସାଦ। ବର୍ତ୍ତମାନ ଅବହେଳିତ ବୋଲାଉଥିବା ପାହାଡ଼ ଜଙ୍ଗଲ ବେଢ଼ା ଅଗମ୍ୟ ପଲ୍ଲୀ ଗ୍ରାମର ଅଧିବାସୀମାନଙ୍କୁ ଛାଡ଼ିଦେଲେ ଏହାର ଜୀବନ ଯନ୍ତ୍ରଣାରୁ ମୁକ୍ତିଦାୟୀ ଅମୃତ ସ୍ପର୍ଶ ଅନୁଭବ କରିବାର ସୁଯୋଗ ବର୍ତ୍ତମାନ ପିଢ଼ିର ଅନ୍ୟମାନଙ୍କ ପାଇଁ ଅପହଞ୍ଚ।

ବୈଜ୍ଞାନିକମାନଙ୍କ ମତରେ ଜହ୍ନ ଆଲୁଅ ଶରୀରକୁ ଦିଏ ଶୀତଳ ପ୍ରଶାନ୍ତଦାୟୀ ସ୍ପର୍ଶ ଏବଂ ମନରୁ ଚାପ, କ୍ରୋଧ, ହିଂସା ଆଦି ନକାରାତ୍ମକ ଭାବପ୍ରବଣତା ଦୂର କରିବା ସହିତ ବିବିଧ ଚୟାପଚୟନ(ମେଟାବୋଲିକ୍) ପ୍ରକ୍ରିୟାକୁ ମଧ୍ୟ ସନ୍ତୁଳିତ କରେ। ଫଳରେ ଉଚ୍ଚରକ୍ତଚାପ, ଦୀର୍ଘକାଳିକ ମୁଣ୍ଡବ୍ୟଥା, ବିବିଧ ଚର୍ମରୋଗ, ଅଗ୍ନିଆବାତ ଏବଂ ବିବିଧ ପ୍ରଦାହୀ ଅବସ୍ଥା ପ୍ରଶମିତ ହେବାରେ ସହାୟକ ହୁଏ। ବିଶେଷକରି, ଏହା ଅନ୍ୟତମ " ସୁଖଦାୟୀ ହର୍‌ମୋନ୍" "ମେଲାଟୋନିନ୍"ର କ୍ଷରଣ ଘଟାଇ ଦୁଶ୍ଚିନ୍ତାରୁ ମୁକ୍ତି ପ୍ରଦାନ କରିଥାଏ।

ପୂର୍ଣ୍ଣିମାର ଜହ୍ନରାତିର ଏଭଳି ପ୍ରଭାବ ସର୍ବାଧିକ, କାରଣ ଏ ଦିନର 'ପୂର୍ଣ୍ଣଚନ୍ଦ୍ର ତରଙ୍ଗମାନଙ୍କ ଭଳି ଆମ ଭାବପ୍ରବଣତାକୁ ପୃଷ୍ଠଦେଶକୁ ଆକର୍ଷିତ କରି ଆଣେ ଏବଂ ଆମ ଅନୁଭୂତିଗୁଡ଼ିକୁ ଉତ୍ତୋଳିତ କରେ। ବୈଜ୍ଞାନିକମାନଙ୍କ ମତ ହେଲା ଯେ, ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ କେତେକ ସୂକ୍ଷ୍ମ ପରିବର୍ତ୍ତନକୁ ମନୁଷ୍ୟର ପ୍ରତିକ୍ରିୟା ହେତୁ ଏପରି ଘଟେ। ଚନ୍ଦ୍ରକଳାର ହ୍ରାସବୃଦ୍ଧିର ମଧ୍ୟ ଏହା ଉପରେ ପ୍ରଭାବ ରହିଛି। କିନ୍ତୁ ପୂର୍ଣ୍ଣିମାରେ ତାହା ସର୍ବାଧିକ। ଅନ୍ୟ ଏକ ମତ ଅନୁସାରେ ପୂର୍ଣ୍ଣିମାରେ ପୃଥିବୀ ଉପରେ ଚନ୍ଦ୍ରର ଆକର୍ଷଣ ଅଧିକ ହୋଇଥାଏ। ଏହା ଆମ ମସ୍ତିଷ୍କକୁ ପ୍ରଭାବିତ କରେ। ଫଳରେ ଅଧିକ ମାତ୍ରାରେ ଉଦ୍ଦୀପନା ଅନୁଭୂତ ହୁଏ, ଯାହାକି ଆମକୁ ଅଧିକ ଶକ୍ତିସମ୍ପନ୍ନ କରେ ଏବଂ ଆମେ ଅଧିକ ବହିର୍ମୁଖୀ ଓ ଆଳାପୀ ହେବା ସହିତ ଆମ ପତି-ପତ୍ନୀଙ୍କ ସମ୍ପୃକ୍ତି ବୃଦ୍ଧିପ୍ରାପ୍ତ ହୁଏ। ଏହି ତିଥିରେ ମହାକାଶ ପିଣ୍ଡ ଦୁଇଟି ପରସ୍ପରର ନିକଟବର୍ତ୍ତୀ ହେଉଥିବାରୁ ଏପରି ଘଟେ।

ଅନ୍ୟପକ୍ଷରେ, ଅତୀତର ସ୍ମୃତି ଚାରଣର ମଧ୍ୟ ଏ ପ୍ରକାର ସାମର୍ଥ୍ୟ ରହିଛି ବୋଲି ବୈଜ୍ଞାନିକମାନେ କହିଲେଣି। ତଦନୁଯାୟୀ ଆଧୁନିକ ଜୀବନଶୈଳୀ ମାନସିକ ଯନ୍ତ୍ରଣାକୁ ତୀବ୍ର କଲାବେଳେ ଏହା ତାକୁ ପ୍ରଶମିତ କରେ। କାରଣ ଏହା ମନକୁ ଆଣେ ବିତିଯାଇଥିବା ଦିନଗୁଡ଼ିକର ମଧୁର ଅନୁଭବ, ସ୍ନେହମୟୀ ମା', ବାପା, ଜେଜେମା'-ଜେଜେବାପା, ଭାଇ-ଭଉଣୀ, ଗୁରୁ ଏବଂ ସହଧ୍ୟାୟୀମାନଙ୍କ ସହିତ। ଅତଏବ ତହିଁରୁ ଅପସାରିତ ହୋଇଯାଏ କ୍ଲାନ୍ତି, ଅବସାଦ, ଚାପ ଏବଂ ଅନ୍ୟସବୁ ନକାରାତ୍ମକ ଭାବପ୍ରବଣତା। ଫଳରେ ତାହା ଉଭା ହୁଏ ଏକ ଶାନ୍ତ, ସତେଜ ଓ ସକ୍ରିୟ ରୂପ ନେଇ।

ନିକଟରେ 'ଦ ଜର୍ନାଲ ଅଫ୍ ଏକ୍ସପେରିମେଣ୍ଟାଲ ସୋସିଆଲ ସାଇକୋଲୋଜି' (ଅକ୍ଟୋବର ୨୦୨୨)ରେ ପ୍ରଦତ୍ତ ଏହି ସୂଚନାକୁ ନେଇ ପ୍ରବନ୍ଧଟିଏ ଲେଖିଛନ୍ତି ଆମେରିକୀୟ ମନସ୍ତତ୍ତ୍ୱବିତ୍ ଲାଉରା



ଷ୍ଟାଲୋଚ୍, ତଦନୁଯାୟୀ ଜଣେ ବ୍ୟକ୍ତି ଯେତେବେଶି ଅତୀତର ଆବେଗପୂର୍ଣ୍ଣ ସ୍ମୃତିଚାରଣ କରେ ସେ ସେତେ ଅଧିକ ମାନସିକ ଉତ୍ତୋଳନ ଅନୁଭବ କରେ। ଏହା ତା'ର ଆତ୍ମବିଶ୍ୱାସ ଏବଂ ମାନସିକ ସନ୍ତୁଷ୍ଟି ଉପରେ ସକାରାତ୍ମକ ପ୍ରଭାବ ପକାଏ। ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଚାରୋଟି ବିସ୍ତୃତ ଅଧ୍ୟୟନ କରିଥିଲେ ଆମେରିକା, ଚାଇନା ଏବଂ ଇଂଲଣ୍ଡର କେତେଜଣ ମନସ୍ତତ୍ତ୍ୱବିତ୍। ଏଥିରେ ନିଆଯାଇଥିଲା ୧୮ରୁ ୭୮ ବର୍ଷ ବୟସର ୨୪୨୩ ଜଣ ଅଂଶଗ୍ରହଣକାରୀଙ୍କୁ। ସେମାନଙ୍କ ମଧ୍ୟରୁ ୫୦ ଶତାଂଶ ଥିଲେ ଆମେରିକୀୟ, ୩୩ ଶତାଂଶ ଚାଇନାର ଅଧିବାସୀ ଏବଂ ୧୭ ଶତାଂଶ ଇଂରେଜ। ଏହାର ଲକ୍ଷ୍ୟ ଥିଲା ଆଚରଣ କିମ୍ବା ଗଭୀର ଚିନ୍ତନ କିପରି ମନସ୍ତାତ୍ତ୍ୱିକ ସନ୍ତୁଷ୍ଟିକୁ ପରିବର୍ଦ୍ଧିତ କରେ ତାହା ବୁଝିବା ଏବଂ ସେଥିପାଇଁ ସୃଜନାତ୍ମକ ପଦ୍ଧତିମାନ ସ୍ଥିର କରିବା। ଅତଏବ ତହିଁରୁ ସେମାନେ ତଥ୍ୟଭିତ୍ତିକ ପରିକଳ୍ପନାଟିଏ (ହାଇପୋଥେସିସ୍) ନିର୍ଦ୍ଧାରଣ କଲେ ଯେ ଅତୀତର ସ୍ମୃତିଚାରଣ ଦ୍ୱାରା ଉତ୍ପନ୍ନ ଅନୁଭବ ଏଥିରେ ସହାୟକ ହୋଇଥାଏ।

ଉପରୋକ୍ତ ଅଧ୍ୟୟନଗୁଡ଼ିକ ମଧ୍ୟରୁ ପ୍ରଥମଟିରେ ଅତୀତର ସ୍ମୃତିଚାରଣ, ମନସ୍ତାତ୍ତ୍ୱିକ ସନ୍ତୁଷ୍ଟି ଏବଂ ମାନସିକ ଉତ୍ତୋଳନ ଅନୁଭବ ମଧ୍ୟରେ ସମ୍ପର୍କ ଥିବାର ନିଶ୍ଚିତ କରାଯାଇଥିଲା। ଏଥିରେ ମାନସିକ ଉତ୍ତୋଳନର ସଂଜ୍ଞା ଥିଲା। ଜଣେ ନିଜର ପ୍ରକୃତ ନିଜ ସହିତ ସହଯୋଗ ଅନୁଭବ। ଅନ୍ୟ ପରୀକ୍ଷାଗୁଡ଼ିକ ଥିଲା ପରୀକ୍ଷାମୂଳକ ଏବଂ ତାହା 'କାରଣ ଓ ପ୍ରଭାବ'ମାନ ଉପସ୍ଥାପିତ କରିଥିଲା। ଉଦାହରଣ ସ୍ୱରୂପ, ଦ୍ୱିତୀୟ ଅଧ୍ୟୟନରୁ ସ୍ମୃତିଚାରଣ କିପରି ମାନସିକ ଉତ୍ତୋଳନ କରେ ତାହା ପ୍ରଦର୍ଶନ କଲାବେଳେ ତୃତୀୟଟି ସ୍ମୃତିଚାରଣ ମନସ୍ତାତ୍ତ୍ୱିକ ସନ୍ତୁଷ୍ଟି ଆଣିବାର ଏବଂ ଚତୁର୍ଥଟି ତାହା ଅନ୍ୟ ସମସ୍ତ ପ୍ରକାର ସନ୍ତୁଷ୍ଟି ପ୍ରଦାନ କରିଥାଏ ବୋଲି ପ୍ରମାଣିତ କଲା।

ଗବେଷକମାନଙ୍କ ମତରେ ମନସ୍ତାତ୍ତ୍ୱିକ ସନ୍ତୁଷ୍ଟି ଅନେକ ଉପାଦାନରେ ତିଆରି। ତେବେ, ସେମାନେ କୌତୂହଳୀ ଥିଲେ ମାନସିକ ଉତ୍ତୋଳନର କେବେଳ କେତେକ ନା ଏ ସମସ୍ତଙ୍କ ଉପରେ ପ୍ରଭାବ ରହିଛି ତାହା ଜାଣିବାକୁ। ଏହା ସାମାଜିକ ସମ୍ପର୍କ, ଜୀବନୀଶକ୍ତି, ସାମର୍ଥ୍ୟ, ଜୀବନର ଅର୍ଥ, ଆଶାବାଦ ଏବଂ ଅନ୍ତର୍ନିହିତ ସନ୍ତୁଷ୍ଟି ଆଦି ସବୁଗୁଡ଼ିକୁ ସକାରାତ୍ମକ ଭାବେ ପ୍ରଭାବିତ କରୁଥିବାର ସେଥିରୁ ଜଣାପଡ଼ିଲା। ପୁନଶ୍ଚ ପରୀକ୍ଷାଟିର ଅନ୍ତର୍ଭୁକ୍ତ ଥିଲେ ଭିନ୍ନ ଭିନ୍ନ ସଂସ୍କୃତିସମ୍ପନ୍ନ ଅଲଗା ଅଲଗା ଦେଶର ଅଂଶଗ୍ରହଣକାରୀ, ତେବେ ସବୁକ୍ଷେତ୍ରରେ ଫଳାଫଳ ଆସିଲା ଏକାପ୍ରକାର। ଅତଏବ ଗବେଷକମାନେ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଏହା ସର୍ବବ୍ୟାପୀ, ଅର୍ଥାତ୍ 'ସ୍ମୃତିପଥରେ ଉପଭୋଗ୍ୟ ଚାରଣ' ସାମଗ୍ରିକ ଭାବେ ମାନସିକ ଉତ୍ତୋଳନକୁ ପ୍ରଭାବିତ କରେ ଏବଂ ସେଥିପାଇଁ ସମୁଦାୟ ସନ୍ତୁଷ୍ଟିକୁ ସମୃଦ୍ଧ କରେ।

ବର୍ତ୍ତମାନର ଦୁନିଆରେ ପ୍ରତ୍ୟେକ ୪ ଜଣରୁ ଜଣେ ଅତ୍ୟନ୍ତ ଏବଂ ପ୍ରାୟ ଅର୍ଦ୍ଧେକ ଲୋକ ଅଳ୍ପ ବହୁତ ମାନସିକ ଚାପଗ୍ରସ୍ତ। ବିଶ୍ରାମକାଳରେ ସ୍ମୃତିଚାରଣ କରିବା ଏହା ଲାଘବ କରିବ ବୋଲି ଏହି ବୈଜ୍ଞାନିକମାନଙ୍କ ବିଶ୍ୱାସ। ତେବେ, ଆଜି ଯେପରି ଆମେ ଜହ୍ନ ଆଲୁଅରୁ ପ୍ରାୟତଃ ବଞ୍ଚିତ, ଆମ ଆଗାମୀ ପିଢ଼ି ସ୍ମୃତିଚାରଣରୁ ମଧ ସେହିପରି ବଞ୍ଚିତ ହେବାର ସମ୍ଭାବନା ଅତି ଉଜ୍ଜ୍ୱଳ। କାରଣ, ଶୈଶବରୁ ସେମାନେ ପ୍ରତିପାଳିତ ହେଉଛନ୍ତି ଏକ ରୁକ୍ଷ ବସ୍ତୁବାଦୀ ପରିବେଶ ମଧ୍ୟରେ। ଅତଏବ ସେମାନଙ୍କ ପାଇଁ ସମ୍ଭବତଃ ଅତୀତର ସ୍ମୃତି ମଧୁର ଓ ଚାପ ମୁକ୍ତକାରୀ ହୋଇ ରହିବ ନାହିଁ।

**ମୋ:୯୯୩୭୭୩୦୧୪୬୦**

## ପାଠକ ଶ୍ରେଷ୍ଠ ବିଚାରକ

### ଆନ୍ଦୋଳନ ରୂପରେଖ ନିନ୍ଦନୀୟ

ମହାଶୟ,

ଚାକିରିଆମାନେ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ନିୟମ ଅଛି। ଆଜି ଶିକ୍ଷକମାନେ ସରକାରୀ ହେବାର ଯେଉଁ ସ୍ୱାଦ ଚାଖିଛନ୍ତି ସେହି ଦୀର୍ଘଦିନ ଆନ୍ଦୋଳନର ନେତାଭାବେ ମୁଁ ଥିଲି। ଭଦ୍ରୋଚିତ ଆଚରଣର ସ୍ଲୋଗାନ ଦେଇ କାମ ବନ୍ଦ କରିଥିଲୁ। ତଥାପି ମୋତେ ଏଥିପାଇଁ ଗୋଟିଏ ଦିନ ଜେଲରେ ରହିବାକୁ ପଡ଼ିଥିଲା। ଏଥିରୁ ବେଲ୍ ହେବା ପାଇଁ ଖୋର୍ଦ୍ଧା ଓ ଭୁବନେଶ୍ୱର କୋର୍ଟରୁ ସେତେବେଳେ ଚାରି ହଜାର ଟଙ୍କା ଖର୍ଚ୍ଚରେ ବେଲ୍ ପାଇଥିଲି। ଲେଖିବାର କାରଣ ହେଲା ଆନ୍ଦୋଳନର ରୂପରେଖ ଶୃଙ୍ଖଳିତ ହେବା ଦରକାର ଏବଂ ଏହାର କୁପ୍ରଭାବ ଯେପରି ସମାଜ ବା ପିଲାଙ୍କ ଉପରେ ନ ପଡେ ସେଥିପାଇଁ ଯତ୍ନବାନ ହେବା ଉଚିତ। ବର୍ତ୍ତମାନ ବାଜା ବଜାଇ ନାଚି ସର୍ବ ସମ୍ମୁଖରେ ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି। ଏହା ଶିକ୍ଷକ ସମାଜର ସମ୍ମାନ ନଷ୍ଟ କରୁଛି। ଏହାର କୁପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ନିଶ୍ଚୟ ପଡିବ। ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବା ଉଚିତ। ଦୟାକରି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରନ୍ତୁ, ସଫଳ ନିଶ୍ଚିତ ହେବେ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

## ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ ଭୁବନେ ଆସିଛି
ପିଇଛି ସ୍ୱପନ-ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି-
ମୁକତ ମହା ବସୁଧା।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୂର୍ତ୍ତି ଚୋରି ର‍୍ୟାକେଟ ସକ୍ରିୟ, ଅଚିନ୍ତାରେ ପୋଲିସ

ସତ୍ୟଜିତ୍ ରାଉତ
ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)

■ବର୍ଷକରେ ଚୋରି ହେଲାଣି ୫୦ରୁ ଅଧିକ ମୂଲ୍ୟବାନ୍ ମୂର୍ତ୍ତି
■ନାମକୁ ମାତ୍ର 'ପୋଲିସ ସର୍କୁଲାର ଅର୍ଡର'

ଓଡ଼ିଶାର ବିଭିନ୍ନ ପୁରାତନ ମନ୍ଦିରରେ ଅଷ୍ଟଧାତୁରେ ନିର୍ମିତ ପ୍ରାଚୀନ ମୂର୍ତ୍ତି ପୂଜା ପାଉଛନ୍ତି। ଲୋକମାନେ ତାଙ୍କ ଆରାଧ୍ୟ ଦେବଦେବୀଙ୍କୁ ପୂଜା କରୁଥିବା ବେଳେ ଏଗୁଡ଼ିକ ଐତିହ୍ୟ ଓ ସଂସ୍କୃତିକୁ ଅଧିକ ସମୃଦ୍ଧ କରୁଛି। ହେଲେ ଏହି ବହୁମୂଲ୍ୟ ଅଷ୍ଟଧାତୁ ବିଗ୍ରହ ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି ଅନ୍ତର୍ଜାତୀୟ ଚୋର ର‍ାକେଟ। ବିଭିନ୍ନ ସମୟରେ ମନ୍ଦିରଗୁଡ଼ିକରୁ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି ହେଉଛି। ହାତ ଗଣତି ଘଟଣାରେ ପୋଲିସ ଏହାର କିଛି ସ୍ଥାନୀୟ ଏଜେଣ୍ଟଙ୍କୁ ଧରୁଥିବାବେଳେ ରାକେଟର ମୁଖ୍ୟ ପାଖରେ ପହଞ୍ଚିପାରୁନାହିଁ। ଚୋରି ମୂର୍ତ୍ତିସବୁକୁ ଏଜେଣ୍ଟ ଦ୍ୱାରା ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ଆଦି ଦେଶରେ କୋଟି କୋଟି ଟଙ୍କାରେ ବିକ୍ରି କରାଯାଉଛି।

ଗୋଟିଏ ପରେ ଗୋଟିଏ ମନ୍ଦିରରୁ ମୂର୍ତ୍ତି ଚୋରି ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା କାକରୁଦ୍ରପୁର ଚଣ୍ଡେଶ୍ୱର ମନ୍ଦିରରୁ ୨ଟି ପ୍ରାଚୀନ ଅଷ୍ଟଧାତୁ ଓ ରୁପା ସାମଗ୍ରୀ ଚୋରି ହେବା ଅଧିକ ଚର୍ଚ୍ଚା ସୃଷ୍ଟି କରିଛି। କେବଳ ସେତିକି ନୁହଁ ଗତ ଫେବୃୟାରୀ ମାସରୁ ଏପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ମନ୍ଦିରରୁ ୫୦ରୁ ଅଧିକ ଅଷ୍ଟଧାତୁ ମୂର୍ତ୍ତି ଚୋରି ହେଲାଣି। ହେଲେ ରାଜ୍ୟ ପୋଲିସ ଅଚିନ୍ତାରେ ଶୋଇଥିବା ଦେଖାଯାଉଛି। ଫେବୃୟାରୀ ୨ରେ ବାଲକାଟି ବାଲୁଙ୍କେଶ୍ୱର ମନ୍ଦିରରୁ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ମୂର୍ତ୍ତି ଚୋରି ହୋଇଥିଲା। ପ୍ରତାପରୁଦ୍ରସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିରରୁ ଏପ୍ରିଲ ୨୮ରେ ଚନ୍ଦ୍ରଶେଖରଙ୍କ ମୂର୍ତ୍ତି ସମେତ ୩ଟି ପାର୍ବତୀଙ୍କ ମୂର୍ତ୍ତି ଏବଂ ଗୋଟିଏ ଆଣ୍ଠୁଆ ଗୋପାଳ ମୂର୍ତ୍ତି ଚୋରି କରିନେଇଥିଲେ ଦୁର୍ବୃତ୍ତ। ସେହିଦିନ ସ୍ଥାନୀୟ କେନ୍ଦୁବିଲ୍ୱ ଅଞ୍ଚଳର ନୃସିଂହନାଥ ମନ୍ଦିରରୁ ୧୦ଟି ଅଷ୍ଟଧାତୁ ମୂର୍ତ୍ତି ଏବଂ ଏହାର ୮ଦିନ ପରେ ବାଲିଅନ୍ତା ଥାନା ମା' ଟଙ୍କପାଣି ମନ୍ଦିରରୁ ୭ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। କେବଳ ରାଜଧାନୀ ଉପକଣ୍ଠ ନୁହେଁ ଜୁନ ୩ରେ ପୁରୀ ଜିଲା ପିପିଲିସ୍ଥିତ ଶ୍ରୀଲକ୍ଷ୍ମୀନୃସିଂହଙ୍କ ମନ୍ଦିରରୁ ମଧ୍ୟ ୧୫ଟି ପ୍ରାଚୀନ ଅଷ୍ଟଧାତୁ ମୂର୍ତ୍ତି ମଧ୍ୟ ଚୋରି ହୋଇଥିଲା। ଗତ ନଭେମ୍ବର ୧୨ରେ ଯାଜପୁର ଜିଲା ଧର୍ମଶାଳା ଥାନା ପାଟପୁରସ୍ଥିତ ବଳଦେବଜୀଉ ମନ୍ଦିରରୁ ୬ ଅଷ୍ଟଧାତୁ ଚୋରି କରିନେଇଥିଲେ ଦୁର୍ବୃତ୍ତ।


ବିଦେଶକୁ ଚୋରାଚାଲାଣ ପୂର୍ବରୁ ଦିଲ୍ଲୀ ବିମାନ ବନ୍ଦରରୁ ଜବତ ହୋଇଥିବା ଯାଜପୁରରୁ ଚୋରି ମା' କୋଟ୍ରାକ୍ଷୀ ମୂର୍ତ୍ତି।

୧୯୭୦ ସମୟରେ ରାଜ୍ୟର ବିଭିନ୍ନ ମନ୍ଦିରରୁ ବହୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ବଡ଼ ପ୍ରସଙ୍ଗ ହୋଇଥିଲା। ୧୯୬୫ରେ ୩, ୧୯୬୬ରେ ୭, ୧୯୬୭ରେ ୫, ୧୯୬୮ରେ ୧୨, ୧୯୬୯ରେ ୧୮ ଏବଂ ୧୯୭୦ରେ ୩୫ଟି ମୂର୍ତ୍ତି ଚୋରି ଘଟଣା ପରେ ବିଧାନସଭା ଓ ଲୋକ ସଭାରେ ବିରୋଧୀ ଦଳ ସରକାରଙ୍କୁ ଦୋଷ ଦେବା ସହ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିଥିଲେ। ଏନେଇ ଓଡ଼ିଶା ପୋଲିସ ପକ୍ଷରୁ (ପୋଲିସ ସର୍କୁଲାର ଅର୍ଡର ନଂ.୧୯୯) ଜାରି କରାଯାଇଥିଲା। ସର୍କୁଲାର ଅନୁଯାୟୀ ମୂର୍ତ୍ତି ଚୋରି ମାମଲାରେ ୧୧ଟି ନିର୍ଦ୍ଦେଶାବଳୀକୁ କଠୋର ଭାବେ ପାଳନ କରାଯିବାକୁ କୁହାଯାଇଥିଲା। ମୂର୍ତ୍ତି ଚୋରି ମାମଲାରେ ଥାନା ପକ୍ଷରୁ ତୁରନ୍ତ କ୍ରାଇମବ୍ରାଞ୍ଚକୁ ଜଣାଯିବ। ଏହି ମାମଲାରେ ଅଭିଯୁକ୍ତ ଧରାପଡ଼ିବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଜେରା କରିବ। ମାମଲାରେ ଇନ୍ସପେକ୍ଟର ଓ ଗେଜେଟେଡ ଅଧିକାରୀ ତଦାରଖ କରିବେ। ଅଭିଯୁକ୍ତମାନଙ୍କୁ ଜାମିନରେ ନେଉଥିବା ବ୍ୟକ୍ତିମାନଙ୍କୁ ପୁଙ୍ଖାନୁପୁଙ୍ଖ ପଚରାଉଚରା କରାଯିବ। ଜଣାଶୁଣା ଅପରାଧୀଙ୍କ ଗତିବିଧି ଉପରେ ଯାଞ୍ଚ କରାଯିବା ଲାଗି ନିର୍ଦ୍ଦେଶାବଳୀ ରହିଥିଲା। ହେଲେ ଏବେ ଏହି ନିର୍ଦ୍ଦେଶାବଳୀ ନାମକୁ ମାତ୍ର ବୋଲି କୁହାଯାଉଛି। ଥାନା ପକ୍ଷରୁ ଏହି ଘଟଣାକୁ ହାଲୁକା ଭାବେ ନିଆଯାଉଥିବାବେଳେ କ୍ରାଇମବ୍ରାଞ୍ଚ ମଧ୍ୟ ସମାନ ନୀତି ଆପଣାଇଛି। ଫଳରେ ବାରମ୍ବାର ମୂର୍ତ୍ତି, ଅଳଙ୍କାର ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହେଉଥିବାରୁ ଧର୍ମ-ସଂସ୍କୃତି ପୀଠ, କୀର୍ତ୍ତିରାଜି ଆଦି ଆକର୍ଷଣ ହରାଉଛି।

ଏନେଇ ପୂର୍ବତନ ପୋଲିସ ଡିଜି ତଥା ଇନ୍‌ଟାକ୍ ରାଜ୍ୟ ଆବାହକ ଅମିୟ ଭୂଷଣ ତ୍ରିପାଠୀ କହିଛନ୍ତି, ଓଡ଼ିଶାରେ ମୂର୍ତ୍ତି ଚୋରି ସଂଖ୍ୟା ଚିନ୍ତାଜନକ ରହିଛି। ଏପରିକି ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟର ସଂଖ୍ୟା ଅଧିକ। ଏହାକୁ ନେଇ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ଆମେ ଅବଗତ କରାଉଛୁ। କ୍ରାଇମବ୍ରାଞ୍ଚର ମୂର୍ତ୍ତି ଚୋରି ପାଇଁ ଏକ ସ୍ୱତନ୍ତ୍ର ସେଲ୍ ରହିଛି। କ୍ରାଇମବ୍ରାଞ୍ଚ ଏଦିଗରେ ତଦନ୍ତ କରିବା ସହ ବିଭିନ୍ନ ଇଣ୍ଟରପୋଲ ସହ ଯୋଗାଯୋଗ କରିବା କଥା। ଏପରି କି ସେଲ୍‌କୁ ଅଧିକ ଚଳଚଞ୍ଚଳ କରିବା କଥା। ତେବେ ଓଡ଼ିଶାରେ ଯେତିକି ମୂର୍ତ୍ତି ଚୋରି ହେଉଛି, ସେଥିରୁ ଉଦ୍ଧାର ସଂଖ୍ୟା ବହୁତ କମ୍। ପୋଲିସ ଏଦିଗରେ ଆହୁରି ସଚେତନ ହେବା ଦରକାର ବୋଲି ଅମିୟ କହିଛନ୍ତି। ତେବେ ଏସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୌମ୍ୟ


@ ଉର୍ବଶୀ


@ ଦୀପକ୍


@ ତୁଷାର


@ ଦୀପକ ନାୟକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମାଷ୍ଟର ସେଫ୍ ଇଣ୍ଡିଆରେ ଓଡ଼ିଶାରୁ ଅବିନାଶ


ଅବିନାଶ ପଟ୍ଟନାୟକ।

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଜାନୁୟାରୀ ୨ରୁ ମାଷ୍ଟର ସେଫ୍ ଇଣ୍ଡିଆ ଶୋ' ଆରମ୍ଭ ହେବ। ପୂର୍ବରୁ ଓଡ଼ିଶାରୁ ଅନେକେ ଏଥିରେ ଅଂଶଗ୍ରହଣ କରି ବିଜେତା ହୋଇଛନ୍ତି। ଚଳିତବର୍ଷ ଏହି ଜାତୀୟ ଶୋ'ରେ ଓଡ଼ିଶାରୁ ଅବିନାଶ ପଟ୍ଟନାୟକ ଯୋଗଦେଇଥିବା ନେଇ ସୋନି ଚ୍ୟାନେଲ ପକ୍ଷରୁ ବୁଧବାର ଅପ୍‌ଲୋଡ୍ କରାଯାଇଥିବା ପ୍ରୋମୋରୁ ଜଣାପଡ଼ିଛି। ପ୍ରୋମୋ ରିଲିଜ୍ ପରେ ସୋସିଆଲ ମିଡିଆରେ ଅବିନାଶଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଚୟନ ହୋଇଥିବା ୧୬ ପ୍ରତିଯୋଗୀଙ୍କ ମଧ୍ୟରେ ସେ ରହିଛନ୍ତି। ଏଥର ଚୟନ ପ୍ୟାନେଲରେ ସେଫ୍ ବିକାଶ ଖାନ୍ନା, ରଣବୀର ବ୍ରାର ଓ ଗାରିମା ଆରୋରା ସଦସ୍ୟ ରହିଛନ୍ତି। ଅବିନାଶଙ୍କର ଭୁକଡ଼ ଇନ୍‌ସାନ୍ ନାମରେ ଏକ ସୋସିଆଲ ପେଜ୍ ରହିଛି। ସେଥିରେ ସେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ବନାଇବା ସହ ଏହାର ଫଟୋ ଓ ପ୍ରସ୍ତୁତି ପ୍ରଣାଳୀ ମଧ୍ୟ ଶେୟାର କରନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସିଜନ୍ ୬ରେ ଓଡ଼ିଶାରୁ ଅବିନାଶ ନାୟକ ବିଜେତା ହୋଇଥିଲେ। ଏଥର ମଧ୍ୟ ଓଡ଼ିଆ ପୁଅ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଆଶା କରାଯାଉଛି।



ପୁରୀ ବେଳାଭୂମିରେ ଶିଳ୍ପୀ ମାନସ କୁମାର ସାହୁଙ୍କ ବାଲୁକା କଳା।

# ବାଲୁକା କଳାରେ ସଚେତନତା ବାର୍ତ୍ତା

## ବର୍ଷ ସାରା ଖୋଲାରହିବ ସ୍ୟାଣ୍ଡ୍ ଆର୍ଟ ପାର୍କ

ପୁରୀ ଅଫିସ, ୨୨।୧୨: ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ନିର୍ମିତ ସ୍ୟାଣ୍ଡ୍ ଆର୍ଟ ପାର୍କ ଗୁରୁବାର ବଳିଆପଣ୍ଡାସ୍ଥିତ ଲାଇଟ୍ ହାଉସ୍ ନିକଟ ବେଳାଭୂମିରେ ଉଦ୍‌ଘାଟିତ ହୋଇଛି। ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପାର୍କକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ଏବଂ ସାମାଜିକ କର୍ମୀ ବଦ୍ରି ମିଶ୍ର ଯୋଗଦେଇଥିଲେ। ମାନସ ଚଳିତ ବର୍ଷ ୟୁରୋପିଆନ ଢାଞ୍ଚାରେ ସଚେତନତାଭିତ୍ତିକ ବାଲୁକା ମୂର୍ତ୍ତିମାନ ନିର୍ମାଣ କରିଛନ୍ତି। ଏହି ଅବସରରେ କାର୍ଟୁନ ମାଓନା ଓ ମାଓଇର ଚରିତ୍ରର ବାଲୁକା କଳା କରି ସେ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କୁ 'କିପ୍ ଦି ବିଚ୍ କ୍ଲିନ୍' ବାର୍ତ୍ତା ଦେଉଛନ୍ତି। ଅନ୍ୟ ବାଲୁକା କଳାଟି ନାରୀ ସଶକ୍ତୀକରଣ ଉପରେ ପର୍ଯ୍ୟବସିତ। ଏଥିରେ ସେ ବାର୍ତ୍ତା ଦେଇଛନ୍ତି 'ବ୍ୟାଟେଲ ଏଗେନ୍‌ଷ୍ଟ ଇଭିଲ୍'। ମାନସଙ୍କ ସ୍ୟାଣ୍ଡ୍ ପାର୍କ ବର୍ଷ ସାରା ଲୋକଙ୍କ ପାଇଁ ଖୋଲା ରହିବ।

# ଶ୍ରୀମନ୍ଦିରରେ ହୋଇପାରୁନି ସ୍ୱତନ୍ତ୍ର ର‍୍ୟାମ୍ପ

ପୁରୀ ଅଫିସ, ୨୨।୧୨

**ହଇରାଣ ହେଉଛନ୍ତି ଦିବ୍ୟାଙ୍ଗ ଶ୍ରଦ୍ଧାଳୁ**

■ନିଷ୍ପତ୍ତିର ବର୍ଷେ ପରେ ବି ପଦକ୍ଷେପ ଶୂନ
■ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପରେ ଦାବି ତେଜିଲା



ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାରେ ହଇରାଣ ହେଉଛନ୍ତି। ତେଣୁ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ର‍୍ୟାମ୍ପ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେବା ପରେ ଉତ୍ତରଦ୍ୱାର ନିକଟରେ ଏହି ବ୍ୟବସ୍ଥା କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୧ ନଭେମ୍ବରରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହାର ବର୍ଷକ ପରେ ବି ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ପୂର୍ବଭଳି ସମସ୍ୟା ଭୋଗୁଛନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ଏ ନେଇ ଚିଠି ଲେଖିବା ପରେ ପୁଣି ଏହି ଦାବି ତେଜିଛି।

ସୂଚନା ଅନୁଯାୟୀ, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତର ଦ୍ୱାର ଓ ଘଣ୍ଟିଦ୍ୱାରରେ ର‍୍ୟାମ୍ପ ରହିଛି। ମାତ୍ର ଏହି ର‍୍ୟାମ୍ପ ଦେଇ ହୁଇଲଚେୟାରରେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ଯାଇପାରୁ ନାହାନ୍ତି। ସେମାନଙ୍କୁ ସମ୍ପର୍କୀୟ ଓ ସ୍ୱେଚ୍ଛାସେବୀମାନେ କାନ୍ଧରେ ବସାଇ ନେଉଥିବା ଦେଖିବାକୁ ମିଳିଛି। ପ୍ରଶାସନର ଦୂରଦୃଷ୍ଟିର ଅଭାବ ଏବଂ ସେବାୟତଙ୍କ ସହ ବିନା ଆଲୋଚନାରେ ର‍୍ୟାମ୍ପ କରାଯିବା ଯୋଗୁ ଏହାର ସେବା ମିଳିପାରୁନାହିଁ। ଉତ୍ତରଦ୍ୱାରଠାରୁ ଆନନ୍ଦବଜାର ଦେଇ କୀର୍ତ୍ତନ ଚକଡ଼ା ଦେଇ ଘଣ୍ଟି ଦ୍ୱାର ପର୍ଯ୍ୟନ୍ତ ର‍୍ୟାମ୍ପ ବ୍ୟବସ୍ଥା କରାଯିବାକୁ ୨୦୨୧ ନଭେମ୍ବରରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ନ ହେବାରୁ ବର୍ତ୍ତମାନ ଦିବ୍ୟାଙ୍ଗମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାର୍କିଂଠାରୁ ଇ-ଅଟୋ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି। ମାତ୍ର ର‍୍ୟାମ୍ପ ସୁବିଧା ନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବାରେ ସେମାନଙ୍କ ପାଇଁ ସମସ୍ୟା ଉପୁଜୁଛି। ତେଣୁ ଖୁବଶୀଘ୍ର ର‍୍ୟାମ୍ପ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସବୁ ମହଲରେ ଦାବି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏହି ପ୍ରକଳ୍ପ ଚାଲିଥିଲେ ମଧ୍ୟ ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ ବ୍ୟବସ୍ଥା ହୋଇ ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରୀମନ୍ଦିର ଭିତରକୁ ଦିବ୍ୟାଙ୍ଗଙ୍କ ପ୍ରବେଶ ପାଇଁ ର‍୍ୟାମ୍ପ ନିର୍ମାଣ ପ୍ରସଙ୍ଗ ନେଇ ହାଇକୋର୍ଟରେ ରୁଜୁ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ, ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲାପାଳ ମିଳିତ ଭାବେ ଏକ ଆଇନ ସମ୍ମତ ନିଷ୍ପତ୍ତି ନେବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ହୁଇଲ୍ ଚେୟାରରେ ଯାତାୟାତ କରୁଛନ୍ତି। ଗତବର୍ଷ ବିଶ୍ୱ ଭିନ୍ନକ୍ଷମ ଦିବସରେ ଜଣାଶୁଣା ଦିବ୍ୟାଙ୍ଗ ଅଭିନେତା ତଥା ଫିଲ୍ମ ନିର୍ମାତା ଜିତେନ୍ଦ୍ର ବିଶ୍ୱାଳ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ମଧ୍ୟ କରିଥିଲେ। ଅନ୍ୟପଟରେ ଗତବର୍ଷ ଦିବ୍ୟାଙ୍ଗ ଭକ୍ତଙ୍କ ଦାବିକୁ ସମର୍ଥନ ଜଣାଇଥିଲେ ବିଶିଷ୍ଟ ସାମ୍ବାଦିକ ରାଜଦୀପ ସରଦେଶାଇ ଏବଂ ତେହସିନ ପୁନାୱାଲା। ଗତ ୧୫ ତାରିଖରେ ଏ ନେଇ ଆଇନଜୀବୀ ମୃଣାଳିନୀ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ଜାନୁୟାରୀ ୧ରୁ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଅନୁରୋଧ କରିଛନ୍ତି। ଫଳରେ ଏହି ଦାବି ପୁଣି ଜୋର୍ ଧରିଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଉତ୍ତର ଦ୍ୱାର ପଟେ ଯେଉଁ ର‍୍ୟାମ୍ପ ବ୍ୟବସ୍ଥା କରାଯାଇଛି ତାହା ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ। ଯଥାଶୀଘ୍ର ତାହା ଶେଷ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ସହମତିରେ ଏକ ମଡେଲ ପ୍ରସ୍ତୁତ କରାଯିବ। ଫଳରେ ଦିବ୍ୟାଙ୍ଗମାନେ ସହଜରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ।

# ରେଳଧାରଣାରୁ ସାମ୍ବାଦିକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଟିଆ ରେଳଧାରଣରୁ ଜଣେ ସାମ୍ବାଦିକଙ୍କ ମୃତଦେହକୁ ଜିଆର୍‌ପି ପୋଲିସ ଜବତ କରିଛି। ସେ ହେଲେ ରବିନାରାୟଣ ଦାଶ। ସେ ଏକ ବୈଦ୍ୟୁତିକ ଗଣମାଧ୍ୟମ ଚ୍ୟାନେଲରେ କାମ କରୁଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ରବି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାନୁସାରେ, ସବୁଦିନ ଭଳି ରବି ବୁଧବାର ଅଫିସ ଯାଇଥିବା ବେଳେ ସନ୍ଧ୍ୟା ପରେ ଆଉ ଘରକୁ ଫେରି ନ ଥିଲେ। ଏହାପରେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ତେବେ ପଟିଆ ଷ୍ଟେଶନ ନିକଟ ରେଳଧାରଣା ନିକଟରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ରାତି ୧୧ଟାରେ ଦେଖି ୧୧୨କୁ କଲ କରି ଜଣାଇଥିଲେ। ୧୧୨ରୁ ଖବରପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସହ ମୃତଦେହ ଜବତ କରିଥିଲା। ଏହାସହ ତାଙ୍କ ବାଇକକୁ ଧରି ଥାନାକୁ ଆଣିବା ସହ ପରିଚୟ ପତ୍ର ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ।


ରାଜଭବନରେ କବି ରକ୍ଷକ ନାୟକଙ୍କ କବିତା ଗ୍ରନ୍ଥ 'ନାନାଦି ନିରବତା'କୁ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରୁଛନ୍ତି। ଟାଇମ୍ ପାସ୍ ପ୍ରକାଶନୀ ସଂସ୍ଥାର ପ୍ରକାଶକ ସରୋଜ ବଳ ଓ ଲେଖକ ଉପସ୍ଥିତ ଅଛନ୍ତି।


ସାଂସ୍କୃତିକୀ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଭଞ୍ଜକଳାମଣ୍ଡପରେ ଅନୁଷ୍ଠିତ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବରେ ଅତିଥିଙ୍କ ଗହଣରେ ନୃତ୍ୟ ଶିଳ୍ପୀମାନେ। (ଫଟୋ- ବିକାଶ)

## ସଂକ୍ଷେପରେ

### ଅଧାପିକାଙ୍କଠାରୁ ଝାମ୍ପିନେଲେ ସୁନାଚେନ୍

ଯାଁଳା,୨୨ା୧୨(ଡି.ଏନ୍.ଏ.): ଇନ୍‌ଫୋସିଭ୍ୟାଲି ଥାନା ଅଧୀନ ତଳଖେତା ଛକ ଓଭରବ୍ରିଜ ନିକଟରୁ ଗୁରୁବାର ଦୁର୍ବୃତ୍ତମାନେ ଜଣେ ମହିଳାଙ୍କଠାରୁ ସୁନାଚେନ ଝାମ୍ପି ନେଇଛନ୍ତି। ଲୁଟର ଶିକାର ହୋଇଛନ୍ତି ଯାଁଳା ଗ୍ରାମର ନୀଳିମା ଦେବୀ। ସେ ଜଟଣୀ ମହାବିଦ୍ୟାଳୟରେ ଅଧାପିକା ଅଛନ୍ତି। ସୂଚନା ମୁତାବକ, ଜଟଣୀ ମହାବିଦ୍ୟାଳୟ ନିକଟରୁ ନୀଳିମା ଏକ ଅଟୋରେ ଅପରାହ୍ନ ୩ଟା ୩୦ରେ ଘରକୁ ଆସୁଥିଲେ। ତଳଖେତା ଛକ ନିକଟ ଓଭରବ୍ରିଜ ଠାରେ ସେ ଓହ୍ଲାଇଥିଲେ। ତେବେ ନୀଳିମା ଅଟୋ ଚାଳକଙ୍କୁ ଟଙ୍କା ଦେବା ବେଳେ ଏକ ବାଇକରେ ଦୁଇ ଜଣ ଯୁବକ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ।

### ଶପିଂ ମଲ୍‌ରୁ ଚୋରି

ଜଟଣୀ,୨୨ା୧୨(ଡି.ଏନ୍.ଏ.): ଜଟଣୀ ମୁଖ୍ୟ ରାସ୍ତା ମ୍ୟୁନିସିପାଲିଟି ଛକସ୍ଥିତ ଏକ ଶପିଂମଲ୍ (ଲୁଗା ଦୋକାନ )ରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମଲ୍ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚାଲାଇଛି। ସୂଚନା ମୁତାବକ, ପ୍ରତିଦିନ ଭଳି ବୁଧବାର ରାତିରେ ମଲ୍ ବନ୍ଦକରି ଘରକୁ ଯାଇଥିଲେ। ସକାଳେ ମଲ୍ ଖୋଲିବା ପାଇଁ ଆସିଥିବା ବେଳେ ମଲ୍‌ର ସମ୍ମୁଖ ସଟର ଖୋଲାଥିଲା। ଏନେଇ ପୋଲିସକୁ ଜଣାଇଥିଲେ ବୋଲି ମଲ୍ ମାଲିକ କହିଛନ୍ତି।

### ମା'ବାଉତି ଦେବୀ କୃଷକ କ୍ଲବ ଗଠିତ

ଖୋର୍ଦ୍ଧା ଅଫିସ,୨୨ା୧୨: କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ କୁମାରବସ୍ତରେ କେତେଜଣ କୃଷକଙ୍କୁ ନେଇ ମା'ବାଉତି ଦେବୀ କୃଷକ କ୍ଲବ ଗଠନ କରାଯାଇଛି। ଏହି କ୍ଲବରେ ସଭାପତିଭାବେ ନରେନ୍ଦ୍ର ବଡ଼ଜେନା, ସମ୍ପାଦକ ଲକ୍ଷ୍ମୀଧର ପାତ୍ର, କୋଷାଧକ୍ଷ ଭାବେ ପ୍ରଦୀପ୍ତ ପାଟଶାଣୀ ମନୋନୀତ ହୋଇଛନ୍ତି। ସେହିପରି ଦୁଃଶାସନ ମଙ୍ଗରାଜ, ମହେନ୍ଦ୍ର ବଡ଼ଜେନା, ସର୍ବେଶ୍ୱର ବଡ଼ଜେନା, ଚରଣ ବଡ଼ଜେନା, ସତ୍ୟରଞ୍ଜନ ବଡ଼ଜେନା, ଅଖିଳ ବଡ଼ଜେନା, ମାଧବ ବଲବନ୍ତରାୟ, ଦୁର୍ଗାଚରଣ ଖୁଣ୍ଟିଆ, କମୁନାଥ ପ୍ରଧାନ ପ୍ରମୁଖ କ୍ଲବର ସଦସ୍ୟ ରହିଛନ୍ତି। ଅନେକ ସମୟରେ କୃଷକମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ ନ ଥିବାରୁ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କୃଷକଙ୍କ ନ୍ୟାର୍ଯ୍ୟ ଦାବି ବ୍ଲକ ଓ ଜିଲା ଅଧିକାରୀଙ୍କ ପାଖରେ ପହଞ୍ଚି ପାରୁନି। ଏକ କ୍ଲବ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରଖି ଚାଷୀଙ୍କ ବିକାଶ ଦିଗରେ କାର୍ଯ୍ୟ କରିବ।

### ମଦ ଜବତ, ବେପାରୀ ଗିରଫ

ବାଲୁଗାଁ,୨୨ା୧୨(ଡି.ଏନ.ଏ.): ବାଲୁଗାଁ ଅବକାରୀ ବିଭାଗ ସାନସିରେଇପୁର ଫରେଷ୍ଟ ବିଟ୍ ହାଉସଠାରେ ଚଢ଼ାଉ କରି ଏକ ସ୍କୁଟି ସହ ୯୦ଲିଟରର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଆୟଉପୁର ଗ୍ରାମର ସୁମନ୍ତ ବରାଳଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ନୀଳାଦ୍ରିପ୍ରସାଦ ଅଞ୍ଚଳରୁ ଏକ ସ୍କୁଟି(ଓଡି୦୨ ବିବି ୫୧୭୪)ରେ ବେଆଇନ ଭାବେ ମଦ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ବିଭାଗୀୟ ଅଧିକାରୀ ରୋହିତ ଦଣ୍ଡସେନା ସଦଳବଳ ସାନସିରେଇପୁର ଫରେଷ୍ଟ ବିଟ୍ ହାଉସ ନିକଟରେ ଯାଞ୍ଚ କରି ମଦ ଜବତ କରିଥିଲେ। ଚଢ଼ାଉରେ ସବ୍‌ଇନ୍‌ସ୍ପେକ୍ଟର ରଜନୀ ମିଞ୍ଜ୍, କନଷ୍ଟେବଲ ରତ୍ନାକର ଜାଲି ଓ ଉର୍ମିଷ୍ଠା ସାମନ୍ତସିଂହାର ସାମିଲ ଥିଲେ।

# ଚଢ଼ାଉ ସତ୍ତ୍ୱେ ବଢୁଛି ନିଶା କାରବାର

**ଖୋର୍ଦ୍ଧା ପାଲଟିଛି ପେଣ୍ଠସ୍ଥଳୀ**

- ନିଶା ବଳୟରେ ଯୁବପିଢ଼ି
- ବିଗୁଡ଼ିଛି ସହରର ଶୃଙ୍ଖଳା



ଖୋର୍ଦ୍ଧା ଅଫିସ,୨୨ା୧୨

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଅବକାରୀ ଗୁଇନ୍ଦା, ଫ୍ଲାଇଙ୍ଗ ସ୍କ୍ୱାଡ୍ ଏବଂ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। କୋଲକାତା, ବାଲେଶ୍ୱର ଓ ଜଳେଶ୍ୱରରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାରେ ବ୍ରାଉନସୁଗାର ପହଞ୍ଚିବା ପରେ ଏଠାରୁ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲାକୁ ପଠାଯାଉଛି। ଏହି କାରବାରରେ ମହିଳା, ଯୁବପିଢ଼ି ଓ ଛାତ୍ରଙ୍କ ସମ୍ପୃକ୍ତି ରହିଥିବା ନଜିର ରହିଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଏହି କାରବାରରେ ଲିପ୍ତ ରହୁଛନ୍ତି।

ରାଜଧାନୀ ପରେ ଖୋର୍ଦ୍ଧା ସହର ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ନିଶା ବେପାରୀମାନେ ଖୁଲମଖୁଲା ବେପାର କରୁଛନ୍ତି। ଗୁରୁଜଙ୍ଗ, ସାମନ୍ତରାପୁର, ଠେଙ୍ଗାହାଟ, ଜେମାଦେଇ, ବରୁଣେଇ ଶିଳ୍ପାଞ୍ଚଳ ବ୍ରାଉନସୁଗାରର ହବ୍ ପାଲଟିଛି। ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରସେରି, ପରିବା ଦୋକାନ ଆଳରେ ନିଶା କାରବାର ଚାଲିଛି। ନିୟମିତ ବ୍ୟବଧାନରେ ଏହି ଅଞ୍ଚଳଗୁଡ଼ିକରୁ ବ୍ରାଉନସୁଗାର ଜବତ କରାଯାଉଛି। ଅଧିକାରୀମାନେ ଜବତ ବେଳେ ବେପାରୀଙ୍କୁ ଧରୁଥିବା ବେଳେ ଏହି କାରବାରର ମାଷ୍ଟରମାଇଣ୍ଡ ଧରାପଡୁନାହାନ୍ତି। ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ପୋଲିସ, ଏସଟିଏଫ, ଅବକାରୀ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ତଥାପି ଏହା ଥମିବା ପରିବର୍ତ୍ତେ ବଢୁଛି। ଗତ ବର୍ଷ ଖୋର୍ଦ୍ଧା ପୋଲିସ ସାମନ୍ତରାପୁରର ଜଣେ ନିଶା ବେପାରୀଙ୍କ ପ୍ରାୟ ୧.୫କୋଟିର ବେଆଇନ ଭାବେ ଗଚ୍ଛିତ କରିଥିବା ସମ୍ପତ୍ତିକୁ ସିଲ୍ କରିଥିଲା। ତେବେ ଏନେଇ ମାଫିଆଙ୍କ ମହଲରେ ଛନକା ପଶିଥିଲା। ପୋଲିସ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ପର ଠାରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ନିଶା କାରବାରର ମାଷ୍ଟରମାଇଣ୍ଡଙ୍କ ନିକଟରେ ପୋଲିସ ନ ପହଞ୍ଚିବା ପର୍ଯ୍ୟନ୍ତ ଖୋର୍ଦ୍ଧା ସହରକୁ ନିଶା କବଳରୁ ମୁକ୍ତି କରିବାରେ ସଫଳ ହୋଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ଖୋର୍ଦ୍ଧା ନିଶାମୁକ୍ତ ଲାଗି ଅଭିଯାନ ଜାରି ରହିଛି। ନିକଟରେ ଦୁଇ ଜଣ ନିଶା ବେପାରୀଙ୍କ ଘରେ ବେଆଇନ କାର୍ଯ୍ୟକଳାପ ଚାଲିଥିବା ଜଣାପଡିବା ପରେ ପ୍ରଶାସନ ସହାୟତାରେ ଘରକୁ ନଷ୍ଟ କରାଯାଇଛି। ଏପରିକି ନିଶା ବେପାର ଦ୍ୱାରା ସମ୍ପତ୍ତି ଅର୍ଜନ କରିଥିବା ଜଣାପଡିବା ପରେ ଏହାକୁ ବାଜ୍ୟାପ୍ତ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ନିଶା ବେପାରୀ ଏବଂ ଜେଲରୁ ଫେରନ୍ତା ବେପାରୀଙ୍କ ଉପରେ ପୋଲିସର ନଜର ରହିଛି। ନିଶା ବେପାରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଖୋର୍ଦ୍ଧା ପୋଲିସ ୨୫ଟି ଏନଡିପିଏସ ଆକ୍ଟରେ ମାମଲା ରୁଜୁ ହୋଇଛି। ସେଥିରୁ ୧୮ଟି ବ୍ରାଉନସୁଗାର ଏବଂ ୭ଟି ଗଞ୍ଜେଇ ମାମଲା। ୪୩ଜଣଙ୍କୁ ଗିରଫ କରାଯାଇଛି। ସେଥିରୁ ୩୯ ପୁରୁଷ ଓ ୪ଜଣ ମହିଳା ଅଛନ୍ତି। ୧ କେଜି ୩ଶହ ଗ୍ରାମ ବ୍ରାଉନସୁଗାର ଏବଂ ୨୧୮କେଜି ଗଞ୍ଜେଇ ଜବତ କରାଯାଇଛି।

## ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଖୋର୍ଦ୍ଧା ଅଫିସ,୨୨ା୧୨

**ବ୍ଲକସ୍ତରୀୟ କୃଷକ ପ୍ରଶିକ୍ଷଣ**

ଖୋର୍ଦ୍ଧା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ବ୍ଲକ ସ୍ତରୀୟ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରୀ ରାଜଶ୍ରୀ ବେହେରା ଅଧ୍ୟକ୍ଷତା କରିଥିଲେ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ୨୦୨୨-୨୩ ଆର୍ଥିକ ବର୍ଷର ଏହି ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ବିଶ୍ୱାଳ, ବ୍ଲକ ଅତିରିକ୍ତ କୃଷି ଅଧିକାରୀ ବିନୋଦିନୀ ଦେଇ, ସୁଶ୍ରୀ ସରୋଜିନୀ ପ୍ରମୁଖ ଯୋଗଦେଇ ରୋଗ ପୋକ ନିୟନ୍ତ୍ରଣ, ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ୪୦ଜଣ ଚାଷୀ ଯୋଗ ଦେଇଥିଲେ। ବ୍ଲକ ବୈଷୟିକ ପରିଚାଳକ ବାସୁଦେବ ଆଚାର୍ଯ୍ୟ, କୃଷି ପରିଦର୍ଶିକା ଦୀପ୍ତିମୟୀ ପ୍ରଧାନ, ସହକାରୀ ବୈଷୟିକ ପରିଚାଳକ ଶ୍ୟାମେଶ୍ୱର ମାହାନା, ଗ୍ରାମ୍ୟ କୃଷି କର୍ମୀ ପ୍ରଣୀତା ସାମନ୍ତରାୟ, ସୀମା ଲାକ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚାଷୀମାନେ ବିଭିନ୍ନ ଫସଲରେ ହେଉଥିବା ରୋଗର ନିରାକରଣ ଉପରେ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ।



ଜଟଣୀ ପୌରାଞ୍ଚଳସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବିଦ୍ୟାଳୟର ବାର୍ଷିକୋତ୍ସବ

ଜଟଣୀ,୨୨ା୧୨(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ନାଇଜର କୁଳ ସଚିବ ଡ.ଅଭୟ କୁମାର ନାୟକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ଲିନା ମିଶ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାଧୀମ୍ନିକା ରଥ ଓ ତନଭି ବେହୁରା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ବିପ୍ଳବ କେଶରୀ ଶତପଥୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହିନ୍ଦୀ ଏବଂ ଓଡ଼ିଆରେ ବିଭିନ୍ନ କଥାବସ୍ତୁକୁ ନେଇ ନାଟକ ପରିବେଷଣ କରାଯାଇଥିଲା। ଘୋଡା ନାଚ, ବିହୁ, ଦାଣ୍ଡିଆ ସହିତ ବହୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ୨୨୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଆବାସ ଯୋଜନାରୁ ବଞ୍ଚିତ ପୁଷ୍ପଲତା

ବୋଲଗଡ଼,୨୨ା୧୨(ଡି.ଏନ୍.ଏ.)

**ଆମରଣ ଅନଶନ ଚେତାବନୀ**



ପୁଷ୍ପଲତାଙ୍କ ସହ ପରିବାର।

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମରେ ଆବାସ ଯୋଜନାରେ ଚଞ୍ଚକତା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଚାଳ ଛପର ଘରେ ପରିବାର ସହ ବାସ କରୁଥିବା ୩୭ଜଣ ବିପିଏଲ ହିତାଧିକାରୀଙ୍କ ନାମ ପୂର୍ବରୁ ଆବାସ ଯୋଜନା ତାଲିକାରେ ରହିଥିବା ବେଳେ ଚଳିତ ଥର ଏହି ତାଲିକାରୁ ସେମାନଙ୍କ ନାମ ବାଦ୍ ପଡ଼ିଛି। ହିତାଧିକାରୀନେ ଗତ କିଛିଦିନ ହେବ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଦେଖା ନ ପାଇ ଧାରଣା ଦେବାକୁ ଯାଉଥିବା ବେଳେ ଏବିଡିଓ ରତିକାନ୍ତ ମିଶ୍ର ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ତେବେ ବୁଧବାର ବିଧାୟକ ରାଜେନ୍ଦ୍ର ସାହୁ ବ୍ଲକ ଆସିଥିବା ବେଳେ ହିତାଧିକାରୀମାନେ ଘଟଣା ବାବଦରେ ଜଣାଇଥିଲେ। ଏହା ପରେ ବିଧାୟକ ସାହୁ ବିଡିଓ ଧୋବେଇ ନାୟକଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଖଙ୍ଗୁରିଆ ଗ୍ରାମର କୀର୍ତ୍ତନ ଉତ୍ତରକବାଟଙ୍କ ସ୍ତ୍ରୀ ପୁଷ୍ପଲତାଙ୍କ ପରିବାର ଚାଳ ଛପର ଘରେ ବସବାସ କରୁଥିବା ବେଳେ ଗତ ୩ବର୍ଷ ଧରି ଆବାସ ଯୋଜନାରେ ଘର ପାଇଁ ଆବେଦନ କରି ନିରାଶ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ପରିବାର ସହ ଆସନ୍ତା ୨୭ ତାରିଖରେ ବ୍ଲକ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ପୁଷ୍ପଲତା କହିଛନ୍ତି। ଏନେଇ ସେ ବିଡିଓ, ଥାନାଧିକାରୀ, ତହସିଲଦାର, ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।

## ୨ ମୃତ ବିଦେଶୀ ପକ୍ଷୀ ଜବତ: ଶିକାରୀ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୨୨ା୧୨(ଡି.ଏନ୍.ଏ.)



ଶୀତର ପ୍ରକୋପ ବଢ଼ିବା ସହ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଇଛି। ତେବେ କେତେଜଣ ଶିକାରୀ ଅର୍ଥ ଲାଳସାରେ ପକ୍ଷୀଙ୍କୁ ଶିକାର କରୁଛନ୍ତି। ଶିକାର ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଗୁରୁବାର ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ସୁନ୍ଦରପୁର ଅଞ୍ଚଳରେ ବିଭାଗୀୟ କର୍ମଚାରୀ ଚଢ଼ାଉ କରି ଦୁଇଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ମଙ୍ଗଳାଯୋଡି ଗ୍ରାମର ଅଶୋକ ବେହେରା(୨୮)। ତାଙ୍କ ନିକଟରୁ ଦୁଇଟି ମୃତ ସ୍ୱଟ୍ ବିଲଡ ଡକ୍ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ.୧୩ ଟି /୨୦୨୨-୨୩) ରୁଜୁ ହୋଇଛି। ଏହି ଚଢ଼ାଉରେ ଫରେଷ୍ଟର ସୁଜିତ କୁମାର ବେହେରା, ଫରେଷ୍ଟ ଗାର୍ଡ ଆଲୋକ ବେହେରା ସାମିଲ ଥିଲେ।

## ଜାତୀୟ ଗଣିତ ଦିବସ

ବୋଲଗଡ଼,୨୨ା୧୨(ଡି.ଏନ୍.ଏ.)

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସାଧୁ ଚରଣ ମହାପାତ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ଅତିଥିଭାବେ ନୂଆସାହି ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀ, ଡାବରଧୁଆ ସାଧନକେନ୍ଦ୍ର ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ଗଣିତର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ, କନିଷ୍ଠ ଓ ଉପ କନିଷ୍ଠ ବିଭାଗରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଚାରକଭାବେ ପ୍ରମୋଦ ସାହୁ ଓ ବିଭୁପ୍ରସାଦ ମହାପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ସ୍ୱର୍ଣ୍ଣଲତା ପ୍ରଧାନ, ସ୍ମିତାସିନ୍ଧୁ ମହାପାତ୍ର, ସ୍ରୋତାଲିନୀ ସାହୁ, ସୌଦାମିନୀ ପରିଡାଙ୍କ ସମେତ ସ୍ନେହଲତା ପାଇକରାୟ, ସସ୍ମିତ କେଦାରକର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବିଚିତ୍ର ଘଡ଼େଇ ଧନ୍ୟବାଦ ଦେଇଥିଲେ।

## 'ଶିକ୍ଷାର ଅଗ୍ରଗତି ହେଲେ ଦେଶର ବିକାଶ ହେବ'

କୃଷ୍ଣପ୍ରସାଦ,୨୨ା୧୨(ଡି.ଏନ୍.ଏ.)




ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖାଡ଼ ପଞ୍ଚାୟତ ପ୍ରଜ୍ଞା ବିହାରଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦ୍‌ଭାବନା ସଭାର ସଦସ୍ୟ ରାଜ କିଶୋର ସାହୁ, ଶିକ୍ଷାବିତ୍ ବିଜୟ ପଣ୍ଡା, ତ୍ରିଲୋଚନେଶ୍ୱର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ସାମାଜିକ କର୍ମୀ ଦାମୋଦର ବିଶ୍ୱାଳ, ଯୋଗେନ୍ଦ୍ର ଜେନା, ନବଘନ ତରେଇ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ପ୍ରତାପ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚକ୍ରଧର ମାଝୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷାର ଅଗ୍ରଗତି ହେଲେ ଦେଶର ବିକାଶ ହେବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ କରଣ କହିଥିଲେ। ବିଦ୍ୟାମନ୍ଦିରର ଉପସଭାପତି ପ୍ରଦୀପ ମାନସିଂହ, ପୂର୍ବତନ ସମ୍ପାଦକ ଅଶ୍ୱିନୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ଏବଂ ବ୍ଲକସ୍ତରରେ ବିଭିନ୍ନ ବିଭାଗରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉତ୍ସବ ପରିଚାଳନାରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

## ବିଜ୍ଞାନମେଳାରେ ୪୬ ପ୍ରକଳ୍ପ ପ୍ରଦର୍ଶିତ



ବାଲୁଗାଁ,୨୨ା୧୨(ଡି.ଏନ୍.ଏ.)

ଚିଲିକା ବ୍ଲକ ଅନ୍ତର୍ଗତ ଡିଏଭି ଗୁରୁକୁଳ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଚିଲିକା ବ୍ଲକ ସହ ଶିକ୍ଷା ଅଧିକାରୀ ବୈକୁଣ୍ଠ ନାଥ ପାଇକରାୟ, ଅତିଥି ଭାବେ ବିଟ୍ ଶିକ୍ଷାନୁଷ୍ଠାନର ଇଂଲିଶ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦାସ, ଗୋପାଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ରବି ନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ମୋଟ୍ ୪୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ୩ଦିନ ବ୍ୟାପୀ ଏହି ବିଜ୍ଞାନ ମେଳା ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଜ୍ୟୋତି ପ୍ରକାଶ ତ୍ରିପାଠୀ କହିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ମିତା ମହାପାତ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ପ୍ରକଳ୍ପ ପ୍ରସ୍ତୁତକାରୀ ସମସ୍ତ ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ମୁଖ୍ୟ ଅତିଥି କୃତଜ୍ଞତା ଜଣାଇଥିଲେ। ବିଜ୍ଞାନମେଳାକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

## ଚେନ୍ନାଇ ପୋଲିସ-ଲୁକା ସକର କ୍ଲବ ମ୍ୟାଚ୍ ଡ୍ର



ଟାଙ୍ଗୀ(ଖୋର୍ଦ୍ଧା),୨୨ା୧୨(ଡି.ଏନ୍.ଏ.)

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ଗୁରୁବାର ଚେନ୍ନାଇ ପୋଲିସ ତାମିଲନାଡୁ ଓ ଲୁକା ସକର କ୍ଲବ କେରଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ଫଳରେ ମ୍ୟାଚ୍ ଡ୍ର ରହିବାରୁ ଉଭୟ ଟିମ୍ ସମାନ ପଏଣ୍ଟ ପାଇଥିଲେ। ସୁବ୍ରତ ପୁରୋହିତ, ବିଜୟ ମଙ୍ଗରାଜ,ଶେଖାବତ ଖାଁ ଓ ଶଶିକାନ୍ତ ଦାସିଆ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଅପର୍ତ୍ତି ବେହେରା। ଅତିଥିଭାବେ ଅବସରପ୍ରାପ୍ତ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ସାହୁ, ବାଣପୁର ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ, ବିଜେଡି ଯୁବ ସଭାପତି ଆଦିତ୍ୟ ନାରାୟଣ ନନ୍ଦ, ଡା. ସୌମେନ୍ଦ୍ର ସାହୁ, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ଜୟନ୍ତ ସ୍ୱାଇଁ, ଶ୍ରୀମାଞ୍ଚଳ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ଇମାମି ଇଷ୍ଟ ବେଙ୍ଗଲ ଏବଂ ମା'କାମାକ୍ଷା ଫୁଟବଲ କ୍ଲବ ବିହାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

କୃଷ୍ଣପ୍ରସାଦ,୨୨ା୧୨(ଡି.ଏନ୍.ଏ.)

**ରୋଗୀ କଲ୍ୟାଣ ସମିତି ବୈଠକ**



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିଲିକା ନୂଆପଡା ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ମନୋଜ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। କେଦାରନାଥ ଜେନା ମେଡିକାଲକୁ କୁକୁର କାମୁଡା ଇଞ୍ଜେକ୍‌ଶନ ଯୋଗାଣ ସହିତ କର୍ମଚାରୀଙ୍କ ଅନୁପସ୍ଥିତି ଦିଗରେ ଦୃଷ୍ଟି ଆକର୍ଷଣ କରିଥିଲେ। ୭ଜଣ ଡାକ୍ତର ଏଠାରେ ନିଯୁକ୍ତି ପାଇଥିବା ବେଳେ ୫ଜଣଙ୍କୁ ଡେପୁଟେସନରେ ନିଆଯାଇଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାନ୍ତ ଡାକ୍ତର ଥିଲେ ମଧ୍ୟ ଚିକିତ୍ସା ପାଇଁ ଉପକରଣ ନାହିଁ। ଫଳରେ ସମସ୍ତ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା । ରୋଗୀ କଲ୍ୟାଣ ସମିତିର କମିଟିରେ ନୂଆପଡା ସରପଞ୍ଚ ଏବଂ ସମିତିସଭ୍ୟାଙ୍କୁ ସ୍ଥାନ ଦେବାକୁ ବିଡିଓ ନାୟକ ପରାମର୍ଶ ଦେଇଥିଲେ। ଖୁବଶୀଘ୍ର କାଠ ନିର୍ମିତ ବୋଟ ଆମ୍ବୁଲାନ୍ସ ସେବା ବ୍ରହ୍ମଗିରି ବିଧାୟକଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ବିଡିଓ କହିଥିଲେ। ବ୍ଲକ ପ୍ରୋଗ୍ରାମିଂ ଅଫିସର ସୁନିଲ କୁମାର ସାମନ୍ତସିଂହାର ମେଡିକାଲ ପରିସରରେ ମାଟି ଭର୍ତ୍ତି ସହିତ ରଙ୍ଗ କାର୍ଯ୍ୟ ଏବଂ ପରୀକ୍ଷାଗାର ସାମଗ୍ରୀ ଆବଶ୍ୟକ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଲିକା ନୂଆପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ବେହେରା, ସିଡିପିଓ ମନୋରମା ଦେବୀ, ବିଆରସିସି ସତ୍ୟବ୍ରତ ସାହୁ, ନୂଆପଡା ସରପଞ୍ଚ କବିତା ଜେନା, ସମିତିସଭ୍ୟା ମମତାମୟୀ ପ୍ରଧାନ, ସତ୍ୟପ୍ରିୟ ଜେନା, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକର୍ମୀ ପବିତ୍ର ମୋହନ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଛକାପଞ୍ଝା ପରେ ମଦ୍ୟପ ଚାଳକ କାବୁ**

ଭୁବନେଶ୍ୱର,(ବ୍ୟୁରୋ): ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ କଡାକଡି ଯାଞ୍ଚ କରାଯାଉଛି। ବୁଧବାର ବିଳମ୍ବିତ ରାତିରେ ଜଣେ ମଦ୍ୟପ ଚାଳକ ଚାରି ଚକିଆ ଯାନକୁ ଜୋରରେ ନେଉଥିବାବେଳେ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ପୋଲିସ ପିଛା କରିଥିଲେ ମଧ୍ୟ ଅଧଘଣ୍ଟାର ଛକାପଞ୍ଝା ପରେ ଶେଷରେ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ପରେ ଗାଡ଼ିସହ ତାଙ୍କୁ ଥାନାକୁ ନିଆଯାଇଥିଲା। ତାଙ୍କ ପରିଚୟ ଜଣାପଡ ନ ଥିବାବେଳେ ଜରିମାନା କାଟି ଛାଡ଼ି ଦେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### 'ଖେଳ ନୁହେଁ, ଭାତ ଚାହୁଁ'

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)- 'ସ୍ମାର୍ଟ ସିଟି ନୁହେଁ ରୋଟି ଚାହୁଁ, ଖେଳ ନୁହେଁ ଭାତ ଚାହୁଁ' ଏପରି ନାରା ଦେଇ ରାସ୍ତାକଡ଼ରୁ ଦୋକାନବଜାର ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ୨୦୨୩ ଜାନୁୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ରାସ୍ତାପାର୍ଶ୍ୱରେ ଥିବା ଦୋକାନବଜାରକୁ ଉଚ୍ଛେଦ କରି ମାଟିରେ ମିଶାଇ ଦିଆଯାଉଥିବାବେଳେ ଜୀବନଜୀବିକାକୁ ନେଇ ଉଠା ଦୋକାନୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଗୁରୁବାର ନୟାପଲ୍ଲୀ ଓ ଶିଖରଚଣ୍ଡୀ ଅଞ୍ଚଳରୁ ରାସ୍ତାକଡ଼ରେ ଥିବା ଦୋକାନ ଉଚ୍ଛେଦ କରାଯାଇଥିଲା। ତେବେ ଏହି ଉଚ୍ଛେଦକୁ ଅନେକ ବ୍ୟବସାୟୀଙ୍କ ରୋଜଗାର ପନ୍ଥା ଉଜୁଡ଼ିଯିବା ଭୟରେ ସଂଘ ସମେତ ଉଠା ଦୋକାନୀମାନେ ବିରୋଧ କରିଥିଲେ। ଏହାସତ୍ତ୍ୱେ ନିଜ ଦୋକାନକୁ ଉଚ୍ଛେଦରୁ ରୋକିପାରି ନ ଥିଲେ। ସରକାରୀ ଜମିରୁ ପ୍ରାୟ ୧୦ହଜାର ବ୍ୟବସାୟୀଙ୍କ ଦୋକନଘର ଭାଙ୍ଗିଦିଆଗଲାଣି। ଏପରି ଉଚ୍ଛେଦ ଜାରି ରହିଲେ ପ୍ରାୟ ୬୦ ହଜାର ଉଠାଦୋକାନୀ ରାଜରାସ୍ତାକୁ ଚାଲି ଆସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦୋକାନ ଭଙ୍ଗାଯାଇଥିବା ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ ସହ ଆଗକୁ ହେବାକୁ ଥିବା ଉଚ୍ଛେଦ ପୂର୍ବରୁ ବ୍ୟବସାୟୀଙ୍କୁ ଥଇଥାନ କରାଯାଉ ବୋଲି ସଂଘର ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି। ଶୁକ୍ରବାର ସଂଘର ସଦସ୍ୟ ମହାନଗର ନିଗମର ଉତ୍ତର ଜୋନ୍ କାର୍ଯ୍ୟାଳୟରେ ବିକ୍ଷୋଭ କରିବା ସହ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଉଠା ଦୋକାନୀଙ୍କ ଥଇଥାନ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ନବୀନ ନିବାସ ସମ୍ମୁଖରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### କଟୁରି ଚୋଟରେ ସ୍ୱାମୀ ଆହତ, ମହିଳା ଗିରଫ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ): ସ୍ୱାମୀ ସ୍ତ୍ରୀ ମଧ୍ୟରେ ଲାଗିରହିଥିବା ଝଗଡ଼ା ଗୁରୁବାର ଉଗ୍ରରୂପ ଧାରଣ କରିଛି। କୌଣସି କାରଣକୁ ନେଇ ଝଗଡ଼ା ଲାଗିବା ସହ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଏକ କଟୁରିରେ ସ୍ୱାମୀଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି। ଏନେଇ ଭରତପୁର ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ରୁନୁ ସ୍ୱାଇଁ(୪୦)। ସୂଚନାନୁଯାୟୀ, ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରିବାରୀ ଅଞ୍ଚଳରେ ରତ୍ନାକର ସ୍ୱାଇଁ ପରିବାର ସହ ରୁହନ୍ତି। ତେବେ ବେଶ କିଛିଦିନ ହେବ ରତ୍ନାକରଙ୍କର ତାଙ୍କ ସ୍ତ୍ରୀ ରୁନୁଙ୍କ ସହ ଭଲ ପଡୁ ନ ଥିଲା। ଉଭୟଙ୍କ ମଧ୍ୟରେ ପୁରୁଣା କଥାକୁ ନେଇ ପାଟି ତୁଣ୍ଡ ସହ ଝଗଡ଼ା ଲାଗିରହୁଥିଲା। ତେବେ କିଛିଦିନ ତଳେ ମଧ୍ୟ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ରୁନୁ ଏହାକୁ ଉତ୍ତ୍ୟକ୍ତ ହୋଇ ଏକ କଟୁରି ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ରତ୍ନାକରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଅସ୍ତରଙ୍ଗ ବନଖଣ୍ଡରୁ ୬ଟିମ୍ ଗଣିଲେ ଡଲଫିନ

ଅସ୍ତରଙ୍ଗ,୨୨।୧୨(ଡି.ଏନ୍.ଏ.)- ପୁରୀ ଜିଲା ଅସ୍ତରଙ୍ଗ ବନଖଣ୍ଡ ପକ୍ଷରୁ ଚନ୍ଦ୍ରଭାଗାଠାରୁ ଦେବୀନାସି ପର୍ଯ୍ୟନ୍ତ ରେଞ୍ଜର ବିଚିତ୍ରାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ୬ଟି ଟିମ୍ ଦ୍ୱାରା ଡଲଫିନ ଗଣନା କାର୍ଯ୍ୟ ଚାଲିଛି। ରେଞ୍ଜର ବିଚିତ୍ରାନନ୍ଦ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଦେବୀ ନଦୀରୁ କାଦୁଆ ନଦୀ ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିବା ବେଳେ ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ରଙ୍କ ଟିମ୍ ଦେବୀ ନାସିରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଗଣନା କରୁଛନ୍ତି। ସେହିଭଳି ଫରେଷ୍ଟର ସଞ୍ଜୟ କୁମାର ମଲ୍ଲିକଙ୍କ ଟିମ୍ ଚନ୍ଦ୍ରଭାଗାରୁ ଗଙ୍ଗାଦେବୀ, ଫରେଷ୍ଟର ସବୀର ସାହୁଙ୍କ ଟିମ୍ ଗଙ୍ଗାଦେବୀଠାରୁ ଜାହାନିଆ, ଫରେଷ୍ଟର ସ୍ୱପେଶ୍ୱର ଜାଲଙ୍କ ଟିମ୍ ଜାହାନିଆଠାରୁ ବେଲେଶ୍ୱର ଏବଂ ଫରେଷ୍ଟର ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ଟିମ୍ ଚନ୍ଦ୍ରଭାଗାଠାରୁ ଅର୍କକୁଦ ପର୍ଯ୍ୟନ୍ତ ଗଣନା କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଚକ୍‌ମକ୍ ଧଉଳିର ଅବହେଳିତ ଐତିହ୍ୟ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)



ନୂଆ ରୂପ ପାଇଛି ଶାନ୍ତିସ୍ତୂପ। ପୀଠର ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ନାନାଦି ପଦକ୍ଷେପ ଗ୍ରହଣ କରାଯାଇଛି। ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ଏହି ବୌଦ୍ଧ କୀର୍ତ୍ତିରାଜିର ଇତିହାସ ବଖାଣୁଛି। ହେଲେ ବଦଳିନି ଚକ୍‌ମକ୍ ଧଉଳିର ଅନେକ ଐତିହ୍ୟର ଚିତ୍ର। ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିବାବେଳେ ପର୍ଯ୍ୟଟକଙ୍କ ସମାଗମ ଓ ଭୋଜିର ଆସର ଜମୁଛି। ଉତ୍ସବମୁଖରିତ ହୋଇଉଠୁଛି ଏହି ଐତିହ୍ୟସ୍ଥଳୀ। ହେଲେ ଅବହେଳିତ ଅବସ୍ଥାରେ ଥିବା ଅନେକ ଐତିହ୍ୟ ପର୍ଯ୍ୟଟକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି। ଏହି ପୀଠ ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଫର୍ଦ୍ଦ ଯୋଡି ହେବ ବୋଲି ଉଭୟ ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାର ଆଶାବାଦୀ ଥିଲେ ମଧ୍ୟ ଏମିତି କିଛି ମୌଳିକ ଅସୁବିଧା ରହିଛି, ଯାହାକୁ ଦୀର୍ଘବର୍ଷ ଧରି ଅଣଦେଖା କରାଯାଉଛି।

> ଖୁବ୍‌ଶୀଘ୍ର ଏସବୁ ଦିଗରେ ପଦକ୍ଷେପ ନିଆଯିବ। ସବୁ ସମୟରେ ପର୍ଯ୍ୟଟକ ଆସୁ ନ ଥିବାରୁ ଶିଳ୍ପ ବଜାର ଠିକ୍ ଭାବେ ଚାଲି ପାରିଲାନି। ୬ମାସ ଚାଲି ବନ୍ଦ ହୋଇଗଲା। ଅନ୍ୟପକ୍ଷେ ପୁଷ୍କରିଣୀର ପୁନରୁଦ୍ଧାର ଖୁବ୍ ଶୀଘ୍ର କରାଯିବା ସହ ପଡ଼ି ରହିଥିବା ବସ୍‌କୁ ସେଠାରୁ ହଟାଇ ଦିଆଯିବ।
>
> –ଅଞ୍ଜନ ବାରିକ, ପର୍ଯ୍ୟଟନ ଅଧିକାରୀ



## ପୁନରୁଦ୍ଧାର ଅପେକ୍ଷାରେ ପାର୍ବତୀ ପୁଷ୍କରିଣୀ

ପୋତି ହୋଇଯାଇଛି ପାର୍ବତୀ ପୁଷ୍କରିଣୀ। ଉପରେ ଦଳ, ତଳେ ପାଣି। ପୁନରୁଦ୍ଧାର ଆଶାରେ ଦୀର୍ଘ ବର୍ଷ ଧରି ପଡ଼ି ରହିଛି। ଶାନ୍ତିସ୍ତୂପ ଓ ଏହାର ପରିସର ଚକ୍ ଚକ୍ କରୁଥିବା ବେଳେ ଏହି ଐତିହ୍ୟ ପୁଷ୍କରିଣୀ କିନ୍ତୁ ପରିଚୟ ଖୋଜୁଛି। ଏହାର ପୁନରୁଦ୍ଧାର ସହ ପାଣି ଭିତରେ ବୁଦ୍ଧଙ୍କ ମୂର୍ତ୍ତି ଓ ବୋଟିଂ ବ୍ୟବସ୍ଥା କରିବା ପାଇଁ ୨୦୧୩ରେ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ଏହା ମଧ୍ୟରେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଏ ନେଇ କୌଣସି ଉଦ୍ୟମ ଏଯାଏ ଆରମ୍ଭ ହୋଇନାହିଁ। ଏବେବି ସେମିତି ପୁନରୁଦ୍ଧାର ଅପେକ୍ଷାରେ ଚାହିଁ ରହିଛି ପାର୍ବତୀ ପୁଷ୍କରିଣୀ।

## ମନଇଚ୍ଛା ପାର୍କିଂ, ଖତଖାଉଛି ପର୍ଯ୍ୟଟନ ବସ୍




୨୦୧୭ରେ ଧଉଳିଠାରେ ଦୋକାନଗୃହ ଓ ପାର୍କିଂର ଲୋକାର୍ପଣ କରାଯାଇଥିଲା। କିନ୍ତୁ ଆସୁଥିବା ଯାନବାହନ ପାର୍କିଂରେ ଦେଖିବାକୁ ମିଳୁନି। ଯିଏ ଯେଉଁଠି ଇଚ୍ଛା ସେଇଠି ଗାଡ଼ି ରଖି ବୁଲିବା ସହ ଭୋଜି କରୁଛନ୍ତି। ହେଲେ ମାସ ମାସ ଧରି ସେମିତି ପାର୍କିଂସ୍ଥଳକୁ ଜଗି ରହିଛି ଓଡ଼ିଶା ପର୍ଯ୍ୟଟନ ବିଭାଗର ଅଚଳ ବସ୍। ଏହା ସୌନ୍ଦର୍ଯ୍ୟକରଣରେ ବାଧକ ସାଜୁଛି। ଏହାକୁ ସ୍ଥାନାନ୍ତର କିମ୍ବା ସୌନ୍ଦର୍ଯ୍ୟକରଣରେ ସ୍ଥାନ ଦେବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ପାଖରେ ଥିବା ଶୌଚାଳୟରେ ମଧ୍ୟ ତାଲା ପଡ଼ିଛି। ବେସିନଗୁଡ଼ିକରେ ଟ୍ୟାପ ନାହିଁ। ଏଭଳି ଅନେକ ଅସୁବିଧା ମଧ୍ୟରେ ଧଉଳି ନିତିଦିନ ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଛି।

## ଶିଳ୍ପ ବଜାରରେ ତାଲା




ଧଉଳିରେ ରହିଛି ଶିଳ୍ପ ବଜାର। ପର୍ଯ୍ୟଟକଙ୍କୁ ଓଡ଼ିଶାର ଜିନିଷପ୍ରତି ଆକୃଷ୍ଟ କରିବା ସହ ଶିଳ୍ପୀ, କାରିଗର ଓ ବ୍ୟବସାୟୀଙ୍କୁ ରୋଜଗାର ଦେବା ଲକ୍ଷ୍ୟରେ ୨୦୧୨–୧୩ରେ ଏହା ଆରମ୍ଭ ହୋଇଥିଲା। ଏଥିରେ ୧୨ଟି ଦୋକାନ ରହିଥିବାବେଳେ ସବୁଥିରେ ତାଲା ଝୁଲୁଛି। ବର୍ତ୍ତମାନ ପର୍ଯ୍ୟଟନ ସମୟ ଚାଲୁ ଥିବାରୁ ଧଉଳିକୁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ବୁଲିବାକୁ ଆସୁଛନ୍ତି। ବନ୍ଦ ହୋଇ ପଡ଼ି ରହିଥିବା ଏହି ଶିଳ୍ପ ବଜାର ଏହି ସମୟରେ ଖୋଲାଗଲେ ଓଡ଼ିଶାର ହସ୍ତଶିଳ୍ପର ପ୍ରଚାର ପ୍ରସାର ହେବା ସହ ବ୍ୟବସାୟ ମଧ୍ୟ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।




ସତ୍ୟଭାମାପୁରସ୍ଥିତ ବିଜେଇଏମ୍-୨ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ପଞ୍ଚଦଶ ବାର୍ଷିକ ଉତ୍ସବ 'ପଲ୍‌ସାଶିଓ–୨୦୨୨'ରେ ଅତିଥିମାନେ କୃତୀ ଛାତ୍ରଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ୫ ଜଣଙ୍କୁ ଉତ୍କଳ ପୂଜ୍ୟପୂଜା ସ୍ମୃତି ସମ୍ମାନ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ୱି ଫର୍ ଭୁବନେଶ୍ୱର, ଉତ୍କଳ ସମ୍ମିଳନୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ମାହାଙ୍ଗା ମୈତ୍ରୀ ମଞ୍ଚ ତଥା ଜୟ ଓଡ଼ିଶାର ସଦସ୍ୟମାନେ ଜୟଦେବ ବିହାରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ୫ଜଣଙ୍କୁ ଉତ୍କଳ ପୂଜ୍ୟପୂଜା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଭକ୍ତି ରଞ୍ଜନ, ଚିତ୍ତରଞ୍ଜନ ମହାନ୍ତି, ଦୀପକ ମହାପାତ୍ର, ଅର୍ଜ୍ଜୁନ ସାହୁ ଓ ହରପ୍ରିୟା ପାଟଯୋଶୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କବିଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ଜୀବନଶୈଳୀ ଓ ତାଙ୍କ ଦ୍ୱାରା ଲିଖିତ କାବ୍ୟ କବିତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

## ଖବରକାଗଜର ଲୋକପ୍ରିୟତା ରହିଛି, ରହିବ

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)




**ନାଲ୍‌କୋ ଛକ ନ୍ୟୁଜ୍ ପେପର ହକର୍ସ ୟୁନିୟନର ବାର୍ଷିକୋତ୍ସବ**

ନାଲ୍‌କୋ ଛକ ନ୍ୟୁଜ୍ ପେପର ହକର୍ସ ୟୁନିୟନର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ଶୈଳଶ୍ରୀବିହାର ଫେଜ୍–୨ସ୍ଥିତ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଜେନ୍ଦ୍ର ଦାସ ଯୋଗଦେଇ କହିଲେ, ବର୍ତ୍ତମାନ ଟିଭି ଓ ସୋସିଆଲ ମିଡିଆ ବଢ଼ିଥିଲେ ମଧ୍ୟ ଖବରକାଗଜ ସବୁବେଳେ ଲୋକଙ୍କ ପ୍ରିୟ ହୋଇ ରହିଛି ଓ ଆଗାମୀ ଦିନରେ ରହିବ। ଖରା, ବର୍ଷା, ଶୀତ କିମ୍ବା ମହାମାରୀ ସମୟରେ ହକର ଭାଇମାନେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ପାଖରେ ଖବରକାଗଜ ପହଞ୍ଚାଉଛନ୍ତି। ସେମାନଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ପଡ଼ିବ। ସମ୍ମାନିତ ଅତିଥି ଭାବେ ୭ନଂ. ୱାର୍ଡର କର୍ପୋରେଟର ଯଶୋଧାରା ପ୍ରଧାନ, ଖବରଦାତା ଚୌଧୁରୀ ଅମିତାଭ ଦାସ, 'ଧରିତ୍ରୀ' ସର୍କୁଲେଶନ ବିଭାଗର ବିଜୟ ଧଳ ପ୍ରମୁଖ ଯୋଗଦେଇ ହକର୍ସଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ୟୁନିୟନର ସାଧାରଣ ସମ୍ପାଦକ ଅରୁଣ କୁମାର ଦେ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହିତ ସେ ହକର୍ସଙ୍କ ୩ଟି ଦାବି ଯଥା ହକର୍ସଙ୍କୁ ରାଶନକାର୍ଡ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦିଆଯାଉ ଏବଂ ୟୁନିୟନ ପାଇଁ ଜାଗା କିମ୍ବା ଘର ଦିଆଯାଉ ବୋଲି ଉପସ୍ଥାପନ କରିଥିଲେ। ଖବରଦାତା ସୁକାନ୍ତ ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ୟୁନିୟନ ସଭାପତି ନବକିଶୋର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅପହୃତା ଝିଅକୁ ଖୋଜୁନି ପୋଲିସ

### ଆତ୍ମାହୁତି ପାଇଁ ମା'ଙ୍କ ନିଷ୍ପତ୍ତି

ବାରଙ୍ଗ,୨୨।୧୨(ଡି.ଏନ୍.ଏ.)

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗାଁରୁ ଜଣେ ନାବାଳିକାଙ୍କୁ ସେହି ଗାଁର ଜଣେ ଯୁବକ ଅପହରଣ କରିନେଇଥିବା ଗତ ୧୪ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ମାମଲା(ନଂ.୨୦୦/୨୨) ରୁଜୁ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଝିଅକୁ ନ ପାଇ ପରିବାର ମାନସିକ କଷ୍ଟରେ ଥିବାବେଳେ ଅପନିନ୍ଦା ସାଙ୍ଗକୁ ଦୁଶ୍ଚିନ୍ତା ମଧ୍ୟରେ ରହିବା ସହ ପୋଲିସର ଅନାଗ୍ରହ ହତୋତ୍ସାହିତ କରିଛି। ଶେଷରେ ଥାନା ଆଗରେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି ନାବାଳିକାଙ୍କ ମାଆ। ପ୍ରକାଶ ଯେ, ରଘୁନାଥପୁର ଗାଁର ଜଣେ ୧୬ବର୍ଷର ଝିଅଙ୍କୁ ଗତ ୧୪ତାରିଖ ସକାଳୁ ସେହି ଗାଁର ଜଣେ ଯୁବକ ଅପହରଣ କରିନେଇଥିବା ନେଇ ନାବାଳିକାଙ୍କ ମାଆ କୌଶଲ୍ୟା ରାଉତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କିନ୍ତୁ କେବଳ ମାମଲା ରୁଜୁକରି ହାତବାନ୍ଧି ବସିଥିବାବେଳେ ଝିଅକୁ ହରାଇ ଗାଁଗହଳି ପରିବେଶରେ ମୁଣ୍ଡଟେକି ଯାଇପାରୁନାହାନ୍ତି ଏହି ପରିବାର। ସାହିପଡ଼ିଶାଙ୍କ ଟାହିଟାପରା ଯୋଗୁ ଘରୁ ବାହାରିବାକୁ ଲଜ୍ଜା ଲାଗୁଥିବାବେଳେ ପୋଲିସ କିନ୍ତୁ ଝିଅକୁ ଖୋଜିବାର ଉଦ୍ୟମ ଅଦ୍ୟାବଧି ଆରମ୍ଭ କରି ନ ଥିବା କୌଶଲ୍ୟା କହିଛନ୍ତି। ଥାନାକୁ ବାରମ୍ବାର ଯାଇ ଝିଅକୁ ଖୋଜିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଆଶ୍ୱାସନା ବ୍ୟତୀତ ପୋଲିସ ଖୋଜିବାର କୌଣସି ଉଦ୍ୟମ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ବଦନାମ ସହି ଗାଁରେ ରହିବା ଅପେକ୍ଷା ଥାନା ଆଗରେ ଆତ୍ମହୁତି ଦେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କୌଶଲ୍ୟା ଗଣମାଧ୍ୟମକୁ କହିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବାଲିଅନ୍ତା,୨୨।୧୨(ଡି.ଏନ୍.ଏ.)

ବାଲିଅନ୍ତାରୁ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ବାଇକ୍‌ରେ ଯିବା ସମୟରେ ଗୁରୁବାର ଜାରକା ନିକଟରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତାପାଟଣା ଗ୍ରାମର ଟିଟୁ ପରିଡ଼ା(୨୭) ଓ ଅନ୍ୟ ଜଣେ ଯୁବକ ପିଣ୍ଟୁ ବାରିକ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗ୍ରାମର ୪ ସାଙ୍ଗ ଭୋର ୫ଟାରୁ ୨ଟି ବାଇକ୍‌ରେ ମା' ତାରିଣୀଙ୍କ ଦର୍ଶନ ପାଇଁ ବାହାରିଥିଲେ। ପିଣ୍ଟୁ ଏବଂ ଟିଟୁଙ୍କ ବୁଲେଟ୍ ଜାରକା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

- ଯୋଗ ଦେବେ ଭି. ଗୋପାଲ ଗୌଡ଼
- ୧୬୩ଜଣ ଛାତ୍ରୀଛାତ୍ର ପାଇବେ ପିଏଚ୍‌ଡି ଡିଗ୍ରୀ

ଉତ୍କଳ ବିଶ୍ୱବିଦ୍ୟାଳୟ ଶୁକ୍ରବାର ତା'ର ୫୨ତମ ସମାବର୍ତ୍ତନ ଉତ୍ସବ ପାଳନ କରିବ। ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନରେ ଅନୁଷ୍ଠିତ ହେବାକୁଥିବା ଏହିଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଭି. ଗୋପାଲ ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ଓ ଏକାଡେମିକ କାଉନ୍‌ସିଲ ସଦସ୍ୟ, ଡିନ୍, ପ୍ରଫେସର, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେବେ ବୋଲି ସ୍ଥିର ହୋଇଛି ବୋଲି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ହଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ଆଚାର୍ଯ୍ୟ କହିଲେ, ୨୦୨୧–୨୨ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ୧୬୩ଜଣ ଛାତ୍ରଛାତ୍ରୀଙ୍କୁ ଉତ୍ସବରେ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯିବ। ଏହାସହିତ ଜଣଙ୍କୁ ଡିଏସି ଏବଂ ଅନ୍ୟଜଣଙ୍କୁ ଡିଲିଟ ଡିଗ୍ରୀ ପ୍ରଦାନ କରାଯିବ। ସେହିପରି ବିଭିନ୍ନ ପିଜିପାଠ୍ୟକ୍ରମରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଥିବା ୯୯ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସମାବର୍ତ୍ତନ ଉତ୍ସବ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏସବୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଅର୍ଥରାଶି ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ଓ ବିଶିଷ୍ଟ ବୈଜ୍ଞାନିକ ଡ. ଟେସି ଥୋମାସଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସିଡିସି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାଶ, କୁଳସଚିବ ଡ.ଅଭୟ କୁମାର ନାୟକ, ଉପକୁଳସଚିବ ଡ.ମନୋଜ କୁମାର ସାଡୁଆଲ ଉପସ୍ଥିତ ଥିଲେ।





ବଡ଼ଦିନ ପାଇଁ ରାଜଧାନୀ ଭୁବନେଶ୍ୱର ସତ୍ୟନଗର ଓ ୟୁନିଟ୍-୪ସ୍ଥିତ ଚର୍ଚ୍ଚଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ସଜା ଯାଇଛି। (ଫଟୋ-ବିକାଶ)

## ବିରୂପା ନଦୀରୁ ଶିଶୁକନ୍ୟାର ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,(ଡି.ଏନ.ଏ.): ଜଗତପୁର ଥାନା ଅଧୀନ ନୁଆସାହି ନିକଟ ବିରୂପା ନଦୀରୁ ଗୁରୁବାର ଅପରାହ୍ନରେ ଜଣେ ଅଚିହ୍ନା ଶିଶୁକନ୍ୟାର ମୃତଦେହ ପୋଲିସ ଜବତ କରିଛି। ସେ ଏକ ହଳଦିଆ ରଙ୍ଗର ଗଞ୍ଜି ପିନ୍ଧିଥିବାବେଳେ ବୟସ ପ୍ରାୟ ୬ ମାସ ହେବ ବୋଲି ଅନୁମାନ କରାଯାଉଛି। କାର୍ଯ୍ୟରତ ଜଣେ ସୈନିକ ଛୁଟିରେ ଚୌଦ୍ୱାର ନୂଆଗାଁସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ପାଣିରେ ଶିଶୁକନ୍ୟାର ମୃତଦେହ ଭାସୁଥିବା ଦେଖି ଜଗତପୁର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭୨/୨୨) ରୁଜୁ ହୋଇଛି।

**ସଂକ୍ଷେପରେ**

## ଫ୍ୟାନ୍‌ରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ଚୌଦ୍ୱାର,୨୨।୧୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅନ୍ତର୍ଗତ ଚିତ୍ରେଶ୍ୱର ଗ୍ରାମରେ ଗୁରୁବାର ଫ୍ୟାନ୍‌ରେ ଝୁଲି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ହୃଷୀକେଶ ମୁଦୁଲି(୨୨)। ପାରିବାରିକ ସମସ୍ୟାକୁ ନେଇ ପୂର୍ବାହ୍ନରେ ପରିବାର ଲୋକଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ପରେ ସେ ନିଜ ଶୋଇବା ଘରକୁ ଯାଇ ଫ୍ୟାନ୍‌ରେ ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଟକ ବଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହଛି।

## ଧାନମଣ୍ଡି ଖୋଲିବା ଦାବିରେ ବିକ୍ଷୋଭ

**ମଙ୍ଗୁଳି-ଜଗତପୁର,୨୨।୧୨ (ଡି.ଏନ.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ନପଙ୍ଗ ପଞ୍ଚାୟତରେ ନୂତନ ଧାନମଣ୍ଡି ଖୋଲିବା ଦାବିରେ ଓଡ଼ିଶା କୃଷକ ସଭା ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱ ଶତାଧିକ ଜନସାଧାରଣ ପ୍ରାୟ ୩ ଘଣ୍ଟା କାଳ ଧାରଣାରେ ବସିଥିଲେ। ବ୍ଲକ କମିଟି ଉପସଭାପତି ବିଷ୍ଣୁ ବେହେରା, ସମ୍ପାଦକ ମଳୟ କୁମାର ପୃଷ୍ଟି ଓ ଜିଲା ସମ୍ପାଦକ ଡମ୍ବରୁଧର ସାହୁ ପ୍ରମୁଖ ସରକାରଙ୍କ ଜନ ବିରୋଧୀ କୃଷିନୀତି ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏଥିସହ ୬ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଆଶୁତୋଷ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ମହେନ୍ଦ୍ର କୁମାର ଜେନା, ସନାତନ ପଣ୍ଡା, ପୁରଷ୍ତମ ମଲ୍ଲିକ ଓ ବାଜ ନନ୍ଦ ଧାରଣାର ନେତୃତ୍ୱ ନେଇଥିଲେ। ରଶ୍ମି ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ନନ୍ଦକିଶୋର ବଳଙ୍କ ସୃଷ୍ଟି ସମୀକ୍ଷା ପୁସ୍ତକ ଉନ୍ମୋଚିତ

**କଟକ ଅଫିସ, ୨୨।୧୨:** କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ ଏବଂ ନନ୍ଦ କିଶୋର ବଳ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ ଉତ୍ସବ କଟକ ଶତାବ୍ଦୀ ଭବନଠାରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଡ. ମହେଶ୍ୱର ମହାନ୍ତି ଯୋଗଦେଇ 'ନନ୍ଦକିଶୋର ବଳଙ୍କ ସୃଷ୍ଟି ସମୀକ୍ଷା' ପୁସ୍ତକ ଉନ୍ମୋଚନ କରିଥିଲେ। ଇଂ. ସୁଶାନ୍ତ କିଶୋର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି, ଡ. ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା, ପ୍ରଫେସର ବାବାଜୀ ପଟ୍ଟନାୟକ ବିଶିଷ୍ଟ ଅତିଥି, ଡ. ସୁଲୋଚନା ଦାସ ବରେଣ୍ୟ ଅତିଥି, ରାଜୀବ କୁମାର ଷଡଙ୍ଗୀ ଓ ଗୋପାଳ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡା. ରବିନାରାୟଣ ପଣ୍ଡା, ଜୟନ୍ତ କୁମାର ଜେନା, ମନୋଜ ମଞ୍ଜରୀ ଦେଓ, ମନୀଷା ରାୟଙ୍କୁ ପଲ୍ଲୀକବି ନନ୍ଦକିଶୋର ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସୌଭାଗିନୀ ଜେନା କାର୍ଯ୍ୟକ୍ରମ ପରିଚାଳନା ଓ ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ପୁସ୍ତକ 'ଜୀବନ ଜିଇଁବାର କଳା' ଉନ୍ମୋଚିତ

**କଟକ ଅଫିସ,୨୨।୧୨:** ବିଜୟିନୀ ପବ୍ଲିକେଶନ ଦ୍ୱାରା ପ୍ରକାଶିତ ମୀରା ବେଉରାଙ୍କ ରଚିତ ପୁସ୍ତକ 'ଜୀବନ ଜିଇଁବାର କଳା' କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ବିଚାରପତି ଏ. ଏସ୍. ନାଇଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ନଟବର ଶତପଥୀ, ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଡ. ସତ୍ୟ ରାୟ ଯୋଗଦେଇଥିଲେ। ପ୍ରକାଶକ ଦିଲ୍ଲୀପ ବେଉରା ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ପୁସ୍ତକର ରଚୟିତା ମୀରା ବେଉରା ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ରାଜୀବ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଏବଂ ଡ. ହେମନ୍ତ କୁମାର ପରିଡା ଧନ୍ୟବାଦ ଦେଇଥିଲେ।

# ଲେଜର ଲାଇଟ୍ ଶୋ'ରେ ଚମକିବ ଷ୍ଟାଡିୟମ

**କଟକ ଅଫିସ,୨୨।୧୨**



ବୈଠକରେ ସିଡିଏ ଅଧ୍ୟକ୍ଷ, ସିଏମ୍‌ସି କମିଶନର, ଡିସିପି, ଓସିଏ ସମ୍ପାଦକ ଓ ଅନ୍ୟମାନେ।

**ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପ୍ରସ୍ତୁତି**
- ସତ୍ୟବ୍ରତ ଷ୍ଟାଡିୟମରେ ନିର୍ମାଣ ହେବ ହେଲିପ୍ୟାଡ୍
- ଭିଆଇପିଙ୍କ ପାଇଁ ବ୍ୟାପକ ବନ୍ଦୋବସ୍ତ

ଆସନ୍ତା ଜାନୁୟାରୀ ୧୧ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଲେଜର ଲାଇଟ୍ ଶୋ', ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆତସବାଜିରେ ଚମକିବ ଷ୍ଟାଡିୟମ। ଏଥିରେ ସେଲିବ୍ରେଟି ଓ ଶତାଧିକ ମାନ୍ୟଗଣ୍ୟ ଅତିଥି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ସତ୍ୟବ୍ରତ ଷ୍ଟାଡିୟମରେ ନିର୍ମାଣ ହେବ ହେଲିପ୍ୟାଡ୍। ଏନେଇ ଗୁରୁବାର ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳାରେ ଏହି ଉତ୍ସବ ପାଳନ ପାଇଁ କ୍ରୀଡା ସଚିବ ଆର୍. ଭିନିଲ କ୍ରିଷ୍ଣାଙ୍କ ସମେତ ଡିସିପି ପିନାକ ମିଶ୍ର, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଏକାଧିକଥର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ତେବେ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଓସିଏ ସମ୍ମିଳନୀ କକ୍ଷରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବଲିଉଡ୍‌ର ଏକାଧିକ ସେଲିବ୍ରିଟି, ପ୍ରାୟ ୩ ହଜାର ଭିଆଇପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ଦୃଢ ପରିକର ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଭିଆଇପିମାନଙ୍କର ଯାତାୟାତ ପାଇଁ ନିର୍ଦ୍ଦିଷ୍ଟ ରାସ୍ତାର ମରାମତି କାର୍ଯ୍ୟ ଆସନ୍ତା ଜାନୁୟାରୀ ୫ ତାରିଖ ପୂର୍ବରୁ ଶେଷ କରିବା ଲାଗି ପିଡବ୍ଲ୍ୟୁଡି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଏକାଧିକ ଟ୍ୟାଙ୍କର ବ୍ୟବସ୍ଥା ସହ ଷ୍ଟାଡିୟମ ଭିତରେ ସିନ୍‌ଟେକ୍ସ ଟାଙ୍କି ସ୍ଥାପନ ପାଇଁ ୱାଟ୍‌କୋର ପରିଚାଳକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଷ୍ଟାଡିୟମ ଭିତରପଟ ବ୍ୟାରିକେଡ୍ ଓସିଏ ପକ୍ଷରୁ ନିର୍ମାଣ ହେବାକୁ ଥିବାବେଳେ ବାହାର ପଟ ବ୍ୟାରିକେଡ୍‌କୁ ପିଡବ୍ଲ୍ୟୁଡି ନିର୍ମାଣ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ଷ୍ଟାଡିୟମ ଭିତରେ ଖାଦ୍ୟ ଓ ପାନୀୟ ଜଳ ଯୋଗାଣ ପାଇଁ ଓସିଏକୁ ଦାୟିତ୍ୱ ଦିଆଯାଇଛି । ଷ୍ଟାଡିୟମ ଭିତର ସମସ୍ତ ଶୌଚାଳୟ ସଫା କରିବା ସହ ଏସିଗୁଡିକୁ ଆସନ୍ତା ୨୫ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି । ସେହିପରି ଷ୍ଟେଜ୍ ଓ ବସିବା ବ୍ୟବସ୍ଥା ଧାର୍ଯ୍ୟ ସମୟରେ ଶେଷ କରିବାକୁ ଇଭେଣ୍ଟ ମ୍ୟାନେଜମେଣ୍ଟ ଦାୟିତ୍ୱରେ ଥିବା ସଂସ୍ଥାକୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡିସିପି ପିନାକ ମିଶ୍ର, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ପିଡବ୍ଲ୍ୟୁଡି ଯନ୍ତ୍ରୀ, ୱାଟ୍‌କୋର ପରିଚାଳକ, ବିଦ୍ୟୁତ୍ ଓ ପାନୀୟ ଜଳଯୋଗାଣ ଅଧିକାରୀଙ୍କ ସମେତ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାର କର୍ମକର୍ତ୍ତା ଯୋଗଦେଇଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**କଟକ ଅଫିସ,୨୨।୧୨**

**ନାବାଳିକା ବଳାତ୍କାର ମାମଲା**

ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଏଥିସହ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଅଶୋକ କୁମାର ପହି ୧୪ ଜଣ ସାକ୍ଷୀଙ୍କ ବୟାନ ଓ ୪୫ଟି ସାକ୍ଷ୍ୟ ପ୍ରମାଣ ଆଧାରରେ ମାମଲାର ବିଚାର କରି ରାୟ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଖୁଣ୍ଟୁଣୀ ଥାନା ଅଞ୍ଚଳର ନାବାଳିକା ଜଣକ କଲେଜରେ ପଢୁଥିବାବେଳେ ଅଭିଯୁକ୍ତ ଶରତ ରାଉତଙ୍କ ସହ ଘନିଷ୍ଠତା ହୋଇଥିଲା। ୨୦୧୮ ଅକ୍ଟୋବର ୨ରେ ଶରତ ନାବାଳିକାଙ୍କୁ ଏକ ମନ୍ଦିରରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ନାବାଳିକାଙ୍କୁ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। ଏହାଦ୍ୱାରା ନାବାଳିକା ଅନ୍ତଃସତ୍ତ୍ୱା ହୋଇଥିଲେ। ଫଳରେ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଔଷଧ ଦେଇ ଗର୍ଭନଷ୍ଟ କରାଇଥିଲେ। ଏଥିସହ ନାବାଳିକାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକା ଘରେ ପହଞ୍ଚି ଏ ସମ୍ପର୍କରେ ତାଙ୍କ ମାଆଙ୍କୁ ଜଣାଇଥିଲେ। ପରେ ନାବାଳିକାଙ୍କ ମା' ଏନେଇ ଆଠଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ମାମଲା ଦାଏର କରିଥିଲେ। ସେଠାରୁ କଟକ ପୋକ୍ସୋ ସ୍ୱତନ୍ତ୍ର ଅଦାଲତକୁ ମାମଲା ସ୍ଥାନାନ୍ତର ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ବୋର୍ଡ ସ୍କୁଲର ବାର୍ଷିକ ଉତ୍ସବ


ସେକେଣ୍ଡାରି ବୋର୍ଡ ହାଇସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

**କଟକ ଅଫିସ,୨୨।୧୨**

କଟକସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବୋର୍ଡ ସଭାପତି ରାମାଶିଷ ହାଜରା, ସମ୍ପାଦକ ସୁମିତା ସରକାର, ପରୀକ୍ଷା ନିୟନ୍ତ୍ରକ ସୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉପରେ ମତ ପ୍ରକାଶ କରିଥିଲେ। ପାଠ ପଢ଼ା ସହ ଖେଳକୁଦ ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏଥିରେ ବୋର୍ଡ ସଭାପତି, ସମ୍ପାଦକଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

# ମନ ମୋହିଲା କଥକ, ଭାରତନାଟ୍ୟମ



ଶ୍ରୀଜନୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ ଓ କଥକର ଯୁଗଳବନ୍ଦୀ ନୃତ୍ୟ।

**କଟକ ଅଫିସ,୨୨।୧୨**

**ମହାନଦୀ ଫେଷ୍ଟିଭାଲ**

କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆରେ ଚାଲିଥିବା ୧୭ତମ ମହାନଦୀ ଫେଷ୍ଟିଭାଲର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ମହାନଦୀ ଫେଷ୍ଟିଭାଲ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଫେଷ୍ଟିଭାଲର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୋଶ ସ୍ୱାଇଁ, ଶୋଭନ ରାୟ, ଧନଞ୍ଜୟ ପରିଜା ଓ ଗ୍ଲୋବାଲ ଇଣ୍ଡିଆ ମଡେଲ୍ ସ୍କୁଲର ଅଧ୍ୟକ୍ଷା ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ଯୋଗଦେଇଥିଲେ। ଫେଷ୍ଟିଭାଲ ସମ୍ପାଦକ ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଟେନିସ୍ ତାରକା ସାଇ ସ୍ୱସ୍ତିକ୍ ମହାନ୍ତିଙ୍କୁ କ୍ରୀଡାଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫେଷ୍ଟିଭାଲରେ କୋଲକାତାସ୍ଥିତ ଶ୍ରୀଜନୀ ଅନୁଷ୍ଠାନର କଳାକାରମାନେ ଭାରତ ନାଟ୍ୟମ ଓ କଥକ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ପଶ୍ଚିମବଙ୍ଗର ହିମିକା ବର୍ମନ ଓ ସାଥୀ କଳାକାରମାନେ ବେଙ୍ଗଲୀ ଲୋକନୃତ୍ୟ ପରିବେଷଣ କରିଥିଲେ। ପରେ କଟକର ଗୁରୁ ନିହାର ରଞ୍ଜନ ଦାସଙ୍କ ଦ୍ୱାରା ସ୍କାର୍ଫ ନୃତ୍ୟ ହୋଇଥିଲା। ସଙ୍ଗଠନ ସମ୍ପାଦକ ଅଶୋକ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

## ନାବାଳକ ସମେତ ୨ ଜଣଙ୍କୁ କାବୁକଲା ପୋଲିସ

**ମୋବାଇଲ ଲୁଟ୍ ମାମଲା**

**କଟକ ଅଫିସ,୨୨।୧୨**

ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କାଳିଆବୁଦା ଅଞ୍ଚଳରେ ଏକ ମୋବାଇଲ୍ ଲୁଟ୍ ଘଟଣାରେ ପୋଲିସ ଜଣେ ନାବାଳକ ସମେତ ୨ ଜଣଙ୍କୁ କାବୁ କରିଛି। ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡର ପ୍ରିନ୍ସିପାଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଇଥିବାବେଳେ ଅନ୍ୟ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜଖପୁରା ଥାନା ଅନ୍ତର୍ଗତ ଦଶମାଣିଆର ଅରୁଣ ପ୍ରଧାନ(୨୨)। ପୋଲିସ ହାତରେ ଧରାପଡ଼ିଥିବା ନାବାଳକ ମଧ୍ୟ ଏହି ଗ୍ରାମର ବୋଲି ଜଣାପଡ଼ିଛି। ଗତ ସେପ୍ଟେମ୍ବର ୬ ତାରିଖ ରାତି ସାଢ଼େ ୮ଟାରେ କାଳିଆବୁଦା ରମାଦେବୀ ଆପାର୍ଟମେଣ୍ଟରେ ରହୁଥିବା ବିଜୟ ନାୟକ ଭୁବନେଶ୍ୱରରୁ ତାଙ୍କ ଘରକୁ ଫେରୁଥିବାବେଳେ ସ୍ଥାନୀୟ ହାରାମଣି ମଣ୍ଡପ ନିକଟରେ ୨ଜଣ ଦୁର୍ବୃତ୍ତ ତାଙ୍କ ମୋବାଇଲ୍ ଛଡାଇନେଇ ଫେରାର୍ ହୋଇଯାଇଥିଲେ। ଏନେଇ ବିଜୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବୁଧବାର ଦୁହିଁଙ୍କୁ କାବୁ କରିବା ସହ ଲୁଟ୍ ମୋବାଇଲ ଜବତ କରିଥିଲା। ପଚରାଉଚରାବେଳେ ସେମାନେ ମୋବାଇଲ ଲୁଟ୍ କରିଥିବା ସ୍ୱୀକାର କରିଥିଲେ।

# କୋଟିପତି ଇଡ୍‌କଲ୍ ଅଧିକାରୀ ଗିରଫ

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

**୧୦ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍(ଇଡ୍‌କଲ୍)ର ଅଫିସର ତଥା କୋରାପୁଟ ଜିଲା ଆମ୍ପାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସର ଜଏଣ୍ଟ ମ୍ୟାନେଜର ଗୟା ସାନ୍ତରାଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଚଢ଼ାଉ ଓ ଯାଞ୍ଚ ପରେ ଗୟା ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ୧୦କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୨୯୦% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୟା ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୧୧/୨୦୨୨) ରୁଜୁ କରି ଅଧିକ ତଦନ୍ତ କରୁଛି। ତେବେ କୋଟିପତି ଗୟାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜାନୁୟାରୀ ୪ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସହରରେ ନିର୍ମାଣ ହେବ ଭେଣ୍ଡିଂ ଜୋନ୍

**କଟକ ଅଫିସ,୨୨।୧୨**

ସହରରେ ବିସ୍ଥାପିତ ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବିଜୁ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ଭେଣ୍ଡିଂ ଜୋନ୍‌ର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ଚିହ୍ନଟ ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ବ୍ୟବସାୟୀଙ୍କୁ ଦୋକାନ ଘର ଯୋଗାଇଦେବା ଲାଗି ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଗୁରୁତ୍ୱାରୋପ କରିଥିଲେ। ଜବର ଦଖଲ ଉଚ୍ଛେଦ ସ୍ଥାନର ଭିତ୍ତିଭୂମି ସୁଦୃଢ଼ କରାଯାଇ ଅଧିକ ଭେଣ୍ଡିଂ ଜୋନ୍ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ପୂର୍ବରୁ ୧୩ଟି ସ୍ଥାନ ଚିହ୍ନଟ ହୋଇଥିବାବେଳେ ପରବର୍ତ୍ତି ସମୟରେ ଅନ୍ୟ କେତୋଟି ସ୍ଥାନ ସମ୍ପ୍ରସାରଣ କରାଯାଇ ନୂଆ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଛି। ଉଠା ଦୋକାନୀଙ୍କୁ ଏହି ଭେଣ୍ଡିଂ ଜୋନରେ ଥଇଥାନ କରାଯିବା ପାଇଁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ କହିଛନ୍ତି। ବୈଠକରେ ବସ୍ତି ଉନ୍ନୟନ ଅଧିକାରୀ, ସର୍ଭେ ବିଭାଗର ଅଧିକାରୀ, ଗୋଷ୍ଠୀ ସଙ୍ଗଠକ ଉପସ୍ଥିତ ଥିଲେ।

# ବର୍ଷକରେ ଭିଜିଲାନ୍ସର ୨୭୦ ମାମଲା

**କଟକ ଅଫିସ,୨୨।୧୨**

ବିଦାୟୀ ୨୦୨୨ ବର୍ଷ ଓଡ଼ିଶା ଭିଜିଲାନ୍ସ ପାଇଁ ରେକର୍ଡ ସଫଳତା ଆଣିଦେଇଛି ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. କେ. ଜେଠୱା ଗୁରୁବାର ସୂଚନା ଦେଇଛନ୍ତି। ୨୦୨୨ରେ ଅଦ୍ୟାବଧି ୨୭୦ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଆୟ ବହିର୍ଭୁତ ସମ୍ପତ୍ତିଠୁଳ ମାମଲା ୭୫, ଲାଞ୍ଚ ନେବା ମାମଲା ୧୧୪ ଓ ଅବଶିଷ୍ଟ ଦୁର୍ନୀତି ମାମଲା ରହିଛି। ୨୭୦ ମାମଲା ମଧ୍ୟରୁ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ୬୦ ମାମଲା ରୁଜୁ ହୋଇଛି, ଯାହାକି ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ରହିଛି। ଗତବର୍ଷ ସର୍ବାଧିକ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲା ଠାବ ଓ ରୁଜୁ ହୋଇଥିବାବେଳେ ଏବର୍ଷ ମଧ୍ୟ ସଫଳତା ମିଳିବ ବୋଲି ଆଶା ରହିଛି। ୨୦୨୨ରେ ବିଭିନ୍ନ ମାମଲାରେ ରେକର୍ଡ ପରିମାଣର ନଗଦ ଟଙ୍କା ଜବତ ହୋଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ମୋଟ ୧୬୦ କୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଜବତ କରାଯାଇଛି। ସେହିପରି ଏହି ବର୍ଷ ସର୍ବାଧିକ ନଗଦ ଟଙ୍କା ଜବତ କରାଯାଇଛି। ବିଭିନ୍ନ ମାମଲାର ବିଚାର କରାଯାଇ ୮୭ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାକି ଦୋଷୀ ସାବ୍ୟସ୍ତ ହେବାର ହାର ଚଳିତ ବର୍ଷ ୫୦% ହୋଇଛି। ସେହିପରି ମାମଲାଗୁଡ଼ିକର ତଦନ୍ତ ପ୍ରକ୍ରିୟା ଶେଷ କରାଯିବା ଓ ବିଶେଷ କରି ପୁରୁଣା ମାମଲାଗୁଡ଼ିକର ଚାର୍ଜଶିଟ୍ ଦାଖଲ କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ମାମଲା ରୁଜୁ କରିବା ଓ ମାମଲା ଫଏସଲା ହେବାର ହାର ମଧ୍ୟ ସର୍ବାଧିକ ରହିଛି। ୨୦୨୧ ସମେତ ପୂର୍ବବର୍ଷଗୁଡ଼ିକରେ ରୁଜୁ ହୋଇଥିବା ଲାଞ୍ଚ ମାମଲାଗୁଡ଼ିକର ତଦନ୍ତ ଶେଷ ହୋଇଛି। ତେବେ ଆଗାମୀ ଦିନରେ ଦୁର୍ନୀତି ରୋକିବା ଦିଗରେ ଓଡ଼ିଶା ଭିଜିଲାନ୍ସ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଉଚ୍ଚ ପଦରେ ଥାଇ ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ପ୍ରାଥମିକତା ଦିଆଯିବ। ଏଥିସହ ତଦନ୍ତ ପ୍ରକ୍ରିୟାରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ମାଧ୍ୟରେ ଜମି, କୋଠା, ନଗଦ ଟଙ୍କା, ବ୍ୟାଙ୍କ ଡିପୋଜିଟ୍ ଆଦି ଉପରେ କଡ଼ା ନଜର ରଖାଯିବ ବୋଲି ନିର୍ଦ୍ଦେଶକ ଜେଠୱା କହିଛନ୍ତି।



ଗୁରୁବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ପ୍ରାବନ୍ଧିକ ମୀରା ବେଉରାଙ୍କ ରଚିତ ପୁସ୍ତକ 'ଜୀବନ ଜିଇଁବାର କଳା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


କଟକ ଟାଉନ୍ ହଲ୍‌ରେ ଗୁରୁବାର ଅନୁଷ୍ଠିତ ଆଦିବାସୀ ଚିତ୍ରକଳା ପ୍ରଦର୍ଶନକୁ ମହିଳାମାନେ ବୁଲି ଦେଖୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୨।୨୦୨୨

| | |
|---|---|
| ୬,୫୪,୮୮୭ ଟଙ୍କା | |
| ସୁନା | ୩୨୦ ମିଲିଗ୍ରାମ |
| ରୁପା | ୧ ଗ୍ରାମ |

# ୫୦୪ ଗୋରୁ ଲମ୍ପି ରୋଗରେ ଆକ୍ରାନ୍ତ

**ସତ୍ୟବାଦୀ ବ୍ଲକ**

- ଜଣେ ପ୍ରାଣୀ ନିରୀକ୍ଷକଙ୍କୁ ୧୫ ଗାଁ ଦାୟିତ୍ୱ
- ୮୪୦୦ ଗୋରୁଙ୍କୁ ଦିଆଗଲାଣି ଟିକା

ସାକ୍ଷୀଗୋପାଳ, ୨୨।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)

ଦେଶର କେତୋଟି ସ୍ଥାନରେ ଗୋରୁଙ୍କୁ ଲମ୍ପି ରୋଗ ହୋଇଥିବାବେଳେ ଏବେ ତାହା ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଡେଇଁଲାଣି। ଏହି ଲମ୍ପି ରୋଗ ଦ୍ୱାରା ଗୋରୁଙ୍କ ମୃତ୍ୟୁ ହେଉଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଞ୍ଚଳରେ ବହୁ ମାତ୍ରାରେ ଗୋରୁଙ୍କୁ ଲମ୍ପି ରୋଗ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଗୋପାଳକମାନେ ଏବେ ଚିନ୍ତା ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ରୋଗରେ ବ୍ଲକରେ ୭ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେସରକାରୀ ଭାବେ ଜଣାପଡ଼ିଥିବା ବେଳେ ସରକାରୀ ସୂତ୍ରରୁ କୌଣସି ମୃତ୍ୟୁ ହୋଇ ନ ଥିବା ସୂଚନା ମିଳିଛି। ଏହି ଦିଗରେ ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଟିକାକରଣ ଆରମ୍ଭ ହୋଇଛି। ଇତିମଧ୍ୟରେ ଏହି ରୋଗରେ ଆକ୍ରାନ୍ତ ବାଛୁରୀଙ୍କ ଅଧିକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ପ୍ରତିଷେଧକ ପାଇଁ ଜୋରସୋରରେ ଟିକାକରଣ କରାଯାଉଛି। କିନ୍ତୁ ଏହି କାର୍ଯ୍ୟରେ ପ୍ରାଣୀ ନିରୀକ୍ଷକଙ୍କ ସଂଖ୍ୟା କମ୍ ରହିଥିବାରୁ ଜଣେ ପ୍ରାଣୀ ନିରୀକ୍ଷକଙ୍କ ଉପରେ ୧୫ରୁ ଉର୍ଦ୍ଧ୍ୱ ଗାଁରେ ଟିକାକରଣ ଦାୟିତ୍ୱ ଦିଆଯାଇଛି। ଫଳରେ ଟିକାକରଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ଲକରେ ୨୫ ହଜାରରୁ ଉର୍ଦ୍ଧ୍ୱ ଗୋରୁ ଥିବାବେଳେ ଆରମ୍ଭରୁ ବାଛୁରୀଙ୍କୁ ଟିକାକରଣ କରାଯାଇଛି ବୋଲି ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ଲମ୍ପି ରୋଗର ଅନ୍ୟ ନାମ ଚର୍ମବିଣ୍ଡି ବା ଗୋ ବସନ୍ତ ବୋଲି ଲୋକ କହୁଛନ୍ତି। ଉକ୍ତ ରୋଗ ଏକ ବାୟୁ ବାହିତ ଓ ଭୂତାଣୁ ଜନିତ ରୋଗ ହୋଇଥିବାରୁ ମଶା, ମାଛି, ଡାଆଁସ ଦ୍ୱାରା ସୁସ୍ଥ ଗାଈକୁ ପ୍ରଭାବିତ କରେ। ଏହି ରୋଗକୁ ନେଇ ବ୍ଲକରେ ଆଗୁଆ ଟିକାକରଣ ଭଳି ସତର୍କତା ମୂଳକ ପଦକ୍ଷେପ ନିଆଗଲେ ଆକ୍ରାନ୍ତ ଗୋରୁଙ୍କୁ ଶୀଘ୍ର ରକ୍ଷା କରିପାରିବା ବୋଲି ଗୋପାଳକମାନେ ମତ ରଖିଛନ୍ତି। ବିଶେଷ ଭାବେ ଯେଉଁ ଗୋରୁଙ୍କର ରୋଗ ପ୍ରତିଷେଧକ ଶକ୍ତି କମ୍ ରହୁଛି ସେମାନଙ୍କୁ ଲମ୍ପି ରୋଗ ଆକ୍ରାନ୍ତ କରୁଛି। ଏହି ରୋଗ ସାଧାରଣତଃ ବାଛୁରୀ ଓ ଗର୍ଭବତୀ ଗାଈଙ୍କୁ ପ୍ରଭାବିତ କରୁଛି। ରୋଗରେ ଆକ୍ରାନ୍ତ ଗୋରୁଙ୍କ ଚର୍ମରେ ବିଣ୍ଡି ଭଳି ଗଣ୍ଠି ସୃଷ୍ଟି ହୋଇଛି। ପରେ ସେହି ଗଣ୍ଠି ଫାଟି ରକ୍ତ ଝରିବା ସହ ସେହି ଖଣ୍ଡିଆରେ ପୋକ ହୋଇଯାଉଛନ୍ତି। ଏହି ରୋଗରେ ଆକ୍ରାନ୍ତ ଗୋରୁଙ୍କ ପାଟିରୁ ନାଳ ଗଡ଼ିବା, ଖାଇବା ଛାଡ଼ିଦେବା, ଘୁମାଇବା ଭଳି ସ୍ଥିତି ଦେଖାଯାଉଛି। ଏଭଳି ସ୍ଥିତି ଲାଗି ରହିବାର ୩ରୁ ୪ଦିନ ପରେ ଆକ୍ରାନ୍ତ ଗୋରୁଙ୍କ ମୃତ୍ୟୁ ଘଟୁଛି। ତେବେ ଆବଶ୍ୟକ ଔଷଧ ସେବନ କରାଗଲେ ଆକ୍ରାନ୍ତ ଗୋରୁ ସପ୍ତାହ ପରେ ସୁସ୍ଥ ହୋଇଯାଉଥିବା ପ୍ରାଣୀଧନ ଚିକିତ୍ସକମାନେ କହୁଛନ୍ତି। ତେଣୁ ବର୍ତ୍ତମାନ ସମୟରେ ଗୋପାଳକମାନେ ସେମାନଙ୍କ ଗୋରୁଙ୍କୁ ଭିଟାମିନଯୁକ୍ତ ଖାଦ୍ୟ ଦେବା ସହ ବାହାରକୁ ନ ଛାଡ଼ିବା ପାଇଁ ଚିକିତ୍ସକ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ହଳଦୀ ଓ ଲିମ୍ବ ପତ୍ରକୁ ଆକ୍ରାନ୍ତ ଗୋରୁଙ୍କ ଚର୍ମରେ ଲେପନ କରିବାକୁ କୁହାଯାଇଛି। ଏଭଳି ହେଲେ ସେମାନଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ଘଟିବ। ଗୋରୁ ଏହି ରୋଗରେ ଆକ୍ରାନ୍ତ ହେଲେ ବି ବିପଦରୁ ମୁକୁଳିପାରିବେ ବୋଲି ଆଶା କରାଯାଉଛି। ଏ ସଂକ୍ରାନ୍ତରେ ସତ୍ୟବାଦୀ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି, ବ୍ଲକରେ ଲମ୍ପି ରୋଗକୁ ନେଇ ଟିକାକରଣ ଚାଲିଛି। ଆବଶ୍ୟକ ମୁତାବକ ପ୍ରାଣୀ ନିରୀକ୍ଷକ ନ ଥିବାରୁ ଟିକାକରଣରେ ସାମାନ୍ୟ ବିଳମ୍ବ ହେଉଛି। ତେବେ ପ୍ରଥମ ପର୍ଯ୍ୟାୟରେ ୫୦୪ ଆକ୍ରାନ୍ତ ଗୋରୁଙ୍କୁ ନଜରରେ ରଖି ଚିକିତ୍ସା କରାଯାଉଛି। ଏଥିସହ ବର୍ତ୍ତମାନ ସୁଦ୍ଧା ୮୪୦୦ ଗୋରୁଙ୍କୁ ଟିକା ଦିଆସରିଲାଣି। ଆମ ପାଖରେ ଏବେ ଯଥେଷ୍ଟ ଭାକ୍ସିନ ଓ ଆବଶ୍ୟକ ଔଷଧ ମହଜୁଦ ରହିଛି। ପରିସ୍ଥିତିକୁ ନିୟନ୍ତ୍ରଣ ରଖିବା ପାଇଁ ଏକ କଣ୍ଟ୍ରୋଲ ରୁମ୍ କରାଯିବା ପାଇଁ ସ୍ଥିର କରାଯାଇଛି। ଆଗକୁ ପ୍ରତିଷେଧକ ବ୍ୟବସ୍ଥା ଆହୁରି ଜୋରଦାର ହେବ ବୋଲି ଚିକିତ୍ସା ଅଧିକାରୀ ମିଶ୍ର କହିଛନ୍ତି।



ଲମ୍ପି ରୋଗରେ ଆକ୍ରାନ୍ତ ଗୋରୁଙ୍କୁ ଟିକା ଦିଆଯାଉଛି ।

## 'ଶିକ୍ଷାର ଅଗ୍ରଗତି ହେଲେ ଦେଶର ବିକାଶ ହେବ'

କୃଷ୍ଣପ୍ରସାଦ,୨୨।୧୨(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖାଡ଼ ପଞ୍ଚାୟତ ପ୍ରଜ୍ଞା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦ୍‌ଭାବନା ସଭାର ସଦସ୍ୟ ରାଜ କିଶୋର ସାହୁ, ଶିକ୍ଷାବିତ୍ ବିଜୟ ପଣ୍ଡା, ତ୍ରିଲୋଚନେଶ୍ୱର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ସାମାଜିକ କର୍ମୀ ଦାମୋଦର ବିଶ୍ୱାଳ, ଯୋଗେନ୍ଦ୍ର ଜେନା, ନବଘନ ତରେଇ ପ୍ରମୁଖ ଯୋଗଦେଇଥିଲେ। ପ୍ରତାପ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ପ୍ରସନ୍ନ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚକ୍ରଧର ମାଝୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷାର ଅଗ୍ରଗତି ହେଲେ ଦେଶର ବିକାଶ ହେବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ କହିଥିଲେ। ବିଦ୍ୟାମନ୍ଦିରର ଉପସଭାପତି ପ୍ରଦୀପ ମାନସିଂହ, ପୂର୍ବତନ ସମ୍ପାଦକ ଅଶ୍ୱିନୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ୨୬ରେ ରଥକାଠ ପାଇଁ ନୟାଗଡ଼ ଯିବେ ପ୍ରତିନିଧି ଦଳ

**ପୁରୀ ଅଫିସ, ୨୨।୧୨:** ୨୦୨୩ ଜୁନ ୨୦ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ରଥ ସଂହିତା ଅନୁଯାୟୀ, ପବିତ୍ର ମାଘ ମାସ ବସନ୍ତ ପଞ୍ଚମୀ ଅବସରରେ ରଥଯାତ୍ରାର ଆଦ୍ୟପର୍ବ ରଥକାଠ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୬ତାରିଖରେ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ୪ଜଣିଆ ପ୍ରତିନିଧି ଦଳ ରଥକାଠ ନିମନ୍ତେ ନୟାଗଡ଼ ବଡ଼ମୂଳସ୍ଥିତ ମା' ବଡ଼ରାଉଳ ଠାକୁରାଣୀଙ୍କ ଅଭିମୁଖେ ଯାତ୍ରା କରିବେ। ଶ୍ରୀମନ୍ଦିର ପରମ୍ପରା ଓ ରଥ ସଂହିତା ଅନୁଯାୟୀ, ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଯୋଗାଯାଉଥିବା କାଠଗୁଡ଼ିକ କଟାହେବା ପୂର୍ବରୁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାଳମହାପ୍ରସାଦ, ଧୂପଦୀପ, ନଡ଼ିଆ, ଲାଗିଖଣ୍ଡୁଆ, ପତନୀ ଆଦି ଜିନିଷମାନ ମା'ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ। ତେଣୁ ଆସନ୍ତା ୨୬ତାରିଖରେ ମେକାପଙ୍କ ନେତୃତ୍ୱରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଏବଂ ଡିଇଓ ସତ୍ୟନାରାୟଣ ପାତ୍ର ନୟାଗଡ଼ ଅଭିମୁଖେ ଯାଇ ୨୭ତାରିଖରେ ପୂଜାକାର୍ଯ୍ୟ ସମ୍ପନ୍ନ କରିବେ। ଚଳିତବର୍ଷ କରତକଳ ପାଇଁ ୪୦୬ଖଣ୍ଡ ରଥକାଠ ଆବଶ୍ୟକ ହେଉଥିବାବେଳେ ରଥଖଳା ପାଇଁ ୩୪୧ଖଣ୍ଡ କାଠ ଏହିପରି ସର୍ବମୋଟ ୭୪୭ ଖଣ୍ଡ କାଠର ଆବଶ୍ୟକତା ଅଛି। ତେବେ ଗତବର୍ଷରୁ ୧୧୮ଖଣ୍ଡ କାଠ ମହଜୁଦ ରହିଛି। ଦାରୁଦିଅଁଙ୍କ ରଥ ନିର୍ମାଣ ପାଇଁ ୮୬୫ଖଣ୍ଡ କାଠ ଯଥା: ଫାର୍ସୀ, ଅସନ, ଧଉରା, ଶିମିଳି ଭଳି ଅନ୍ୟାନ୍ୟ କାଠ ଦରକାର ପଡ଼ିଥାଏ। ଏଥିସହ ଶହେ ଖଣ୍ଡ କଞ୍ଚାକାଠର ଆବଶ୍ୟକତା ରହିଥାଏ।

### ଆକ୍ରମଣ ମାମଲା: ୩ ଭାଇଙ୍କୁ ୩ ବର୍ଷ ଜେଲ୍

**ନିମାପଡ଼ା,୨୨।୧୨(ଡି.ଏନ୍.ଏ):** ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ନିମାପଡ଼ା ସହକାରୀ ଦୌରାଜଜ୍ ନୀଳିମା ପଣ୍ଡା ୩ ଅଭିଯୁକ୍ତ ଭାଇଙ୍କୁ ବୁଧବାର ୩ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଦଫା ୩୦୭ ଏବଂ ୩୪୧ରେ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟେ ଅଧିକ ୬ ମାସ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବଳଙ୍ଗା ଥାନା ତୋରିହଁ ବନ୍ଧ ଗ୍ରାମର କାହ୍ନୁଚରଣ ରାୟ, କରୁଣାକର ରାୟ ଓ ଦୀନବନ୍ଧୁ ରାୟ।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ଉତ୍ସବ



ଡେଲାଙ୍ଗ ଅଭୟମୁଖୀ ପଞ୍ଚାୟତର ଖେଳପଡ଼ିଆରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଡେଲାଙ୍ଗ,୨୨।୧୨(ଡି.ଏନ୍.ଏ.)

ହକି ବିଶ୍ୱକପ ପାଇଁ କ୍ରୀଡ଼ା ସଚେତନତା ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲକ୍ଷ୍ୟନେଇ ଡେଲାଙ୍ଗ ବ୍ଲକରେ ପଞ୍ଚାୟତ ସ୍ତରୀୟ କ୍ରୀଡା ଉତ୍ସବ ଅଭୟମୁଖୀ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳି ସନ୍ନିକଟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ଜିପିଓ ରତିକାନ୍ତ ସାହୁ, ସରପଞ୍ଚ ପ୍ରମିଳା ସେନାପତି, ଜିଲା ପରିଷଦ ସଭ୍ୟା ଦିପ୍ତିଶ୍ରୀ ରାଉତରାୟ, ସମିତିସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, ପିଇଓ ଯଦୁମଣି ଦାଶ, ସିଆର୍‌ସିସି କ୍ଷେତ୍ରବାସୀ ଆଳୁକ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହ କରିଥିଲେ। ଇନ୍ଦିପୁର, ବିଳାସପୁର, ନଡାଖଣ୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ଓ ଅଭୟମୁଖି ସର୍ବପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ଫୁଟବଲ, କବାଡି, ଖୋଖୋ ଖେଳରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବଂଶୀଧର ମହାପାତ୍ର ଓ କବିତା ବରାଳ କ୍ରୀଡ଼ା ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବିକ୍ରମ ପାତ୍ର, ନିରଞ୍ଜନ ସାହୁ, କରୁଣା କର ମଲ୍ଲିକ୍, ନିରଞ୍ଜନ ଜେନା, ନରେଶଚନ୍ଦ୍ର ନାୟକ, ରାଜେସ ସେନାପତି, ନାଏବ ସରପଞ୍ଚ ବାସୁଦେବ ପ୍ରଧାନ, ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଫୁଟବଲରେ ୧୨ଜଣ ବାଳକ, ଖୋ ଖୋରେ ୧୦, କବାଡିରେ ୮ ବାଳକ ଓ ବାଳିକାଙ୍କୁ ବ୍ଲକ ସ୍ତରକୁ ମନୋନୀତ କରାଯାଇଛି । ସେହିପରି ହରିରାଜପୁର ପଞ୍ଚାୟତର ସୋମନାଥ ବିଦ୍ୟାପୀଠ ପରିସରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସରପଞ୍ଚ ରୀନାରାଣୀ ରାଉତରାୟ, ଡା. ତପନ ଦାଶ, କ୍ରୀଡା ଶିକ୍ଷକ ମନୋଜ ମହାପାତ୍ର, ମହାଦେବ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ରେଞ୍ଚ, ଗୁଆଳିପଡା, ସାଉରିଆ, ଧାନକେରା, ଅରିସଲ, ଖେଲାଉର, ଡେଲାଙ୍ଗ- କୋଠବାଡ଼, ସୁଜନପୁର, ଚାଇଁପୁର ଘନିପୁର, କଲ୍ୟାଣପୁର, ମୁନିନ୍ଦା ପ୍ରଭୃତି ପଞ୍ଚାୟତରେ କ୍ରୀଡ଼ା ଉତ୍ସବରେ ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ।

## ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ

ପିପିଲି,୨୨।୧୨(ଡି.ଏନ୍.ଏ.)

ସ୍ଥାନୀୟ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୀ ଉତ୍ସବ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସମିତା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଅଜୟ ମିଶ୍ର ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମହାମହିମ ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଥିବା ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପରିବେଶବିତ କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା ଏବଂ ଶିକ୍ଷାବିତ ପ୍ରମୋଦ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସମାଜରେ ଭଲ ମଣିଷ ହୋଇ ସ୍କୁଲ ଓ ନିଜ ଅଞ୍ଚଳ ତଥା ରାଜ୍ୟର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିବା ସହ ବିଦ୍ୟାଳୟର ୪ଜଣ ଦକ୍ଷ ଶିକ୍ଷୟିତ୍ରୀ ତଥା ମିନାକ୍ଷୀ ସାହୁ, ଅନିତା ଦାସ, ଅଫସନା ଖାତୁନ ଏବଂ ଶ୍ୱେତପଦ୍ମ ପ୍ରଧାନଙ୍କୁ ଚଳିତବର୍ଷର ବେଷ୍ଟ ଟିଚର୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ୨ ମୃତ ବିଦେଶୀ ପକ୍ଷୀ ଜବତ: ଶିକାରୀ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୨୨।୧୨(ଡି.ଏନ୍.ଏ.)



ସମ୍ପ୍ରତି ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଇଛି। ତେବେ କେତେଜଣ ଶିକାରୀ ଅର୍ଥ ଲାଳସାରେ ପକ୍ଷୀଙ୍କୁ ଶିକାର କରୁଛନ୍ତି। ଶିକାର ରୋକିବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଗୁରୁବାର ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ସୁନ୍ଦରପୁର ଅଞ୍ଚଳରେ ବିଭାଗୀୟ କର୍ମଚାରୀ ଚଢ଼ାଉ କରି ଦୁଇଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ମଙ୍ଗଳାଯୋଡି ଗ୍ରାମର ଅଶୋକ ବେହେରା(୨୮)। ତାଙ୍କ ନିକଟରୁ ଦୁଇଟି ମୃତ ସ୍ୱଟ୍ ବିଲଡ ଡକ୍ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ.୧୩ ଟି /୨୦୨୨-୨୩) ରୁଜୁ ହୋଇଛି। ଏହି ଚଢ଼ାଉରେ ଫରେଷ୍ଟର ସୁଜିତ କୁମାର ବେହେରା, ଫରେଷ୍ଟ ଗାର୍ଡ ଆଲୋକ ବେହେରା ସାମିଲ ଥିଲେ।

## ଅସ୍ତରଙ୍ଗ ବନଖଣ୍ଡରୁ ୬ଟିମ୍ ଗଣିଲେ ଡଲଫିନ



ବନଖଣ୍ଡ ଅଧିକାରୀମାନେ ଡଲ୍‌ଫିନ୍ ଗଣନା କରୁଛନ୍ତି।

ଅସ୍ତରଙ୍ଗ,୨୨।୧୨(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବନଖଣ୍ଡ ପକ୍ଷରୁ ଚନ୍ଦ୍ରଭାଗାଠାରୁ ଦେବୀନାସି ପର୍ଯ୍ୟନ୍ତ ରେଞ୍ଜର ବିଚିତ୍ରାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ୬ଟି ଟିମ୍ ଦ୍ୱାରା ଡଲଫିନ ଗଣନା କାର୍ଯ୍ୟ ଚାଲିଛି। ଏହି ଗଣନା କାର୍ଯ୍ୟ ଶୁକ୍ରବାର ସରିବ। ଏହି ଟିମ୍ ମଧ୍ୟରୁ ରେଞ୍ଜର ବିଚିତ୍ରାନନ୍ଦ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଦେବୀ ନଦୀରୁ କାଦୁଆ ନଦୀ ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିବା ବେଳେ ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ରଙ୍କ ଟିମ୍ ଦେବୀ ନାସିରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଗଣନା କରୁଛନ୍ତି। ସେହିଭଳି ଫରେଷ୍ଟର ସଞ୍ଜୟ କୁମାର ମଲ୍ଲିକଙ୍କ ଟିମ୍ ଚନ୍ଦ୍ରଭାଗାରୁ ଗଙ୍ଗଦେବୀ, ଫରେଷ୍ଟର ସବୀର ସାହୁଙ୍କ ଟିମ୍ ଗଙ୍ଗାଦେବୀଠାରୁ ଜାହାନିଆ, ଫରେଷ୍ଟର ସ୍ୱପେଶ୍ୱର ଜାଲଙ୍କ ଟିମ୍ ଜାହାନିଆଠାରୁ ବେଲେଶ୍ୱର ଏବଂ ଫରେଷ୍ଟର ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ଟିମ୍ ଚନ୍ଦ୍ରଭାଗାଠାରୁ ଅର୍କକୁଦ ପର୍ଯ୍ୟନ୍ତ ଗଣନା କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ପୂର୍ବ ଶତ୍ରୁତାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୮ ଆହତ

ନିମାପଡ଼ା,୨୨।୧୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚଶାସନ ପଞ୍ଚାୟତର ପୁରୁଷଣ୍ଡ ଗ୍ରାମରେ ପାରିବାରିକ ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୁଧବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଗୌରୀ ବେହେରା, ଝରି ବେହେରା, ସଞ୍ଜୟ ବେହେରା, ବିଜୟ ବେହେରା, ତ୍ରିନାଥ ବେହେରା, ବାବୁଲି ବେହେରା, ଝୁନି ବେହେରା, କାବ୍ୟ ବେହେରା ପ୍ରମୁଖ ୮ ଜଣ ଆହତ ହୋଇ ନିମାପଡ଼ା ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ସଞ୍ଜୟ ଓ ବାବୁଲିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ତ୍ରିନାଥ ଆକ୍ରମଣକାରୀ ସୀମାଞ୍ଚଳ ବେହେରା, ଗୌରୀ, ବାହୁଡ଼ା ବେହେରା, ବିଜୟ, ସଞ୍ଜୟ, ଅକ୍ଷୟ ବେହେରା ପ୍ରମୁଖଙ୍କ ବିରୋଧରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ତେବେ ଅନ୍ୟ ପରିବାରର ବିଜୟ ଆକ୍ରମଣକାରୀ ତ୍ରିନାଥ, ବାବୁଲି, କାବୁଲି ବେହେରା, ଜଗନ୍ନାଥ ବେହେରା, ସୋମନାଥ ବେହେରା, ଲୋଚନା ବେହେରାଙ୍କ ସମେତ ୨୦ ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ୨ଟି ପୃଥକ୍ ମାମଲା (ନଂ. ୪୧୭/୨୨ ଏବଂ ୪୧୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କୁ ପୋଲିସ ଧରିବାକୁ ଉଦ୍ୟମ ଚଳାଉଥିବାବେଳେ ଗିରଫ ଭୟରେ ସେମାନେ ଘର ଛାଡ଼ି ଫେରାର ହୋଇଯାଇଥିବା ପୋଲିସ କହିଛି।

## ଭାଜପା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବୈଠକ




ବୈଠକରେ ମଞ୍ଚାସୀନ ଭାଜପାର ବରିଷ୍ଠ ନେତୃବୃନ୍ଦ।

ପୁରୀ ଅଫିସ, ୨୨।୧୨

ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଭାରତୀୟ ଜନତା ପାର୍ଟିରେ ଦୁଇଦିନିଆ ପ୍ରବାସୀ ଯୋଜନା ଆରମ୍ଭ ହୋଇଛି। ପୁରୀ ସଂସ୍କୃତି ଭବନରେ ଗୁରୁବାର ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲ୍ଲୀ ମହିଳା ମୋର୍ଚ୍ଚା ସଭାନେତ୍ରୀ ଯୋଗିତା ସିଂ ଯୋଗଦେଇ ମହିଳାଙ୍କୁ ସଶକ୍ତ କରିବାକୁ ଆଲୋଚନା କରିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଉପରେ ଭାଜପା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଗ୍ରାଧିକାର ଦେବା ସହ ୧୮ରୁ ୨୫ ବର୍ଷର ମହିଳାମାନେ ଯେଭଳି ସ୍ୱାବଲମ୍ବୀ ହେବେ ସେ ନେଇ ଆଲୋଚନା କରିଥିଲେ। ମହିଳାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ବାସ୍ତବରେ କିଭଳି କାର୍ଯ୍ୟକାରୀ ହେଉଛି ତା'ର ସ୍ଥିତି ଅନୁଧ୍ୟାନ ପାଇଁ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ପ୍ରତିନିଧିମାନେ ଏହି ବୈଠକରେ ସାମିଲ ହୋଇଛନ୍ତି। ବୈଠକରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡ଼ା, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବରିଷ୍ଠ ନେତା ଓମ୍ ପ୍ରକାଶ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ର, ଜିଲା ପ୍ରଭାରୀ ସୁବାସିନୀ ପୃଷ୍ଟି, ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜଲକ୍ଷ୍ମୀ ଦାସ, ରାଷ୍ଟ୍ରୀୟ କାଉନସିଲ ସଦସ୍ୟ ମଧୁ ସିଂହାରୀ, ସାଧାରଣ ସହ ସମ୍ପାଦିକା ମୀନଳତା ମହାନ୍ତି, ସସ୍ମିତା ସାହୁ, ଉପସଭାନେତ୍ରୀ ଚୌଧୁରୀ ମନସ୍ୱିନୀ ଦାଶ, ପୂର୍ଣ୍ଣିମା ସାହୁ, ଜୟନ୍ତୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସ୍ମିତାଞ୍ଜଳି ପତି ପ୍ରମୁଖ ଯୋଗଦେଇଥିଲେ। ବୈଠକ ପୂର୍ବରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଯୋଗିତା ସିଂହ ରାଜ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଅଙ୍ଗନୱାଡ଼ି କର୍ମୀଙ୍କ ବିଭିନ୍ନ ଦାବି ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି। ସୁକନ୍ୟା ସମୃଦ୍ଧି, ଉଜ୍ୱଳା ଓ ଆୟୁଷ୍ମାନ ଯୋଜନାର କାର୍ଯ୍ୟକାରିତା ନେଇ ତୃଣମୂଳ ସ୍ତରରେ ମହିଳାଙ୍କୁ ଭେଟି ଆଲୋଚନା କରିବେ। ମମିତା ମେହେର୍ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ଘଟଣାକୁ ସହଜରେ ଗ୍ରହଣ କରିପାରୁନି ଭାଜପା ମହିଳା ମୋର୍ଚ୍ଚା। ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ସିଂ ଅଭିଯୋଗ କରିଛନ୍ତି।

# ସଜେଇ ହେଉଛି ତାଳବଣିଆ ପଡ଼ିଆ

- ୨୬ରେ ବିଜେଡି ପାଳିବ ୨୫ତମ ପ୍ରତିଷ୍ଠା ଦିବସ
- ଯୋଗଦେବେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ନେତା

ପୁରୀ ଅଫିସ, ୨୨।୧୨

ଚଳିତ ମାସ ୨୬ ତାରିଖରେ ବିଜୁ ଜନତା ଦଳ (ବିଜେଡି) ୨୫ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ୨୦୨୪ରେ ସାଧାରଣ ନିର୍ବାଚନ ଥିବାରୁ ବିଜେଡି ତା'ର ରୌପ୍ୟ ଜୟନ୍ତୀ ଉତ୍ସବ ପୁରୀରେ ଆୟୋଜନ କରି ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସାରା ରାଜ୍ୟରେ ଅଭିଯାନ ଜାରି ରଖିବା ପାଇଁ ଲକ୍ଷ୍ୟ ରଖିଛି। ପ୍ରତିଷ୍ଠା ଦିବସ ଆଉ ୩ଦିନ ବାକି ଥିବାବେଳେ ଚଳଚଞ୍ଚଳ ହୋଇପଡ଼ିଛି ଆୟୋଜନସ୍ଥଳ ପୁରୀ ତାଳବଣିଆ ପଡ଼ିଆ। ଏଠାରେ ବିଜେଡି ୨୫ତମ ରୌପ୍ୟ ଜୟନ୍ତୀ ପାଳନ କରିବ। ଏଥିରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେବେ। ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀ ଓ ନେତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିବେ। ଏଥିପାଇଁ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ବିଜେଡିର ରୌପ୍ୟ ଜୟନ୍ତୀକୁ ଆନନ୍ଦ ଉଲ୍ଲାସରେ ପାଳନ କରାଯିବା ଲକ୍ଷ୍ୟ ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ବୁଧବାର ଦଳର ବରିଷ୍ଠ ନେତୃବୃନ୍ଦ ଆୟୋଜନସ୍ଥଳକୁ ଆସି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଗୁରୁବାର ନୟାଗଡ଼ ବିଧାୟକ ଅରୁଣ ସାହୁ ଏବଂ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ତାଳବଣିଆ ପଡ଼ିଆକୁ ଯାଇ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ଯୁବ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ସୁନୀଲ ମହାନ୍ତି ଏବଂ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ନେଇ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ତାଳବଣିଆ ପଡ଼ିଆ ପରିଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା ନେଇ ସ୍ଥିତି ସମୀକ୍ଷା କରିଥିଲେ।



ବିଜେଡି ନେତୃବୃନ୍ଦ ତାଳବଣିଆ ପଡ଼ିଆରେ ପ୍ରସ୍ତୁତି କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

ସୂଚନା ଅନୁଯାୟୀ, ୨୬ତାରିଖ ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ତାଳବଣିଆ ହେଲିପ୍ୟାଡରେ ଅବତରଣ କରିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ପରେ ସେଠାରୁ ତାଳବଣିଆ ପଡ଼ିଆ ଯାଇ ଦଳର ୨୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ। ଦଳକୁ ତୃଣମୂଳ ସ୍ତରରେ କିଭଳି ଅଧିକରୁ ଅଧିକ ମଜଭୁତ କରାଯିବା ସହ ୨୦୨୪ ନିର୍ବାଚନ ପାଇଁ ସମସ୍ତେ ଏକ ମିଶନ୍ ମୋଡରେ କାର୍ଯ୍ୟ କରିବେ ସେ ନେଇ ଦଳୀୟ କର୍ମୀ ଓ ନେତାଙ୍କୁ ସେ ଉଦବୋଧନ ଦେବେ। ଅନ୍ୟପଟେ ଏହି ସମାବେଶ ଏବଂ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ତାଳବଣିଆ, ଶ୍ରୀମନ୍ଦିର ସଂଲଗ୍ନ ଅଞ୍ଚଳ ଓ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସେଣ୍ଟ ଜାଭିୟର୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ମିଟ୍, ରେଲ୍‌ୱେ ଷ୍ଟାଡିୟମ୍, ସକାଳ ୭ଟା ୩୦।
- ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ, ସକାଳ ୮ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ଗୁଗେଦର ପକ୍ଷରୁ ଚିତ୍ତରଞ୍ଜନ ମହନ୍ତଙ୍କ 'ଏ ସୋଲୋ ୱାଟର କଲର୍ ଆର୍ଟ ଏକ୍ଜିବିଶନ', ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଶ୍ରମିକ ସମାବେଶ, ରୋଟାରି କ୍ଲବ, ପୂର୍ବାହ୍ନ ୧୧ଟା।
- ଉତ୍କଳ ୟୁନିଭର୍ସିଟିରେ ସମାବର୍ତ୍ତନ ଉତ୍ସବ, ୟୁନିଭର୍ସିଟି କ୍ୟାମ୍ପସ, ପୂର୍ବାହ୍ନ ୧୧ଟା ୩୦।
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ସାଇ ଅଲିମ୍ପିକ୍ ୨୦୨୨ର ଉଦ୍‌ଯାପନୀ, ଅପରାହ୍ନ ୧ଟା।
- ଅଲ୍ ଓଡ଼ିଶା ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ତମାଣ୍ଡୋ ମିନି ଷ୍ଟାଡିୟମ୍, ଅପରାହ୍ନ ୩ଟା।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ-୨ର ବାର୍ଷିକ ଉତ୍ସବ , ସତ୍ୟଭାମାପୁର, ଅପରାହ୍ନ ୩ଟା।
- ଦିବ୍ୟଜ୍ୟୋତି ସେବାଶ୍ରମର ବାର୍ଷିକ ଉତ୍ସବ, ଉଦୟଗିରି ବିହାର, ପାତ୍ରପଡ଼ା, ଅପରାହ୍ନ ୪ଟା।
- ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ପୋଖରୀପୁଟ୍, ଅପରାହ୍ନ ୫ଟା ୩୦।
- ଆଦର୍ଶ ଉଦ୍ୟୋଗୀ ପୁରସ୍କାର ଉତ୍ସବ, ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ସନ୍ଧ୍ୟା ୬ଟା।
- ୩୦ତମ ଏକଲବ୍ୟ ପୁରସ୍କାର, ହୋଟେଲ ମେ' ଫେୟାର କନ୍‌ଭେନଶନ୍, ସନ୍ଧ୍ୟା ୬ଟା।
- ଦି ହେଭେନ ଗ୍ରୁପ୍ ପକ୍ଷରୁ ୧୨ତମ ବାର୍ଷିକ ଉତ୍ସବ 'ଗୀତ ଗୀତିକା', ସୂଚନା ଭବନ, ସନ୍ଧ୍ୟା ୬ଟା।
- ନୃତ୍ୟ ପ୍ରତିଭା ଏବଂ ଗ୍ରାମ୍ୟ କମିଟି ପକ୍ଷରୁ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ଚଉଷଠି ଯୋଗିନୀ ମନ୍ଦିର ପରିସର, ସନ୍ଧ୍ୟା ୬ଟା।

# ଘର ଆଗରେ ଭାସୁଛି ଡ୍ରେନ୍ ପାଣି

- ଶବରସାହି ନେତାଜୀ ନଗର ବସ୍ତିବାସିନ୍ଦା ହନ୍ତସନ୍ତ
- ଡ୍ରେନ ନିର୍ମାଣ ପାଇଁ କର୍ପୋରେଟର ଅର୍ଥ ମାଗୁଥିବା ଅଭିଯୋଗ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଘର ଆଗରେ ଭାସୁଛି ଡ୍ରେନ୍ ପାଣି। ଘରୁ ଗୋଡ଼ କାଢିଲେ ଅପରିଷ୍କାର ପାଣି ଭିତରେ ପାଦ ପକାଇବାକୁ ପଡୁଛି। ଡ୍ରେନ୍ ପାଣି ପାଇଁ ମଶାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିବାବେଳେ ଘର ଭିତରକୁ ପୋକଜୋକ ପଶିଯାଉଛନ୍ତି। ଏଭଳି ସ୍ଥିତି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ୱାର୍ଡ ନଂ.୩୧ ଅନ୍ତର୍ଗତ ଶବରସାହି ନେତାଜୀ ନଗର ବସ୍ତିରେ ଦେଖିବାକୁ ମିଳିଛି। ବମିଖାଲ, ରସୁଲଗଡ଼ ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ଘରୁ ବାହାରୁଥିବା ଡ୍ରେନ୍ ପାଣି ବସ୍ତି ଦେଇଯାଉଛି। ବସ୍ତିରୁ ବାହାରିବା ପରେ ଡ୍ରେନ୍ ପାଣି ପାଖରେ ଥିବା ଜମିରେ ମିଶୁଥିଲା। ଏବେ ସେହି ଘରୋଇ ଜମିରେ କାମ ଚାଲିଥିବାରୁ ଡ୍ରେନ୍‌ରୁ ବାହାରୁଥିବା ପାଣିକୁ ବାଲି ପକାଇ ବନ୍ଦେଇ ଦିଆଯାଇଛି। ଫଳରେ ଡ୍ରେନ୍ ପାଣି ଆସି ଲୋକଙ୍କ ଘର ଆଗରେ ଜମି ରହୁଛି। ବସ୍ତିରେ ୪୦ରୁ ଊର୍ଦ୍ଧ୍ୱ ପରିବାର ଆସୁଛନ୍ତି। ଏହାର ଅଳ୍ପ କିଛି ଦୂରରେ ମୁଖ୍ୟ ଡ୍ରେନ୍ ରହିଛି। ତେଣୁ ଏଠାରୁ ବାହାରୁଥିବା ଅପରିଷ୍କାର ପାଣିକୁ ଡ୍ରେନ୍ ଯୋଗେ ମୁଖ୍ୟ ଡ୍ରେନ୍‌ରେ ମିଶାଇ ଦେଲେ ଲୋକମାନଙ୍କ ସମସ୍ୟାର ସମାଧାନ ହୋଇପାରନ୍ତା। ମାତ୍ର ତାହା ନ କରି ଡ୍ରେନ୍ ପାଣିକୁ ବନ୍ଦେଇ ଦିଆଯାଇଛି। ଯାହାଦ୍ୱାରା ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି ବୋଲି ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିସହ ଡ୍ରେନ୍ କରିବା ପାଇଁ କର୍ପୋରେଟରଙ୍କୁ ଜଣାଇଲେ ୧୦ଲକ୍ଷ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପରେ ସେମାନେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନିକଟକୁ ଯାଇଥିଲେ। ବିଧାୟକ ନିଜେ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସ୍ଥିତି ଦେଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ୧୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ଆମେ ଏଠାରେ ରହି ଆସୁଛୁ। ଶବରସାହି ଗ୍ରାମର ଲୋକମାନେ ଆମକୁ ଏହି ଜାଗା ପ୍ରଦାନ କରିଥିଲେ। ବମିଖାଲରୁ ଆରମ୍ଭ କରି ଏହାର ଆଖପାଖ ଆପାର୍ଟମେଣ୍ଟରୁ ବାହାରୁଥିବା ଅପରିଷ୍କାର ପାଣି ବସ୍ତି ମଧ୍ୟରେ ଥିବା ଡ୍ରେନ୍ ଦେଇ ଯାଉଛି। ଡ୍ରେନ୍‌ରୁ ବାହାରି ପାଖରେ ଥିବା ଜମିରେ ପାଣି ମିଶୁଥିଲା। ମାତ୍ର ଏବେ ସମ୍ପୃକ୍ତ ଜମିର ମାଲିକ ପାଣି ବାହାରୁଥିବା ସ୍ଥାନକୁ ବାଲି ପକେଇ ବନ୍ଦେଇ ଦେଇଛନ୍ତି। ଏ ସମ୍ପର୍କରେ କର୍ପୋରେଟରଙ୍କୁ କହିବାରୁ ସେ ଟଙ୍କା ମାଗିଥିଲେ। ଆମେ ଖଟିଖିଆ ଲୋକ। ପରଘରେ କାମ କରି, ଦୋକାନ କରି ଗୁଜୁରାଣ ମେଣ୍ଟାଉଛୁ, ତେଣୁ ଏତେ ଟଙ୍କା କୋଉଠୁ ଆଣିବୁ ବୋଲି କହିଛନ୍ତି। ଅପରପକ୍ଷେ ଏ ନେଇ କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର କହିଛନ୍ତି, ଜଳାଶୟକୁ ପୋତି ଲୋକମାନେ ବେଆଇନ ଭାବେ ୫ବର୍ଷ ହେବ ସେଠାରେ ରହୁଛନ୍ତି। ଘର କରିବା ସମୟରେ ମୁଁ ସେମାନଙ୍କୁ ବାରଣ କରିଥିଲି। ଜଳାଶୟରେ ଘର କରିଥିବାରୁ ଡ୍ରେନ୍ ସମସ୍ୟା ରହିବ। ସେଠାରେ ରାସ୍ତା ମଧ୍ୟ ନାହିଁ। ବିଲ୍ଡର ନିଜ ଜମିରେ ଯିବାଆସିବା ପାଇଁ ସେମାନଙ୍କୁ ରାସ୍ତା ଛାଡ଼ିଛି। ଏହାବାଦ୍ ସମାଧାନ ପାଇଁ ସେମାନେ ନିଜେ କିଛି ଅର୍ଥ ଆଦାୟ କରି ବିଲ୍ଡର ସହ ମିଶି ଡ୍ରେନ୍ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲି। ମାତ୍ର ସେମାନେ ମୁଁ ଟଙ୍କା ମାଗୁଛି ବୋଲି ମିଛରେ ପ୍ରଚାର କରିଥିବା କର୍ପୋରେଟର ସଫେଇ ଦେଇଛନ୍ତି।


ଶବରସାହି ନେତାଜୀ ନଗର ବସ୍ତିରେ ଡ୍ରେନ୍ ପାଣି ଚାଲୁଛି।

## ଓମ୍ଫେଡ୍ ଷ୍ଟଲରେ ପାନ ଗୁଟ୍‌ଖା ବିକ୍ରି ମନା

ଭୁବନେଶ୍ୱର,୨୨।୧୨(ବ୍ୟୁରୋ):

ହକି ବିଶ୍ୱକପ୍‌ର ଶୃଙ୍ଖଳିତ ଆୟୋଜନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ରକ୍ଷା ପାଇଁ ଓମ୍‌ଫେଡ୍ ଷ୍ଟଲ ମାଲିକଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଚେତାବନୀ ଦିଆଯାଇଛି। ଦୋକାନରେ ପାନ, ଗୁଟ୍‌ଖା ଆଦି ବିକ୍ରି ଉପରେ କଟକଣା ଲଗାଯାଇଛି। ଅମାନିଆ ହୋଇ ବିକ୍ରି କଲେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଓମଫେଡ୍ ଦୋକାନୀଙ୍କ ସହ ଅନ୍ୟାନ୍ୟ ଦୋକାନୀମାନେ ନିଜ ଦୋକାନର ୫ମିଟର ପର୍ଯ୍ୟନ୍ତ ଅଞ୍ଚଳ ସଫା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଶୁଖିଲା ଓ ଓଦା ଆବର୍ଜନାକୁ ଅଲଗା ଅଲଗା ନ ରଖିଲେ ଦୋକାନୀ ୫ହଜାର ଟଙ୍କାର ଜୋରିମାନା ଗଣିବେ। ଆବଶ୍ୟକସ୍ଥଳେ ଦୋକାନକୁ ବିଏମସି ପକ୍ଷରୁ ସିଲ ମଧ୍ୟ କରାଯାଇପାରେ ବୋଲି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଅନ୍ୟପଟେ ବିଭିନ୍ନ ଦାୟିତ୍ୱରେ ଥିବା ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା ସହ କାର୍ଯ୍ୟ ତଦାରଖ କରିବା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମସ୍ତ କାର୍ଯ୍ୟର ନିୟମିତ ସମୀକ୍ଷା କରାଯାଉଛି। ଗୁରୁବାର ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ବରିଷ୍ଠ ଅଧିକାରୀ ଆଚାର୍ଯ୍ୟ ବିହାର, ଏଜି ଛକରୁ କଳ୍ପନା ଆଦି ସ୍ଥାନ ପରିଦର୍ଶନ କରିଛନ୍ତି।



ଲକ୍ଷ୍ମୀସାଗର ସନ୍ତୋଷୀ ବିହାରସ୍ଥିତ ମହିଳା ସଂଗଠନ 'ସମ୍ପୂର୍ଣ୍ଣା' ପକ୍ଷରୁ ସ୍ଥାନୀୟ ବମିଖାଲ ନିକଟ ରାମକ୍ରିଷ୍ଣ ବାଳାଶ୍ରମରେ ପିଲାମାନଙ୍କୁ କପଡ଼ା, ଖାତା, ବହି, ପେନ୍, ଚକୋଲେଟ, ବିସ୍କୁଟ ଆଦି ବଣ୍ଟନ କରାଯିବା ଅବସରରେ।

## ଜଗବନ୍ଧୁଙ୍କ ରିମାଣ୍ଡ ଅବଧି ସରିଲା

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ):

ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଗୁରୁବାର ୯ ଦିନିଆ ରିମାଣ୍ଡ ଅବଧି ସରିଛି। ତାଙ୍କୁ ଗତ ୧୪ ତାରିଖରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପ୍ରଥମଥର ରିମାଣ୍ଡରେ ଆଣି ଜେରା କରୁଥିଲା। ରିମାଣ୍ଡ ଅବଧି ସରିଯାଇଥିବାରୁ ଶୁକ୍ରବାର ଇଡି ଜଗବନ୍ଧୁଙ୍କୁ ନେଇ କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି। ତେବେ ଏହି ସମୟରେ ତାଙ୍କୁ ଆଉଥରେ ରିମାଣ୍ଡରେ ଆଣିବାକୁ ଇଡି ଆବେଦନ କରିପାରେ ବୋଲି କୁହାଯାଉଛି। ଗତ ୧୩ ତାରିଖରୁ ଅର୍ଚ୍ଚନାଙ୍କୁ ୬ ଦିନ ପାଇଁ ମଧ୍ୟ ଇଡି ଜେରା କରିଥିଲା।

## କୋଟିପତି ଇଡ୍‌କଲ୍ ଅଧିକାରୀ ଗିରଫ

### ୧୦ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)


ଗୟା ସାନ୍ତରା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଇଡ୍‌କଲ୍)ର ଅଫିସର ତଥା କୋରାପୁଟ ଜିଲା ଆମ୍ବାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସର ଜଏଣ୍ଟ ମ୍ୟାନେଜର ଗୟା ସାନ୍ତରାଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଚଢ଼ାଉ ଓ ଯାଞ୍ଚ ପରେ ଗୟା ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ୧୦କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୨୯୦% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୟା ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୧୧/୨୦୨୨) ରୁଜୁ କରି ଅଧିକ ତଦନ୍ତ କରୁଛି। ତେବେ କୋଟିପତି ଗୟାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜାନୁୟାରୀ ୪ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଚକରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ହଟାଇଲେ ବିଲ୍ଡର

ପୁରୁଣା ଭୁବନେଶ୍ୱର, ୨୨।୧୨(ଡି.ଏନ୍.ଏ.): ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର-ବିଲିପଡା ମୌଜାରେ ବେଆଇନ ଭାବେ ପ୍ଲଟିଂ ଚାଲିଛି। ଏଠାରେ ଜଣେ ବିଲ୍ଡର ବିନା ଲେଆଉଟରେ ପ୍ଲଟିଂ ବ୍ୟବସାୟ କରି ୨୦୦ରୁ ଊର୍ଦ୍ଧ୍ୱ ଏକର ଚାଷଜମି ନିଶ୍ଚିହ୍ନ କରିସାରିଲେଣି। ତେବେ ଗତ ୧୬ ତାରିଖରେ ବିଲ୍ଡର ଜଣଙ୍କ ଚାଷୀଙ୍କ ଚକରାସ୍ତାରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ପୋତି ତାର ସଂଯୋଗ କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ତାର ଟଣା ବନ୍ଦ ରହିଥିଲା। ପୁଣି ୧୯ ତାରିଖରେ ସମାନ ପରିସ୍ଥିତି ଉପୁଜିଥିଲା। ଚାଷୀମାନେ ଜିଲାପାଳ, ବିଦ୍ୟୁତ୍ ବିଭାଗ ବଏଂ କୃଷି ବିଭାଗରେ ଅଭିଯୋଗ କରିଥିଲେ। ପ୍ରଶାସନର ନିର୍ଦ୍ଦେଶକ୍ରମେ ଗୁରୁବାର ବିଲ୍ଡର ଚକରାସ୍ତାରୁ ବିଦ୍ୟୁତ ଖୁଣ୍ଟ ହଟାଇ ନିଜ ରାସ୍ତାକୁ ୧୧କେଭି ବିଦ୍ୟୁତ୍ ଖୁଣ୍ଟ ନିଆଯାଇଛି।

# ଜୀବନରେ ଲୋକ ସଂସ୍କୃତିର ଆବଶ୍ୟକ ରହିଛି

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସଂସ୍କୃତି ଅଧ୍ୟୟନ ବିଭାଗ ତରଫରୁ ଓଡ଼ିଶା ଲୋକସଂସ୍କୃତିର ତତ୍ତ୍ୱ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ଗୁରୁବାର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ପର୍ଯ୍ୟଟନ ନିଗମ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଲୋକ ସଂସ୍କୃତି ଓ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓଡ଼ିଶାର ପ୍ରାଚୀନ ଲୋକ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ତଥା ଅବସରପ୍ରାପ୍ତ ପ୍ରଶାସକ ସୁରେଶ ମନ୍ତ୍ରୀ ସମସାମୟିକ ସମୟରେ ଲୋକ ସଂସ୍କୃତିର ଆବଶ୍ୟକତା ରହିଥିବା କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ.ରମେଶ ଚନ୍ଦ୍ର ମଲ୍ଲିକ ଲୋକ ସାହିତ୍ୟ ଉପରେ ମତ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳ ସଚିବ ଅନାମିକା ଅଧିକାରୀ ସ୍ୱାଗତ ଭାଷଣ ଓ ବିଭାଗୀୟ ମୁଖ୍ୟ ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ଡା ରମଣୀ ରଞ୍ଜନ ଜେନାଙ୍କ ନିର୍ଦ୍ଦେଶନାରେ ଛଉନୃତ୍ୟ ପରିବେଷିତ ହୋଇଥିଲା। ପେପର ମ୍ୟାନ୍ ଶଶାଙ୍କ ଶେଖର ଦାଶଙ୍କ ଦ୍ୱାରା ପୁରାତନ ଖବର କାଗଜର ଏକ ପ୍ରଦର୍ଶନୀ ହୋଇଥିଲା।



ଜାତୀୟ ଆଲୋଚନାଚକ୍ରରେ ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଓ ଅନ୍ୟ ଅତିଥିମାନେ।

# ବର୍ଷକରେ ଭିଜିଲାନ୍ସର ୨୭୦ ମାମଲା

କଟକ ଅଫିସ,୨୨।୧୨:

ବିଦାୟୀ ୨୦୨୨ ବର୍ଷ ଓଡ଼ିଶା ଭିଜିଲାନ୍ସ ପାଇଁ ରେକର୍ଡ ସଫଳତା ଆଣିଦେଇଛି ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. କେ. ଜେଠୱା ଗୁରୁବାର ସୂଚନା ଦେଇଛନ୍ତି। ୨୦୨୨ରେ ଅଦ୍ୟାବଧି ୨୭୦ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଆୟ ବହିର୍ଭୁତ ସମ୍ପତ୍ତିଠୁଳ ମାମଲା ୭୫, ଲାଞ୍ଚ ନେବା ମାମଲା ୧୧୪ ଓ ଅବଶିଷ୍ଟ ଦୁର୍ନୀତି ମାମଲା ରହିଛି। ୨୭୦ ମାମଲା ମଧ୍ୟରୁ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ୬୦ ମାମଲା ରୁଜୁ ହୋଇଛି, ଯାହାକି ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ରହିଛି। ଗତବର୍ଷ ସର୍ବାଧିକ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲା ଠାବ ଓ ରୁଜୁ ହୋଇଥିବାବେଳେ ଏବର୍ଷ ମଧ୍ୟ ସଫଳତା ମିଳିବ ବୋଲି ଆଶା ରହିଛି। ୨୦୨୨ରେ ବିଭିନ୍ନ ମାମଲାରେ ରେକର୍ଡ ପରିମାଣର ନଗଦ ଟଙ୍କା ଜବତ ହୋଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ମୋଟ ୧୬୦ କୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଜବତ କରାଯାଇଛି। ସେହିପରି ଏହି ବର୍ଷ ସର୍ବାଧିକ ନଗଦ ଟଙ୍କା ଜବତ କରାଯାଇଛି। ବିଭିନ୍ନ ମାମଲାର ବିଚାର କରାଯାଇ ୮୭ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାକି ଦୋଷୀ ସାବ୍ୟସ୍ତ ହେବାର ହାର ଚଳିତ ବର୍ଷ ୫୦% ହୋଇଛି। ସେହିପରି ମାମଲାଗୁଡ଼ିକର ତଦନ୍ତ ପ୍ରକ୍ରିୟା ଶେଷ କରାଯିବା ଓ ବିଶେଷ କରି ପୁରୁଣା ମାମଲାଗୁଡ଼ିକର ଚାର୍ଜଶିଟ୍ ଦାଖଲ କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ମାମଲା ରୁଜୁ କରିବା ଓ ମାମଲା ଫଏସଲା ହେବାର ହାର ମଧ୍ୟ ସର୍ବାଧିକ ରହିଛି। ୨୦୨୧ ସମେତ ପୂର୍ବବର୍ଷଗୁଡ଼ିକରେ ରୁଜୁ ହୋଇଥିବା ଲାଞ୍ଚ ମାମଲାଗୁଡ଼ିକର ତଦନ୍ତ ଶେଷ ହୋଇଛି। ତେବେ ଆଗାମୀ ଦିନରେ ଦୁର୍ନୀତି ରୋକିବା ଦିଗରେ ଓଡ଼ିଶା ଭିଜିଲାନ୍ସ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଉଚ୍ଚ ପଦରେ ଥାଇ ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ପ୍ରାଥମିକତା ଦିଆଯିବ। ଏଥିସହ ତଦନ୍ତ ପ୍ରକ୍ରିୟାରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ମାଧ୍ୟରେ ଜମି, କୋଠା, ନଗଦ ଟଙ୍କା, ବ୍ୟାଙ୍କ ଡିପୋଜିଟ୍ ଆଦି ଉପରେ କଡ଼ା ନଜର ରଖାଯିବ ବୋଲି ନିର୍ଦ୍ଦେଶକ ଜେଠୱା କହିଛନ୍ତି।

## ମୋ କଲେଜ ଅଭିଯାନର ଜିଲାସ୍ତରୀୟ ବୈଠକ

### ଭଦ୍ରକ ସ୍ୱୟଂଶାସିତ ଓ ଫକୀରମୋହନ କଲେଜରେ ଆଲୋଚନା

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ମୋ କଲେଜ ଅଭିଯାନ ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ କଲେଜ ଓ ବାଲେଶ୍ୱରର ଫକୀର ମୋହନ ସ୍ୱୟଂ ଶାସିତ କଲେଜରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ ପ୍ରଥମେ ଭଦ୍ରକ କଲେଜର ବୈଠକରେ ଯୋଗଦେଇ କଲେଜର ଇତିହାସ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ନିଜ ଅଭିଭାଷଣରେ ବର୍ତ୍ତମାନ ସମୟରେ ନିର୍ମାଲ୍ୟ ମହାକୁଡ଼ ପରି ଜଣେ ଆଲୁମିନି କଲେଜ ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ଶିକ୍ଷା ପ୍ରଦାନ କରିବାରେ ସହାୟତା କରୁଥିବା ଅଧ୍ୟକ୍ଷ ଦାସନାୟକ କହିଛନ୍ତି। ମୋ କଲେଜ ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମ ଦ୍ୱାରା ଏହି କଲେଜର ସାମୂହିକ ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ଭଦ୍ରକ କଲେଜର କିପରି ବିକାଶ ହୋଇପାରିବ ତଥା ଏହାକୁ କିପରି ବିଶ୍ୱବିଦ୍ୟାଳୟରେ ପରିଣତ କରିହେବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ମୋ କଲେଜର ସଂଯୋଜକ ଡ. ଧୀରେନ୍ଦ୍ର ନାୟକ ଅତିଥିଙ୍କ ପରିଚୟ ଦେଇଥିବା ବେଳେ କଲେଜ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରାଣୀ ବିଭାଗର ମୁଖ୍ୟ ଡ. ଦୁର୍ଗାଶଙ୍କର ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟପଟେ ଫକୀର ମୋହନ ସ୍ୱୟଂଶାସିତ କଲେଜର ବୈଠକରେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଯୋଗଦେଇ ଅଭିଯାନର କାର୍ଯ୍ୟ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସ୍ୱରୂପ କୁମାର ଦାସ, ଆଲୁମିନି ଆସୋସିଏଶନ ସଭାପତି ପ୍ରଭାସ ଚୌଧୁରୀ ତଥା ଅନ୍ୟାନ୍ୟ ଆଲୁମିନି ମେମ୍ବରଙ୍କ ସହିତ ଜିଲାର ୧୨ଟି କଲେଜର ଅଧିକାରୀ ଏହି ବୈଠକରେ ଯୋଗଦେଇଥିଲେ। ମୋ କଲେଜ ସଂଯୋଜକ ଡ. ଅଭିଜିତ ଦାସ ମଞ୍ଚ ପରିଚାଳନା କରିଥିଲେ ଓ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଘୋଷ ମୋ କଲେଜ ଅଭିଯାନର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

# ବଡ଼ବଡ଼ିଆଙ୍କୁ ଉଚ୍ଛେଦ କରିପାରୁନି ବିଏମ୍‌ସି

- ୬ ମାସ ଭିତରେ ୫ଥର ଫେଲ୍ ମାରିଛି
- ଉଚ୍ଛେଦ ଦାବିରେ ଆମରଣ ଅନଶନ କଲେ କର୍ପୋରେଟର

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଭୁବନେଶ୍ୱରରେ ଅନେକ ସରକାରୀ ଜମି ଲୋକଙ୍କ କବ୍‌ଜାରେ ରହିଛି। ଏହା ଉପରେ ଜବରଦଖଲ କରି କେତେଜଣ ଲୋକ ବ୍ୟବସାୟ ପ୍ରତିଷ୍ଠାନ ଗଢି ଲାଭବାନ୍ ହେଉଛନ୍ତି। ତେବେ ସରକାରୀ ଜମିକୁ ଜିଏ ବିଭାଗ ବିଏମ୍‌ସିକୁ ହସ୍ତାନ୍ତର କରିବା ପରେ ବି ସମ୍ପୃକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ ହୋଇପାରୁ ନାହିଁ। ବିଏମ୍‌ସି କେବଳ ବସ୍ତିଲୋକ, ଉଠାଦୋକାନୀଙ୍କୁ ଉଚ୍ଛେଦ କରୁଥିବାବେଳେ ଜବରଦଖଲ କରିଥିବା ବଡ଼ବଡ଼ିଆ ଲୋକଙ୍କୁ ଉଚ୍ଛେଦ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଲୋକଙ୍କ ସ୍ୱାର୍ଥ ହାସଲ ପାଇଁ କର୍ପୋରେଟରଙ୍କୁ ରାସ୍ତାକୁ ଓହ୍ଲାଇ ଧାରଣା ଦେବାକୁ ପଡୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଗତ କିଛିଦିନ ତଳେ ୱାର୍ଡ ନଂ.୩୭ରେ ସରକାରୀ ପ୍ଲଟ୍‌ରୁ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍ ଧାରଣାରେ ବସିଥିଲେ। ୮ଦିନର ଧାରଣା ପରେ ତାଙ୍କ ଦାବିପୂରଣ ହୋଇଥିଲା। ଏବେ ପୁଣି ୱାର୍ଡ ନଂ. ୫୫ରେ ସମାବସ୍ଥା ହେବାରୁ କର୍ପୋରେଟର ନୃପେଶ କୁମାର ନାୟକ ଆମରଣ ଅନଶନ ଆରମ୍ଭ କରିଛନ୍ତି।


ଜବରଦଖଲ ଉଚ୍ଛେଦ ଦାବିରେ କର୍ପୋରେଟର ନୃପେଶ କୁମାର ନାୟକ ସମର୍ଥକଙ୍କ ସହ ଧାରଣା ଦେଇଛନ୍ତି।

ଉକ୍ତ ୱାର୍ଡର ଗୌତମ ନଗର ଅଞ୍ଚଳର ପ୍ଲଟ୍ ନଂ. ୩୪୭/୪୧୮ (୮୪ ଡିସିମିଲ୍) ଏବଂ ପ୍ଲଟ ନଂ. ୨୪୭ (୮୫ ଡିସିମିଲ୍) ସରକାରୀ ଜାଗାକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଏହାକୁ ବିଏମ୍‌ସିକୁ ହସ୍ତାନ୍ତର କରିବା ପାଇଁ ଜିଏ ବିଭାଗ ୨୫ ସେପ୍ଟେମ୍ବର ୨୦୧୭ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ମାତ୍ର ଏହା ମଧ୍ୟରେ ୫ବର୍ଷ ବିତି ଯାଇଥିଲେ ବି ସମ୍ପୃକ୍ତ ଅଞ୍ଚଳରୁ ଜବରଦଖଲ ହଟାଯାଇ ନାହିଁ। ଏପରିକି ନୂତନ କର୍ପୋରେଶନ ଆସିବା ପରେ ଚଳିତବର୍ଷ ୩ଥର ଜବରଦଖଲ ହଟାଇବା ପାଇଁ ବିଏମ୍‌ସି ପକ୍ଷରୁ ଅର୍ଡର ଜାରି କରିବା ପରେ ବି ଉଚ୍ଛେଦ ନ ହୋଇ ଟିମ୍ ଫେରିଯାଉଛି। ତେଣୁ ବିଏମ୍‌ସି, ବିଡିଏ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ସଲାସୁତରାରେ ଏହା ହେଉଥିବା କର୍ପୋରେଟର ନାୟକ ଅଭିଯୋଗ କରିଛନ୍ତି। ଗୁରୁବାର ସେଠାରେ ଉଚ୍ଛେଦ ହେବାକୁ ଥିବାରୁ ଟିମ୍ ଯେପରି ଖାଲି ହାତରେ ନ ଫେରେ ସେଥିପାଇଁ କର୍ପୋରେଟର ନିଜେ ସମର୍ଥକଙ୍କ ସହ ସେଠାକୁ ଯାଇଥିଲେ। ହେଲେ ଉଚ୍ଛେଦକାରୀ ଟିମ୍ ଫେରି ଯାଉଥିବାବେଳେ କର୍ପୋରେଟର ଏହାକୁ ବିରୋଧ କରିଥିଲେ। ସନ୍ଧ୍ୟାରେ କୌଣସି ଉଚ୍ଛେଦ କାର୍ଯ୍ୟ ହେବନାହିଁ ନିୟମ ଥିବାରୁ ଜାଣିଶୁଣି ସନ୍ଧ୍ୟାବେଳକୁ ନାମକୁ ମାତ୍ର ଭଙ୍ଗା ଆରମ୍ଭ କରାଯାଇ ଟିମ୍ ଫେରିଯାଇଥିଲା। ଥରେ ଟିମ୍ ଫେରିଯିବା ପରେ ପୁଣିଥରେ ସେଠାରେ ଉଚ୍ଛେଦ କରିବା ପାଇଁ ଅତି କମ୍‌ରେ ୧ମାସ ସମୟ ଲାଗିବ। ତେଣୁ ଜାଣିଶୁଣି ଅଧିକାରୀମାନେ ଏଭଳି କରିଛନ୍ତି। ଏ ସମ୍ପର୍କରେ କର୍ପୋରେଟର ନୃପେଶ କହିଛନ୍ତି, ଜବରଦଖଲ କରିଥିବା ବ୍ୟକ୍ତି ପୁରୁଣା ଷ୍ଟେ ଅର୍ଡର ଦେଖାଇବା ସହ ଅଧିକାରୀମାନଙ୍କୁ ଅର୍ଥଲୋଭ ଦେଇ ହାତରେ ରଖିଛନ୍ତି। ଯେଉଁଥିପାଇଁ ଲୋକମାନଙ୍କ ସ୍ୱାର୍ଥ ବଳି ପଡୁଛି। ଏ ସମ୍ପର୍କରେ ବିଏମ୍‌ସି କର୍ପୋରେଶନ ବୈଠକରେ ମଧ୍ୟ ଦାବି ଉପସ୍ଥାପନ କରିଥିଲି। ଏଠାରେ ଏକ ଶିଶୁ ଉଦ୍ୟାନ ଏବଂ କମ୍ୟୁନିଟି ସେଣ୍ଟର ହେବ ପାଇଁ ଯୋଜନା ରହିଛି। ଲୋକଙ୍କ ସ୍ୱାର୍ଥ ପାଇଁ ଜବରଦଖଲ ଉଚ୍ଛେଦ ହେବା ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବି ବୋଲି ନୃପେଶ କହିଛନ୍ତି। ଗୋଟେପଟେ ହକି ବିଶ୍ୱକପ୍ ନାଁରେ ବିଏମ୍‌ସି, ବିଡିଏ ଦୋକାନ ବଜାର ଉଚ୍ଛେଦ କରି ସାଧାରଣ ଲୋକଙ୍କୁ ପେଟକୁ ନାତ ମାରୁଥିବାବେଳେ, ଅପରପକ୍ଷେ ଲାଭଖୋର ଅସାଧୁ ଲୋକଙ୍କୁ ପ୍ରଶୟ ଦେଇ ନିଜ ପକେଟ ଗରମ କରୁଛି। ଅଧିକାରୀମାନଙ୍କ ଏଭଳି ଦୋମୁହାଁ ନୀତିକୁ ନେଇ ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଯୁବ ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ସାଲେପୁର,(ଡି.ଏନ୍.ଏ.)- ସାଲେପୁର ବ୍ଲକ କଲେଜରୋଡ୍‌ସ୍ଥିତ ମିନି ମାର୍କେଟ୍‌ର ଫଳ ବ୍ୟବସାୟୀଙ୍କ ଅକାଳ ବିୟୋଗ ଘଟିଛି। ସେ ହେଲେ ରୋଧପୁର ଗ୍ରାମର ସୟଦ ମେହେମୁଦ୍ ଆଲାମ୍(୪୫)। ତାଙ୍କ ବିୟୋଗରେ ମିନି ମାର୍କେଟ ବଜାର କମିଟି ପକ୍ଷରୁ ଗୁରବାର ବଜାର ବନ୍ଦ କରାଯାଇଛି। ସୟଦ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ପ୍ରକାଶ ବେହେରା, କଂଗ୍ରେସ ନେତା ଇଂ. ଆକ୍ସୁବ ଖାଁ, ବିରଞ୍ଚି ନାରାୟଣ କର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଆଜି କ'ଣ କେଉଁଠି

**କଟକ**

- ଆଦିବାସୀ କଳା ପ୍ରଦର୍ଶନୀ ଉଦ୍‌ଯାପନୀ, ଟାଉନ ହଲ୍, ପୂର୍ବାହ୍ନ ୧୦ଟା ।
- କଟକ ସିଟି ଇଞ୍ଜିନିୟର୍ସ କ୍ଲବର ବାର୍ଷିକ ଉତ୍ସବ, ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ସକାଳ ୯ଟା ୩୦।
- ଶିଶୁ ଭାରତୀ ଉଚ୍ଚ ବିଦ୍ୟାଳୟର ତ୍ରୟୋତ୍ରିଂଶତମ ବାର୍ଷିକ ଉତ୍ସବ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା ।
- ଜଗତପୁରରୁ ଟାଙ୍ଗୀକୁ ତହସିଲ ଅଫିସ ସ୍ଥାନାନ୍ତରକୁ ବିରୋଧ କରି ଦାବିପତ୍ର ପ୍ରଦାନ, ଆରଡିସିଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ।
- କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୫ତମ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ।
- ୧୭ତମ ମହାନଦୀ ଫେଷ୍ଟିଭାଲର ତୃତୀୟ ସନ୍ଧ୍ୟା, ନେତାଜୀ ଖେଳପଡ଼ିଆ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା ।

**କଣ୍ଟାପଡ଼ା**

- ଭୁବନେଶ୍ୱରୀ କ୍ଲବ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ, ବ୍ରାହ୍ମଣସାଇଲୋ, ପୂର୍ବାହ୍ନ ୧୧ଟା।

# ତହସିଲ ଅଫିସ ସ୍ଥାନାନ୍ତର ଦାବିରେ ୧୨ ଘଣ୍ଟିଆ ବନ୍ଦ

## ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ

ମଙ୍ଗୁଳି-ଜଗତପୁର,୨୨।୧୨(ଡି.ଏନ.ଏ.)

କଟକ ଜଗତପୁରଠାରେ ଥିବା ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟକୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟକୁ ସ୍ଥାନାନ୍ତର ପାଇଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୧୫ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବୁଦ୍ଧିଜୀବୀଙ୍କ ସମେତ ଶତାଧିକ ଜନସାଧାରଣ ଧାରଣା ଦେଇଥିଲେ। ଏହାକୁ ସ୍ଥାନୀୟ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟବସାୟୀମାନେ ସମର୍ଥନ କରି ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ଫଳରେ ଗୁରୁବାର ସ୍ଥାନୀୟ ଅଞ୍ଚଳରେ ଦୋକାନ ବଜାର ସହ ଅନ୍ୟ ଅନୁଷ୍ଠାନ ବନ୍ଦ ରହିଥିଲା। ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆଇନଜୀବୀ ପ୍ରଭାତ କୁମାର ପ୍ରହରାଜ ଯୋଗଦେଇ ଟାଙ୍ଗୀରେ ତହସିଲ କାର୍ଯ୍ୟାଳୟ ସ୍ଥାପନ ଓ ସ୍ଥାନାନ୍ତର ବିଷୟ ସହ ଏଦିଗରେ ୧୯୮୨ ମସିହାରୁ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ଜନସାଧାରଣଙ୍କ ଦୀର୍ଘବର୍ଷର ଦାବି ପୂରଣ ନିମନ୍ତେ ନିର୍ବାଚିତ ଜନ ପ୍ରତିନିଧି ଇସ୍ତଫା ପ୍ରସଙ୍ଗ ଉଠାଇ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମନ୍ତେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ରବୀନ୍ଦ୍ର କୁମାର ଷଡଙ୍ଗୀ ମତବ୍ୟକ୍ତ କରିଥିଲେ। ଆସନ୍ତା ୧ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ରାଜପଥ ଓ ରେଳପଥ ଅବରୋଧ କରାଯିବା ପାଇଁ ମଦନମୋହନ ବଜାର କମିଟି ସଭାପତି ଶ୍ରୀପତି ସାହୁ ପ୍ରସ୍ତାବ ରଖିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରଖିବାକୁ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ନେଇଛି। ଆବଶ୍ୟକ ହେଲେ ଆତ୍ମାହୁତି ଦେବା ପାଇଁ ଆଇନଜୀବୀ ପ୍ରଭାତ, ମୁଖ୍ୟ ସହଯୋଗୀ ନିରଞ୍ଜନ ବେଉରା ଓ ବିଶ୍ୱନାଥ ସ୍ୱାଇଁ ଚେତାବନୀ ଦେଇଥିଲେ। ବ୍ଲକ ଚେୟାରମ୍ୟାନ ମିନାକ୍ଷୀ ଦାସ, ଚିତ୍ତ ରଞ୍ଜନ ସାମଲ, ତାପସ୍ୱି ସାହୁ, ଦେବେନ୍ଦ୍ର ଜେଠି, ରାଜେଶ ରଞ୍ଜନ ଷଡଙ୍ଗୀ ପ୍ରମୁଖ ଏଥିରେ ସାମିଲ ଥିଲେ।



ଗଣଧାରଣାରେ ସାମିଲ ହୋଇଥିବା ଲୋକ ପ୍ରତିନିଧି ଓ ଅନ୍ୟମାନେ ।

## ସୁଶାନ୍ତ ସଭାପତି, ବିଶ୍ୱଜିତ୍ ସମ୍ପାଦକ

### ନୂଆ ବଜାର ପୂଜା କମିଟି କର୍ମକର୍ତ୍ତା ନିର୍ବାଚନ

ଖୁଣ୍ଟୁଣୀ,୨୨।୧୨(ଡି.ଏନ.ଏ)

ଖୁଣ୍ଟୁଣୀ ନୂଆବଜାର ପୂଜା କମିଟିର ୨୦୨୩ ବର୍ଷ ପାଇଁ ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ପୁରୀ ଜିଲାର ରାମଚଣ୍ଡୀ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ବିଚିତ୍ରା ନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଏହି ନିର୍ବାଚନ ହୋଇଥିଲା। ଏଥିରେ କମିଟି ସଭାପତି ଭାବେ ସୁଶାନ୍ତ କୁମାର ସାହୁ, ସମ୍ପାଦକ ବିଶ୍ୱଜିତ୍ ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ସନ୍ତୋଷ ସାହୁ ଲଗାତର ଭାବେ ୫ମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ସୁଶାନ୍ତ ତାଙ୍କ ପ୍ରତିଦ୍ୱନ୍ଦୀ ବ୍ରଜ ଭୂଷଣ ପାତ୍ରଙ୍କୁ ପରାସ୍ତ କରିଥିଲେ। ସେହିପରି ସମ୍ପାଦକ ପଦ ପାଇଁ ବିଶ୍ୱଜିତ୍ ତାଙ୍କ ପ୍ରତିଦ୍ୱନ୍ଦୀ ପ୍ରଶାନ୍ତ କୁମାର ଦାଶଙ୍କୁ ଓ କୋଷାଧ୍ୟକ୍ଷ ପଦ ନିମନ୍ତେ ସନ୍ତୋଷ ତାଙ୍କ ପ୍ରତିଦ୍ୱନ୍ଦୀ ସନ୍ତୋଷ କୁମାର ସାହୁଙ୍କୁ ପରାସ୍ତ କରିଛନ୍ତି। ସଦସ୍ୟ ବସନ୍ତ ବେଉରା ଓ ସଞ୍ଜୀବ ଦାଶ ନିର୍ବାଚନ ପରିଚାଳନା କରିଥିଲେ। ବଜାର କମିଟିର ଶତାଧିକ ସଦସ୍ୟ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।


ଶୁଶାନ୍ତ କୁମାର ସାହୁ


ବିଶ୍ୱଜିତ୍ ମହାପାତ୍ର

## ସଂକ୍ଷେପରେ

### ମହାନଦୀରେ ବୁଡ଼ି ଶିଶୁ ମୃତ

ମଙ୍ଗୁଳି-ଜଗତପୁର,୨୨।୧୨(ଡି.ଏନ.ଏ.)- ଜଗତପୁର ଥାନା ଅଧୀନ ସାତବାଟିଆସ୍ଥିତ ମହାନଦୀରେ ବୁଡି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ସୁନାରିବଣ ଗ୍ରାମର କାର୍ତ୍ତିକ ଡିଗାଲଙ୍କ ପୁଅ ଜୀବନ ଡିଗାଲ(୩)। ପୋଲିସ ସୂତ୍ରରୁ ପ୍ରକାଶ, କାର୍ତ୍ତିକଙ୍କ ଭାଇ ଭରତ ଗୁରୁବାର ଟ୍ରାକ୍ଟର ନେଇ ମହାନଦୀ ପଠାକୁ ବାଲି ଲୋଡ୍ କରିବା ପାଇଁ ଘରୁ ବାହାରୁଥିବାବେଳେ ଜୀବନ ବୁଲିବାକୁ ଜିଦ୍ କରିଥିଲେ। ଫଳରେ ଭରତ ତାଙ୍କୁ ସାଥିରେ ନେଇ ମହାନଦୀ ପଠାକୁ ଯାଇଥିଲେ। ସେଠାରେ ବାଲି ଲୋଡ୍ ହେଉଥିବାବେଳେ ଟ୍ରାକ୍ଟରରେ ଭରତ ବସି ଜୀବନଙ୍କୁ କୋଳରେ ଧରିଥିଲେ। ଏହି ସମୟରେ ଜୀବନ ହଠାତ୍ ଖସିପଡି ପାଣିରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ କାର୍ତ୍ତିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୩୯/୨୨)ରୁଜୁ କରିଛି। ଏଥିସହ ଭରତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ଇତିହାସ ଅଧ୍ୟାପକଙ୍କ ପରଲୋକ

ବଡ଼ମ୍ବା,୨୨।୧୨(ଡି.ଏନ.ଏ.) ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ଆଞ୍ଚଳିକ କଳା ଓ ବୈଷୟିକ ମହାବିଦ୍ୟାଳୟରେ କାର୍ଯ୍ୟରତ ଇତିହାସ ବିଭାଗ ଅଧ୍ୟାପକ ଚନ୍ଦନ କୁମାର ଜେନା (୫୮)ଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କ ଘର ଢେଙ୍କାନାଳ ଜିଲା ବଳଦିଆବନ୍ଧ ଗାଁରେ। ୨ ଦିନ ତଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ମାତ୍ର ବୁଧବାର ଭୋରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ନରସିଂହ ରାଉତଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ତାଙ୍କ ନିଜ ବାସଭବନ ବଳଦିଆବନ୍ଧରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ମୃତ ଜେନା ଜଣେ ମିଷ୍ଟଭାଷୀ, ମେଳାପୀ, ଛାତ୍ର ବତ୍ସଳ ଥିବାବେଳେ ତାଙ୍କର ସ୍ତ୍ରୀ ଓ ଦୁଇଝିଅ ଅଛନ୍ତି।

# ଦିବ୍ୟାଙ୍ଗ, ବୃଦ୍ଧଙ୍କ ପାଖରେ ଭତ୍ତା ପହଞ୍ଚାଇବେ ବ୍ୟାଙ୍କମିତ୍ର

## ଉପକୃତ ହେବେ ୨୧ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ

କଟକ ଅଫିସ,୨୨।୧୨

ଏଣିକି ଦିବ୍ୟାଙ୍ଗ, ବୃଦ୍ଧଙ୍କ ପାଖରେ ଭତ୍ତା ପହଞ୍ଚାଇବେ ବ୍ୟାଙ୍କମିତ୍ର। ପ୍ରଥମଥର ପାଇଁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୨୧,୫୮୫ ଜଣ ହିତାଧିକାରୀଙ୍କୁ ଏହି ବ୍ୟବସ୍ଥାରେ ଭତ୍ତା ପ୍ରଦାନ କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏକାଧିକ ବ୍ୟାଙ୍କ୍‌ର ସହଯୋଗ ନିଆଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କମିତ୍ରଙ୍କ ଜରିଆରେ ଦିବ୍ୟାଙ୍ଗ ଓ ଚଲାବୁଲା କରିପାରୁ ନଥିବା ବୟସ୍କ ବ୍ୟକ୍ତିଙ୍କ ଘରେ ପହଞ୍ଚି ସେମାନଙ୍କୁ ଭତ୍ତା ପ୍ରଦାନ କରିବେ । ସିଏମ୍‌ସି ବିଜୁ ଭବନରେ ଗୁରୁବାର ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ବ୍ୟାଙ୍କ୍ କର୍ତ୍ତୃପକ୍ଷ ସିଏମ୍‌ସିକୁ ବ୍ୟାଙ୍କମିତ୍ରଙ୍କ ତାଲିକା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବିଭିନ୍ନ କାରଣରୁ ହିତାଧିକାରୀମାନେ ସିଧାସଳଖ ଭତ୍ତା ଅର୍ଥ ପାଇପାରୁ ନଥିବା ସମ୍ପର୍କରେ ଏକାଧିକ ଅଭିଯୋଗ ହୋଇଥିଲା। ଫଳରେ ସିଏମ୍‌ସି କର୍ତ୍ତୃପକ୍ଷ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠିତ ବୈଠକରେ ୩୦ରୁ ଅଧିକ ବ୍ୟାଙ୍କର ଅଧିକାରୀ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଉପସ୍ଥିତ ଅଧିକାରୀମାନେ ବ୍ୟାଙ୍କଗୁଡିକର ସହଯୋଗ ଲୋଡିଥିଲେ। ବ୍ୟାଙ୍କମିତ୍ରମାନେ ପ୍ରତି ୱାର୍ଡର ଘରକୁ ଘର ବୁଲି ଦିବ୍ୟାଙ୍ଗ ଓ ବୃଦ୍ଧଙ୍କୁ ଭତ୍ତାଟଙ୍କା ଯୋଗାଇବା ସହ ଯେଉଁମାନେ ବ୍ୟାଙ୍କ ଯିବାକୁ ଅକ୍ଷମ ସେମାନଙ୍କର ଆକାଉଣ୍ଟ ଖୋଲିବା ପାଇଁ ମଧ୍ୟ ପଦକ୍ଷେପ ନେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଓ ଜିଲା ସଂଯୋଜକମାନେ ଉପସ୍ଥିତ ଥିଲେ।

## ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ମାହାଙ୍ଗା:୨୨।୧୨(ସ୍ୱପ୍ର)

ମାହାଙ୍ଗାର ବରପୁତ୍ର ତଥା ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ୧୪୯ ତମ ଜୟନ୍ତୀ ଉତ୍ସବ ଜନ୍ମମାଟି କୁସୁପୁରସ୍ଥିତ ନନ୍ଦ କିଶୋର ବିଦ୍ୟା ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଓଡିଶା ସାହିତ୍ୟ ଏକାଡେମୀ, ପଲ୍ଲୀକବି ନନ୍ଦ କିଶୋର ବଳ ଜୟନ୍ତୀ କମିଟିର ମିଳିତ ଆନୁକୂଲ୍ୟରେ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିର ପରିସରରେ ଥିବା ନନ୍ଦ କିଶୋର ପ୍ରତିମୂର୍ତ୍ତିରେ ବହୁ କବି, ସାହିତ୍ୟକ, ସାମାଜିକ କର୍ମୀ ଓ ଜନପ୍ରତିନିଧି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଆଇନଜୀବୀ ଶ୍ରୀବନ୍ତ ଜେନାଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ମୁଖ୍ୟବକ୍ତାଭାବେ ସାହିତ୍ୟିକ ଡ. ଭାଗବତ ଶୁକ୍ଳା, ସମ୍ମାନିତ ବକ୍ତାଭାବେ ସାହିତ୍ୟିକ ବିଶ୍ୱେଶ୍ୱର ମହାନ୍ତି, ବରେଣ୍ୟ ଅତିଥିଭାବେ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ମମତା ସାହୁ, ସମିତିସଭ୍ୟା ମେନକା ଦାସ, ପୂର୍ବତନ ସରପଞ୍ଚ ପଙ୍କଜ କୁମାର ସାହୁ ପ୍ରମୁଖ ଯୋଗଦେଇ ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଗୁହାଳ ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କୁସୁପୁର ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ରାଉତରାୟ, ଶିବ ଶଙ୍କର ସାହୁ, ହେମନ୍ତ ଦାସ, ସୁଶାନ୍ତ ରାଉତରାୟ, ବିଶ୍ୱରଞ୍ଜନ ଜେନା, କ୍ଷୀରୋଦ କୁମାର ଜେନା, ଚିତ୍ତରଞ୍ଜନ ସାହୁ, କାଳନ୍ଦୀ ବେହେରା, ଅଜୟ ସାହୁ ଓ ଶିବାନନ୍ଦ ଜେନା ଓ ଅଂଶୁମାନ ବର୍ମା ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୫-ଟି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ତଦାରଖ


ସ୍ୱତନ୍ତ୍ର କମିଟି ସଦସ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ।

ମାଣିଆବନ୍ଧ,୨୨।୧୨(ଡି.ଏନ୍.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗଠିତ ଶିକ୍ଷା ତଦାରଖ କମିଟିର ଏକ ସ୍ୱତନ୍ତ୍ର ଦଳ ବଡ଼ମ୍ବା ବ୍ଲକ ପରିଦର୍ଶନରେ ଆସି ୪ ବିଦ୍ୟାଳୟରେ ବୁଲି ଶିକ୍ଷା ବ୍ୟବସ୍ଥା ଦେଖିବା ସହ ମୋ ସ୍କୁଲ ଅଭିଯାନ ଉପରେ ଅନୁଧ୍ୟାନ କରିଛନ୍ତି। ଉକ୍ତ ଟିମ୍‌ରେ ମୋ ସ୍କୁଲ ଅଭିମାନର ଜୋନାଲ ଟିମ୍ ଲିଡର ମୈତ୍ରୀ ଏବଂ ବିତ୍ତ ଅଧିକାରୀ ଶ୍ରୀନିବାସ ରାଓ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ୫-ଟି ଯୋଜନାରେ ସାମିଲ ହୋଇଥିବା ନିଜିଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିଲେ। ସେମାନେ ବିଜ୍ଞାନ ପରୀକ୍ଷାଗାର, ଇ-ଲାଇବ୍ରେରୀ, ଲେସନ ଡାଏରୀ, ମାଟ୍ରିକ ଫଳାଫଳ,ଏଲ୍‌ଆରପି ପରୀକ୍ଷା,ମଧ୍ୟାହ୍ନ ଭୋଜନ ରେଜିଷ୍ଟାର, ପାଇଖାନା ବ୍ୟବସ୍ଥା ଓ ବିଦ୍ୟାଳୟର ପାରିପାର୍ଶ୍ୱିକ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରଗଡ଼ିପଡା ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ବୁଲି ଦେଖିଥିଲେ। ଏହି ଅବସରରେ ବଡ଼ମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂହ, ବିବେକାନନ୍ଦ ସାହୁ, ନିର୍ମଳା ବେହେରା, ପ୍ରଧାନ ଶିକ୍ଷକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବନମାଳୀପୁର ଉନ୍ନୀତ ମଧ୍ୟ ଇଂଲିଶ୍ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ପାରିପାର୍ଶ୍ୱିକ ବ୍ୟବସ୍ଥା ବୁଲି ଦେଖିଥିଲେ। ।

# ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ

## ଓଡିଶା ଆଦର୍ଶ ବିଦ୍ୟାଳୟ ନୂତନ କମ୍ପ୍ୟୁଟର ଗୃହ ଉଦ୍‌ଘାଟିତ


ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼,୨୨।୧୨(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଗୁଣ୍ଡିଚାପୁର ଗ୍ରାମସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଗୃହକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ସେହିପରି ୧୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀ ନିବାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୩ ମହଲା ବିଶିଷ୍ଟ ଏହି ଛାତ୍ରୀ ନିବାସ ପାଇଁ ୨କୋଟି ୧୨ଲକ୍ଷ ୭୩ହଜାର ୨୯୫ଟଙ୍କା ବ୍ୟୟ ବରାଦ ହୋଇଛି। ୨୦୨୩ ଜୁନ ସୁଦ୍ଧା କାର୍ଯ୍ୟ ଶେଷ ହେବା ପାଇଁ ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧ୍ୟକ୍ଷା ଉଷାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ସରପଞ୍ଚ ସୁଜତା ବେଉରା, ସମିତି ସଭ୍ୟା ଅନୁସୂୟା ସ୍ୱାଇଁ ଓ ସାମାଜିକ କର୍ମୀ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୩ ବିଦ୍ୟାଳୟ ରୂପାନ୍ତରଣ ପାଇଁ ଭିତ୍ତିପ୍ରସ୍ତର

ଆଠଗଡ, ୨୨।୧୨(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବାକୁ ରାଜ୍ୟ ସରକାର ବଦ୍ଧ ପରିକର। ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ହୋଇପାରିଲେ ସାମାଜିକ ପରିବର୍ତ୍ତନ ହୋଇପାରିବ ବୋଲି ରାଜ୍ୟ ସରକାରଙ୍କ ୫-ଟି ଆନୁକୂଲ୍ୟରେ ତୃତୀୟ ପର୍ଯ୍ୟାୟରେ ଆଠଗଡ ବ୍ଲକର ୧୨ ଓ ଆଠଗଡ ଏନ୍‌ଏସିର ୧ଟି ବିଦ୍ୟାଳୟର ରୂପାନ୍ତରଣ ପାଇଁ ଭିତ୍ତିପ୍ରସ୍ତର ପ୍ରଦାନ କରିବା ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ଏଥି ନିମନ୍ତେ ଆଠଗଡ ପଞ୍ଚାୟତ ସମିତି ପରିସରରେ ଏକ ସାମୂହିକ ଉତ୍ସବ ଆୟୋଜିତ ହୋଇଥିଲା। ମନ୍ତ୍ରୀ ସ୍ୱାଇଁ ବ୍ଲକ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ ବ୍ଲକ ଉପାଧ୍ୟକ୍ଷ ସୁବାସ ମଲ୍ଲିକ, ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ଶୁଭ୍ରଶଙ୍କର ଜ୍ୟୋତି, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସଭ୍ୟା ମିନତି ଗାଗରାଇ, ଶାନ୍ତିଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଠଗଡ ବିଡିଓ ଅରୁଣ କୁମାର ଦାସ ଆଠଗଡ ବ୍ଲକରେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡଙ୍ଗୀ, ଚିତ୍ତରଞ୍ଜନ ଦାଶ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସଦସ୍ୟା, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟମାନେ ଯୋଗ ଦେଇଥିଲେ।

## ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ଉତ୍ସବ

# ସାମାଜିକ ଦାୟିତ୍ୱ ନିର୍ବାହ ଲେଖକଙ୍କ ମୌଳିକ କର୍ତ୍ତବ୍ୟ


ଉତ୍ସବରେ ପ୍ରଫେସର ଅଜୟ ପଟ୍ଟନାୟକଙ୍କୁ ସୁମିତ୍ରା ସ୍ମାରକୀ ଅନୁବାଦ ପୁରସ୍କାର ପ୍ରଦାନ କରାଯାଉଛି।

କଟକ ଅଫିସ, ୨୨।୧୨: ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ଏକ ସାରସ୍ୱତ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରି କହିଥିଲେ, ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ସମସ୍ତଙ୍କର ଆଦର ଓ ସମ୍ମାନ ରହିବା ଉଚିତ୍। ଏ ଦିଗରେ ରାଜ୍ୟ ସରକାର ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। ଅନୁଷ୍ଠାନର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ହିନ୍ଦୀ ସାହିତ୍ୟିକ ପ୍ରଫେସର ଡ. ସତ୍ୟନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ସାହିତ୍ୟ ଅନ୍ୟ ଭାଷାରେ ଅନୁବାଦ ହେବାର ଆବଶ୍ୟକତା ରହିଛି। ସାହିତ୍ୟିକ ମନୋଜ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ସାମାଜିକ ଦାୟିତ୍ୱ ନିର୍ବାହ କରିବା ଲେଖକଙ୍କ ମୌଳିକ କର୍ତ୍ତବ୍ୟ ହେବା ଉଚିତ୍। ଏଥିରେ ଅନୁବାଦକ ପ୍ରଶାନ୍ତ କୁମାର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ହିନ୍ଦୀ ସାହିତ୍ୟିକ ପ୍ରଫେସର ଡ. ଅଜୟ କୁମାର ପଟ୍ଟନାୟକଙ୍କୁ ସୁମିତ୍ରା ସ୍ମାରକୀ ଅନୁବାଦ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସଦର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ପ୍ରାକ୍ କଥନ, ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋପା ଦାସ ମାନପତ୍ର ପାଠ ଓ ବିଭୁ ପ୍ରସାଦ ରାଉତ ଧନ୍ୟବାଦ ଦେଇଥିଲେ। ଇଂ. ସୁଶାନ୍ତ ସେଠୀ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ବସନ୍ତ କୁମାରୀ ନନ୍ଦ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାଦ୍ୟ ସୁରକ୍ଷା, ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ

## ବଡ଼ମ୍ବା ପଞ୍ଚାୟତ ସମିତି ଦ୍ୱିତୀୟ ସାଧାରଣ ବୈଠକ

ବଡ଼ମ୍ବା,୨୨।୧୨(ଡି.ଏନ୍.ଏ.)


ପଞ୍ଚାୟତସମିତି ବୈଠକରେ ଯୋଗଦେଇଥିବା ଅତିଥିମାନେ ।

ବଡ଼ମ୍ବା ପଞ୍ଚାୟତ ସମିତିର ଦ୍ୱିତୀୟ ସାଧାରଣ ବୈଠକ ପଞ୍ଚାୟତ ସମିତି ସଭା ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ଖାଦ୍ୟ ସୁରକ୍ଷା ଯୋଜନା ଓ ପାନୀୟ ଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ମେଗା ଲିଫ୍ଟ ଯୋଜନାରେ ପଞ୍ଚାୟତର ଅଧିବାସୀଙ୍କୁ ତୁରନ୍ତ ପାନୀୟ ଜଳ ଯୋଗାଣ, ଗ୍ରାମ ରାସ୍ତା ମରାମତି , ଅଚଳ ନଳକୂପକୁ ସଚଳ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଗ୍ରାମରେ ଖାଦ୍ୟ ସୁରକ୍ଷା ଯୋଜନାରେ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି କୃଷି, ପ୍ରାଣୀ ଚିକିତ୍ସା, ହରିଶ୍ଚନ୍ଦ୍ର ଯୋଜନା ସହାୟତା, ଉଦ୍ୟାନ କୃଷି ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରଦତ୍ତ ରୟାଲଟି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଜିଲା ପରିଷଦ ସଭ୍ୟଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଡିଓ ରମେଶ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନବ କିଶୋର ମିଶ୍ର ପୂର୍ବ ବିବରଣୀ ପାଠ କରିଥିଲେ। ବୈଠକରେ ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଏବିଡିଓ. ଯାଜ୍ଞସେନୀ ଗୋଛାୟତ, ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ, ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ଏମ୍‌ପିଙ୍କ ପ୍ରତିନିଧି ଦୀପକ କୁମାର ସାହୁ, ଜିଲା ପରିଷଦ ସଭ୍ୟା ନୟନା ସାହୁ, ଜୟଶ୍ରୀ ବରାଳ ଓ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ୨୬ରେ ରଥକାଠ ପାଇଁ ନୟାଗଡ଼ ଯିବେ ପ୍ରତିନିଧି ଦଳ

**ପୁରୀ ଅଫିସ, ୨୨।୧୨:** ଆସନ୍ତା ୨୦୨୩ ମସିହା ଜୁନ ୨୦ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ରଥ ସଂହିତା ଅନୁଯାୟୀ, ପବିତ୍ର ମାଘ ମାସ ବସନ୍ତ ପଞ୍ଚମୀ ଅବସରରେ ରଥଯାତ୍ରାର ଆଦ୍ୟପର୍ବ ରଥକାଠ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୬ତାରିଖରେ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ୪ଜଣିଆ ପ୍ରତିନିଧି ଦଳ ରଥକାଠ ନିମନ୍ତେ ନୟାଗଡ଼ ବଡ଼ମୂଳସ୍ଥିତ ମା’ ବଡ଼ରାଉଳ ଠାକୁରାଣୀଙ୍କ ଅଭିମୁଖେ ଯାତ୍ରା କରିବେ। ଶ୍ରୀମନ୍ଦିର ପରମ୍ପରା ଓ ରଥ ସଂହିତା ଅନୁଯାୟୀ, ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଯୋଗାଯାଉଥିବା କାଠଗୁଡ଼ିକ କଟାହେବା ପୂର୍ବରୁ ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାଳମହାପ୍ରସାଦ, ଧୂପଦୀପ, ନଡ଼ିଆ, ଲାଗିଖଣ୍ଡୁଆ, ପତନୀ ଆଦି ଜିନିଷମାନ ମା’ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ। ତେଣୁ ଆସନ୍ତା ୨୬ତାରିଖରେ ମେକାପଙ୍କ ନେତୃତ୍ୱରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଏବଂ ଡିଇଓ ସତ୍ୟନାରାୟଣ ପାତ୍ର ନୟାଗଡ଼ ଅଭିମୁଖେ ଯାଇ ୨୭ତାରିଖରେ ପୂଜାକାର୍ଯ୍ୟ ସମ୍ପନ୍ନ କରିବେ। ଚଳିତବର୍ଷ କରତକଳ ପାଇଁ ୪୦୬ଖଣ୍ଡ ରଥକାଠ ଆବଶ୍ୟକ ହେଉଥିବାବେଳେ ରଥଖଳା ପାଇଁ ୩୪୧ଖଣ୍ଡ କାଠ ଏହିପରି ସର୍ବମୋଟ ୭୪୭ ଖଣ୍ଡ କାଠର ଆବଶ୍ୟକତା ଅଛି। ତେବେ ଗତବର୍ଷରୁ ୧୧୮ଖଣ୍ଡ କାଠ ମହଜୁଦ ରହିଛି। ଦାରୁଦିଅଁଙ୍କ ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ଖଣ୍ଡ କାଠ ଯଥା ଫାର୍ସୀ, ଅସନ, ଧଉରା, ଶିମିଳି ଭଳି ଅନ୍ୟାନ୍ୟ କାଠ ଦରକାର ପଡ଼ିଥାଏ। ଏଥିସହ ଶହେ ଖଣ୍ଡ କଞ୍ଚାକାଠର ଆବଶ୍ୟକତା ରହିଥାଏ।

### କଟୁରି ଚୋଟରେ ସ୍ୱାମୀ ଆହତ: ମହିଳା ଗିରଫ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ): ପାରିବାରିକ କଳହ କେତେ ଭୟଙ୍କର ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ଭରତପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଲାଗିରହିଥିବା ଝଗଡ଼ା ଗୁରୁବାର ଉଗ୍ରରୂପ ଧାରଣ କରିଛି। କୌଣସି କାରଣକୁ ନେଇ ଝଗଡ଼ା ଲାଗିବା ସହ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଏକ କଟୁରିରେ ସ୍ୱାମୀଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ରୁନୁ ସ୍ୱାଇଁ(୪୦)। ସୂଚନାନୁଯାୟୀ, ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରିବାରୀ ଅଞ୍ଚଳରେ ରତ୍ନାକର ସ୍ୱାଇଁ ପରିବାର ସହ ରୁହନ୍ତି। ତେବେ ବେଶ କିଛିଦିନ ହେବ ରତ୍ନାକରଙ୍କର ତାଙ୍କ ସ୍ତ୍ରୀ ରୁନୁଙ୍କ ସହ ଭଲ ପଡୁ ନ ଥିଲା। ଉଭୟଙ୍କ ମଧ୍ୟରେ ପୁରୁଣା କଥାକୁ ନେଇ ପାଟି ତୁଣ୍ଡ ସହ ଝଗଡ଼ା ଲାଗିରହୁଥିଲା। ତେବେ କିଛିଦିନ ତଳେ ମଧ୍ୟ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ରୁନୁ ଏହାକୁ ଉତ୍ତ୍ୟକ୍ତ ହୋଇ ଏକ କଟୁରି ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ରତ୍ନାକରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ମାଟିରେ ମିଶିଲା ଶତାଧିକ ବେଆଇନ ନିର୍ମାଣ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)- ହକି ବିଶ୍ୱକପ୍ ପାଖେଇ ଆସୁଥିବାବେଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ ଜାରି ରହିଛି। ଏହି କ୍ରମରେ ଗୁରୁବାର ବିଭିନ୍ନ ସ୍ଥାନରୁ ଶତାଧିକ ଦୋକାନ ହଟାଯାଇଛି। ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ ନଂ.୫, ୬, ୭ ଓ ୮ ପକ୍ଷରୁ ପଟିଆ ଛକରୁ ରଘୁନାଥପୁର ଛକ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି। ଏଥିରେ ମୋଟ ୪୫ଟି ବେଆଇନ ନିର୍ମାଣ ହଟାଯାଇଛି। ଯେଉଁଥିରେ ୮ଟି ଆଜବେଷ୍ଟସ ନିର୍ମାଣ, ୮ଟି ଟିଣ ଶେଡ୍, ୧୦ଟି କ୍ୟାବିନ୍, ୩ଟି ବାଉଁଶ ନିର୍ମିତ ଶେଡ୍, ୪ଟି ପାଚେରି, ୮ଟି ହୋର୍ଡିଂ ଓ ଲୁହା ଗେଟ୍ ଭଙ୍ଗାଯାଇଛି। ସେହିପରି ସ୍କ୍ୱାଡ ନଂ. ୧୩, ୧୪, ୧୫ ଏବଂ ୧୬ ଖଣ୍ଡଗିରି ଛକରୁ ଜାଗମରା ଏବଂ ଫାୟାର ଷ୍ଟେଶନ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରିଥିଲା। ଏଥିରେ ୪ଟି ବାଉଁଶ ପାଲ ଶେଡ୍, ୧୨ଟି କ୍ୟାବିନ୍, ୩ଟି ହୋଟେଲ ଏବଂ ୫ଟି ଫଳ ଦୋକାନ ଭଙ୍ଗାଯାଇଛି । ସ୍କ୍ୱାଡ ନଂ ୯, ୧୦, ୧୧ ଏବଂ ୧୨ ଭୀମଟାଙ୍ଗୀ ଅଞ୍ଚଳରୁ ୧୦୦ମିଟର ଲମ୍ବର ର‌୍ୟାମ୍ପ, ୫୦ ମିଟର ଦୀର୍ଘ ପାଚେରି ଏବଂ ୭ଟି ବିଜ୍ଞାପନ ହୋର୍ଡିଂ ହଟାଇଛି।

# ୫୦୪ ଗୋରୁ ଲମ୍ପି ରୋଗରେ ଆକ୍ରାନ୍ତ

ସାକ୍ଷୀଗୋପାଳ, ୨୨।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)



ଲମ୍ପି ରୋଗରେ ଆକ୍ରାନ୍ତ ଗୋରୁଙ୍କୁ ଟିକା ଦିଆଯାଉଛି ।

**ସତ୍ୟବାଦୀ ବ୍ଲକ**

- ଜଣେ ପ୍ରାଣୀ ନିରୀକ୍ଷକଙ୍କୁ ୧୫ ଗାଁ ଦାୟିତ୍ୱ
- ୮୪୦୦ ଗୋରୁଙ୍କୁ ଦିଆଗଲାଣି ଟିକା

ଦେଶର କେତୋଟି ସ୍ଥାନରେ ଗୋରୁଙ୍କୁ ହେଉଥିବା ଲମ୍ପି ରୋଗ ହୋଇଥିବାବେଳେ ଏବେ ତାହା ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଡେଇଁଣି। ଏହି ଲମ୍ପି ରୋଗ ଦ୍ୱାରା ଗୋରୁଙ୍କ ମୃତ୍ୟୁ ହେଉଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଞ୍ଚଳରେ ବହୁ ମାତ୍ରାରେ ଗୋରୁଙ୍କୁ ଲମ୍ପି ରୋଗ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଗୋପାଳକମାନେ ଏବେ ଚିନ୍ତା ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ରୋଗରେ ବ୍ଲକରେ ୭ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେସରକାରୀ ଭାବେ ଜଣାପଡ଼ିଥିବା ବେଳେ ସରକାରୀ ସୂତ୍ରରୁ କୌଣସି ମୃତ୍ୟୁ ହୋଇ ନ ଥିବା ସୂଚନା ମିଳିଛି। ଏହି ଦିଗରେ ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଟିକାକରଣ ଆରମ୍ଭ ହୋଇଛି। ଇତିମଧ୍ୟରେ ଏହି ରୋଗରେ ଆକ୍ରାନ୍ତ ବାଛୁରୀଙ୍କ ଅଧିକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ପ୍ରତିଷେଧକ ପାଇଁ ଜୋରସୋରରେ ଟିକାକରଣ କରାଯାଉଛି। କିନ୍ତୁ ଏହି କାର୍ଯ୍ୟରେ ପ୍ରାଣୀ ନିରୀକ୍ଷକଙ୍କ ସଂଖ୍ୟା କମ୍ ରହିଥିବାରୁ ଜଣେ ପ୍ରାଣୀ ନିରୀକ୍ଷକଙ୍କ ଉପରେ ୧୫ରୁ ଊର୍ଦ୍ଧ୍ୱ ଗାଁରେ ଟିକାକରଣ ଦାୟିତ୍ୱ ଦିଆଯାଇଛି। ଫଳରେ ଟିକାକରଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ଲକରେ ୨୫ ହଜାରରୁ ଊର୍ଦ୍ଧ୍ୱ ଗୋରୁ ଥିବାବେଳେ ଆରମ୍ଭରୁ ବାଛୁରୀଙ୍କୁ ଟିକାକରଣ କରାଯାଇଛି ବୋଲି ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ଲମ୍ପି ରୋଗର ଅନ୍ୟ ନାମ ଚର୍ମବିଣ୍ଡି ହୋଇଥିବା ବେଳେ କେତେଜଣ ଏହାକୁ ଗୋ ବସନ୍ତ ବୋଲି ମଧ୍ୟ କହୁଛନ୍ତି। ଉକ୍ତ ରୋଗ ଏକ ବାୟୁ ବାହିତ ଓ ଭୁତାଣୁ ଜନିତ ରୋଗ ହୋଇଥିବାରୁ ମଶା, ମାଛି, ଡାଆଁସ ଦ୍ୱାରା ସୁସ୍ଥ ଗାଈକୁ ପ୍ରଭାବିତ କରେ। ଏହି ରୋଗକୁ ନେଇ ବ୍ଲକରେ ଆଗୁଆ ଟିକାକରଣ ଭଳି ସତର୍କତା ମୂଳକ ପଦକ୍ଷେପ ନିଆଗଲେ ଆକ୍ରାନ୍ତ ଗୋରୁଙ୍କୁ ଶୀଘ୍ର ରକ୍ଷା କରିପାରିବା ବୋଲି ଗୋପାଳକମାନେ ମତ ରଖିଛନ୍ତି। ବିଶେଷ ଭାବେ ଯେଉଁ ଗୋରୁଙ୍କର ରୋଗ ପ୍ରତିଷେଧକ ଶକ୍ତି କମ୍ ରହୁଛି ସେମାନଙ୍କୁ ଲମ୍ପି ରୋଗ ଆକ୍ରାନ୍ତ କରୁଛି। ଏହି ରୋଗ ସାଧାରଣତଃ ବାଛୁରୀ ଓ ଗର୍ଭବତୀ ଗାଈଙ୍କୁ ପ୍ରଭାବିତ କରୁଛି। ରୋଗରେ ଆକ୍ରାନ୍ତ ଗୋରୁଙ୍କ ଚର୍ମରେ ବିଣ୍ଡି ଭଳି ଗଣ୍ଠି ସୃଷ୍ଟି ହୋଇଛି। ପରେ ସେହି ଗଣ୍ଠି ଫାଟି ରକ୍ତ ଝରିବା ସହ ସେହି ଖଣ୍ଡିଆରେ ପୋକ ହୋଇଯାଉଛନ୍ତି। ଏହି ରୋଗରେ ଆକ୍ରାନ୍ତ ଗୋରୁଙ୍କ ପାଟିରୁ ନାଳ ଗଡ଼ିବା, ଖାଇବା ଛାଡ଼ିଦେବା, ଘୁମାଇବା ଭଳି ସ୍ଥିତି ଦେଖାଯାଉଛି। ଏଭଳି ସ୍ଥିତି ଲାଗି ରହିବାର ୩ରୁ ୪ଦିନ ପରେ ଆକ୍ରାନ୍ତ ଗୋରୁଙ୍କ ମୃତ୍ୟୁ ଘଟୁଛି। ତେବେ ଆବଶ୍ୟକ ଔଷଧ ସେବନ କରାଗଲେ ଆକ୍ରାନ୍ତ ଗୋରୁ ସାପ୍ତାହ ପରେ ସୁସ୍ଥ ହୋଇଯାଉଥିବା ପ୍ରାଣୀଧନ ଚିକିତ୍ସକମାନେ କହୁଛନ୍ତି। ତେଣୁ ବର୍ତ୍ତମାନ ସମୟରେ ଗୋପାଳକମାନେ ସେମାନଙ୍କ ଗୋରୁଙ୍କୁ ଭିଟାମିନ ଯୁକ୍ତ ଖାଦ୍ୟ ଦେବା ସହ ବାହାରକୁ ନ ଛାଡ଼ିବା ପାଇଁ ଚିକିତ୍ସକ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ହଳଦୀ ଓ ଲିମ୍ବ ପତ୍ରକୁ ଆକ୍ରାନ୍ତ ଗୋରୁଙ୍କ ଚର୍ମରେ ଲେପନ କରିବାକୁ କୁହାଯାଇଛି। ଏଭଳି ହେଲେ ସେମାନଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ଘଟିବ। ଗୋରୁ ଏହି ରୋଗରେ ଆକ୍ରାନ୍ତ ହେଲେ ବି ବିପଦରୁ ମୁକୁଳିପାରିବେ ବୋଲି ଆଶା କରାଯାଉଛି। ଏ ସଂକ୍ରାନ୍ତରେ ସତ୍ୟବାଦୀ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି, ବ୍ଲକରେ ଲମ୍ପି ରୋଗକୁ ନେଇ ଟିକାକରଣ ଚାଲିଛି। ଆବଶ୍ୟକ ମୁତାବକ ପ୍ରାଣୀ ନିରୀକ୍ଷକ ନ ଥିବାରୁ ଟିକାକରଣରେ ସାମାନ୍ୟ ବିଳମ୍ବ ହେଉଛି। ତେବେ ପ୍ରଥମ ପର୍ଯ୍ୟାୟରେ ୫୦୪ ଆକ୍ରାନ୍ତ ଗୋରୁଙ୍କୁ ନଜରରେ ରଖି ଚିକିତ୍ସା କରାଯାଉଛି। ଏଥିସହ ବର୍ତ୍ତମାନ ସୁଦ୍ଧା ୮୪୦୦ ଗୋରୁଙ୍କୁ ଟିକା ଦିଆସରିଲାଣି। ଆମ ପାଖରେ ଏବେ ଯଥେଷ୍ଟ ଭାକ୍ସିନ ଓ ଆବଶ୍ୟକ ଔଷଧ ମହଜୁଦ ରହିଛି। ପରିସ୍ଥିତିକୁ ନିୟନ୍ତ୍ରଣ ରଖିବା ପାଇଁ ଏକ କଣ୍ଟ୍ରୋଲ ରୁମ୍ କରାଯିବା ପାଇଁ ସ୍ଥିର କରାଯାଇଛି। ଆଗକୁ ପ୍ରତିଷେଧକ ବ୍ୟବସ୍ଥା ଆହୁରି ଜୋରଦାର ହେବ ବୋଲି ଚିକିତ୍ସା ଅଧିକାରୀ ମିଶ୍ର କହିଛନ୍ତି।

### ଅସ୍ତରଙ୍ଗ ବନଖଣ୍ଡରୁ ୬ଟିମ୍ ଗଣିଲେ ଡଲ୍‌ଫିନ୍

ଅସ୍ତରଙ୍ଗ,୨୨।୧୨(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବନଖଣ୍ଡ ପକ୍ଷରୁ ଚନ୍ଦ୍ରଭାଗାଠାରୁ ଦେବୀନାସି ପର୍ଯ୍ୟନ୍ତ ରେଞ୍ଜର ବିଚିତ୍ରାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ୬ଟି ଟିମ୍ ଦ୍ୱାରା ଡଲଫିନ ଗଣନା କାର୍ଯ୍ୟ ଚାଲିଛି। ଏହି ଗଣନା କାର୍ଯ୍ୟ ଶୁକ୍ରବାର ସରିବ। ଏହି ଟିମ୍ ମଧ୍ୟରୁ ରେଞ୍ଜର ବିଚିତ୍ରାନନ୍ଦ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଦେବୀ ନଦୀରୁ କାଦୁଆ ନଦୀ ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିବା ବେଳେ ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ରଙ୍କ ଟିମ୍ ଦେବୀ ନାସିରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଗଣନା କରୁଛନ୍ତି। ସେହିଭଳି ଫରେଷ୍ଟର ସଞ୍ଜୟ କୁମାର ମଲ୍ଲିକଙ୍କ ଟିମ୍ ଚନ୍ଦ୍ରଭାଗାରୁ ଗଙ୍ଗଦେବୀ, ଫରେଷ୍ଟର ସବୀର ସାହୁଙ୍କ ଟିମ୍ ଗଙ୍ଗାଦେବୀଠାରୁ ଜାହାନିଆ, ଫରେଷ୍ଟର ସ୍ୱପେଶ୍ୱର ଜାଲଙ୍କ ଟିମ୍ ଜାହାନିଆଠାରୁ ବେଲେଶ୍ୱର ଏବଂ ଫରେଷ୍ଟର ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ଟିମ୍ ଚନ୍ଦ୍ରଭାଗାଠାରୁ ଅର୍କକୁଦ ପର୍ଯ୍ୟନ୍ତ ଗଣନା କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀଙ୍କ ସହ ଅନ୍ୟମାନେ।

ଡେଲାଙ୍ଗ,୨୨।୧୨(ଡି.ଏନ୍.ଏ.)

ହକି ବିଶ୍ୱକପ ପାଇଁ କ୍ରୀଡ଼ା ସଚେତନତା ଓ ପ୍ରତିଯୋଗୀରେ ଅଂଶଗ୍ରହଣ କରିବା ଲକ୍ଷ୍ୟନେଇ ଡେଲାଙ୍ଗ ବ୍ଲକରେ ପଞ୍ଚାୟତ ସ୍ତରୀୟ କ୍ରୀଡା ଉତ୍ସବ ଅଭୟମୁଖି ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳି ସନ୍ନିକଟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ଜିପିଓ ରତିକାନ୍ତ ସାହୁ, ସରପଞ୍ଚ ପ୍ରମିଳା ସେନାପତି, ଜିଲା ପରିଷଦ ସଭ୍ୟା ଦିପ୍ତିଶ୍ରୀ ରାଉତରାୟ, ସମିତିସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, ପିଇଓ ଯଦୁମଣି ଦାଶ, ସିଆର୍‌ସିସି କ୍ଷେତ୍ରବାସୀ ଆଲୁକ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହ କରିଥିଲେ। ଇନ୍ଦିପୁର, ବିଳାସପୁର, ନଡାଖଣ୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ଓ ଅଭୟମୁଖି ସର୍ବପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ଫୁଟବଲ, କବାଡି, ଖୋଖୋ ଖେଳରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବଂଶୀଧର ମହାପାତ୍ର ଓ କବିତା ବରାଳ କ୍ରୀଡ଼ା ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବିକ୍ରମ ପାତ୍ର, ନିରଞ୍ଜନ ସାହୁ, କରୁଣା କର ମଲ୍ଲିକ୍, ନିରଞ୍ଜନ ଜେନା, ନରେଶଚନ୍ଦ୍ର ନାୟକ, ରାଜେସ ସେନାପତି, ନାଏବ ସରପଞ୍ଚ ବାସୁଦେବ ପ୍ରଧାନ, ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଫୁଟବଲରେ ୧୨ଜଣ ବାଳକ, ଖୋ ଖୋରେ ୧୦, କବାଡିରେ ୮ ବାଳକ ଓ ବାଳିକାଙ୍କୁ ବ୍ଲକ ସ୍ତରକୁ ମନୋନୀତ କରାଯାଇଛି । ସେହିପରି ହରିରାଜପୁର ପଞ୍ଚାୟତର ସୋମନାଥ ବିଦ୍ୟାପୀଠ ପରିସରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସରପଞ୍ଚ ରୀନାରାଣୀ ରାଉତରାୟ, ତପନ ଦାଶ, ମନୋଜ ମହାପାତ୍ର, ମହାଦେବ ରାଉତରାୟ, ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ ଷଡ଼ଙ୍ଗୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ।

### ‘ଖେଳ ନୁହେଁ, ଭାତ ଚାହୁଁ’

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

‘ସ୍ମାର୍ଟ ସିଟି ନୁହେଁ ରୋଟି ଚାହୁଁ’, ଖେଳ ନୁହେଁ ଭାତ ଚାହୁଁ ଏପରି ନାରା ଦେଇ ରାସ୍ତାକଡ଼ରୁ ଦୋକାନବଜାର ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ରାସ୍ତାପାର୍ଶ୍ୱରେ ଥିବା ଦୋକାନବଜାରକୁ ଉଚ୍ଛେଦ କରି ମାଟିରେ ମିଶାଇ ଦିଆଯାଉଥିବାବେଳେ ଜୀବନଜୀବିକାକୁ ନେଇ ଉଠା ଦୋକାନୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଗୁରୁବାର ନୟାପଲ୍ଲୀ ଓ ଶିଖରଚଣ୍ଡୀ ଅଞ୍ଚଳରୁ ରାସ୍ତାକଡ଼ରେ ଥିବା ଦୋକାନ ଉଚ୍ଛେଦ କରାଯାଇଥିଲା। ତେବେ ଏହି ଉଚ୍ଛେଦକୁ ସଂଘ ସମେତ ଉଠା ଦୋକାନୀମାନେ ବିରୋଧ କରିଥିଲେ। ଏହାସତ୍ତ୍ୱେ ନିଜ ଦୋକାନକୁ ଉଚ୍ଛେଦରୁ ରୋକିପାରି ନ ଥିଲେ।

## କୋଟିପତି ଇଡ୍‌କଲ୍ ଅଧିକାରୀ ଗିରଫ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)

**୧୦ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍(ଇଡ୍‌କଲ୍)ର ଅଫିସର ତଥା କୋରାପୁଟ ଜିଲା ଆମ୍ବାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସର ଜଏଣ୍ଟ ମ୍ୟାନେଜର ଗୟା ସାନ୍ତରାଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଚଢ଼ାଉ ଓ ଯାଞ୍ଚ ପରେ ଗୟା ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ୧୦କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୨୯୦% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୟା ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୧୧/୨୦୨୨) ରୁଜୁ କରି ଅଧିକ ତଦନ୍ତ କରୁଛି। ତେବେ କୋଟିପତି ଗୟାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜାନୁୟାରୀ ୪ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, କୋରାପୁଟ ଜିଲା ସୁଙ୍କିଗେଟ୍‌ସ୍ଥିତ ଭଡ଼ାଘର, ଆମ୍ବାଭାଲିସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ୩ ମହଲା କୋଠା ଓ ବ୍ୟବସାୟିକ ପ୍ରତିଷ୍ଠାନ, ଜୟଦେବ ବିହାରସ୍ଥିତ ନିର୍ମାଣାଧୀନ ୪ ମହଲା କୋଠା, ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ପୈତୃକ ଘର ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ାସ୍ଥିତ ଶ୍ୱଶୁର ଘରେ ମଙ୍ଗଳବାର ଏକକାଳୀନ ଚଢ଼ାଉ ହୋଇଥିଲା। ଗୟାଙ୍କ ମୋଟ ୧୩ଟି ପ୍ଲଟ୍ ସହ ୨ଟି ଚାରିଚକିଆ ଯାନ ଓ ୪ଟି ବାଇକ୍, ନଗଦ ୧ କୋଟି ୬ ଲକ୍ଷ ୪୦ ହଜାର ଟଙ୍କା, ୧ କେଜି ୯୬ ଗ୍ରାମ ସୁନା ଓ ୭ କେଜି ୫୦୦ ଗ୍ରାମ ରୁପା, ୪.୧୯ କୋଟି ଟଙ୍କା ବ୍ୟାଙ୍କ୍ ଜମା ଠାବ ହୋଇଥିଲା।

## ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ: ମାଣିକାଗୋଡ଼ା କ୍ଲବ ବିଜୟୀ

ବୋଲଗଡ଼,୨୨।୧୨ (ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦ୍ୱାଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଲିଗ୍ ମ୍ୟାଚ୍ ଟାଙ୍ଗୀ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାଣିକାଗୋଡ଼ା କ୍ରିକେଟ କ୍ଲବ ଓ ମା’କୋଶଳାଶୁଣୀ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ମାଣିକାଗୋଡ଼ା କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ ଆରିକମା କ୍ଲବ ୧୩.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦିକା ମୀରା ପରିଡ଼ା, ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ଖୋର୍ଦ୍ଧା ଉତ୍କଳମଣି ସାମ୍ବାଦିକ ସଂଘ ସଭାପତି ଶରତଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଭଗବାନ ମଙ୍ଗରାଜ ଓ ଲକ୍ଷ୍ମୀଧର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶାନ୍ତନୁ ଛୋଟରାୟ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟଜକ କ୍ଲବର ସଭାପତି ନିରଞ୍ଜନ ନାୟକ, ନିବାସୀ ପାତ୍ର, ସର୍ବେଶ୍ୱର ସାହୁ, ତ୍ରିନାଥ ବଳିୟାରସିଂହ, ସୁଶାନ୍ତ ପ୍ରଧାନ, ରମେଶ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷକରେ ଭିଜିଲାନ୍ସର ୨୭୦ ମାମଲା

କଟକ ଅଫିସ,୨୨।୧୨

ବିଦାୟୀ ୨୦୨୨ ବର୍ଷ ଓଡ଼ିଶା ଭିଜିଲାନ୍ସ ପାଇଁ ରେକର୍ଡ ସଫଳତା ଆଣିଦେଇଛି ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. କେ. ଜେଠୱା ଗୁରୁବାର ସୂଚନା ଦେଇଛନ୍ତି। ୨୦୨୨ରେ ଅଦ୍ୟାବଧି ୨୭୦ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଆୟ ବହିର୍ଭୁତ ସମ୍ପତ୍ତିଠୁଳ ମାମଲା ୭୫, ଲାଞ୍ଚ ନେବା ମାମଲା ୧୧୪ ଓ ଅବଶିଷ୍ଟ ଦୁର୍ନୀତି ମାମଲା ରହିଛି। ୨୭୦ ମାମଲା ମଧ୍ୟରୁ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ୬୦ ମାମଲା ରୁଜୁ ହୋଇଛି, ଯାହାକି ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ରହିଛି। ଗତବର୍ଷ ସର୍ବାଧିକ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲା ଠାବ ଓ ରୁଜୁ ହୋଇଥିବାବେଳେ ଏବର୍ଷ ମଧ୍ୟ ସଫଳତା ମିଳିବ ବୋଲି ଆଶା ରହିଛି। ୨୦୨୨ରେ ବିଭିନ୍ନ ମାମଲାରେ ରେକର୍ଡ ପରିମାଣର ନଗଦ ଟଙ୍କା ଜବତ ହୋଇଛି। ଆୟ ବର୍ହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ମୋଟ ୧୬୦ କୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଜବତ କରାଯାଇଛି। ସେହିପରି ଏହି ବର୍ଷ ସର୍ବାଧିକ ନଗଦ ଟଙ୍କା ଜବତ କରାଯାଇଛି। ବିଭିନ୍ନ ମାମଲାର ବିଚାର କରାଯାଇ ୮୭ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାକି ଦୋଷୀ ସାବ୍ୟସ୍ତ ହେବାର ହାର ଚଳିତ ବର୍ଷ ୫୦% ହୋଇଛି। ସେହିପରି ମାମଲାଗୁଡ଼ିକର ତଦନ୍ତ ପ୍ରକ୍ରିୟା ଶେଷ କରାଯିବା ଓ ବିଶେଷ କରି ପୁରୁଣା ମାମଲାଗୁଡ଼ିକର ଚାର୍ଜଶିଟ୍ ଦାଖଲ କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ମାମଲା ରୁଜୁ କରିବା ଓ ମାମଲା ଫଏସଲା ହେବାର ହାର ମଧ୍ୟ ସର୍ବାଧିକ ରହିଛି। ୨୦୨୧ ସମେତ ପୂର୍ବବର୍ଷଗୁଡ଼ିକରେ ରୁଜୁ ହୋଇଥିବା ଲାଞ୍ଚ ମାମଲାଗୁଡ଼ିକର ତଦନ୍ତ ଶେଷ ହୋଇଛି। ତେବେ ଆଗାମୀ ଦିନରେ ଦୁର୍ନୀତି ରୋକିବା ଦିଗରେ ଓଡ଼ିଶା ଭିଜିଲାନ୍ସ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଉଚ୍ଚ ପଦରେ ଥାଇ ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ପ୍ରାଥମିକତା ଦିଆଯିବ। ଏଥିସହ ତଦନ୍ତ ପ୍ରକ୍ରିୟାରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ମାଧ୍ୟରେ ଜମି, କୋଠା, ନଗଦ ଟଙ୍କା, ବ୍ୟାଙ୍କ ଡିପୋଜିଟ୍ ଆଦି ଉପରେ କଡ଼ା ନଜର ରଖାଯିବ ବୋଲି ନିର୍ଦ୍ଦେଶକ ଜେଠୱା କହିଛନ୍ତି।

## ସଡ଼କ ସୁରକ୍ଷା, ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ




ବାଲୁଗାଁ,୨୨।୧୨(ଡି.ଏନ୍.ଏ.)

ବାଲୁଗାଁ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା ଓ ସାଇବର ଅପରାଧ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବିନତୀ ମଞ୍ଜରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ଅତିରିକ୍ତ ଆଇଆଇସି ରଶ୍ମୀବାଳା ସେଠୀ ଯୋଗଦେଇ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ମୋଟରଯାନ ଆଇନରେ ଥିବା ବିଭିନ୍ନ ଦଣ୍ଡନୀୟ ବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିସହ ରାଗିଂ ଏବଂ ସାଇବର ଅପରାଧରୁ ନିବୃତ୍ତ ରହିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅକ୍ଷୟ କୁମାର ମହାପାତ୍ର, ଜାତୀୟ ସେବା ଯୋଜନା ଅଧିକାରୀ ଡ.ଲକ୍ଷ୍ମୀଧର ସୁବୁଦ୍ଧି, ଡ.ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଜେଇ ହେଉଛି ତାଳବଣିଆ ପଡ଼ିଆ

ପୁରୀ ଅଫିସ, ୨୨।୧୨

- ୨୬ରେ ବିଜେଡି ପାଳିବ ୨୫ତମ ପ୍ରତିଷ୍ଠା ଦିବସ
- ଯୋଗଦେବେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ନେତା

ଚଳିତ ମାସ ୨୬ ତାରିଖରେ ବିଜୁ ଜନତା ଦଳ (ବିଜେଡି) ୨୫ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ୨୦୨୪ରେ ସାଧାରଣ ନିର୍ବାଚନ ଥିବାରୁ ବିଜେଡି ତା’ର ରୌପ୍ୟ ଜୟନ୍ତୀ ଉତ୍ସବ ପୁରୀରେ ଆୟୋଜନ କରି ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସାରା ରାଜ୍ୟରେ ଅଭିଯାନ ଜାରି ରଖିବା ପାଇଁ ଲକ୍ଷ୍ୟ ରଖିଛି। ପ୍ରତିଷ୍ଠା ଦିବସ ଆଉ ୩ଦିନ ବାକି ଥିବାବେଳେ ଚଳଚଞ୍ଚଳ ହୋଇପଡ଼ିଛି ଆୟୋଜନସ୍ଥଳ ପୁରୀ ତାଳବଣିଆ ପଡ଼ିଆ। ଏଠାରେ ବିଜେଡି ୨୫ତମ ରୌପ୍ୟ ଜୟନ୍ତୀ ପାଳନ କରିବ। ଏଥିରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେବେ। ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀ ଓ ନେତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିବେ। ଏଥିପାଇଁ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ବିଜେଡିର ରୌପ୍ୟ ଜୟନ୍ତୀକୁ ଆନନ୍ଦ ଉଲ୍ଲାସରେ ପାଳନ କରାଯିବା ଲକ୍ଷ୍ୟ ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ବୁଧବାର ଦଳର ବରିଷ୍ଠ ନେତୃବୃନ୍ଦ ଆୟୋଜନସ୍ଥଳକୁ ଆସି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଗୁରୁବାର ନୟାଗଡ଼ ବିଧାୟକ ଅରୁଣ ସାହୁ ଏବଂ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ତାଳବଣିଆ ପଡ଼ିଆକୁ ଯାଇ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ଯୁବ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ସୁନୀଲ ମହାନ୍ତି ଏବଂ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ନେଇ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ତାଳବଣିଆ ପଡ଼ିଆ ପରିଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା ନେଇ ସ୍ଥିତି ସମୀକ୍ଷା କରିଥିଲେ।



ବିଜେଡି ନେତୃବୃନ୍ଦ ତାଳବଣିଆ ପଡ଼ିଆରେ ଅନୁଧ୍ୟାନ କରୁଛନ୍ତି ।

ସୂଚନା ଅନୁଯାୟୀ, ୨୬ତାରିଖ ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ତାଳବଣିଆ ହେଲିପ୍ୟାଡରେ ଅବତରଣ କରିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ପରେ ସେଠାରୁ ତାଳବଣିଆ ପଡ଼ିଆ ଯାଇ ଦଳର ୨୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ। ଦଳକୁ ତୃଣମୂଳ ସ୍ତରରେ କିଭଳି ଅଧିକରୁ ଅଧିକ ମଜଭୁତ କରାଯିବା ସହ ୨୦୨୪ ନିର୍ବାଚନ ପାଇଁ ସମସ୍ତେ ଏକ ମିଶନ୍ ମୋଡରେ କାର୍ଯ୍ୟ କରିବେ ସେ ନେଇ ଦଳୀୟ କର୍ମୀ ଓ ନେତାଙ୍କୁ ସେ ଉଦବୋଧନ ଦେବେ। ଅନ୍ୟପଟେ ଏହି ସମାବେଶ ଏବଂ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ତାଳବଣିଆ, ଶ୍ରୀମନ୍ଦିର ସଂଲଗ୍ନ ଅଞ୍ଚଳ ଓ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### କୋଟିପତି ଇଡ୍‌କଲ୍ ଅଧିକାରୀ ଗିରଫ

■ ୧୦ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ୍ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍(ଇଡ୍‌କଲ୍)ର ଅଫିସର ତଥା କୋରାପୁଟ ଜିଲା ଆମ୍ପାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସର ଜଏଣ୍ଟ ମ୍ୟାନେଜର ଗୟା ସାନ୍ତରାଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଚଢ଼ାଉ ଓ ଯାଞ୍ଚ ପରେ ଗୟା ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ୧୦କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୨୯୦% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୟା ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୧୧/୨୦୨୨) ରୁଜୁ କରି ଅଧିକ ତଦନ୍ତ କରୁଛି। ତେବେ କୋଟିପତି ଗୟାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜାନୁୟାରୀ ୪ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, କୋରାପୁଟ ଜିଲା ସୁଙ୍କିଗେଟ୍‌ସ୍ଥିତ ଭଡ଼ାଘର, ଆମ୍ପାଭାଲିସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ କୋଠା ଓ ବ୍ୟବସାୟିକ ପ୍ରତିଷ୍ଠାନ, ଜୟଦେବ ବିହାରସ୍ଥିତ ନିର୍ମାଣାଧୀନ କୋଠା, ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ପୈତୃକ ଘର ଏବଂ ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଶ୍ୱଶୁର ଘରେ ମଙ୍ଗଳବାର ଏକକାଳୀନ ଚଢ଼ାଉ ହୋଇଥିଲା। ଗୟାଙ୍କ ମୋଟ ୧୩ଟି ପ୍ଲଟ୍ ସହ ୨ଟି ଚାରିଚକିଆ ଯାନ ଓ ୪ଟି ବାଇକ୍, ନଗଦ ୧ କୋଟି ୬ ଲକ୍ଷ ୪୦ ହଜାର ଟଙ୍କା, ୧ କେଜି ୯୬ ଗ୍ରାମ ସୁନା ଓ ୭ କେଜି ୫୦୦ ଗ୍ରାମ ରୁପା, ୪.୧୯ କୋଟି ଟଙ୍କା ବ୍ୟାଙ୍କ୍ ଜମା ଠାବ ହୋଇଥିଲା।

### ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କୋଣାର୍କ,୨୨।୧୨(ଡି.ଏନ୍.ଏ.): ଭଗବତୀ ବିହାର ପରିସରସ୍ଥ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ୧୬ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ମୁଖ୍ୟ ପରିଚାଳକ ମାନସ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ସ୍କୁଲ ପ୍ରତିଷ୍ଠାତା ଗୁଣନିଧି ମୁଦୁଲି, ଅଧକ୍ଷ ପ୍ରସାଦ ରଞ୍ଜନ ପାତ୍ର, କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧାପକ ତଥା ଏନ୍‌ସିସି ଅଧିକାରୀ ବିନୟ ଭୂଷଣ ମହାନ୍ତି ଯୋଗଦେଇ କ୍ରୀଡ଼ାର ଗୁଣାତ୍ମକ ମାନ ବୃଦ୍ଧି ଓ ଛାତ୍ରୀଛାତ୍ରମାନେ କ୍ରୀଡ଼ା କ୍ଷେତ୍ରରେ ଅନୁପ୍ରାଣିତ ହେବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ୨୦୦ମିଟର ଦୌଡ଼, ଶଟପୁଟ୍, ରେସ, ଡିସ୍‌କସ, ଲମ୍ବା ଡିଆଁ, ଉଚ୍ଚ ଡିଆଁ ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିସ୍ମିତା ମହାପାତ୍ର, ସଂଘମିତ୍ରା ତ୍ରିପାଠୀ, ବର୍ଷାରାଣୀ ଜେନା, ଲକ୍ଷ୍ମୀପ୍ରିୟା ମହାପାତ୍ର, ଶ୍ରଦ୍ଧାଞ୍ଜଳି ଜେନା, ମୌସୁମୀ ରାଉତରାୟ, ରାଜଶ୍ରୀ ଜେନା, ଲୀନା ବେହେରା, ଶ୍ରଦ୍ଧା ସୋନାଲି ସାହୁ, ସଙ୍ଗୀତା ଦାସ, ନୀଳିମା ଶତପଥୀ, ତପସ୍ୱିନୀ ଦାସ, ଅନୁପମା କର, ସସ୍ମିତା ଖଟୋଇ, ଗୀତାଞ୍ଜଳି ମହାରଣା, ଶିକ୍ଷକ ସତ୍ୟରଞ୍ଜନ ରଥ, ବିନୟ କୁମାର ମହାପାତ୍ର ଓ ସୁଦୀପ ଦାସ, ବିଶ୍ୱଜିତ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟସ୍ତରକୁ ୧୮ ପ୍ରକଳ୍ପ ମନୋନୀତ

### ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଉଦ୍‌ଯାପିତ

ପୁରୀ ଅଫିସ, ୨୨।୧୨

ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ୪୦ତମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଏବଂ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ 'ଇନ୍‌ସ୍ପାୟାର ମନକ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଙ୍କ ସୃଜନଶୀଳ ପ୍ରତିଭାକୁ ପ୍ରଶଂସା କରିବା ସହ ବିଜ୍ଞାନର ଉପକାରିତା ସମ୍ପର୍କରେ ମତ ପୋଷଣ କରିଥିଲେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରଣରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ଉନ୍ନତ ବିଜ୍ଞାନାଗାର ଏ ଦିଗରେ ସହାୟକ ହେବ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ କଳିଙ୍ଗ ଫାଉଣ୍ଡେଶନର ଟ୍ରଷ୍ଟି ପ୍ରଫେସର ଚିତ୍ତ ରଞ୍ଜନ ମିଶ୍ର ଯୋଗଦେଇ ବିଖ୍ୟାତ ଗାଣିତିକ ଶ୍ରୀନିବାସ ରାମାନୁଜନଙ୍କ ଜୀବନୀ, ଗଣିତ ଓ ବିଜ୍ଞାନ ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ ଘୋଷ ସଭାପତିତ୍ୱ କରିଥିଲେ। ବିଜ୍ଞାନ ପର୍ଯ୍ୟବେକ୍ଷକ ତାପସ ପ୍ରିୟଦର୍ଶନ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ଅତିରିକ୍ତ ଶିକ୍ଷାଧିକାରୀ ମମତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସାଇ ସୋହମ ପ୍ରଧାନ ନିଜ ଅଭିଜ୍ଞତା ବଖାଣିଥିଲେ। କୁଇଜ୍, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଏବଂ ୧୮୫ଟି ପ୍ରକଳ୍ପରୁ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ୧୮ଟି ପ୍ରକଳ୍ପର ବିଦ୍ୟାର୍ଥୀ ଓ ସହାୟକ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାରୁ ଜାତୀୟ ସ୍ତରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଜ୍ଞାନମେଳାର ସାଙ୍ଗଠନିକ ସମ୍ପାଦକ ଶିବରାମ ମିଶ୍ର ଧନ୍ୟବାଦ ଦେଇଥିଲେ।


ରାମାନୁଜ ଜୟନ୍ତୀ ଅବସରରେ ଗୁରୁବାର ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

## 'ସର୍ବଦା ଆଧାର ଅପ୍‌ଡେଟ୍ ଜରୁରୀ'

ପୁରୀ ଅଫିସ, ୨୨।୧୨

ଅପଡେଟ୍ ହୋଇଥିବା ଆଧାର କାର୍ଡ ଏକ ଶକ୍ତିଶାଳୀ ଆଧାର। ଏହା ଜୀବନ ପ୍ରଣାଳୀକୁ ସହଜ କରିଥାଏ ବୋଲି ବୁଧବାର ଅନୁଷ୍ଠିତ ପୁରୀ ଜିଲାସ୍ତରୀୟ ଆଧାର ପରିଚାଳନା କମିଟି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ସେ କହିଛନ୍ତି, ଆଧାର ଏବେ ପ୍ରତ୍ୟେକ ସରକାରୀ ଓ ଅନ୍ୟାନ୍ୟ କାର୍ଯ୍ୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ତେଣୁ ନିୟମ ଅନୁସାରେ ଆମକୁ ଆଧାର ସମ୍ପର୍କିତ ଅପଡେଟ୍ ଓ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ବୈଠକରେ ୟୁଆଇଡିଏଆଇର ନିର୍ଦ୍ଦେଶକ କଲୋନେଲ ପ୍ରଶାନ୍ତ କକ୍କର ଯୋଗଦେଇ କହିଥିଲେ, ଜିଲାରେ ଆଧାର ଜେନେରେଶନ ସ୍ଥିତି ଠିକ ଥିଲେ ମଧ୍ୟ ୦-୫ ବର୍ଷ ବୟସ ଶିଶୁଙ୍କ ଆଧାର ଜେନେରେଶନକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମାଜ କଲ୍ୟାଣ ବିଭାଗ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କର ଗୁରୁ ଦାୟିତ୍ୱ ରହିଛି। ପ୍ରତି ୫ବର୍ଷରେ ଆଧାର ଅପଡେଟ୍ ଓ ଅଥେଣ୍ଟିକେଶନ ହେବା ଜରୁରୀ। ମୋବାଇଲ ନମ୍ବର ସଂଯୋଗ, ବାଇଓମେଟ୍ରିକ ଅଥେଣ୍ଟିକେସନ, ଡକ୍ୟୁମେଣ୍ଟ ଅପଡେଟ୍ ଇତ୍ୟାଦି ପ୍ରକ୍ରିୟା ସମ୍ପର୍କରେ ସେ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଏ ନେଇ ଏକ ପୂର୍ଣ୍ଣାଙ୍ଗ ବୈଠକ ଆହ୍ୱାନ କରାଯାଇ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଛନ୍ତି। ବୈଠକରେ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଜିଲା ଇ ଡିଷ୍ଟ୍ରିକ୍ଟ ମ୍ୟାନେଜର ପିୟୁଷ ଚକ୍ରବର୍ତ୍ତୀ ଏବଂ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ପ୍ରାଚୀରପତ୍ରକୁ ଅଧିକାରୀମାନେ ପ୍ରଦର୍ଶନ କରିଥିଲେ।


ପୁରୀ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବାସ୍କେଟ ବଲ ପ୍ରତିଯୋଗିତା ଅବସରରେ ଯୋଗଦେଇଥିବା ଅତିଥିଙ୍କ ସହ ଖେଳାଳିମାନେ।

## ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକୋତ୍ସବ

ପୁରୀ ଅଫିସ, ୨୨।୧୨

ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଜଜ୍ ତଥା ପାରାଦୀପ ପୋର୍ଟର ଓଏସ୍‌ଜେଏସ୍ ଆଇନ ଉପଦେଷ୍ଟା ମୁରଲୀଧର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଏମ୍‌ବିଏ ବିଭାଗର ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର, ବରିଷ୍ଠ ସେବାୟତ ତଥା ଶ୍ରୀମନ୍ଦିର ସୁପରଭାଇଜର ରାମଚନ୍ଦ୍ର ପ୍ରତିହାରୀ ଏବଂ ଶିଳ୍ପପତି ସ୍ମିତା ପତି ମଞ୍ଚାସୀନ ଥିଲେ। ଟ୍ରଷ୍ଟର ସଭାପତି ଦୀପକ କୁମାର ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିଲେ। ସମାଜରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଅବହେଳା କରାଯାଉଥିବାର ଦୃଷ୍ଟାନ୍ତ କମ୍ ନାହିଁ। ଏହା ବିରୋଧରେ ଆଶ୍ୱସ୍ତି ଏକ ଧାରୁଆ ଅସ୍ତ୍ର ସଦୃଶ ବୋଲି ପଣ୍ଡା କହିଥିଲେ। ଅନୁଷ୍ଠାନ ପକ୍ଷରୁ କେତେଜଣ ବ୍ୟକ୍ତିଙ୍କୁ ଶ୍ରବଣ କୁମାର ସମ୍ମାନରେ ସମ୍ମାନିତ କରାଯାଇଥିଲା। କୁନି କଳାକାରମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ନୃତ୍ୟ, ସଙ୍ଗୀତ ଓ ଯୋଗ ଆଦି କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ଗିରିଜା ମଞ୍ଜରୀ ପଣ୍ଡା ଅନୁଷ୍ଠାନର ବାର୍ଷିକ କାର୍ଯ୍ୟସୂଚୀ ପାଠ କରିଥିଲେ। ସହସମ୍ପାଦିକା ସାଗରିକକ୍ଷ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବର୍ଷକରେ ଭିଜିଲାନ୍ସର ୨୭୦ ମାମଲା

କଟକ ଅଫିସ,୨୨।୧୨

ବିଦାୟୀ ୨୦୨୨ ବର୍ଷ ଓଡ଼ିଶା ଭିଜିଲାନ୍ସ ପାଇଁ ରେକର୍ଡ ସଫଳତା ଆଣିଦେଇଛି ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. କେ. ଜେଠ୍ୱା ଗୁରୁବାର ସୂଚନା ଦେଇଛନ୍ତି। ୨୦୨୨ରେ ଅଦ୍ୟାବଧି ୨୭୦ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଆୟ ବହିର୍ଭୁତ ସମ୍ପତ୍ତିଠୁଳ ମାମଲା ୭୫, ଲାଞ୍ଚ ନେବା ମାମଲା ୧୧୪ ଓ ଅବଶିଷ୍ଟ ଦୁର୍ନୀତି ମାମଲା ରହିଛି। ୨୭୦ ମାମଲା ମଧ୍ୟରୁ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ୬୦ ମାମଲା ରୁଜୁ ହୋଇଛି, ଯାହାକି ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ରହିଛି। ଗତବର୍ଷ ସର୍ବାଧିକ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲା ଠାବ ଓ ରୁଜୁ ହୋଇଥିବାବେଳେ ଏବର୍ଷ ମଧ୍ୟ ସଫଳତା ମିଳିବ ବୋଲି ଆଶା ରହିଛି। ୨୦୨୨ରେ ବିଭିନ୍ନ ମାମଲାରେ ରେକର୍ଡ ପରିମାଣର ନଗଦ ଟଙ୍କା ଜବତ ହୋଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ମୋଟ ୧୬୦ କୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଜବତ କରାଯାଇଛି। ସେହିପରି ଏହି ବର୍ଷ ସର୍ବାଧିକ ନଗଦ ଟଙ୍କା ଜବତ କରାଯାଇଛି। ବିଭିନ୍ନ ମାମଲାର ବିଚାର କରାଯାଇ ୮୭ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାକି ଦୋଷୀ ସାବ୍ୟସ୍ତ ହେବାର ହାର ଚଳିତ ବର୍ଷ ୫୦% ହୋଇଛି। ବିଶେଷ କରି ପୁରୁଣା ମାମଲାଗୁଡ଼ିକର ଚାର୍ଜଶିଟ୍ ଦାଖଲ କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଚଳିତବର୍ଷ ମାମଲା ରୁଜୁ ଓ ମାମଲା ଫଏସଲା ହାର ସର୍ବାଧିକ ରହିଛି।

## ଅଠରମୂଳକ କୈବର୍ତ୍ତ ସଂଘର ଆଞ୍ଚଳିକ ବୈଠକ


ବଳଙ୍ଗା ଅଞ୍ଚଳରେ କୈବର୍ତ୍ତ ମହାସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥିମାନେ।

ବଳଙ୍ଗା,୨୨।୧୨(ଡି.ଏନ୍.ଏ.)

ବଳଙ୍ଗା ଅଞ୍ଚଳରେ ଥିବା ଏକ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଅଠର ମୂଳକ କୈବର୍ତ୍ତ ମହାସଂଘ ବଳଙ୍ଗା ମଣ୍ଡଳ ତରଫରୁ ଏକ ଆଞ୍ଚଳିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାସଂଘର ପୁରୀ ଜିଲା ସଭାପତି ଭରତଚରଣ ବେହେରା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥିଭାବେ ସଂଘର ପୁରୀ ଶାଖାର ପୂର୍ବତନ ସଭାପତି ପ୍ରସନ୍ନ ବେହେରା, ସମ୍ପାଦକ ଲିଙ୍ଗରାଜ ଦାସା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ମହାସଂଘ ସଭାପତି ପୁରୀ ଜୟନ୍ତ ବେହେରା, ମୀନକେତନ ବେହେରା, ବାଲୁଙ୍କି ବେହେରା ପ୍ରଭୃତି ଯୋଗଦେଇ କୈବର୍ତ୍ତ ଜାତି ସଂଗଠନ ସମସ୍ୟା, ସମାଧାନ ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ସୁଧାଂଶୁ କୁମାର ବେହେରା ମଞ୍ଚ ପରିଚାଳନା ଏବଂ ଶେଷରେ ସନ୍ତୋଷ ବେହେରା ଧନ୍ୟବାଦ ଦେଇଥିଲେ।

## ଭଗବତୀ ବିଦ୍ୟାନିକେତନର କ୍ରୀଡ଼ା ଉତ୍ସବ


ପିଲାମାନଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ହେଉଛି।

ପୁରୀ ଅଫିସ, ୨୨।୧୨

ନବକଳେବର ରୋଡ଼ ଆଖଣ୍ଡଳମଣି ଖେଳପଡ଼ିଆରେ ବୁଧବାର ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇଙ୍କ ଅଧକ୍ଷତା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ପ୍ରଧାନ ଶିକ୍ଷକ କ୍ରିଷ୍ଣା କୁମାରୀ ଦେଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ ଉପସ୍ଥିତ ଥିଲେ। ବାଳକ ବିଭାଗରେ ୨୦୦ ମିଟର ଦୌଡ଼, ୧୦୦ ମିଟର ଦୌଡ଼, ଅଖା ଦୌଡ଼, ବଲ୍ ଥ୍ରୋ, ଶଟ୍‌ପୁଟ ଏବଂ ବାଳିକା ବିଭାଗରେ ଅଙ୍କ ଦୌଡ଼, ବଲ୍ ଥ୍ରୋ, ଦଉଡ଼ି ଡିଆଁ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗରେ ପିଲାମାନେ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ତନୁଜା ମହାପାତ୍ର, ମମତା ଦାସ, ବୀଣାପାଣି ପାଇକରାୟ, ରତ୍ନମଣି ଦଳାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଗୁରୁମା ଗୁରୁଜୀମାନେ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## 'ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ'

### ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ଡେଲାଙ୍ଗ,୨୨।୧୨(ଡି.ଏନ୍.ଏ.)



ଡେଲାଙ୍ଗ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଏକମାସ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରତ ଥିବାବେଳେ ବୁଧବାର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଆନ୍ଦୋଳନସ୍ଥଳକୁ ଯାଇ ଭେଟିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ ଅଙ୍ଗନୱାଡ଼ି କର୍ମୀମାନେ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ୮ଦଫା ଦାବିପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବ୍ଲକର ଅଙ୍ଗନୱାଡି ଆସୋସିଏଶନ ସଭାପତି ଜ୍ୟୋସ୍ନାରାଣୀ ସାହୁ କହିଛନ୍ତି। ୨୦୧୮ରେ ବିତାଡ଼ିତ ୬ଜଣ କର୍ମୀଙ୍କୁ ପୁନଃ ନିଯୁକ୍ତି, ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ଚାକିରି ମାନ୍ୟତା, ସର୍ବନିମ୍ନ ୧୮ହଜାର ଓ ସହାୟିକାଙ୍କୁ ୯ହଜାର ଟଙ୍କା ଦରମା ପ୍ରଦାନ, ଗ୍ରାଜୁଏଟ ୱାର୍କରଙ୍କୁ ସୁପରଭାଇଜର ପଦବୀ ପାଇଁ ପଦୋନ୍ନତି, ଅବସର ସମୟରେ ଏକକାଳୀନ ୫ଲକ୍ଷ ସହିତ ୫ ହଜାର ପେନସନ ଦିଆଯାଉ, ମିନି ଅଙ୍ଗନୱାଡି କର୍ମୀକୁ ଅଙ୍ଗନୱାଡିରେ ମାନ୍ୟତା, କାର୍ଯ୍ୟରେ ଥାଇ ମୃତ୍ୟୁହେଲେ ପରିବାର ସଦସ୍ୟଙ୍କୁ ୫ଲକ୍ଷ ସହାୟତା ରାଶି ସହିତ ଜଣେ ସଦସ୍ୟଙ୍କୁ ଚାକିରି ଦିଆଯାଉ, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍ ଦିଆଯାଉ ଆଦି ୮ ଦଫା ଦାବିନେଇ ବ୍ଲକ ପରିସରରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପକ୍ଷରୁ ଧାରଣା ଜାରିରହିଛି। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ସମ୍ପାଦିକା ମମତା ବରାଳ, ସୌଭାଗିନୀ ଗିରି, ରଶ୍ମିତା ଜେନା, ତୃପ୍ତିମୟୀ ପଟ୍ଟନାୟକ, ସୁକାନ୍ତି ସାହୁ, କବିତା ଦେଇ, ବାସନ୍ତି ସାମଲ ପ୍ରମୁଖ ବିଭିନ୍ନ ସେକ୍ଟରର ଅଙ୍ଗନୱାଡି କର୍ମୀମନେ ଉପସ୍ଥିତ ଥିଲେ।

## ସାହିତ୍ୟର ପରିପୂରକ ଅଙ୍ଗ ଲେଖକ, ପାଠକ

### ରାଜ୍ୟସ୍ତରୀୟ ଲେଖକ ସମାରୋହ

■ କମଳିନୀ ମେହେରଙ୍କୁ ଯୁଗଳବନ୍ଦୀ ସମ୍ମାନ

■ ୧୦ ବ୍ୟକ୍ତିତ୍ୱ ପାଇଲେ କର୍ମବୀର ସମ୍ମାନ


ରାଜ୍ୟସ୍ତରୀୟ ଲେଖକ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ପୁରୀ ଅଫିସ, ୨୨।୧୨

ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଲେଖକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ 'ଲେଖକ ଓ ପାଠକ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମଞ୍ଚର ସଭାପତି ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ସମାରୋହରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ଲେଖକ ଡା. ଦୂର୍ବାଦଳ ମେହେର ଯୋଗଦେଇ କହିଲେ, ଲେଖକ ଓ ପାଠକ ସାହିତ୍ୟର ପରସ୍ପର ପରିପୂରକ ଅଙ୍ଗ। ଲେଖକଟିଏ ପାଠକଙ୍କ ଚେତନା ଓ ମନସ୍ଥିତି ବିଶ୍ଳେଷଣ କରି ସରଳ ଭାଷାରେ ଯେଉଁ ଲେଖା ପ୍ରସ୍ତୁତ କରେ ତାହା ପାଠକର ହୃଦୟକୁ ସ୍ପର୍ଶ କରେ। ଲେଖକ ଏବଂ ପାଠକ ସମାଜର ବିକାଶ ଓ ବିବର୍ତ୍ତନର ବାହକ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଅଭିମନ୍ୟୁ ଭୂୟାଁ ଯୋଗଦେଇ କହିଥିଲେ, ପାଠକର ଅଭିମତ ବିନା ସାହିତ୍ୟ ପୂର୍ଣ୍ଣ ହୁଏନାହିଁ। ସଫଳ ଲେଖକ ପ୍ରଗତିଶୀଳ ସମାଜର ମାର୍ଗଦର୍ଶୀ ହୋଇପାରେ। ସେହିପରି ସମ୍ମାନିତ ଅତିଥି ଭାବେ ଲେଖିକା ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ସାହୁ, ଐତିହାସିକ ମଦନମୋହନ ମହାପାତ୍ର, ଜ୍ୟୋତିର୍ବିଦ୍ ଅନାମ ଚରଣ ସାହୁ, କ୍ରିଷ୍ଣା ଦେବୀ ଏବଂ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ଶିବସୁନ୍ଦର ମିଶ୍ର ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ଏହି ଅବସରରେ କମଳିନୀ ମେହେରଙ୍କୁ ଯୁଗଳବନ୍ଦୀ ସମ୍ମାନ ପ୍ରଦାନ କରାଯାଇଥିଲା। ବିଜୟଲକ୍ଷ୍ମୀ ସାହୁ, ବଂଶୀଧର ମିଶ୍ର, ବିଜୟ ଚରଣ ମହାନ୍ତି, ଦାଶରଥି ମହାପାତ୍ର, ଡ. ନୃସିଂହାନନ୍ଦ ମହାପାତ୍ର, ଡ. ସୁଦିପ୍ତା ମିଶ୍ର, ଯୁବ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟ, ତପନ କୁମାର ସେଠୀ ଏବଂ ହରପ୍ରସାଦ ସୁଆରଙ୍କୁ କର୍ମବୀର ସମ୍ମାନ ପ୍ରଦାନ କରାଯାଇଥିଲା। ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ଡ. ଦୂର୍ବାଦଳ ମେହେରଙ୍କ କବିତା ପୁସ୍ତକ 'ଅନୁସୃଜନିକା' ଓ ମଦନମୋହନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ମାସିକ ସାହିତ୍ୟ ସମାଲୋଚନା ପତ୍ରିକା 'ବାଇକଣ୍ଠିଆ' ଉନ୍ମୋଚିତ ହୋଇଥିଲା। ସୌମ୍ୟରଞ୍ଜନ ମଲ୍ଲିକ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ମୟଙ୍କ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭବାନୀ ପ୍ରସାଦ ବଳିଆରସିଂ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅପହୃତ ନାବାଳିକାଙ୍କୁ ବିକ୍ରି ପରେ ବଳାତ୍କାର

**କୋର୍ବା,୨୨।୧୨:** ଛତିଶଗଡ଼ରୁ ଜଣେ ନାବାଳିକାଙ୍କୁ ଅପହରଣ କରି ତାଙ୍କୁ ହରିୟାଣାର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା। ଉକ୍ତ ବ୍ୟକ୍ତି ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ ମହିଳା ରହିଛନ୍ତି। ଗତ ଅକ୍ଟୋବର ୧୧ରେ ନାବାଳିକାଙ୍କୁ ଛତିଶଗଡ଼ କୋର୍ବା ଜିଲାରୁ ଅପହରଣ କରାଯାଇଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ନିଖୋଜର ୨ ମାସ ପରେ ପୀଡ଼ିତାଙ୍କୁ ହରିୟାଣାର ସୋନିପତ୍‌ରୁ ଉଦ୍ଧାର କରାଯାଇଛି। ନାବାଳିକାଙ୍କୁ ଜଣେ ୩୫ ବର୍ଷୀୟ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା, ଯିଏ ତାଙ୍କୁ ଏକାଧିକ ଥର ବଳାତ୍କାର କରିଥିଲେ ବୋଲି ପୋଲିସ ଅଧିକାରୀ କହିଛନ୍ତି।

### ୫୦ ଲକ୍ଷ ପାଇଁ ପୁତୁରାଙ୍କୁ ଅପହରଣ ପରେ ହତ୍ୟା

**ମିରଟ,୨୨।୧୨:** ଉତ୍ତରପ୍ରଦେଶର ବାଗପତ ଜିଲାର କେକାଡା ଅନ୍ତର୍ଗତ ଫଖରପୁର ଗ୍ରାମରେ ଏକ ୬ ବର୍ଷର ଶିଶୁଙ୍କୁ ତାଙ୍କର ଜଣେ ଦୂର ସମ୍ପର୍କୀୟ ଦାଦା ଓ ତାଙ୍କର ୨ ସହଯୋଗୀ ଅପହରଣ କରିନେଇ ହତ୍ୟା କରିଛନ୍ତି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଏହି ପିଲାଟି ଗତ ୧୫ ତାରିକରେ ଟିଉଶନରୁ ଘରକୁ ଫେରୁଥିବାବେଳେ ନିଖୋଜ ହୋଇଯାଇଥିଲେ। ମଙ୍ଗଳବାର ରାତିରେ ଗାଁ ପାଖ ଆଖୁ କ୍ଷେତରୁ ତାଙ୍କ ମୃତଦେହ ମିଳିଛି। ୫୦ ଲକ୍ଷ ଟଙ୍କା ପାଇଁ ଅଭିଯୁକ୍ତମାନେ ଶିଶୁଟିକୁ ଅପହରଣ କରିଥିଲେ। ସେମାନେ ଶିଶୁକୁ ପଣବନ୍ଦୀ ରଖି ତାଙ୍କ ପରିବାରଠାରୁ ଟଙ୍କା ଆଦାୟ କରିବାକୁ ଚାହୁଁଥିଲେ। ତେବେ ପରିବାର ଲୋକେ ଥାନାରେ ଅଭିଯୋଗ କରିଦେବାରୁ ସେମାନେ ଅର୍ଥ ଦାବି କରିପାରି ନ ଥିଲେ। ଦାଦା ବିନୀତ ସିଂ(୨୫) ଏବଂ ତାଙ୍କ ସହଯୋଗୀ ଅକ୍ଷିତ ସିଂ ଓ ନୀରଜ ସିଂ ଓରଫ ଡାନିଙ୍କୁ ଗିରଫ କରାଯାଇଛି।

### ପାର୍ଥ ଚାଟାର୍ଜୀଙ୍କ ଜେଲ ମିଆଦ ୧୪ ଦିନ ବଢ଼ିଲା



**କୋଲକାତା,୨୨।୧୨:** ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସମ୍ପୃକ୍ତ ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ଅନ୍ୟ ୬ ଜଣଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ସିବିଆଇ କୋର୍ଟ ଆଉ ୧୪ ଦିନ ବଢ଼ାଇ ଦେଇଛନ୍ତି। ସେମାନଙ୍କୁ ଆସନ୍ତା ଜାନୁୟାରୀ ୫ରେ ପୁଣିଥରେ କୋର୍ଟରେ ହାଜର କରାଯିବ। ସିବିଆଇ ଦାଖଲ କରିଥିବା ତଥ୍ୟ ପ୍ରମାଣକୁ ନେଇ ଚାଟାର୍ଜୀଙ୍କ ଓକିଲ ସେଲିମ୍ ରହମନ ପ୍ରଶ୍ନ ଉଠାଇବା ସହ ଦୀର୍ଘ ସମୟ ଯୁକ୍ତି କରିଥିଲେ। ୨୬/୧୧ ଆକ୍ରମଣକାରୀ ଆତଙ୍କବାଦୀ ଅଜମଲ କସବଙ୍କୁ ଯୁକ୍ତି ଉପସ୍ଥାପନର ସୁଯୋଗ ଦିଆଯାଇଥିଲା ଏବଂ ଉପଯୁକ୍ତ ତଦନ୍ତ ହୋଇଥିଲା। କିନ୍ତୁ ଶିକ୍ଷକ ନିଯୁକ୍ତି ମାମଲାରେ ସିବିଆଇ ଦୃଢ଼ ପ୍ରମାଣ ଓ ଦସ୍ତାବିଜ୍ ଦାଖଲ କରିବାରେ ବିଫଳ ହୋଇଥିବା ରହମନ କହିଥିଲେ। ଅଦାଲତ ଉଭୟ ପକ୍ଷଙ୍କୁ ଯୁକ୍ତି ଶୁଣିବା ପରେ ପାର୍ଥ ଓ ଅନ୍ୟ ୬ ଅଭିଯୁକ୍ତଙ୍କ ହାଜତ ମିଆଦ ଆଉ ୧୪ ଦିନ ବଢ଼ାଇଥିଲେ।

### ବିଦେଶ ଯାତ୍ରା ଆବେଦନ ଫେରାଇନେଲେ ଜ୍ୟାକ୍‌ଲିନ୍

**ନୂଆଦିଲ୍ଲୀ, ୨୨।୧୨:** ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ବିଦେଶ ଯାତ୍ରା ନେଇ ପଟିଆଲା ହାଉସ୍ କୋର୍ଟରେ କରିଥିବା ଆବେଦନକୁ ଫେରାଇ ନେଇଛନ୍ତି। ଗୁରୁବାର ଶୁଣାଣିବେଳେ ବିଚାରପତି ଉକ୍ତ ଆବେଦନର ବିରୋଧ କରିବା ସହ ପ୍ରତ୍ୟାହାର ପାଇଁ ଜ୍ୟାକ୍‌ଲିନ୍‌ଙ୍କୁ ପରାମର୍ଶ



ଦେଇଥିଲେ। ମା’ ଅସୁସ୍ଥ ଥିବାରୁ ଜ୍ୟାକ୍‌ଲିନ ତାଙ୍କ ଜନ୍ମସ୍ଥାନ ବହରେନ୍‌କୁ ଡିସେମ୍ବର ୨୩ରୁ ଜାନୁୟାରୀ ୫ ପର୍ଯ୍ୟନ୍ତ ଯିବା ପାଇଁ ଏହି ଆବେଦନରେ ଉଲ୍ଲେଖ କରିଥିଲେ। ୨୦୦ କୋଟି ମନି ଲଣ୍ଡରିଂ ମାମଲାରେ ଜ୍ୟାକ୍‌ଲିନ୍‌ଙ୍କ ସମ୍ପୃକ୍ତି ଥିବାନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ ଜାରି ରହିଛି।

# କାନ୍ଦୁଛନ୍ତି ଆଫଗାନ୍ ଛାତ୍ରୀ

## ଉଚ୍ଚଶିକ୍ଷାରୁ ବଞ୍ଚିତ ନିଷ୍ପତ୍ତି ବିରୋଧରେ ବିକ୍ଷୋଭ

■ ରାସ୍ତାକୁ ଓହ୍ଲାଇଲେ ଛାତ୍ରୀ
■ ୟୁନିଭର୍ସିଟି ବାହାରେ କଡ଼ା ସୁରକ୍ଷା
■ ଚିନ୍ତା ପ୍ରକଟ କଲା ଭାରତ



**କାବୁଲ, ୨୨।୧୨**

ଆଫଗାନିସ୍ତାନରେ ତାଲିବାନ ଶାସକ ଲୋକଙ୍କ ପାଇଁ ବୋଝ ସାଜିଛନ୍ତି। ବିଶେଷକରି ମହିଳା ଓ ଝିଅମାନଙ୍କ କ୍ଷେତ୍ରରେ ଏହି କଠୋରପନ୍ଥୀ ସରକାର ଅଧିକ କଡ଼ା ନିୟମ ଲାଗୁ କରି ସେମାନଙ୍କୁ ନିର୍ଯାତିତ କରିବାରେ ଲାଗିଛନ୍ତି। ଗତ ମଙ୍ଗଳବାର ଆଫଗାନ୍ ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ଝିଅମାନଙ୍କ ଉଚ୍ଚଶିକ୍ଷା ଉପରେ ନିଷେଧାଦେଶ ଜାରି କରିଥିଲା। ଏହି ନିଷ୍ପତ୍ତି ଅନେକ ଛାତ୍ରୀଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି। ତାଲିବାନ ସରକାରଙ୍କ ଘୋଷଣା ପରେ ଛାତ୍ରୀମାନେ କାନ୍ଦୁଥିବାବେଳର ଭିଡିଓ ସମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

ଗତବର୍ଷ ଅଗଷ୍ଟ ୧୫ରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ କାବୁଲ ଦଖଲ କରିବା ପରଠୁ ଗୋଟିଏ ପରେ ଗୋଟିଏ କଟକଣା ଜାରି କରିବାରେ ଲାଗିଛି। ଏହି କ୍ରମରେ ତାଲିବାନ ଶାସକ ଝିଅଙ୍କ ଉଚ୍ଚଶିକ୍ଷା ନିଷିଦ୍ଧ କରିଛି। ଉକ୍ତ ନିଷ୍ପତ୍ତି ବିରୋଧରେ ଗୁରୁବାର ୟୁନିଭର୍ସିଟି ଛାତ୍ରୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ‘ଅଧିକାର ସମସ୍ତଙ୍କ ପାଇଁ ନଚେତ୍ କାହାପାଇଁ ନୁହେଁ’ ସ୍ଲୋଗାନ ଦେଇ ସେମାନେ ପ୍ରତିବାଦ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ୟୁନିଭର୍ସିଟିଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ପରବର୍ତ୍ତୀ ସମୟରେ ବିକ୍ଷୋଭରତ ଛାତ୍ରୀଙ୍କୁ ମହିଳା ପୋଲିସ ଗିରଫ କରିନେଇଥିଲା। ବୁଧବାର ଶତାଧିକ ହିଜାବପିନ୍ଧା ଛାତ୍ରୀ ଘଣ୍ଟା ଘଣ୍ଟା ଧରି ୟୁନିଭର୍ସିଟି ଫାଟକ ଆଗରେ ଛିଡ଼ାହୋଇ ରହିଥିଲେ। ସୁରକ୍ଷା ଗାର୍ଡ ସେମାନଙ୍କୁ ୟୁନିଭର୍ସିଟି ପରିସର ମଧ୍ୟକୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ପରେ ଛାତ୍ରୀମାନେ ଫେସ୍‌ବୁକ୍ ଓ ଟୁଇଟର ଜରିଆରେ ଏହା ବିରୋଧରେ ପ୍ରତିବାଦ ଆରମ୍ଭ କରିଥିଲେ। ଏକ ଶ୍ରେଣୀଗୃହରେ ଛାତ୍ରୀମାନେ ବସି କାନ୍ଦୁଥିବାର ୨୩ ସେକେଣ୍ଡର ଭିଡିଓରେ ଦେଖିବାକୁ ମିଳିଛି। ଏ ନେଇ ହେରାତ ୟୁନିଭର୍ସିଟିର ଜର୍ନାଲିଜମ୍ ଛାତ୍ରୀ ୱାହିଦା ୱାହିଦ ଦୁରାନି କହିଛନ୍ତି, ‘ଆଫଗାନ୍ ଝିଅମାନେ ମୃତଦେହ ପାଲଟି ଯାଇଛନ୍ତି। ସେମାନଙ୍କ ଆଖିରୁ ରକ୍ତର ଲୁହ ଝରୁଛି। ମହିଳାଙ୍କ ବିରୋଧରେ ତାଲିବାନ ସରକାର ନିଜର ସବୁ ବଳ ପ୍ରୟୋଗ କରିଦେଇଛି। ଆମେ ସେଦିନକୁ ଅପେକ୍ଷା କରିଛୁ, ଯେଉଁଦିନ ସରକାର ଘୋଷଣା କରିବେ ଯେ, ମହିଳା ଶ୍ୱାସକ୍ରିୟା କରିପାରିବେ ନାହିଁ’।

ଆଫଗାନ୍ ଝିଅଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରିବା ନେଇ ଗୁରୁବାର ଭାରତ ଚିନ୍ତା ପ୍ରକଟ କରିଛି। ତାଲିବାନ ସରକାର ପ୍ରତ୍ୟେକଙ୍କ ପାଇଁ ସମାନ ନିୟମ ଲାଗୁ କରିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି। ପୂର୍ବରୁ ଆମେରିକା, ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନ, ଜାପାନ ଓ ବ୍ରିଟେନ ତାଲିବାନୀ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି।



ଝିଅଙ୍କ ପାଇଁ ଉଚ୍ଚଶିକ୍ଷା ନିଷେଧ ବିରୋଧରେ କାବୁଲରେ ବିକ୍ଷୋଭ କରୁଥିବା ଛାତ୍ରୀ।

## ବିକିନି କିଲରଙ୍କୁ ମୁକ୍ତ କରିବାକୁ ମନାକଲା ଜେଲ



**ନୂଆଦିଲ୍ଲୀ,୨୨।୧୨**

ବିକିନି କିଲର ଭାବେ ପରିଚିତ ସିରିଏଲ୍ କିଲର ଚାର୍ଲସ ଶୋଭରାଜଙ୍କୁ ମୁକ୍ତ କରିଦେବା ଲାଗି ନେପାଳ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ଛାଡ଼ିବା ଲାଗି ଜେଲ କର୍ତ୍ତୃପକ୍ଷ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅସ୍ପଷ୍ଟ। କେଉଁ ମାମଲାରେ ତାଙ୍କୁ ମୁକ୍ତ କରାଯିବ, ତାହା ରାୟରେ ଉଲ୍ଲେଖ ନ ଥିବା ଜେଲ କର୍ତ୍ତୃପକ୍ଷ କହିଛନ୍ତି। ୭୮ ବର୍ଷୀୟ ଶୋଭରାଜଙ୍କୁ ମୁକ୍ତ କରିଦେବା ଲାଗି ବିଚାରପତି ସ୍ୱପ୍ନା ପ୍ରଧାନ ମାଲା ଏବଂ ତିଲ୍ ପ୍ରସାଦ ଶ୍ରେଷ୍ଠଙ୍କ ଖଣ୍ଡପୀଠ ବୁଧବାର ରାୟ ଦେଇଥିଲେ। ବହୁ ହତ୍ୟା, ଚୋରି ଓ ଠକେଇ ମାମଲାରେ ଜଡ଼ିତ ଶୋଭରାଜ ଜେଲରୁ ମୁକ୍ତି ପାଇଁ ଆବେଦନ କରିଥିଲେ। ତାଙ୍କ ବୟସାଧିକ୍ୟକୁ ବିଚାରକୁ ନେଇ ନେପାଳ ସୁପ୍ରିମକୋର୍ଟ ତାଙ୍କୁ ମୁକ୍ତ କରିଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ।

## ଚାଇନାରେ ଦିନକୁ ୧୦ ଲକ୍ଷ ସଂକ୍ରମଣ, ୫ ହଜାର ମୃତ୍ୟୁ ହୋଇପାରେ

**ବେଜିଂ,୨୨।୧୨**

ଚାଇନାରେ କୋଭିଡ୍ ସଂକ୍ରମଣ ଭୟଙ୍କର ରୂପ ନେଇଛି। ସେଠାରେ ଦୈନିକ ସଂକ୍ରମଣ ୧୦ ଲକ୍ଷ ଏବଂ ୨୪ ଘଣ୍ଟାରେ ୫,୦୦୦ ମୃତ୍ୟୁ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏପରିକି ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦେଶରେ ସ୍ଥିତି ଆହୁରି ସାଂଘାତିକ ହୋଇପାରେ ବୋଲି ଏକ ନୂଆ ବିଶ୍ଲେଷଣରୁ ଜଣାପଡ଼ିଛି। ଜାନୁୟାରୀ ବେଳକୁ ଦୈନିକ ସଂକ୍ରମର ୩୭ ଲକ୍ଷରେ ପହଞ୍ଚିବ ବୋଲି ଲଣ୍ଡନର ଗବେଷଣା ସଂସ୍ଥା ଏୟାରଫିନିଟି ଲିମିଟେଡ୍ କହିଛି। ମାର୍ଚ୍ଚ ବେଳକୁ ଦୈନିକ ସଂକ୍ରମଣ ୪୨ ଲକ୍ଷରେ ପହଞ୍ଚିବ ବୋଲି ଏହି ଗ୍ରୁପ୍ ଆକଳନ କରିଛି। ତେବେ ବୁଧବାର ୨,୯୬୬ ନୂଆ ମାମଲା ଚିହ୍ନଟ ହେବା ସହ ଚଳିତ ମାସରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ବିଭିନ୍ନ ସହରରେ ଚିକିତ୍ସା ପାଇଁ ହସ୍ପିଟାଲରେ ଜାଗା ନ ଥିବାବେଳେ ସରକାର ତଥ୍ୟ ଲୁଚାଉଛନ୍ତି।

## ଇସ୍ରାଏଲ୍‌ରେ ନୂଆ ସରକାର ଗଢ଼ିଲେ ନେତାନ୍ୟାହୁ

**ଜେରୁଜେଲମ୍,୨୨।୧୨**

ଇସ୍ରାଏଲ୍‌ର ବରିଷ୍ଠ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନୂଆ ସରକାର ଗଢ଼ିବାରେ ସଫଳ ହୋଇଛନ୍ତି। ଏ ସମ୍ପର୍କରେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସେ ବୁଧବାର ରାଷ୍ଟ୍ରପତି ଆଇଜାକ୍ ହେର୍‌ଜୋଗ୍‌ଙ୍କ ସହ ସରକାର ଗଠନ ନେଇ ଆଲୋଚନା କରିଥିଲେ। ଗତ ନଭେମ୍ବରରେ ଅନୁଷ୍ଠିତ ନିର୍ବାଚନରେ ଦକ୍ଷିଣପନ୍ଥୀ ରକ୍ଷଣଶୀଳ ଲିକୁଡ୍ ପାର୍ଟି ନେତା ନେତାନ୍ୟାହୁ ସଂଖ୍ୟାଗରିଷ୍ଠ ଆସନରେ ବିଜୟୀ ହୋଇଥିଲେ। ଧର୍ମୀୟ ଜିଓନିଜମ୍ ପାର୍ଟି ନେତା ଇତ୍‌ମାର ବେନ୍-



ବେଞ୍ଜାମିନ୍ ନେତାନ୍ୟାହୁ

ଗ୍ୱିର୍‌ଙ୍କୁ ଜନସୁରକ୍ଷା ମନ୍ତ୍ରୀ କରାଯାଇଛି। ଇସ୍ରାଏଲ୍ ପୋଲିସ ତାଙ୍କ ନିୟନ୍ତ୍ରଣରେ ରହିବ। ନେତାନ୍ୟାହୁ ୧୯୯୬ରୁ ୧୯୯୯ ଏବଂ ୨୦୦୯ରୁ ୨୦୨୧ ପର୍ଯ୍ୟନ୍ତ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଥିଲେ। ସରକାର ଗଢ଼ିବା ଲାଗି ଧାର୍ଯ୍ୟ ସମୟସୀମା ଶେଷ ହେବା ପୂର୍ବରୁ ସେ ରାଷ୍ଟ୍ରପତିଙ୍କୁ ନୂଆ ମନ୍ତ୍ରିମଣ୍ଡଳର ତାଲିକା ପ୍ରଦାନ କରିଛନ୍ତି। ଇସ୍ରାଏଲ୍‌ର ୭୪ ବର୍ଷର ଇତିହାସରେ ନେତାନ୍ୟାହୁ ସରକାର ସବୁଠୁ ଦକ୍ଷିଣପନ୍ଥୀ ସରକାର ହେବା ଆଶା କରାଯାଉଛି। କିଛି ସପ୍ତାହର ବୁଝାମଣା ପରେ ସହଯୋଗୀ ଦଳଗୁଡ଼ିକ ସହ ଲିକୁଡ୍ ପାର୍ଟି କ୍ଷମତା ବଦଳ ପାଇଁ ରାଜି ହୋଇଥିଲା। ତେବେ ଏନେଇ ଚୂଡ଼ାନ୍ତ ଡିଲ୍‌ର ଆବଶ୍ୟକତା ରହିଛି। ଆସନ୍ତା ସପ୍ତାହରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ନେତାନ୍ୟାହୁ କହିଛନ୍ତି।

## କର୍ନାଟକ ବିଧାନସଭାରେ ସଂକଳ୍ପ ଗୃହୀତ

**ବେଙ୍ଗାଲୁରୁ,୨୨।୧୨**

ମହାରାଷ୍ଟ୍ର ସହ ସୀମା ବିବାଦ ବିରୋଧରେ ଗୁରୁବାର କର୍ନାଟକ ବିଧାନସଭାରେ ସଂକଳ୍ପ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ରାଜ୍ୟର ସ୍ୱାର୍ଥକୁ ରକ୍ଷା କରିବା ଲାଗି ଏଥିରେ ପ୍ରତିଜ୍ଞା କରାଯାଇଛି। କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ପ୍ରସ୍ତାବ ଆଣିଥିବାବେଳେ ଧ୍ୱନିମତରେ ଏହା ଗୃହୀତ ହୋଇଥିଲା। ମହାରାଷ୍ଟ୍ର ଦ୍ୱାରା ସୀମାରେ ବିବାଦ ସୃଷ୍ଟି କରାଯାଉଥିବାରୁ ଏହାକୁ ନିନ୍ଦା କରାଯାଇଛି। କର୍ନାଟକର ଭୂମି, ଜଳ, ଭାଷା ଏବଂ କନ୍ନଡମାନଙ୍କ ସ୍ୱାର୍ଥ ସହ କଦାବି ସାଲିସ କରାଯିବ ନାହିଁ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି। ଯଦି ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥରେ ବାଧା

**ସୀମା ବିବାଦ**

ସୃଷ୍ଟି ହୁଏ, ତେବେ ଏହାର ସୁରକ୍ଷା ଲାଗି ଦଳମତ ନିର୍ବିଶେଷରେ ସାମ୍ବିଧାନିକ ଓ ଆଇନଗତ ପଦକ୍ଷେପ ନିଆଯିବ ବୋଲି ବିଧାୟକମାନେ ସଂକଳ୍ପ କରିଥିଲେ। ଏହା ପୂର୍ବରୁ ବିଧାନସଭାରେ ସୀମା ବିବାଦ ପ୍ରସଙ୍ଗ ଉପରେ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ଇଞ୍ଚେ ଜମି ଯିବାକୁ ଦିଆଯିବ ନାହିଁ, ଏହା କର୍ନାଟକ ଜନସାଧାରଣଙ୍କ ଇଚ୍ଛା। ଏହାର ସୁରକ୍ଷା ପାଇଁ ଆମେ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୀମାକୁ ନେଇ ବିବାଦ ସୃଷ୍ଟି କରୁଥିବା ଶିବସେନା ଉଦ୍ଧବ ଗୋଷ୍ଠୀକୁ ସମାଲୋଚନା କରିଥିଲେ।



ଆମେରିକା କଂଗ୍ରେସର ମିଳିତ ବୈଠକରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଷ୍ଟାଣ୍ଡିଂ ଓଭେଶନ୍ ଦିଆଯାଉଛି।

## ଆମେ ଶାନ୍ତି ଚାହୁଁ: ଜେଲେନ୍‌ସ୍କି

**ୱାଶିଂଟନ୍, ୨୨।୧୨:** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୧୦ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବୁଧବାର ଆମେରିକା ଗସ୍ତ କରିଛନ୍ତି। ଜେଲେନ୍‌ସ୍କି ଆମେରିକା କଂଗ୍ରେସକୁ ସମ୍ବୋଧିତ କରି କହିଛନ୍ତି, ଆମେ ଶାନ୍ତି ଚାହୁଁ। ଶାନ୍ତି ପ୍ରତିଷ୍ଠା ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି। ଯୁଦ୍ଧକୁ ବନ୍ଦ କରିବା ଦିଗରେ ୟୁକ୍ରେନ୍ ସମସ୍ତ ଚେଷ୍ଟା କରୁଛି। ଶାନ୍ତି ପ୍ରତିଷ୍ଠା ପାଇଁ ରୁଷିଆ ପକ୍ଷରୁ କୌଣସି ପଦକ୍ଷେପ ନିଆଯିବା କଥା ଭାବିବା ବୋକାମି ବୋଲି ସେ କହିଛନ୍ତି। ଏହି ଅବସରରେ ଆମେରିକା କଂଗ୍ରେସ ସଦସ୍ୟ ଜେଲେନ୍‌ସ୍କିଙ୍କ ପାଇଁ ୨ ମିନିଟ୍ ଷ୍ଟାଣ୍ଡିଂ ଓଭେଶନ୍ ଦେଇଥିଲେ।

## ଅଜ୍ଞାତ ବ୍ୟକ୍ତିଙ୍କ ଚାନ୍ଦା ସୀମା ହ୍ରାସ ପ୍ରସ୍ତାବ ବିଚାରାଧୀନ

**ନୂଆଦିଲ୍ଲୀ,୨୨।୧୨**

ନାମ ଗୋପନ ରଖି ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ପ୍ରଦାନ ନିମନ୍ତେ ନିର୍ବାଚନ କମିଶନ (ଇସି)ଙ୍କ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି। ଗୁରୁବାର କେନ୍ଦ୍ର ପକ୍ଷରୁ ଏନେଇ ରାଜ୍ୟ ସଭାକୁ ଅବଗତ କରାଯାଇଛି। ତେବେ ଏନେଇ ସବୁ ରାଜନୈତିକ ଦଳଙ୍କ ପରାମର୍ଶ ନିଆଯାଉଛି କି ପ୍ରଶ୍ନରେ ଆଇନ ମନ୍ତ୍ରୀ କିରେନ ରିଜିଜୁ ମନା କରିଥିଲେ। ଅଜ୍ଞାତ ସୂତ୍ରରୁ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ପରିମାଣ ୨୦ ହଜାରରୁ ୨ ହଜାର ଟଙ୍କାକୁ ହ୍ରାସ କରିବା ଏବଂ ନଗଦ ଚାନ୍ଦା ସୀମା ୨୦ ପ୍ରତିଶତ ବା ସର୍ବାଧିକ ୨୦ କୋଟି ଟଙ୍କା ରଖିବା ଲାଗି ଇସି ଗତ ସେପ୍ଟେମ୍ବରରେ ପ୍ରସ୍ତାବ ଦେଇଥିଲେ। ନିର୍ବାଚନରୁ କଳାଧନକୁ ଦୂରେଇ ରଖିବା ଲାଗି ଇସି ଏଭଳି ପ୍ରସ୍ତାବ ଦେଇଥିଲେ।

## ଏଲ୍‌ଏସିରେ ହେବ ୨୨ ମୋବାଇଲ ଟାୱାର

**ତୱାଙ୍ଗ, ୨୨।୧୨:** ଅରୁଣାଚଳ ପ୍ରଦେଶର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ମୋବାଇଲ୍ କନେକ୍ଟିଭିଟିକୁ ଆହୁରି ସୁଦୃଢ଼ କରିବା ଲାଗି କେନ୍ଦ୍ର ସରକାର ଅଗାମୀ ଦିନରେ ୨୨ ମୋବାଇଲ ଟାୱାର ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିମଧ୍ୟରୁ ୧୮ଟି ବିଏସ୍‌ଏନ୍‌ଏଲ୍ ଟାୱାର ଏବଂ ୪ଟି ଏୟାରଟେଲ ଟାୱାର ରହିବ। ସୀମାରେ ସୈନ୍ୟଙ୍କ ପାଇଁ ହାଡେଲ ପ୍ରୋଜେକ୍ଟ କରିବାକୁ ଯୋଜନା ରଖିଥିବା ତୱାଙ୍ଗର ଡେପୁଟି କମିଶନର କେସାଙ୍ଗ ନଗୁରୁପ ଡାମୋ କହିଛନ୍ତି। ଏଲ୍‌ଏସି ନିକଟରେ ଚାଇନାର ଅମାନିଆ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

# ରାଜ୍ୟ ସଭାରେ ଗୃହକାର୍ଯ୍ୟ ବର୍ଜନ କଲେ ବିରୋଧୀ

## ଭାରତ-ଚାଇନା ସୀମା ବିବାଦ ଉପରେ ଆଲୋଚନା ଦାବି

■ ଲୋକ ସଭା ଦିନକ ପାଇଁ ମୁଲତବୀ

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**

ରାଜ୍ୟ ସଭାରେ ଭାରତ-ଚାଇନା ସୀମା ବିବାଦ ଉପରେ ଆଲୋଚନା ଦାବି କରି ଗୁରୁବାର ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଉପରେ ଆକ୍ରମଣ କରିଥିଲେ। ଫଳରେ ଗୃହକାର୍ଯ୍ୟ ଆରମ୍ଭ ହେବାଠାରୁ ଉତ୍ତେଜନା ଓ ହଙ୍ଗାମା ଲାଗିରହିଥିଲା। ଆଲୋଚନା ପାଇଁ ଅନୁମତି ନ ମିଳିବାରୁ ବିରୋଧୀମାନେ ଗୃହକାର୍ଯ୍ୟ ବର୍ଜନ କରିଥିଲେ। ଏଥିସହିତ ବିହାର ସମ୍ପର୍କରେ ଅପମାନଜନକ ମନ୍ତବ୍ୟ ପାଇଁ ଗୃହର ନେତା ପୀୟୂଷ ଗୋୟଲ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦାବି କରିଥିଲେ। ତେବେ କାହାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି କହି ଗୋୟଲ ତାଙ୍କ ମନ୍ତବ୍ୟକୁ ଫେରାଇ ନେଇଛନ୍ତି। ସେ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭୁଲ୍ ପାଇଁ ଚାଇନା ଭାରତର ୩୮,୦୦୦ ବର୍ଗ କିଲୋମିଟର ଅକ୍ତିଆର କରିଥିବାବେଳେ ପାକିସ୍ତାନ କଶ୍ମୀରର ଗୋଟିଏ ଅଂଶକୁ ନିଜ ଦଖଲକୁ ନେଇଥିଲା। ଚାଇନା ଦୂତାବାସରୁ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାନ୍ଦା ପାଇଛି। ସୀମା ବିବାଦ ସମସ୍ୟା କଂଗ୍ରେସ ସମୟର ବୋଲି ଗୋୟଲ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟରେ ବିରୋଧୀ ପ୍ରବଳ ହଙ୍ଗାମା କରିଥିଲେ।

ଲୋକ ସଭାରେ ମଧ୍ୟ ସୀମା ବିବାଦ ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା। ଫଳରେ ଗୃହକାର୍ଯ୍ୟକୁ



ଦିନକ ପାଇଁ ମୁଲତବୀ ରଖାଯାଇଛି। ପୂର୍ବାହ୍ନରେ ୪ ଥର ମୁଲତବୀ ପରେ ଅପରାହ୍ନ ୪ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ସୀମା ବିବାଦ ଉପରେ ଆଲୋଚନା ଦାବିରେ ବିରୋଧୀ ଅଡ଼ିବସିବା ସହ ହଙ୍ଗାମା ଜାରି ରଖିଥିଲେ। କାର୍ଯ୍ୟ ଚାଲି ନ ପାରିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ରମା ଦେବୀ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କୋଭିଡ୍ ସ୍ଥିତି ଏବଂ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ।

# ଆଦିତ୍ୟ ଠାକ୍‌ରେଙ୍କ ନାର୍କୋ ଟେଷ୍ଟ କରାଯାଉ: ଭାଜପା

**ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଓ ମ୍ୟାନେଜର ଦିଶା ସାଲିଆନ୍‌ଙ୍କ ଆତ୍ମହତ୍ୟା ଘଟଣା**

ମୁମ୍ବାଇ,୨୨।୧୨

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଶିବସେନା(ଉଦ୍ଧବ ବାଲାସାହେବ ଠାକରେ) ନେତା ଆଦିତ୍ୟ ଠାକ୍‌ରେଙ୍କ ନାର୍କୋ ଟେଷ୍ଟ କରାଇବା ଲାଗି ଦାବି କରିଛନ୍ତି ରାଜ୍ୟ ଭାଜପା ବିଧାୟକ ନୀତେଶ ରାଣେ। ବଲିଉଡ୍‌ର ବହୁଚର୍ଚ୍ଚିତ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଏବଂ ତାଙ୍କ ମ୍ୟାନେଜର ଦିଶା ସାଲିଆନଙ୍କ ଆତ୍ମହତ୍ୟା ଘଟଣାରେ ଆଦିତ୍ୟଙ୍କ ସମ୍ପୃକ୍ତି ଥିବା ନେଇ ଶିନ୍ଦେ ଗୋଷ୍ଠୀର ଲୋକ ସଭା ଏମ୍‌ପି ରାହୁଲ ଶେୱାଲେ ଅଭିଯୋଗ ଆଣିବା ପରିପ୍ରେକ୍ଷୀରେ ରାଣେ ଏଭଳି ଦାବି ଉଠାଇଛନ୍ତି। ରାଜ୍ୟ ବିଧାନ ଭବନ ପରିସରରେ ଗୁରୁବାର ଗଣମାଧ୍ୟମ ଆଗରେ ରାଣେ କହିଛନ୍ତି ଏହି ଘଟଣାରେ ଆଦିତ୍ୟଙ୍କ ନାମକୁ କାହିଁକି ବାଦ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଦୀର୍ଘଦିନ ଠାକ୍‌ରେ ପରିବାରର ନିକଟତର ଥିବା ଏମ୍‌ପି ଶେୱାଲେ ଏଭଳି ଅଭିଯୋଗ ଆଣିଥିବାରୁ ଏହି ଘଟଣାର ଯଥେଷ୍ଟ ଗୁରୁତ୍ୱ ରହିଛି। ଆଦିତ୍ୟଙ୍କ ନାର୍କୋ ଟେଷ୍ଟ କରାଗଲେ ସୁଶାନ୍ତଙ୍କ ମୃତ୍ୟୁ ଓ ଦିଶାଙ୍କ ଆତ୍ମହତ୍ୟା ଘଟଣାର ସତ ପଦାକୁ ଆସିବ ବୋଲି ସେ କହିଛନ୍ତି। ତେବେ ଦିଶାଙ୍କ ଆତ୍ମହତ୍ୟା ଘଟଣାରେ ଆଦିତ୍ୟଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ଭାଜପା ଓ ଶିନ୍ଦେ ଗୋଷ୍ଠୀର ଶିବସେନା ବିଧାୟକ ବିଧାନଭବନରେ ଗୁରୁବାର ତଦନ୍ତ ଦାବି କରିଥିଲେ। ଉପ ମୁଖ୍ୟମନ୍ତ୍ରୀ


ଆଦିତ୍ୟ ଠାକ୍‌ରେ

ଦେବେନ୍ଦ୍ର ଫଡନାଭିସ୍ ଏହି ଘଟଣାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ଆଦିତ୍ୟ କହିଛନ୍ତି ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀଙ୍କୁ ବଞ୍ଚାଇବା ଲାଗି ମୋ ନାଁରେ ଏଭଳି ଅଭିଯୋଗ ଅଣାଯାଇଛି।

## କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ସଂସଦୀୟ ଟିମ୍

# ଓଡ଼ିଶାକୁ ରାଜପଥ ଚିନ୍ତା

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ରାଜ୍ୟରେ ଅନେକ ଜାତୀୟ ରାଜପଥ ପ୍ରକଳ୍ପ ଦୀର୍ଘଦିନ ଧରି ପଡ଼ିରହିଛି। ସେଗୁଡ଼ିକର କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଛି। ଏହାକୁ ନେଇ ଚିନ୍ତାପ୍ରକଟ କରିବା ସହ ରାଜପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଓଡ଼ିଶା ଦେଇ ଯାଇଥିବା ରାଜପଥ ରକ୍ଷଣାବେକ୍ଷଣ ଏବଂ ନୂଆ ରାଜପଥ ଘୋଷଣା କରିବାକୁ ଓଡ଼ିଶା ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି। ଏ ନେଇ ବିଜେଡି ସଂସଦୀୟ ଟିମ୍ ଗୁରୁବାର କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ ରାଷ୍ଟ୍ରମନ୍ତ୍ରୀ ଜେନେରାଲ(ଅବସରପ୍ରାପ୍ତ) ଭି.କେ. ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶା ଦେଶର କୃଷି, ଶିଳ୍ପ ଓ ଭିତ୍ତିଭୂମି ହବ୍ ରୂପେ ଦ୍ରୁତ ଭାବେ ରୂପାନ୍ତରିତ ହେଉଛି। ରାଜ୍ୟରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) ବଢ଼ିବା ସହିତ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ, କୃଷିଭିତ୍ତିକ ବ୍ୟବସାୟ ଓ କୃଷି ଉତ୍ପାଦନ ପାଇଁ ଓଡ଼ିଶା ଭିତ୍ତିଭୂମି ଅଭିବୃଦ୍ଧି ଆବଶ୍ୟକ କରୁଛି। ରାଜ୍ୟର ବିକାଶରେ ଜାତୀୟ ରାଜପଥ ମୁଖ୍ୟ ଭୂମିକା ଗ୍ରହଣ କରିଛି। ରାଜ୍ୟରେ ଅନେକ ଜାତୀୟ ରାଜପଥ ପ୍ରକଳ୍ପ ପଡ଼ିରହିଛି କିମ୍ବା କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଛି। କଟକ-ସମ୍ବଲପୁର ଜାତୀୟ ରାଜପଥ କାର୍ଯ୍ୟ ଅତିମାତ୍ରାରେ ବିଳମ୍ବ ହୋଇଛି। ଏହି ରାଜପଥ ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର ଜୀବନରେଖା। ଏହି ରାଜପଥ କାର୍ଯ୍ୟ ଶେଷ ହେଉ ନ ଥିବାରୁ ମହିଳା, ଶିଶୁ, ବୃଦ୍ଧ, ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାଜପଥ ନିର୍ମାଣ ଶେଷ କରିବାକୁ ବିଜେଡି ଟିମ୍ ଦାବି କରିଛି। ସେହିପରି ରାଜମୁଣ୍ଡା-ବାରକୋଟ ରାଜପଥ ରାଉରକେଲା ଇସ୍ପାତ ସହରର ଜୀବନରେଖା। ଆସନ୍ତା ଜାନୁୟାରୀରେ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ ହେବା ଅତ୍ୟନ୍ତ ଜରୁରୀ। ସେହିପରି ଓଡ଼ିଶା ଦେଇ ଯାଇଥିବା ରାଜପଥଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି କରାଯାଉ ନ ଥିବାରୁ ଅନେକ ସ୍ଥାନରେ ରାସ୍ତା ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି। ସେଗୁଡ଼ିକର ତୁରନ୍ତ ମରାମତି ଆବଶ୍ୟକ ହୋଇପଡ଼ିଛି। ସେହିପରି ବହୁ ବର୍ଷ ବିତିଯିବା ପରେ ମଧ୍ୟ ଉପକୂଳ ରାଜପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏସବୁ ରାଜପଥକୁ ତ୍ୱରାନ୍ୱିତ କରିବା ସହ ଘୋଷଣା କରାଯାଇଥିବା ପଲାସା-ପାରଳାଖେମୁଣ୍ଡି, ରାମନାଗୁଡ଼ା- ବିଷମକଟକ, ମୁନିଗୁଡା- ଭବାନୀପାଟଣା, ଖରିଆର-ବଙ୍ଗମୁଣ୍ଡା, ପାଟଣାଗଡ଼-ପଦ୍ମପୁର ରାଜପଥ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଦାବି କରାଯାଇଛି। ସେହିପରି ନୂଆକରି ଘୋଷଣା କରାଯାଇଥିବା ରାଜପଥଗୁଡ଼ିକ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ସଂସଦୀୟ ଟିମ୍ କେନ୍ଦ୍ରମନ୍ତ୍ରୀ ଭି.କେ. ସିଂଙ୍କୁ ଅନୁରୋଧ କରିଛନ୍ତି।


ଜାତୀୟ ରାଜପଥ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂହଙ୍କୁ ଗୁରୁବାର ବିଜେଡି ସଂସଦୀୟ ଟିମ ଦାବି ପତ୍ର ପ୍ରଦାନ କରୁଛନ୍ତି।

# ସଂରକ୍ଷଣ ଦାବିରେ କର୍ଣ୍ଣାଟକରେ ବିଶାଳ ଲିଙ୍ଗାୟତ ରାଲି

ବେଲଗାଭି,୨୨।୧୨

ଶିକ୍ଷା ଏବଂ ସରକାରୀ ନିଯୁକ୍ତିରେ ସ୍ଥାନ ସଂରକ୍ଷଣ ଦାବି କରି କର୍ଣ୍ଣାଟକର ପଞ୍ଚମଶାଳି ଲିଙ୍ଗାୟତ ସମ୍ପ୍ରଦାୟର ଲକ୍ଷାଧିକ ଲୋକ ଗୁରୁବାର ବିକ୍ଷୋଭ ରାଲି କରିଥିଲେ। ରାଜ୍ୟ ଜନସଂଖ୍ୟାର ପାଖାପାଖି ୧୮ ପ୍ରତିଶତ ହେଉଛନ୍ତି ଲିଙ୍ଗାୟତ। ପଞ୍ଚମଶାଳି ଲିଙ୍ଗାୟତ ଏହାର ଏକ ଉପଜାତି। ଭାଜପା ବିଧାୟକ ବସନାଗୌଡ଼ ପାଟିଲଙ୍କ ନେତୃତ୍ୱରେ ସେମାନଙ୍କର ବିଶାଳ ରାଲି ବେଲଗାଭିର ସୁବର୍ଣ୍ଣ ସୌଧରୁ ଆରମ୍ଭ ହୋଇଥିଲା। ଲିଙ୍ଗାୟତ ସମ୍ପ୍ରଦାୟର ୬୦ ପ୍ରତିଶତ ପଞ୍ଚମଶାଳି ଲିଙ୍ଗାୟତ ହୋଇଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ରାଜନୈତିକ ପ୍ରତିନିଧିତ୍ୱ ମିଳିନାହିଁ। କିତ୍ତୁର କର୍ଣ୍ଣାଟକ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଆସନକୁ ପ୍ରଭାବିତ କରିବା କ୍ଷମତା ସେମାନଙ୍କର ରହିଛି ବୋଲି ଦାବି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଓବିସିର ୩ବି ବର୍ଗରେ ସେମାନଙ୍କୁ ମାତ୍ର ୫ ପ୍ରତିଶତ ସଂରକ୍ଷଣ ମିଳିଛି। ଏହାକୁ ୨ଏ ବର୍ଗକୁ ଆଣି ୧୫ ପ୍ରତିଶତ ସଂରକ୍ଷଣ ଯୋଗାଇଦେବାକୁ ସେମାନେ ଦାବି କରିଥିଲେ।

ଆସନ୍ତା ବର୍ଷ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ସଂରକ୍ଷଣ ଦାବି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଚିନ୍ତା ବଢ଼ାଇ ଦେଇଛି। ଓବିସିର ବିଭିନ୍ନ ସମ୍ପ୍ରଦାୟ ସଂରକ୍ଷଣ କୋଟା ବଢ଼ାଇବାକୁ ଦାବି କରୁଛନ୍ତି। ସଂରକ୍ଷଣ ବଢ଼ାଇବା ପାଇଁ ଗତ ମଙ୍ଗଳବାର ସରକାର ବିଧାନସଭାରେ ଏକ ବିଲ୍ ଆଗତ କରିଥିଲେ। ଏଥିରେ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣ ୧୫ରୁ ୧୭ ପ୍ରତିଶତକୁ ବଢ଼ାଇବା ସହ ଅନୁସୂଚିତ ଜନଜାତିଙ୍କ ଲାଗି ୩ରୁ ୭ ପ୍ରତିଶତ ବଢ଼ାଇବା ପ୍ରସ୍ତାବ ରହିଛି। ଏହା ସୁପ୍ରିମକୋର୍ଟଙ୍କ ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ସୀମା ନିୟମର ଉଲ୍ଲଂଘନ କରୁଛି।

## ବିଜେଡି ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)

ଆସନ୍ତା ୨୬ ତାରିଖରେ ପୁରୀଠାରେ ହେବାକୁ ଥିବା ବିଜେଡିର ପ୍ରତିଷ୍ଠା ଦିବସକୁ ସୁରୁଖୁରୁରେ ପାଳନ କରିବା ପାଇଁ ବିଜୁ ଛାତ୍ର, ଯୁବ ଓ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ଭର୍ଚୁଆଲ ପ୍ରସ୍ତୁତି ବୈଠକ ହୋଇଛି। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଯୁବ, ଛାତ୍ର ଓ ମହିଳା ଜନତା ଦଳର କର୍ମକର୍ତ୍ତାଙ୍କୁ ଉପସ୍ଥିତ ରହିବା ସହ ଗତ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ପ୍ରତ୍ୟେକ ଜନସାଧାରଣଙ୍କୁ କିପରି ସେବା ଯୋଗାଇ ଆସିଛନ୍ତି ଏବଂ ଓଡ଼ିଶା ବିକାଶର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ତାହା ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଏଥିସହିତ ପ୍ରତିଷ୍ଠା ଦିବସର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହିତ ସମସ୍ତ ଯୁବ, ଛାତ୍ର ଓ ମହିଳା ଜନତା ଦଳର କର୍ମକର୍ତ୍ତାଙ୍କୁ ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ବୈଠକକୁ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ,ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ପରିଚାଳନା କରିଥିଲେ। ଏହି ବୈଠକରେ ବିଜୁ ଛାତ୍ର, ଯୁବ ଓ ମହିଳା ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲା ସଭାପତି, ବ୍ଲକ ଏବଂ ମ୍ୟୁନିସିପାଲିଟି ସଭାପତି ଏବଂ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାର ତଦନ୍ତ ଏସ୍‌ଆଇଟି ଦ୍ୱାରା ହେଉ**

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ମମିତା ମେହେର ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଜେଲ ଭିତରେ ରହସ୍ୟଜନକ ମୃତ୍ୟୁ ଘଟଣା ସମ୍ପ୍ରତି ଚର୍ଚ୍ଚାର ବିଷୟ ପାଲଟିଛି। ମମିତା ମୃତ୍ୟୁ ଘଟଣାରେ ଗୋବିନ୍ଦ ସାହୁଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ତାଙ୍କୁ ଗିରଫକରି ବିଚାରବିଭାଗୀୟ ହାଜତକୁ ପଠାଇଦେଇଥିଲା। କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିବାର ଗୋଟିଏ ଦିନ ପୂର୍ବରୁ ଗୋବିନ୍ଦଙ୍କ ଆତ୍ମହତ୍ୟା ଘଟଣାକୁ ଆହୁରି ସନ୍ଦେହ ଭିତରକୁ ଟାଣିନେଇଛି। ତାଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ କିମ୍ବା ତାଙ୍କୁ ହତ୍ୟା କରାଯାଇଛି ସେନେଇ ସତ୍ୟାସତ୍ୟ ପ୍ରକାଶ ପାଇଁ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ଭେଟିଛନ୍ତି। ରାଜ୍ୟପାଳଙ୍କୁ ଏନେଇ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ରାଜ୍ୟପାଳ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚନ୍ୟାୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ଏଥିସହ ମମିତା ମେହେର ହତ୍ୟା ଘଟଣାର ପୁନଃ ତଦନ୍ତ କରିବାକୁ ରାଜ୍ୟପାଳ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କଂଗ୍ରେସ ପ୍ରତିନିଧି ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ଏହାସହ କଂଗ୍ରେସ ପ୍ରତିନିଧି ଦଳ ଗୋବିନ୍ଦ ସାହୁ ହତ୍ୟା ଘଟଣାରେ ତାଙ୍କ ସ୍ତ୍ରୀ ଦେଇଥିବା ଏତଲାକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ନିରପେକ୍ଷ ଭାବେ ଏସ୍‌ଆଇଟି ତଦନ୍ତ ଦାବି ଦୋହରାଇଛନ୍ତି।


କଂଗ୍ରେସ ପ୍ରତିନିଧି ଦଳ ଗୁରୁବାର ରାଜ୍ୟପାଳଙ୍କୁ ଭେଟି ଫେରୁଛନ୍ତି।

## ଫୁର୍‌ସତ

# ଓସ୍କାର ଦୌଡ଼ରେ 'ନାଟୁ ନାଟୁ'

ୱାଶିଂଟନ୍

ଆସନ୍ତା ବର୍ଷ ଓସ୍କାର ପୁରସ୍କାର ଦୌଡ଼ରେ ସାମିଲ ହୋଇଛି ଏସ୍‌ଏସ୍ ରାଜମୌଳିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'ର 'ନାଟୁ ନାଟୁ' ଗୀତ। ଅରିଜିନାଲ ସଙ୍ଗ୍ କାଟାଗୋରିରେ ଏହାକୁ ମନୋନୀତ କରାଯାଇଛି। ୧୦ ବର୍ଗର ଶର୍ଟଲିଷ୍ଟ ତାଲିକା ବୁଧବାର ରାତିରେ ଓସ୍କାର ପକ୍ଷରୁ ଘୋଷଣା ହୋଇଛି। ଗୁଜରାଟୀ ଭାଷା 'ଛେଲୋ ଶୋ'କୁ ଜାତୀୟସ୍ତରୀୟ ଫିଚର୍ ଫିଲ୍ମ ବର୍ଗରେ ତାଲିକାଭୁକ୍ତ କରାଯାଇଛି। ଏଥିସହ ଭାରତର ୨ଟି ଡକ୍ୟୁମେଣ୍ଟାରି ଫିଚର ଫିଲ୍ମ ବର୍ଗରେ 'ଅଲ୍ ଦ୍ୟାଟ୍‌ବ୍ରିଦ୍‌ସ' ଏବଂ 'ଦି ଏଲିଫ୍ୟାଣ୍ଟ ହ୍ୱିସ୍‌ପରର୍ସ' ତାଲିକାଭୁକ୍ତ ହୋଇଛି। ଆସନ୍ତା ଜାନୁୟାରୀ ୨୪ରେ ଏକାଡେମୀ ପୁରସ୍କାର ପାଇଁ ନାମ ଘୋଷଣା କରାଯିବ। ଛେଲୋ ଶୋ' ଜାତୀୟସ୍ତରୀୟ ଫିଚର ଫିଲ୍ମ ବର୍ଗରେ ଅନ୍ୟ ୧୪ଟି ଫିଲ୍ମ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ। ତେବେ ହିନ୍ଦୀ, ତାମିଲ, ତେଲୁଗୁ ଫିଲ୍ମ ସାରା ବିଶ୍ୱରେ ମୁକ୍ତିଲାଭ କରିଥିବାବେଳେ ଆର୍‌ଆର୍‌ଆର୍ ବିଭିନ୍ନ ଓସ୍କାର ବର୍ଗରେ ବିଚାର ପାଇଁ ନିଜକୁ ଦଖଲ କରିଛି। ଏଥିସହ ଏହା ଗୋଲ୍ଡେନ ଗ୍ଲୋବ୍ସରେ ଅଣଇଂଲିଶ ଏବଂ ଶ୍ରେଷ୍ଠ ଅରିଜିନାଲ୍ ଗୀତ ଭାବେ ପୁରସ୍କାର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛି। ୯୫ତମ ଏକାଡେମୀ ପୁରସ୍କାର ଆସନ୍ତା ବର୍ଷ ମାର୍ଚ୍ଚ ୧୨ରେ ଲସ୍ ଏଞ୍ଜେଲ୍ସର ଡଲି ରଙ୍ଗମଞ୍ଚରେ ଆୟୋଜିତ ହେବାକୁ ଯାଉଛି।




# ଶ୍ରେଷ୍ଠ ଅଭିନେତା ଅଭିଷେକ

**ମୁମ୍ବାଇ:** ଚଳିତ ବର୍ଷର ଫିଲ୍ମ ଫେୟାର ଓଟିଟି ଆୱାର୍ଡସ୍ ଘୋଷଣା ହୋଇଛି। ତୁଷାର ଜଲୋଟାଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଭିଷେକ ବଚ୍ଚନଙ୍କ ଫିଲ୍ମ 'ଦଶ୍‌ଭି'କୁ ଓଟିଟିର ବେଷ୍ଟ ଫିଲ୍ମ ଆୱାର୍ଡ ମିଳିଛି। ବଲିଉଡ୍‌ର ଶ୍ରେଷ୍ଠ ଅଭିନେତା ଭାବେ ଅଭିଷେକ ବଚ୍ଚନଙ୍କୁ ସମ୍ମାନୀତ ହୋଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ବାପା ବିଗ୍ ବି ଅମିତାଭ ବଚ୍ଚନ ଶୁଭକାମନା ଜଣାଇଛନ୍ତି। ସେ ଟୁଇଟରରେ ଲେଖିଛନ୍ତି, ତୁମେ ମୋର ଗର୍ବ, ତୁମେ ତୁମର କଥା ପ୍ରମାଣ କରିଛ। ତୁମକୁ ପରିହାସ କରାଯାଇଥିଲେ ମଧ୍ୟ ତୁମେ କାହାକୁ ପ୍ରତ୍ୟୁତ୍ତର ନ ଦେଇ ଚୁପ୍ ରହି ତୁମେ ତୁମ ଗୁଣକୁ ପ୍ରଦର୍ଶନ କଲ। ତୁମେ ସର୍ବଦା ଶ୍ରେଷ୍ଠ ହୋଇ ରହିବ। ଫିଲ୍ମଟି ଚଳିତ ବର୍ଷ ୭ ଏପ୍ରିଲରେ ରିଲିଜ୍ ହୋଇଥିଲା। ସିନେମାରେ ଅଭିଷେକ୍‌ଙ୍କ ସମେତ ୟାମି ଗୌତମ, ସଚ୍ଚିନ୍ ଶ୍ରଫ୍, ନିମରତ୍ କୋର୍ ପ୍ରମୁଖଙ୍କୁ ଦେଖିବାକୁ ମିଳିଛି। ସେହିପରି ବେଷ୍ଟ ସପୋର୍ଟିଙ୍ଗ ଆକ୍ଟର ୱାବ ଓରିଜିନାଲ୍ ଫିଲ୍ମର ପୁରସ୍କାର ଅନିଲ କପୁରଙ୍କୁ ଦିଆଯାଇଛି। ଆୱାର୍ଡ ଶୋ'ରେ ରବିନା ଟଣ୍ଡନ, ଦିୟା ମିର୍ଜା, ଜାକି ଶ୍ରଫ, ଜରିନ୍ ଖାଁ, ରଶ୍ମି ଦଶାଇ, ନିନା କୁଲକର୍ଣ୍ଣି ପ୍ରମୁଖ ଉପସ୍ଥିତ ଥିଲେ। ସବୁଠାରୁ ଲୋକପ୍ରିୟ ଓଟିଟି ସିରିଜ୍‌ରୁ ଗୋଟିଏ ପଞ୍ଚାୟତ ସିଜନ୍-୨ ମଧ୍ୟ ପୁରସ୍କାର ହାତେଇଛି। ଏଥିପାଇଁ ଜିତେନ୍ଦ୍ର କୁମାରଙ୍କୁ ବେଷ୍ଟ ଆକ୍ଟର, ନିନା ଗୁପ୍ତାଙ୍କୁ ସପୋର୍ଟ ଆକ୍‌ଟ୍ରେସ୍, ରଘୁବୀର ଯାଦବଙ୍କୁ ସପୋର୍ଟ ଆକ୍ଟର ଭାବେ ଆୱାର୍ଡ ମିଳିଛି।



# ପୁରୁଣା ଚପଲରେ କଳାକୃତି

ଆବୁଜା

ନିକଟରେ ନାଇଜେରିଆର ଜଣେ କଳାକାର ତାଙ୍କ କଳାକୃତିକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଆଫ୍ରିକା ନ୍ୟୁଜ୍ ଏଜେନ୍ସି ନିକଟରେ ନାଇଜେରିଆର ଜଣେ କଳାକାରଙ୍କ ସହ ଜଡ଼ିତ ଏକ ଭିଡିଓ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଶେୟାର କରିଛି। ସେଥିରେ କୋନ୍‌ବାୟେ ଏବିପାଡେ ୟୁଗେନେ ନାମକ ଜଣେ କଳାକାର ଅଳିଆଗଦାରୁ ବହୁତ ସାରା ପୁରୁଣା ଚପଲ ସଂଗ୍ରହ କରି ଘରକୁ ଆଣିଥିଲେ। ସମସ୍ତ ଚପଲକୁ ସଫାକରି ସେଥିରେ ଅନେକ ମଣିଷଙ୍କ ଚିତ୍ର କରିଥିବା ଦେଖିବାକୁ ମିଳିଛି, ଯାହା ସମସ୍ତଙ୍କୁ ଚକିତ କରିଛି। ରଙ୍ଗବେରଙ୍ଗ ଚପଲରେ ଚିତ୍ରଟି ଅତ୍ୟନ୍ତ ଆକର୍ଷଣୀୟ ଦେଖାଯାଉଛି।



# କୃଷକଙ୍କ ବିକାଶରେ ଦେଶର ଉନ୍ନତି

କୃଷକ ହେଉଛନ୍ତି ଦେଶର ଆର୍ଥିକ ମେରୁଦଣ୍ଡ। କୃଷକଙ୍କ ବିକାଶରେ ଦେଶର ବିକାଶ ସମ୍ଭବ ହୋଇ ପାରିଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୨୩ରେ ଭାରତ କିଷାନ ଦିବସ ପାଳନ କରାଯାଇଥାଏ। କୃଷକମାନେ ଦେଶର ଅର୍ଥନୀତିର ଏକ ପ୍ରମୁଖ ଶକ୍ତି ଅଟନ୍ତି ଏବଂ ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ଜରୁରୀ। ଏହି ଦିନ ଭାରତରେ ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମ ଉତ୍ସବ ମଧ୍ୟ ପାଳନ କରାଯାଇଥାଏ। ସେ ସରକାର ଗଠନ କରିବା ପୂର୍ବରୁ କୃଷକ ଭାବରେ ନିଜର ଜୀବନ ଆରମ୍ଭ କରିଥିଲେ। ଏହି ଦିନ କୃଷକମାନଙ୍କର ମହତ୍ତ୍ୱ ଏବଂ ଦେଶର ସାମଗ୍ରିକ ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ସେମାନଙ୍କର ମୂଲ୍ୟବାନ ଅବଦାନ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥାଏ।

ଭାରତ ମୁଖ୍ୟତଃ ଏକ କୃଷିଭିତ୍ତିକ ଦେଶ। ଦେଶର ଅର୍ଥନୀତି ତଥା ଭାରତର ନାଗରିକମାନେ ଦେଶର ବିକାଶକୁ ବଜାୟ ରଖିବା ପାଇଁ କୃଷକମାନଙ୍କ ଉପରେ ଅଧିକ ନିର୍ଭର କରିଥାନ୍ତି। ଚୌଧୁରୀ ଚରଣ ସିଂଙ୍କ କାର୍ଯ୍ୟକାଳ ୧୯୭୯ରୁ ୧୯୮୦ ପର୍ଯ୍ୟନ୍ତ ଥିଲା। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ସ୍ୱଳ୍ପ ସମୟ ମଧ୍ୟରେ ସେ ଭାରତୀୟ କୃଷକଙ୍କ କଲ୍ୟାଣ ତଥା ଉନ୍ନତି ପାଇଁ ଚେଷ୍ଟା କରିଥିଲେ। କୃଷକଙ୍କ ସାମାଜିକ ସ୍ଥିତିକୁ ବଢ଼ାଇବା ପାଇଁ ଅନେକ ଯୋଜନା ଆରମ୍ଭ କରାଯାଇଥିଲା। କୃଷକଙ୍କଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟ ହେବା ପର୍ଯ୍ୟନ୍ତ ତାଙ୍କର ଆଦର୍ଶ କାର୍ଯ୍ୟ ଏବଂ ଯାତ୍ରା ପାଇଁ ଭାରତ ସରକାର ୨୦୦୧ ମସିହାରେ ସିଂଙ୍କ ଜନ୍ମ ବାର୍ଷିକୀକୁ କିଷାନ ଦିବସ ରୂପେ ପାଳନ କରିବାକୁ ସ୍ଥିର କରିଥିଲେ। ଏହି ଦିବସ ଅବସରରେ ସରକାର ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି କୃଷକଙ୍କୁ ସମର୍ଥନ କରି ବିଜେତାମାନଙ୍କୁ ପୁରସ୍କୃତ କରିଥାନ୍ତି।


କିଷାନ ଦିବସ

**ହ୍ରାସ ପାଉଛି ଇପିଏଫ୍ଓ ସଦସ୍ୟ ସଂଖ୍ୟା**

ନୂଆଦିଲ୍ଲୀ: ଗତ କିଛି ମାସ ହେବ କ୍ରମାଗତ ଭାବେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ)ରେ ସଦସ୍ୟଙ୍କ ସଂଖ୍ୟା ହ୍ରାସ ପାଉଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୭,୨୭,୮୯୯ ନୂଆ ସଦସ୍ୟ ଇପିଏଫ୍ଓରେ ଯୋଡ଼ି ହୋଇଥିବା ବେଳେ ୨୦୨୨ ସେପ୍ଟେମ୍ବର ତୁଳନାରେ ଏହା ପ୍ରାୟ ୨୬% (୨୫.୯%) କମ୍ ବୋଲି ଜଣାପଡ଼ିଛି। ସେହିଭଳି କ୍ରମାଗତ ୩ୟ ମାସ ଲାଗି ନୂଆ ସଦସ୍ୟ ସଂଖ୍ୟା ହ୍ରାସ ପାଇଛି। ୨୦୨୨ ଅଗଷ୍ଟରେ ଏହି ସଂଖ୍ୟା ୯.୪ % ଏବଂ ସେପ୍ଟେମ୍ବରରେ ୬.୧% ହ୍ରାସ ଘଟିଥିଲା। ସେହିପରି ୨୦୨୧ ମେ ୨୦୨୧ ରେ ଶେଷ ଥର ପାଇଁ ଇପିଏଫ୍ଓରେ ୬,୪୯,୬୧୮ ସଂଖ୍ୟକ ନୂଆ ସଦସ୍ୟ ଯୋଡ଼ି ହୋଇଥିଲେ।

# ମେଟ୍ରୋ ଏଜିର ଇଣ୍ଡିଆ ବ୍ୟବସାୟକୁ ଅଧିଗ୍ରହଣ କରିବ ଆର୍ଆର୍ଏଲ୍

ନୂଆଦିଲ୍ଲୀ,୨୨।୧୨




ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍ଆଇଏଲ୍) ଗ୍ରୁପ୍ର ପ୍ରମୁଖ କମ୍ପାନୀ ରିଲାଏନ୍ସ ରିଟେଲ ଲିମିଟେଡ୍ (ଆର୍ଆର୍ଏଲ୍) ଆଉ ଏକ ଜାତୀୟସ୍ତରର ବ୍ରାଣ୍ଡକୁ ଅଧିଗ୍ରହଣ କରିବାକୁ ଯାଉଛି। ବିଶେଷକରି ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟିକ ସଂସ୍ଥା ତଥା ମେଟ୍ରୋ ଏଜି ଗ୍ରୁପ୍ର ଅନ୍ୟତମ ସଂସ୍ଥା ମେଟ୍ରୋ କ୍ୟାଶ୍ ଆଣ୍ଡ୍ କ୍ୟାରି ଇଣ୍ଡିଆକୁ ଆର୍ଆର୍ଏଲ୍ ଅଧିଗ୍ରହଣ କରିପାରେ ବୋଲି ଜଣାପଡ଼ିଛି। ଏପରିକି ଉକ୍ତ କମ୍ପାନୀର ୧୦୦% ଅଂଶଧନ କ୍ରୟ କରିବା ପାଇଁ ଆର୍ଆର୍ଏଲ୍ ଏକ ରାଜିନାମା ସ୍ୱାକ୍ଷର କରିଥିବା ବେଳେ ଉକ୍ତ କମ୍ପାନୀର ଭାରତ ବ୍ୟବସାୟକୁ ପ୍ରାୟ ୨୮୫୦ କୋଟି ଟଙ୍କାରେ ଆର୍ଆର୍ଏଲ୍ ଅଧିଗ୍ରହଣ କରିବ ବୋଲି ଜଣାପଡ଼ିଛି। ସେହିଭଳି ୨୦୦୩ରେ ଉକ୍ତ କମ୍ପାନୀ ଭାରତ ବଜାରରେ ତା'ର ବ୍ୟବସାୟ ଆରମ୍ଭ କରିଥିଲା। ଏପରିକି ଦେଶର ୨୧ଟି ସହରରେ ୩୦ରୁ ଅଧିକ ବୃହତ୍ ଷ୍ଟୋର ଏବଂ ୩୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରୁଥିବା ମେଟ୍ରୋ ଇଣ୍ଡିଆ ଖୁବ୍ଶୀଘ୍ର ଆର୍ଆର୍ଏଲ୍ ସହ ଯୋଡ଼ିହୋଇଯିବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ମେଟ୍ରୋ ଏଜିର ଏହି ହୋଲ୍ସେଲ ଡିଭିଜନ ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ଉତ୍ତମ ସୁବିଧା ଯୋଗାଇଥାଏ। ହେଲେ ବର୍ତ୍ତମାନ ରିଲାଏନ୍ସ ଗ୍ରୁପ୍ ଭାରତରେ ତା'ର ପରିଚାଳନାକୁ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଅଧିଗ୍ରହଣ କରିବାକୁ ଯାଉଛି ବୋଲି ସୂଚନା ମିଳିଛି। ଫଳରେ ରିଲାଏନ୍ସ ରିଟେଲ ଆହୁରି ଶକ୍ତିଶାଳୀ ସାଙ୍ଗକୁ ମେଟ୍ରୋ ଇଣ୍ଡିଆର ହୋଲ୍ସେଲ ଷ୍ଟୋରର ପରିଚାଳନା ଭାର ଗ୍ରହଣ କରିବ। ଏପରିକି ମେଟ୍ରୋ ଇଣ୍ଡିଆ ନିକଟରେ ଏକ ବଡ଼ ଗ୍ରାହକ ବିଶିଷ୍ଟ ରିଟେଲ ଷ୍ଟୋର ଏବଂ ବିଶାଳ ସପ୍ଲାଏ ନେଟ୍ୱର୍କ ରହିଛି। ବିଶେଷ କରି ମେଟ୍ରୋ ଇଣ୍ଡିଆ ରିଟେଲ ଛୋଟ ବ୍ୟବସାୟ ଏବଂ ବ୍ୟବସାୟୀଙ୍କ ପାଇଁ ଏକ ବିଶ୍ୱସନୀୟ ଭାଗୀଦାର ଭାବେ ବେଶ୍ ଜଣାଶୁଣା। ସୂଚନାଯୋଗ୍ୟ, ୨୦୨୨ ସେପ୍ଟେମ୍ବରରେ ମେଟ୍ରୋ ଇଣ୍ଡିଆ ପ୍ରାୟ ୭୭୦୦ କୋଟି ଟଙ୍କାର କାରବାର କରିଥିଲା। ଭାରତ ବଜାରରେ ଏହା କମ୍ପାନୀର ପ୍ରବେଶ କରିବାର ସବୁଠୁ ଭଲ ପ୍ରଦର୍ଶନ ରହିଥିଲା। ଏହି ଅଧିଗ୍ରହଣ ପରେ ରିଲାଏନ୍ସ ରିଟେଲ ଷ୍ଟୋର ସଂଖ୍ୟା ବଢ଼ାଇବ ତଥା ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇବ ବୋଲି ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ର ନିର୍ଦ୍ଦେଶିକା ଇଶା ଅମ୍ବାନୀ ମତପ୍ରକାଶ କରିଛନ୍ତି। ସେହିପରି ମେଟ୍ରୋ ଇଣ୍ଡିଆର ଅଧିଗ୍ରହଣ ଛୋଟ ବ୍ୟବସାୟୀ ଏବଂ ଉଦ୍ୟମ ସହ କମ୍ପାନୀର ଏକ ଭିନ୍ନ ମଡେଲ କରିବା ପାଇଁ ଆମର ନୂଆ ବ୍ୟବସାୟିକ ପଲିସିର ଅନୁରୂପ ମେଟ୍ରୋ ଇଣ୍ଡିଆ ଭାରତୀୟ ବି୨ବି ବଜାରରେ ଅଗ୍ରଣୀ ସେବା ଯୋଗାଇବା ସହ କମ୍ପାନୀର ବ୍ୟବସାୟକୁ ଆହୁରି ମଜଭୁତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ମେଟ୍ରୋ ଏଜିର ସିଇଓ ଡ. ଷ୍ଟିଫେନ୍ ଗ୍ର୍ୟୁବେଲ କହିଛନ୍ତି, ରିଲାଏନ୍ସ ଗ୍ରୁପ୍ ଉକ୍ତ ବ୍ୟବସାୟକୁ ସଫଳତା ପୂର୍ବକ ଚଳାଇବ। ଉଲ୍ଲେଖଯୋଗ୍ୟ, ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରି ଜର୍ମାନୀଭିତ୍ତିକ କମ୍ପାନୀ ମେଟ୍ରୋ ଏଜିର ମେଟ୍ରୋ କ୍ୟାଶ୍ ଆଣ୍ଡ୍ କ୍ୟାରି ଇଣ୍ଡିଆ ବ୍ୟବସାୟକୁ ଅଧିଗ୍ରହଣ କରିବାକୁ ଯାଉଛି।

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୨।୧୨

କ୍ରମାଗତ ୩ୟ ଦିନ ଲାଗି ଷ୍ଟକ୍ ବଜାର କାରବାର ହ୍ରାସ ପାଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୪୧ (୨୪୧.୦୨) ପଏଣ୍ଟ ଖସି ୬୧,୮୨୬ (୬୧,୮୨୬.୨୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୭୨ (୭୧.୭୫) ପଏଣ୍ଟ ହ୍ରାସ ଘଟି ୧୮,୧୨୭ (୧୮,୧୨୭.୩୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ନିଷ୍ପତ୍ତି କାରଣରୁ ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ହେଉଥିବା ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ସିବିଓଆଇର ୧୧୨ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୨।୧୨

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ) ର କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବ୍ୟାଙ୍କର ୧୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ପ୍ରତିଷ୍ଠାତା ସୋରାବଜୀ ପଚଖନୱାଲାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରୁପାକ୍ଷ ମିଶ୍ର, ପୂର୍ବତନ ମହାପ୍ରବନ୍ଧକ ଦେବଦତ୍ତ ନାୟକ, ପୂର୍ବତନ କ୍ଷେତ୍ରୀୟ ମୁଖ୍ୟ ପି.କେ. ମହାନ୍ତି ଏବଂ ଅବସରପ୍ରାପ୍ତ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଦାମୋଦର ନନ୍ଦଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ପୂର୍ବତନ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା।

# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ 'ସ୍ଲାସ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୧୨

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୭ରୁ ୧୪ ବର୍ଷ ବୟସର ପିଲାଙ୍କ ପାଇଁ ଏକ ସର୍ବଭାରତୀୟ କଳା, ହସ୍ତକଳା ଓ ସାହିତ୍ୟ ପ୍ରତିଯୋଗିତା 'ସ୍ଲାସ୍' ର ଶୁଭାରମ୍ଭ କରାଯାଇଛି। ବିଶେଷକରି ପରିବେଶ ସଂରକ୍ଷଣ ଉପରେ ପିଲାମାନଙ୍କୁ ସଚେତନ କରାଇବା ଲାଗି ଚଳିତ ବର୍ଷ ପ୍ରତିଯୋଗିତାର ଦୁଇଟି ବିଷୟବସ୍ତୁ ଯଥା ୭ରୁ୧୦ ବର୍ଷର ପିଲାମାନଙ୍କ ପାଇଁ 'ଏଭରଗ୍ରିନ୍ ଇଣ୍ଡିଆ' ଏବଂ ୧୧ରୁ୧୪ ବର୍ଷର ପିଲାମାନଙ୍କ ପାଇଁ 'ଭାରତ ୨୦୩୦' ଶୀର୍ଷକ ବିଷୟବସ୍ତୁ ରଖାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଧିକାରୀ ଅନୁପ ମନୋହର କହିଛନ୍ତି, ସ୍ଲାସ୍ ବିଷୟରେ ଘୋଷଣାକରି ଆମେ ଅତ୍ୟନ୍ତ ଆନନ୍ଦିତ। ଉକ୍ତ ପ୍ରତିଯୋଗିତା ଜରିଆରେ ପିଲାମାନଙ୍କ ଚିନ୍ତାଧାରାକୁ ବନ୍ଧନମୁକ୍ତ କରିବା ଆମର ଲକ୍ଷ୍ୟ। ବିଶେଷକରି ଆମ ଦୁନିଆକୁ କିଭଳି ସୁରକ୍ଷା ଦେଇପାରିବା, ତାହା ଜଣାଇବା ଲାଗି କଳାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରି ସେମାନଙ୍କ ମଧ୍ୟରେ ଦୀର୍ଘମିଆଦୀ ମୂଲ୍ୟବୋଧ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ଆମେ ଅନ୍ଲାଇନ ପ୍ଲାଟ୍ଫର୍ମ କ୍ଷେତ୍ର ଭିତ୍ତିକ କାର୍ଯ୍ୟକ୍ରମ ଏବଂ ସ୍କୁଲରେ ପ୍ରତିଯୋଗିତା ଭଳି ବିବିଧ ବିକଳ୍ପ ପ୍ରଦାନ କରୁଛୁ ଯାହା ସାରା ଦେଶର ପିଲାମାନଙ୍କୁ ସେମାନଙ୍କ ଚିନ୍ତାଧାରାକୁ ଉପସ୍ଥାପନ କରିବା ଲାଗି ସମାନ ସୁଯୋଗ ପାଇପାରିବେ। ଅତୀତରେ ଉକ୍ତ କାର୍ଯ୍ୟକ୍ରମ ପାଇଁ ଆମେ ବିପୁଳ ସମର୍ଥନ ହାସଲ କରିଥିଲୁ। ତେଣୁ ଚଳିତ ବର୍ଷ ଏହାକୁ ଆଉ ୫୦୦ଟି ସ୍କୁଲକୁ ସମ୍ପ୍ରସାରିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରତିଯୋଗିତାରେ ସିନିୟର ଓ ଜୁନିୟର ବର୍ଗର ଶ୍ରେଷ୍ଠ ୩ ବିଜେତାଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଏବଂ ୩ ରନର୍ସ ଅପ୍ଙ୍କୁ ୫୦ହଜାର ଟଙ୍କା ଲେଖାଏଁ ପୁରସ୍କାର ମିଳିବ। ବିଜେତା ସ୍କୁଲକୁ ଟ୍ରଫି ବି ଦିଆଯିବ। ବିଜେତାଙ୍କ ନାମ ୨୦୨୩ ମାର୍ଚ୍ଚରେ ଘୋଷଣା କରାଯିବ।




ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି, ଦିଲ୍ଲୀ (ବ୍ୟାଙ୍କ)ର ୫୭ତମ ଷାଣ୍ମାସିକ ସମୀକ୍ଷା ବୈଠକ ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରାଜଭାଷା ସଚିବ ଅଂଶୁଲୀ ଆର୍ଯ୍ୟ ରାଜଭାଷା ପଦକ ପ୍ରଦାନ କରୁଥିବାବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

# ଭୁବନେଶ୍ୱର ରେଳଷ୍ଟେଶନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକଲେ ରୂପନାରାୟଣ

ଭୁବନେଶ୍ୱର,୨୨।୧୨

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପନାରାୟଣ ସୁନକର ଗୁରୁବାର ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରି ସେଠାରେ ଚାଲୁଥିବା ନୂତନ ରେଳପ୍ରକଳ୍ପ କାର୍ଯ୍ୟଗୁଡ଼ିକକୁ ନିରୀକ୍ଷଣ କରିବା ସହ ସମୀକ୍ଷା ମଧ୍ୟ କରିଥିଲେ। ଏହି ପରିପ୍ରେକ୍ଷୀରେ ରୂପନାରାୟଣ କହିଛନ୍ତି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳଯାତ୍ରୀମାନଙ୍କୁ ଷ୍ଟେଶନରେ ଆଧୁନିକ ଭିତ୍ତିଭୂମି ସହ ସମସ୍ତ ପ୍ରକାର ଉନ୍ନତ ମାନର ସେବା ପ୍ରଦାନ କରାଇବା ରେଳମନ୍ତ୍ରୀଙ୍କ ପରିକଳ୍ପନାର ଏକ ଅଂଶ ବୋଲି ସେ ମତପ୍ରକାଶ କରିଛନ୍ତି। ଏତ୍ଦବ୍ୟତୀତ ରେଳଷ୍ଟେଶନ ଠାରେ ଥିବା କନ୍କୋର୍ସ, ପ୍ଲାଟ୍ଫର୍ମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଯାଞ୍ଚ କରିଥିଲେ। ସେହିପରି ଉକ୍ତ ପ୍ରକଳ୍ପ ସମୀକ୍ଷା ବେଳେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସମେତ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱର ରେଳଷ୍ଟେଶନର ପ୍ରସ୍ତାବିତ ପୁନର୍ବିକାଶ କାର୍ଯ୍ୟ ପାଇଁ ରେଳ ମନ୍ତ୍ରଣାଳୟ ପ୍ରାୟ ୩୦୮ କୋଟି ଟଙ୍କା ମଞ୍ଜୁର କରିଛି।

# 'ଶକ୍ତି ସଂରକ୍ଷଣକୁ ଗୁରୁତ୍ୱାରୋପ'

କଟକ,୨୨।୧୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ 'ଶକ୍ତି ସଂରକ୍ଷଣ' ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏପରିକି ଟିପିସିଓଡିଏଲ୍ର କର୍ମଚାରୀ, ଭେଣ୍ଡର ଏବଂ ଗ୍ରାହକମାନଙ୍କ ମଧ୍ୟରେ ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନକୁ ନେଇ ସଚେତନତା ବୃଦ୍ଧିକରାଇବା ସହ ଶକ୍ତିଉତ୍ସକୁ ସଂରକ୍ଷଣ କରିବାର ଆବଶ୍ୟକତା ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ନରାଜସ୍ଥିତ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ରରେ 'ଶକ୍ତି ସଂରକ୍ଷଣ' ଶୀର୍ଷକ ଉପରେ ଏକ ସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା।

ସେହିପରି ଗ୍ରାମାଞ୍ଚଳର ଗ୍ରାହକମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣକୁ ନେଇ ସଚେତନତାର ପ୍ରସାର କରିବା ଲାଗି ୪୫ 'ଗାଁ ଚାଲ ଶିବିର' ଆୟୋଜନ କରାଯାଇଥିଲା। ଉକ୍ତ ଶିବିରଗୁଡ଼ିକରେ ୧୬୫୦ରୁ ଅଧିକ ଗ୍ରାହକ ଅଂଶଗ୍ରହଣ କରିଥିଲେ। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକରେ ଗ୍ରାହକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୧୫୦୦ରୁ ଅଧିକ ଲୋକ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ଗ୍ରାହକମାନଙ୍କ ଲାଗି ଏକ ଅନ୍ଲାଇନ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ଶକ୍ତି ସଂରକ୍ଷଣ ସପ୍ତାହ ଅବସରରେ ଟିପିସିଓଡିଏଲ୍ ପକ୍ଷରୁ ଶକ୍ତି ସଂରକ୍ଷଣ ଉପରେ 'ଶ୍ରେଷ୍ଠ ପ୍ରଥା କାର୍ଯ୍ୟକାରିତା' ଏବଂ ଚ୍ୟାଲେଞ୍ଜ ଶୀର୍ଷକ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଗ୍ରାହକଙ୍କ ପାଇଁ କିମ୍ବା ସଂସ୍ଥା ଭିତରେ ପ୍ରଭାବ ସୃଷ୍ଟି କରିବାର ସମ୍ଭାବନା ଥିବା ଶ୍ରେଷ୍ଠ ପ୍ରଥାଗୁଡ଼ିକୁ ଚିହ୍ନଟ କରିବାକୁ କୁହାଯାଇଥିଲା, ଯଥା ନିଜ କୋଠାରେ ଶକ୍ତି ଉପଯୋଗିତା କମ୍ କରିବା, ଅଧିକ ବିଦ୍ୟୁତ୍ ଅପଚୟ କରୁଥିବା ପୁରୁଣା ଡିଭାଇସ୍କୁ ବଦଳାଇ ବିଇଇ ଷ୍ଟାର ରେଟିଂ ଡିଭାଇସ୍ ଲଗାଇବା, ଅଧିକ ଶକ୍ତି ଦରକାର କରୁଥିବା ଇଲେକ୍ଟ୍ରିକ୍ ଆପ୍ଲାଏନ୍ସେସ୍ର ବ୍ୟବହାର କମ୍ କରିବା ଇତ୍ୟାଦି। କମ୍ ଶକ୍ତି ବ୍ୟବହାର କରି କାର୍ଯ୍ୟାଳୟ-ଗୃହ- ବାହ୍ୟ ସ୍ଥାନରେ ସର୍ବୋଚ୍ଚ ଫଳାଫଳ ହାସଲ କରିବା ଲାଗି ଅଭିନବ ଉପାୟ ଉପରେ 'ଚ୍ୟାଲେଞ୍ଜ' ପ୍ରତିଯୋଗିତା ପର୍ଯ୍ୟବସିତ ଥିଲା।

ଏ ସମ୍ପର୍କରେ ଟିପିସିଓଡିଏଲ୍ର ସିଇଓ ଏମ୍. ସେନ୍ବାଗମ୍ କହିଛନ୍ତି, ପ୍ରାକୃତିକ ସମ୍ବଳକୁ ଅତି ହାଲୁକା ଢଙ୍ଗରେ ଗ୍ରହଣ କରିବା ଅନୁଚିତ। ଆମେ ସ୍ୱଚ୍ଛ ଓ ସବୁଜ ଶକ୍ତି ଆଡ଼କୁ ପର୍ଯ୍ୟାୟକ୍ରମେ ଅଗ୍ରସର ହେଉଥିବା ବେଳେ ଆଗାମୀ ପିଢ଼ି ପାଇଁ ଏକ ଉତ୍ତମ ଭବିଷ୍ୟତକୁ ନିଶ୍ଚିତ କରିବା ଲାଗି ଆମକୁ ଶକ୍ତି ସଂରକ୍ଷଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି ଛାତ୍ରୀଛାତ୍ରମାନେ ଉକ୍ତ ଅଭିଯାନର ବାର୍ତ୍ତାବହ ହେବା ଉଚିତ। ସେହିଭଳି ଆମ କ୍ଲବ୍ ଏନର୍ଜି ପ୍ରୋଗ୍ରାମ ଜରିଆରେ ଆମେ ତାହା ସୃଷ୍ଟି କରିଛୁ ବୋଲି ସେନ୍ବାଗମ୍ ମତପ୍ରକାଶ କରିଛନ୍ତି।



ଟିପିସିଓଡିଏଲ୍ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଓ ଅନ୍ୟମାନେ।

# ଜଗନ୍ନାଥ ଅଟୋ ପକ୍ଷରୁ ୫୦ ଅଟୋ ଡେଲିଭେରି




ଭୁବନେଶ୍ୱର,୨୨।୧୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ବଜାଜ ଅଟୋ ଲିମିଟେଡ୍ର ସ୍ୱୀକୃତିପ୍ରାପ୍ତ ଡିଲର ଜଗନ୍ନାଥ ଅଟୋ ଜରିଆରେ କମ୍ପାନୀ ୫୦ ଅଟୋ ଗ୍ରାହକଙ୍କୁ ହସ୍ତାନ୍ତରଣ କରାଯାଇଛି। ଏପରିକି ନୟାପଲ୍ଲୀସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ଶାଖା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ବ୍ୟାଙ୍କର ମୁଦ୍ରାରଣ ପରିପ୍ରେକ୍ଷୀରେ ଜଗନ୍ନାଥ ଅଟୋ ପକ୍ଷରୁ ୫୦ଟି ବଜାଜ ଅଟୋ ଗାଡି ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୟୁନିୟନ ବ୍ୟାଙ୍କର ଡିଜିଏମ୍ ସତ୍ୟବାନ ବେହେରା, ଏଜିଏମ୍ ଅଶୋକ ମିଶ୍ର, ଜଗନ୍ନାଥ ଅଟୋର ମୁଖ୍ୟ ସୁଶୀଲ ସୁବୁଦ୍ଧି, ବଜାଜ ଅଟୋର ଆଞ୍ଚଳିକ ମୁଖ୍ୟ ଗିରୀଶ ସେନାନି, ଆଞ୍ଚଳିକ ଫାଇନାନ୍ସ ମୁଖ୍ୟ ରତୁରାଜ ବରୋବରା ଏବଂ ଏରିଆ ସର୍ଭିସ ଅଫିସର ଚନ୍ଦନ ମହାପାତ୍ରଙ୍କ ବ୍ୟତୀତ ଜଗନ୍ନାଥ ଅଟୋର ସାଧାରଣ ପ୍ରବନ୍ଧକ ଧର୍ମାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ବଜାଜ ଅଟୋର ୩ଚକିଆ ବ୍ୟବସାୟିକ ଯାନ ଗ୍ରାହକମାନଙ୍କୁ ୟୁନିୟନ ବ୍ୟାଙ୍କ ପକ୍ଷରୁ ସର୍ବନିମ୍ନ ହାରରେ ଋଣପ୍ରଦାନ କରାଯାଇ ସମଗ୍ର ଖୋର୍ଦ୍ଧା ଏବଂ ପୁରୀ ଜିଲା ପାଇଁ ଏକମାତ୍ର ସ୍ୱୀକୃତିପ୍ରାପ୍ତ ବିକ୍ରୟ ପ୍ରତିଷ୍ଠାନ ଜଗନ୍ନାଥ ଅଟୋ ପକ୍ଷରୁ ୫୦ଟି ବଜାଜ ଗାଡ଼ି ହସ୍ତାନ୍ତର କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବଜାଜ ଅଟୋର ଏରିଆ ସେଲ୍ସ ମୁଖ୍ୟ ଦେବାଶିଷ ପଣ୍ଡା ଏବଂ ଜଗନ୍ନାଥ ଅଟୋର ବିକ୍ରୟ ମୁଖ୍ୟ ମନୋଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏପରିକି ୟୁନିୟନ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ସମେତ ଉଭୟ ବଜାଜ ଓ ଜଗନ୍ନାଥ ଅଟୋର ଅଧିକାରୀ ଓ ନିମନ୍ତ୍ରିତ ପ୍ରାୟ ୫୦ଜଣ ଗ୍ରାହକ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ସୂଚନାଯୋଗ୍ୟ, ଜଗନ୍ନାଥ ଅଟୋ ବିଗତ ୭ବର୍ଷ ଧରି ବ୍ୟବସାୟିକ ଯାନର ଅଧିକୃତ ବିକ୍ରେତା ଭାବେ ଉତ୍କୃଷ୍ଟ ଗ୍ରାହକ ସେବା ଓ ବଳିଷ୍ଠ ଭିତ୍ତିଭୂମି ବଳରେ ଓଡ଼ିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି।

# ବିଓଏମ୍ର ୩୯ତମ ଶାଖା ଉଦ୍ଘାଟିତ



ଭୁବନେଶ୍ୱର,୨୨।୧୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ର ୩୯ତମ ଶାଖା ନିକଟରେ କନ୍ଧମାଳ ଜିଲାର ଫୁଲବାଣୀଠାରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଉପଜିଲାପାଳ ବସନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍ର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ବିନୟ କୁମାର, ଶାଖା ପ୍ରବନ୍ଧକ ଅବିନାଶ ସାମଲଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିନୟ କୁମାର କହିଥିଲେ, ଦେଶରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଦୃଷ୍ଟିକୋଣରୁ ବିଓଏମ୍ ସର୍ବୋତ୍ତମ ବୋଲି ବିନୟ ମତପ୍ରକାଶ କରିଥିଲେ। ଏପରିକି ବ୍ୟାଙ୍କ ସର୍ବଦା ଦେଶର ଜନସାଧାରଣଙ୍କର ଉନ୍ନତି ଓ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ ରହିବା ସହ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜ ବ୍ୟବସାୟକୁ ବିସ୍ତାରିତ କରି ରଖିପାରିଛି। ସେହିଭଳି ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଆଉ ୧୨ଟି ନୂତନ ଶାଖା ଖୋଲାଯିବା ଯୋଜନା ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କନ୍ଧମାଳ ଜିଲାରେ ବ୍ୟାଙ୍କର ନୂତନ ଶାଖା ଖୋଲିଥିବାରୁ ବ୍ୟାଙ୍କ ଅଧିକାରୀମାନଙ୍କୁ ଉପଜିଲାପାଳ ସାହୁ ଅଭିନନ୍ଦନ ଜଣାଇଥିଲେ।

# ଡ.ସୁଭାଷ ଚନ୍ଦ୍ର ନାୟକଙ୍କୁ 'ଶିକ୍ଷାବିକାଶ ସମ୍ମାନ'

ଭୁବନେଶ୍ୱର,୨୨।୧୨




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ନିସ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ଡ.ସୁଭାଷ ଚନ୍ଦ୍ର ନାୟକଙ୍କୁ ନିକଟରେ 'ଶିକ୍ଷାବିକାଶ ସମ୍ମାନ' ସମ୍ମାନିତ କରାଯାଇଛି। ଖୋର୍ଦ୍ଧା ଜିଲା ମହୋତ୍ସବ-୨୦୨୨ ପରିପ୍ରେକ୍ଷୀରେ ଆୟୋଜିତ ସମ୍ମାନ ଉତ୍ସବରେ ଡ. ନାୟକଙ୍କୁ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉକ୍ତ ସମ୍ମାନ ପ୍ରଦାନ କରିଥିଲେ। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ଶିକ୍ଷାବିକାଶ ସମ୍ମାନ' ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ସେହିଭଳି ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଡ. ନାୟକ ଦୀର୍ଘ ୨୩ ବର୍ଷ ଧରି ଶିକ୍ଷାକ୍ଷେତ୍ରରେ ଅନେକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସମ୍ମାନର ଅଧିକାରୀ ହୋଇଛନ୍ତି। ସୂଚନାଯୋଗ୍ୟ, ନିସ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଶନର ପ୍ରତିଷ୍ଠାତାଙ୍କ ତତ୍ତ୍ୱାବଧାନରେ ୨ଗୋଟି କ୍ୟାମ୍ପସ ଯଥା ମଦନପୁରଠାରେ ଆଇଟି ଓ ମ୍ୟାନେଜମେଣ୍ଟ କୋର୍ସ ଚାଲୁଥିବା ବେଳେ ଛତାବରଠାରେ ଇଞ୍ଜିନିୟରିଂ ଓ ଡିପ୍ଲୋମା କୋର୍ସର ଶିକ୍ଷା ପ୍ରଦାନ କରାଯାଉଛି ବୋଲି ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ମତପ୍ରକାଶ କରିଛନ୍ତି।

# ଜୀ-ସାର୍ଥକର 'ନୂଆବର୍ଷ ଭେଟି'

ଭୁବନେଶ୍ୱର,୨୨।୧୨

**୨୪ ଘଣ୍ଟା ନନ୍‌ଷ୍ଟପ୍ ମନୋରଞ୍ଜନ କାର୍ଯ୍ୟକ୍ରମ**




ରାଜ୍ୟର ପ୍ରମୁଖ ଘରୋଇ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକ ପକ୍ଷରୁ ନୂଆବର୍ଷ ଅବସରରେ ୨୪ଘଣ୍ଟିଆ ନନ୍ଷ୍ଟପ୍ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଏପରିକି ଦର୍ଶକଙ୍କ ପାଇଁ ନୂଆ ବର୍ଷରେ ଭିନ୍ନ ଧରଣର ମନୋରଞ୍ଜନ ଭେଟି ଦିଆଯିବ ବୋଲି ଜଣାପଡ଼ିଛି। ବିଶେଷକରି ୨୦୨୩ର ପ୍ରଥମ ଦିନରେ ଜୀ ସାର୍ଥକ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସାରଣ ସହ ସମ୍ପୂର୍ଣ୍ଣ ୨୪ ଘଣ୍ଟା ପାଇଁ ସ୍ୱତନ୍ତ୍ର ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି କୁହାଯାଉଛି। ସେହିଭଳି ୩୧ ଡିସେମ୍ବର ରାତି ୧୦.୩୦ ରୁ ୧ ଜାନୁୟାରୀ ୧୦ଟା ୩୦ ପର୍ଯ୍ୟନ୍ତ ପୂରା ୨୪ ଘଣ୍ଟା ଦର୍ଶକଙ୍କୁ ମିଳିବ ମନୋରଞ୍ଜନର ସମ୍ଭାର। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଡିସେମ୍ବର ୩୧ ରାତି ୧୦ଟା ୩୦ରୁ ୨ଟା ପର୍ଯ୍ୟନ୍ତ ଜୀ ସାର୍ଥକର ଏକ୍ସକ୍ଲୁସିଭ ପ୍ରୋଗ୍ରାମ ହାପି ନ୍ୟୁ ଇୟର ସହ ରାତି ୨ଟାରୁ ଭୋର୍ ୪ଟା ୩୦ପର୍ଯ୍ୟନ୍ତ ଫ୍ଲାସ୍ ବ୍ୟାକ୍ ୨୦୨୨ ଏବଂ ଭୋର୍ ୪ଟା ୩୦ରୁ ୫ଟା ପର୍ଯ୍ୟନ୍ତ ବିଷ୍ଣୁ ସହସ୍ର ନାମ ପ୍ରସାରଣ ହେବ। ସେହିଭଳି ୧ ତାରିଖ ସକାଳ ୫ଟାରୁ ଦିନ ୮ଟା ସୁପରହିଟ୍ ଚଳଚ୍ଚିତ୍ର 'ଭୋଳା ଶଙ୍କର ଥିଲେ ଡର କାହାକୁ', ସକାଳ ୮ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଚଳଚ୍ଚିତ୍ର 'ପାରି କରିବେ ଭୋଳାଶଙ୍କର', ଦିନ ୧୧ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଚଳଚ୍ଚିତ୍ର 'ତୁ ମୋର ସାଥିରେ' ଏବଂ ଦିନ ୨ଟାରୁ ୫ ଟା ପର୍ଯ୍ୟନ୍ତ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ଟନିକ ପ୍ରସାରିତ ହେବ। ସେହିପରି ସନ୍ଧ୍ୟା ୫ଟା ରୁ ୬ ଟା ପର୍ଯ୍ୟନ୍ତ ଲୋକପ୍ରିୟ ରିଆଲିଟି ଶୋ ଦିଦି ନମ୍ବର ୱାନ୍'ର ନୂଆ ବର୍ଷ ସ୍ୱତନ୍ତ୍ର ସହ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସ୍ୱର ଓ ସଙ୍ଗୀତର ଧମାକା 'ସା ରେ ଗା ମା ପା'ର ନନ୍ଷ୍ଟପ୍ ମନୋରଞ୍ଜନ ସହ ଗ୍ରାଣ୍ଡ ଫିନାଲେ ଓ ରାତି ୧୦ଟା ରୁ ୧୦ ଟା ୩୦ ପର୍ଯ୍ୟନ୍ତ ସା ରେ ଗା ମା ପା ଏକ୍ସଟ୍ରାସଟ୍ ଭଳି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ରହିବାକୁ ଜୀ ସାର୍ଥକ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ଡିସେମ୍ବର, ୨୦୨୨




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ବାଳିକାଙ୍କୁ ରୌପ୍ୟ



ଜାତୀୟ ସବ୍‌ଜୁନିୟର ମହିଳା ରଗ୍‌ବୀ ଚାମ୍ପିୟନଶିପର ରୌପ୍ୟ ବିଜୟୀ ଓଡ଼ିଶା ବାଳିକା ଦଳ ଓ ଅନ୍ୟମାନେ।

**ଜାତୀୟ ସବ୍‌ଜୁନିୟର ରଗ୍‌ବୀ**

ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ସବ୍‌ଜୁନିୟର ମହିଳା ରଗ୍‌ବୀ ଚାମ୍ପିୟନଶିପରେ ଓଡ଼ିଶା ବାଳିକା ଦଳକୁ ମିଳିଛି ରୌପ୍ୟ ପଦକ। ଗୁଜରାଟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଥିଲା। ଫାଇନାଲରେ ଓଡ଼ିଶା ବାଳିକା ଦଳ ବିହାର ନିକଟରୁ ୨୦-୦ରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଏହା ପୂର୍ବରୁ ଓଡ଼ିଶା ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗକୁ ଯଥାକ୍ରମେ ୧୦-୦ ଓ ୧୦-୫ରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ କେରଳ ନିକଟରୁ ୫-୦ରେ ପରାସ୍ତ ହୋଇଥିଲା। ଦଳର ଏହି ସଫଳତା ପାଇଁ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଶୁଭେଚ୍ଛା ଜଣାଇବା ସହିତ କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ବିଭାଗକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଟ୍ରେନ୍ ଟିକଟ ଉପଲବ୍ଧ ନଥିବା ବେଳେ ଶେଷ ମୁହୂର୍ତ୍ତରେ କ୍ରୀଡା ଓ ଯୁବ ସେବା ବ୍ୟାପାର ପକ୍ଷରୁ ବିମାନ ଟିକଟ ବ୍ୟବସ୍ଥା କରାଯାଇଥିଲା।

# ଫାଇନାଲରେ ମଙ୍ଗଳା କ୍ଲବ୍

**ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତମାଣ୍ଡୋ କପ୍ ଫୁଟବଲ୍ ଫାଇନାଲରେ ପ୍ରବେଶ କରିଛି ମଙ୍ଗଳା କ୍ଲବ। ଗୁରୁବାର ଅନୁଷ୍ଠିତ ଜଗା ୟୁନାଇଟେଡ ବିପକ୍ଷ ସେମି ଫାଇନାଲରେ ମଙ୍ଗଳା କ୍ଲବକୁ ଟାଇବ୍ରେକରରେ ୪-୩ ଗୋଲରେ ବିଜୟୀ ହୋଇଥିଲା। ମଙ୍ଗଳା କ୍ଲବ ପକ୍ଷରୁ ବିଶ୍ୱଜିତ ବେହେରା ଓ ବାପୁଜୀ ବିନ୍ଧାଣୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଜଗା ୟୁନାଇଟେଡ ପକ୍ଷରୁ ନାଇଜେରୀୟ ଖେଳାଳି ଜିନିଓ ହ୍ୟାଟ୍ରିକ ଗୋଲ ଦେଇଥିଲେ। ତେବେ ୯୧ ତମ ମିନିଟରେ ବବୁଲ ରାଉତଙ୍କ ଗୋଲ ବଳରେ ମ୍ୟାଚ୍ ୩-୩ରେ ବରାବର ରହିଥିଲା। ନାଲକୋ କର୍ମଚାରୀ ୟୁନିୟନ ସଭାପତି ମଦନ ମୋହନ ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଏକେ କ୍ଲବ ଓ ପପୁଲାର କ୍ଲବ ମଧ୍ୟରେ ଖେଳାଯିବ।

# ଦିବାରାତ୍ର କ୍ରିକେଟ: ଲିଟିଲ ଷ୍ଟାର ଚାମ୍ପିୟନ

ଭୁବନେଶ୍ୱର, ୨୨।୧୨ (କ୍ରୀଡ଼ା ପ୍ରତିନିଧି)



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଝାରସୁଗୁଡ଼ା ଲିଟିଲ ଷ୍ଟାର ଦଳର ଖେଳାଳିମାନେ।

ବନଦୁର୍ଗା କଲଚରାଲ ୟୁଥ୍ ଆସୋସିଏଶନ ଏବଂ ଜେନ୍-ନେଷ୍ଟ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ କଟକର ରକ୍‌ଷ୍ଟାର ଦଳକୁ ୫୨ ରନରେ ରନ୍‌ରେ ହରାଇ ଝାରସୁଗୁଡ଼ାର ଲିଟିଲ ଷ୍ଟାର ଚାମ୍ପିୟନ ହୋଇଛି। ଏଥିରେ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଯାତ୍ରା ଦଳ ପ୍ରଯୋଜକ କବିରାଜ ସ୍ୱାଇଁ, କ୍ରିକେଟ କୋଚ୍ କ୍ଷୀରୋଦ ବେହେରା, କର୍ପୋରେଟର ଭରତ ଲେଙ୍କା, ପଙ୍କଜା ପ୍ରିୟଦର୍ଶିନୀ ଜେନା, ଶ୍ରୀଧର ବେହେରା, ପୁଷ୍ପା ରାଉତ, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଲିଟିଲ ଷ୍ଟାର ଦଳକୁ ଟ୍ରଫି ସହ ୮୦,୦୦୦ ଏବଂ ରନରଅପ୍ ରକ୍‌ଷ୍ଟାର ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

# ଆଜି ଆଇପିଏଲ୍ ନିଲାମି

**ନୂଆଦିଲ୍ଲୀ,୨୨।୧୨:** ମାର୍ଚ୍ଚ ମାସ ସୁଦ୍ଧା ଟି୨୦ କ୍ରିକେଟ ମହାକୁମ୍ଭ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହେବ। ଟୁର୍ନାମେଣ୍ଟ ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ହେବ ମିନି ଅକ୍ସନ(ନିଲାମି)। ଏହି ନିଲାମି ପାଇଁ ସମୁଦାୟ ୫୯୧ ଜଣ ଖେଳାଳି ଆବେଦନ କରିଥିବା ବେଳେ ଏହା ମଧ୍ୟରୁ ୪୦୫ ଜଣଙ୍କୁ ଶର୍ଟଲିଷ୍ଟ କରାଯାଇଛି। ଶୁକ୍ରବାରର ନିଲାମିରେ ୧୦ ଆଇପିଏଲ ଫ୍ରାଞ୍ଚାଇଜି ନିଜ ପସନ୍ଦର ଖେଳାଳିଙ୍କୁ ଦଳରେ ସାମିଲ କରିବେ। ତେବେ କୋଚିରେ ହେବାକୁ ଥିବା ନିଲାମିରେ ୫ ବିଦେଶୀ ଖେଳାଳି ବେନ୍ ଷ୍ଟୋକ୍ସ, ସାମ୍ କୁରାନ, କାମେରନ୍ ଗ୍ରୀନ୍, ନିକୋଲାସ ପୁରନ୍, ରିଲି ରୋଷୋଙ୍କ ଉପରେ ସବୁ ଫ୍ରାଞ୍ଚାଇଜିଙ୍କ ନଜର ରହିବ।

# ଟୁର୍ ଡି' ଫ୍ରାନ୍ସର ଆରମ୍ଭ ଇଟାଲିରେ

**ପ୍ୟାରିସ, ୨୨।୧୨ (ଏପି):** ଇଟାଲିରେ ୨୦୨୪ରେ ପ୍ରଥମ ଥର ଆରମ୍ଭ ହେବ ଟୁର୍ ଡି' ଫ୍ରାନ୍ସ। ଓଟାଭିଓ ବୋଟେଚିଆ ଇଟାଲିର ପ୍ରଥମ ରାଉଣ୍ଡର ଭାବେ ଟୁର୍ ଜିତିଥିଲେ। ଏହାର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏଥର ପ୍ରତିଯୋଗିତାର 'ଗ୍ରାଣ୍ଡ ପ୍ରସ୍ଥାନ' ଜୁନ୍ ୨୯ରେ ହେବ। ଇଟାଲି ୨୦୨୪ ରେସ୍‌ର ପ୍ରଥମ ୩ଟି ପର୍ଯ୍ୟାୟ ଆୟୋଜନ କରିବ। ଅଲିମ୍ପିକ ଗେମ୍ସ ପାଇଁ ଏହା ପ୍ୟାରିସ ପରିବର୍ତ୍ତେ ଜୁଲାଇ ୨୧ରେ ନାଇସ୍‌ଠାରେ ଶେଷ ହେବ। ୧୯୦୫ ପରେ ପ୍ରଥମ ଥର ଫ୍ରେଞ୍ଚ ରାଜଧାନୀରେ ରେସ୍‌ର ଶେଷ ହେବ ନାହିଁ। ଅଲିମ୍ପିକ ବର୍ଷ ଦୃଷ୍ଟିରୁ ଏପରି ପରିବର୍ତ୍ତନ କରାଯାଇଛି।

# ବ୍ୟକ୍ତିଗତ ବିଭାଗ ଇଭେଣ୍ଟ ଆରମ୍ଭ

**ଆନ୍ତଃ ରାଜ୍ୟ, ଜୋନାଲ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ୟୁନିଭର୍ସିଟି ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪୫ତମ ଆନ୍ତଃ ରାଜ୍ୟ ଓ ଆନ୍ତଃ ଜୋନାଲ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ବିଭାଗ ଖେଳ ଆରମ୍ଭ ହୋଇଛି। ଉଦ୍‌ଘାଟନ ଉତ୍ସବରେ ଏମ୍‌ପି ମୁଜିବୁଲ୍ଲା ଖାଁ ମୁଖ୍ୟଅତିଥି, କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ଆବାହକ, କ୍ରୀଡ଼ା ଓ ଯୁବ ସେବା ବିଭାଗର ଏଏଫ୍‌ଏ ତଥା ଉପସଚିବ ଗୀତା ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ରହିଥିଲେ ଅଲିମ୍ପିଆନ ତଥା ଏକାଧିକ ଥର ଜାତୀୟ ଚାମ୍ପିୟନ ନିଖିଲ କାନିତକର। ଏନ୍‌ଏସ୍‌ଏନ୍‌ଆଇଏସ୍ ଓ ଅନ୍ତର୍ଜାତୀୟ କୋଚ୍ ଏମ୍.ଭି ମୁରଲୀକ୍ରିଷ୍ଣା, ବିଶିଷ୍ଟ ଖେଳାଳି କମଲ ଦାସ, ଓଏସ୍‌ବିଏ ସମ୍ପାଦକ ନିଲିନ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗ କ୍ରମେ ଆୟୋଜିତ ଏହି ଇଭେଣ୍ଟରେ ସମଗ୍ର ଦେଶର ୩୨ଟି ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ଆସନ୍ତା ୨୪ରେ ଶେଷ ହେବ।

# ଓଡ଼ିଶା ବାସ୍କେଟବଲ୍ ଲିଗ୍ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

ପୁରୀ ଅଫିସ,୨୨।୧୨

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗୁରୁବାରଠାରୁ ଓଡ଼ିଶା ବାସ୍କେଟବଲ ଲିଗ୍ ଆରମ୍ଭ ହୋଇଛି। ଜିଲାପାଳ ସମର୍ଥ ବର୍ମା ଏହାର ଉଦ୍‌ଘାଟନ କରିଛନ୍ତି। ଏହା ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୦ଟି ଦଳ ଭାଗ ନେଇଛନ୍ତି। ଅତିଥି ଭାବେ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଆସୋସିଏଶନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଭାରତୀୟ ଖୋ ଖୋ ଦଳର କୋଚ୍ ସଞ୍ଜୀବ ଶର୍ମା, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ ଏବଂ ଯୁଗ୍ମସମ୍ପାଦକ ତଥା ଆବାହକ ଅମିତ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲିଗ୍‌ରେ ୬ଟି ପୁରୁଷ ଦଳ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଭୁବନେଶ୍ୱର କ୍ୟାପିଟାଲ୍ସ, ୱାରିୟର ବାଲେଶ୍ୱର, ଗଞ୍ଜାମ ହୁପର୍ସ, କଟକ ବାରବାଟୀ ଟାଇଗର, ଏମ୍ପରର୍ସ ରାଉରକେଲା, ପୁରୀ ବୁଲ୍ସ, ଉତ୍କଳ ଡ୍ରିଭଲର୍ସ, କଳିଙ୍ଗ ଶୁଟର୍ସ, ଓଡ଼ିଶା ବ୍ଲକର୍ସ, ଓଡ୍ର ଡ୍ରଙ୍କ୍ସ ଟିମ୍ ଏହି ଟ୍ରଫି ହାତେଇବା ପାଇଁ ପ୍ରତିଦ୍ୱନ୍ଦିତା କରିବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ କହିଛନ୍ତି। ୨୬ ତାରିଖ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଜେତା ଏବଂ ଅନ୍ୟ ଦଳକୁ ପୁରସ୍କୃତ କରାଯିବ।


UPVC RAIN WATER GUTTER and ACCESSORIES
UPVC ROOFING DECORATIVE PRODUCTS
Our Products: • Mughappu • Thoovanam
• UPVC Roofing Sheets • UPVC Gutter System
• Other Elevation Products
TECHNO ROOF
3/246-B, Postal Colony, Perur, Coimbatore - 641 010, Tamilnadu
www.technoroof.in
Call: 96552 08111
DEALERS WANTED


# ସର୍ବଭାରତୀୟ ଓପନ କରାଟେ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍କଳ କରାଟେ ସ୍କୁଲ ପରିସରରେ ୧୨ତମ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଏବଂ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାଲେନା ଭାଲେଣ୍ଟିନା ଓ ମଧୁପ୍ରିୟା ଏବଂ ରାଜୀବ କୁମାର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିବସରେ ସିନିୟର ଏବଂ ୨୧ ବର୍ଷରୁ କମ୍ ପ୍ରତିଯୋଗିତା ଶେଷ ହୋଇଛି। ତିଯୋଗିତା କରାଟେକାମାନଙ୍କୁ ସେମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଅତିଥି ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଉଦ୍‌ଘାଟନ କରୁଛନ୍ତି।

# ପିସିବି ଅଧ୍ୟକ୍ଷ ପଦବୀରୁ ରମିଜ ବହିଷ୍କୃତ

**କରାଚୀ, ୨୨।୧୨ (ପି.ଟି.):** ପୂର୍ବତନ କ୍ରିକେଟର ରମିଜ ରାଜା ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ପଦବୀରୁ ବହିଷ୍କୃତ ହୋଇଛନ୍ତି। ସରକାର ଆସନ୍ତା ୪ମାସ ପାଇଁ ଖେଳର ପରିଚାଳନା ଲାଗି ନଜମ ସେଠୀଙ୍କ ନେତୃତ୍ୱରେ ଏକ ୧୪ ଜଣିଆ କମିଟି ଗଠନ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପରାଜୟ ପରେ ଏହି ପଦକ୍ଷେପ ନିଆଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ନୋଟିଫିକେଶନ ଫେଡେରାଲ କ୍ୟାବିନେଟ ଦ୍ୱାରା ଅନୁମୋଦନ ହେବା ଦରକାର, ଯାହାକି ଏକ ଔପଚାରିକ ମାତ୍ର। ଶରିଫ୍ ପିସିବିର ପାଟ୍ରନ ଇନ୍ ଚିଫ୍ ରହିଛନ୍ତି। ସେଠୀଙ୍କୁ କ୍ରିକେଟ ବୋର୍ଡ ନୂଆ ସଭାପତି କରିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ। ରାଜା ୧୫ ମାସ ହେଲା ପିସିବି ଚେୟାରମ୍ୟାନ ରହିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତାଙ୍କୁ ୨୦୨୧ ସେପ୍ଟେମ୍ବରରେ ନିଯୁକ୍ତି ଦେଇଥିଲେ। ଏହେସାନ ମନି ପଦବୀରୁ ଓହରିଯିବା ପରେ ତାଙ୍କ ସ୍ଥାନରେ ରାଜା ୩୬ତମ ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ପଦବୀରେ ନିଯୁକ୍ତି ପାଇବାରେ ଇଜାଜ୍ ବଟ୍ (୨୦୦୮-୧୧), ଜାଭେଦ ବୁର୍କି(୧୯୯୪-୯୫) ଓ ଅବ୍ଦୁଲ ହାଫିଜ କର୍ଦାର (୧୯୭୨-୭୭)ଙ୍କ ପରେ ସେ ଥିଲେ ୪ର୍ଥ ପୂର୍ବତନ କ୍ରିକେଟର। ସେଠୀ ପୂର୍ବରୁ ୨୦୧୩ରୁ ୨୦୧୮ ମଧ୍ୟରେ ପିସିବିର ଚେୟାରମ୍ୟାନ ଓ ସିଇଓ ଭାବେ କାର୍ଯ୍ୟକରିଛନ୍ତି। ୨୦୧୮ ନିର୍ବାଚନରେ ଇମ୍ରାନ ଖାଁ ଓ ତାଙ୍କ ପାର୍ଟି ଜିତିବା ପରେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ।


# Classified Everyday
0674-2580101, 2549949



REAL ESTATE
**SALE**

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ **SC plot** ମିଳୁଛି। **9438832956, 9438056978.** D-74164

ଜମିବିକ୍ରି: କୋରାପୁଟ ଜିଲ୍ଲା ଦଶମନ୍ତପୁର ତହସିଲ ଅନ୍ତର୍ଗତ ଚାଉଳକନ୍ତି ମୌଜାରେ ୮.୬୧ ଏକର (ପୂରାପ୍ଲଟ) ଚାଷଜମି ବିକ୍ରିହେବ। ସ୍ଥିରମୂଲ୍ୟ ୨୬ଲକ୍ଷ ଟଙ୍କା। ଯୋଗାଯୋଗ- ୬୩୭୦୯୬୪୧୮୦. ଧ-୨୩୧୬

**ମାତ୍ର ଟ. 11,40,000/-ରେ** ଫୁଲନଖରା ଓ ମହାଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। **9348152874.** D-74169

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

**ରବିଟକିଜ ଛକରୁ ମାତ୍ର 6 କିଲୋମିଟର ଦୂର ବାଙ୍କୁଆଳରେ 1500sqft. land ଉପରେ 2100sqft. Duplex ମାତ୍ର 79 ଲକ୍ଷ। Installment ଓ Bank Loan ସୁବିଧା ଅଛି। 9438220432, 8144658008.** D-2316

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। **9827119799.** D-2309

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ଭୁବନେଶ୍ୱର ଜଟଣୀଗେଟ୍ **NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760.** D-74166

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

**Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road-30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165.** D-2273

## AFFIDAVIT

I, Chhabilata Mallik, W/o- Pramod Kumar Jena, residing at type-3/12, Old A.G. Colony, Unit-4, Bhubaneswar have changed my name from Chhabilata Malik to Chhabilata Mallik for all intents and purposes. D-2314

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
କେନ୍ଦୁବିଲ୍ (ଖୋର୍ଦ୍ଧା)
ଆଜି ତୋର ସପ୍ତମ ଜନ୍ମବାର୍ଷିକ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋତେ ଦୀର୍ଘାୟୁ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ। ବର୍ଷର ପ୍ରତିଟି ମୁହୂର୍ତ୍ତ ତୋର ମଙ୍ଗଳମୟ ହେଉ।
ଶୁଭେଚ୍ଛା ସହ: ବାବା, ମାମା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୨୬୯





Newly open full body massage ladies and gents. 8327740003, 8093860513. D-74616

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74612

**Relax, Refresh your Body, Mind at Saikrupa Spa with best therapies. 8984068077.** D-2230

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳୀ



√ ଉର୍ମିଳା ତ୍ରିପାଠୀ
ଡି.ଏଲ୍-୨୧, ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର
ଆବିର୍ଭାବ : ୨୪.୦୫.୧୯୪୪
ତିରୋଧାନ: ୦୨.୦୧.୨୦୨୨
ତୁମ ସ୍ମୃତି ଆମ ହୃଦୟରେ ସର୍ବଦା ଅମଳିନ ରହିବ।
ଶୋକ ସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୩୧୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ଗୋବିନ୍ଦ ଚନ୍ଦ୍ର ଶତପଥୀ
ସ୍ଥାନ: ଗଙ୍ଗା ଯମୁନା ରୋଡ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୫।୦୫।୧୯୪୭
ତିରୋଧାନ: ୧୪।୧୨।୨୦୨୨
ଆକସ୍ମିକ ଭାବେ ତୁମର ଚାଲିଯିବା ଆଜିକୁ ଦଶ ଦିନ ହୋଇଗଲା। ତୁମର ଶୂନ୍ୟସ୍ଥାନ ଅପୂରଣୀୟ ରହିବ। ଯେଉଁ ସ୍ନେହ, ମମତା, ତ୍ୟାଗ, ସ୍ୱାଭିମାନ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ତୁମ ପାଖରେ ଥିଲା ତାହା ଆମକୁ ଦିଗ୍‌ଦର୍ଶନ ଦେବ। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ, ତୁମର ଆତ୍ମା ଦିବ୍ୟତ୍ୱ ଲାଭ କରୁ।
ଶୋକସନ୍ତପ୍ତ: ତୁମ ପରିବାରବର୍ଗ, ବିଦ୍ୟୁତ୍ ପ୍ରଭା (ପତ୍ନୀ), ସଞ୍ଜୟ, ସୁମନ, ମିତା, ସିନ୍ଧୁ, ସିଦ୍ଧାନ୍ତ, ଆଦି, ଆୟାନ
ଧ-୨୩୧୯



ଫିଫା ବିଶ୍ୱକପ ଚାମ୍ପିୟନ ଆର୍ଜେଣ୍ଟିନା ଦଳ

## ସ୍ମରଣୀୟ ବିଶ୍ୱକପ୍

# ମେସି ମ୍ୟାଜିକ୍

ବିଦାୟ ବେଳାରେ କ୍ରୀଡ଼ାବର୍ଷ ୨୦୨୨ । ଏହି ବର୍ଷ ଆୟୋଜିତ ହୋଇଛି ଫିଫା ବିଶ୍ୱକପ୍, ଟି୨୦ ବିଶ୍ୱକପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରି ବଡ଼ ପ୍ରତିଯୋଗିତା । ଏକାଧିକ କାରଣ ପାଇଁ ସ୍ମରଣୀୟ ଥିଲା ଫିଫା ବିଶ୍ୱକପ । ଆର୍ଜେଣ୍ଟିନା ତୃତୀୟଥର ପାଇଁ ଟାଇଟଲ ଜିତିଥିବାବେଳେ ସାକାର ହୋଇଥିଲା ଲିଓନେଲ ମେସିଙ୍କ ସ୍ୱପ୍ନ । ଇଂଲଣ୍ଡ ଜିତିଥିଲା ଟି୨୦ ବିଶ୍ୱକପ୍ । ଅଚନ୍ତ ଶରଥ କମଲ ପାଇଥିଲେ ଖେଳରତ୍ନ ପୁରସ୍କାର । ରୋଜର ଫେଡେରର, ସେବାଷ୍ଟିଆନ ଭେଟେଲ, ମିଥାଲି ରାଜ୍‌ଙ୍କ ପରି ତାରକା ଅବସର ନେଇଥିବାବେଳେ ଶେନ୍ ୱର୍ନ ଓ ଆଣ୍ଡ୍ର୍ୟୁ ସାଇମଣ୍ଡ୍ସଙ୍କ ପରଲୋକ କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଥିଲା ।

## ଆର୍ଜେଣ୍ଟିନା ବିଶ୍ୱ ବିଜୟୀ

୨୦୨୨ ଥିଲା ଫିଫା ବିଶ୍ୱକପ୍‌ର ବର୍ଷ । କାତାରରେ ଅନୁଷ୍ଠିତ ଏହି ଫୁଟ୍‌ବଲ ମହାକୁମ୍ଭ ଅନେକ କାରଣରୁ ସ୍ମରଣୀୟ ହୋଇଯାଇଥିଲା । ଆରବ ଜଗତରେ ଏହା ଥିଲା ସର୍ବପ୍ରଥମ ଫିଫା ବିଶ୍ୱକପ୍ । ଦୀର୍ଘବର୍ଷ ବ୍ୟବଧାନରେ ଆର୍ଜେଣ୍ଟିନା ତୃତୀୟଥର ପାଇଁ ଟାଇଟଲ ବିଜେତା ହୋଇଥିବାବେଳେ କ୍ୟାରିୟର ସାୟାହ୍ନରେ ନିଜର ସ୍ୱପ୍ନ ସାକାର କରିଥିବା ପ୍ଲେ-ମେକର ଲିଓନେଲ ମେସି ଶ୍ରେଷ୍ଠ ଖେଳାଳି ମଧ୍ୟ ବିବେଚିତ ହୋଇଥିଲେ । ପୂର୍ବ ସଂସ୍କରଣର ଚାମ୍ପିୟନ ଫ୍ରାନ୍ସ ଏଥର ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା । ଏହି ଦଳର ତାରକା ଖେଳାଳି କିଲିଆନ ଏମ୍‌ବାପେ ଟପ୍ ସ୍କୋରର ଭାବେ ଗୋଲ୍ଡେନ୍ ବୁଟ୍ ପାଇଥିଲେ । ପ୍ରତିଯୋଗିତାରେ ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ବିସ୍ମିତ କରିଥିଲା ମରକ୍କୋ । ପ୍ରଥମ ଆଫ୍ରିକୀୟ ଦଳ ଭାବେ ମରକ୍କୋ କୌଣସି ଫିଫା ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲା । ବେଲ୍‌ଜିୟମ, ସ୍ପେନ୍ ଓ ପର୍ତ୍ତୁଗାଲ ପରି ଶକ୍ତିଶାଳୀ ଦଳକୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିବା ମରକ୍କୋ ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲା । ସାଉଦି ଆରବ, ଜାପାନ ଓ ଦକ୍ଷିଣ କୋରିଆ ଆଦି ଏସୀୟ ଦଳଗୁଡ଼ିକ ମଧ୍ୟ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ।

## ଖେଳରତ୍ନ ଅଚନ୍ତ ଶରଥ

ଏହି ବର୍ଷ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଥିଲେ ଭେଟେରାନ ଟେବୁଲ ଟେନିସ୍ ତାରକା ଅଚନ୍ତ ଶରଥ କମଲ । ୨୬ ଜଣ ଆଥ୍‌ଲେଟଙ୍କୁ ଅର୍ଜୁନ ପୁରସ୍କାର ମିଳିଥିବା ବେଳେ ଏକମାତ୍ର ଶରଥ ପାଇଥିଲେ ଭାରତୀୟ କ୍ରୀଡ଼ାର ଏହି ସର୍ବୋଚ୍ଚ ପୁରସ୍କାର । ଶରଥ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ଟି ପଦକ ବିଜୟୀ ହୋଇଥିଲେ । ଏଥିରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସାମିଲ ଥିଲା । ଏହା ବ୍ୟତୀତ ସେ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଖେଳରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି ଅଚନ୍ତ ଶରଥ କମଲ



ଭିନି ରମଣଙ୍କ ସହ ଗ୍ଲେନ୍ ମ୍ୟାକ୍ସୱେଲ

## ବିବାହ ଓ ବିଚ୍ଛେଦ

୨୦୨୨ରେ କେତେକ କ୍ରୀଡ଼ାବିତ୍ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବାବେଳେ କିଛି ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ଭାରତୀୟ କ୍ରିକେଟର ଦୀପକ ଚହର ତାଙ୍କ ପ୍ରେମିକା ଜୟା ଭରଦ୍ୱାଜଙ୍କ ହାତ ଧରିଥିବାବେଳେ ଅଷ୍ଟ୍ରେଲିଆ କ୍ରିକେଟର ଗ୍ଲେନ୍ ମ୍ୟାକ୍ସୱେଲ ପ୍ରେମିକା ଭିନି ରମଣଙ୍କୁ ବିବାହ କରିଥିଲେ । ଟୁର୍ ଡି ଫ୍ରାନ୍ସ ବିଜେତା ଲାନ୍ସ ଆର୍ମଷ୍ଟ୍ରଙ୍ଗ ମଧ୍ୟ ବିବାହ କରିଥିଲେ । ଫୁଟ୍‌ବଲ ଓ ମନୋରଞ୍ଜନ ଦୁନିଆର ସୁପରଷ୍ଟାର ଦମ୍ପତି ଜେରାର୍ଡ ପିକ୍ୟୁ ଓ ଶାକିରା କିନ୍ତୁ ଦୀର୍ଘ ୧୪ ବର୍ଷ ପରେ ଅଲଗା ହୋଇଥିଲେ ।

## ନୂଆ ଦାୟିତ୍ୱ

ପୂର୍ବତନ ଗୋଲ୍‌କିପର ତଥା ଭାଜପା ନେତା କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନର ସଭାପତି ନିର୍ବାଚିତ ହୋଇଥିଲେ । ନିର୍ବାଚନରେ ପୂର୍ବତନ ଭାରତୀୟ ଅଧିନାୟକ ବାଇଚୁଙ୍ଗ ଭୂଟିଆଙ୍କୁ ୩୨-୧ରେ ପରାସ୍ତ କରିଥିଲେ ଚୌବେ । ବିଶ୍ୱର ସବୁଠାରୁ ଧନୀ କ୍ରିକେଟ୍ ବୋର୍ଡ 'ବିସିସିଆଇ'ର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ରୋଜର ବିନି । ସୌରଭ ଗାଙ୍ଗୁଲିଙ୍କ ଉତ୍ତରାଧିକାରୀ ଭାବରେ ୧୯୮୩ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ବିନି ୩୬ତମ ବିସିସିଆଇ ସଭାପତି ରୂପେ ନିର୍ବାଚିତ ହୋଇଥିଲେ ।

## ଚର୍ଚ୍ଚାରେ କୋହଲି, ଜୋକୋଭିଚ୍

ଏହି ବର୍ଷ ଚର୍ଚ୍ଚାରେ ରହିଥିଲେ ଭାରତର ସଫଳତମ ଟେଷ୍ଟ ଅଧିନାୟକ ବିରାଟ କୋହଲି ଓ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ । କୋହଲିଙ୍କୁ ପ୍ରଥମେ ଟେଷ୍ଟ ଦଳର ଅଧିନାୟକ ପଦରୁ ହଟାଯାଇଥିଲା ଏବଂ ପରେ ୩ଟି ଯାକ ଫର୍ମାଟ୍‌ର ଅଧିନାୟକ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଥିଲା । ଏହାକୁ କୋହଲିଙ୍କ ପ୍ରଶଂସକମାନେ ସହଜରେ ଗ୍ରହଣ କରିପାରି ନ ଥିଲେ । ତେବେ ଏସିଆ କପ୍ ଟି୨୦ରେ ଆଫଗାନିସ୍ତାନ ବିପକ୍ଷରେ ଶତକ ହାସଲ କରିବା ସହିତ କୋହଲି ୧୦୨୨ ଦିନ ପ୍ରତୀକ୍ଷାର ଅନ୍ତ ଘଟାଇଥିଲେ । ସମାଲୋଚକଙ୍କ ମୁହଁ ବନ୍ଦ କରିବା ସହିତ ୨୦୨୨ ଟି୨୦ ବିଶ୍ୱକପ୍‌ରେ ସର୍ବାଧିକ ରନ୍ ସ୍କୋର କରିଥିଲେ । ସର୍ବୀୟ ଟେନିସ୍ ତାରକା ନୋଭାକ୍ ଜୋକୋଭିଚ କିନ୍ତୁ ଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଥିଲେ । କୋଭିଡ୍ ଟିକା ନେଇ ନ ଥିବାରୁ ସେ ୨୦୨୨ରେ ୨ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ । ସିଜନ ପ୍ରାରମ୍ଭ ଅଷ୍ଟ୍ରେଲିଆନ ଓପନ୍‌ରୁ ଏହି ନାଟକ ଆରମ୍ଭ ହୋଇଥିଲା । ଅଷ୍ଟ୍ରେଲିଆର କୋଭିଡ୍ ଟିକା ନିୟମରେ ବଳିପଡ଼ିଯାଇଥିଲେ ଜୋକୋଭିଚ୍ । ସେଠାକାର ସରକାର ତାଙ୍କ ଭିଜା ବାତିଲ ସହ ଦେଶରୁ ବିଦା କରିଥିଲେ । ସେ କେବଳ ୱିମ୍ବେଲଡନ ଓପନ୍‌ରେ ଅଂଶଗ୍ରହଣ କରିଥିଲେ ।



ନୋଭାକ ଜୋକୋଭିଚ୍

## ଭାରତୀୟ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣିମ ଅଧ୍ୟାୟ

ବର୍ଷ ୨୦୨୨ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଫଳତାର ଶିଖର ଛୁଇଁଥିଲା । ପ୍ରଥମଥର ପାଇଁ ଥୋମାସ୍ କପ୍ ଚାମ୍ପିୟନ ହୋଇଥିଲା ଭାରତୀୟ ପୁରୁଷ ଦଳ । ୧୪ଥର ଚାମ୍ପିୟନ୍ ଇଣ୍ଡୋନେସିଆକୁ ଫାଇନାଲରେ ୩-୦ରେ ପରାସ୍ତ କରିଥିଲା । କିଡ଼ାମ୍ବି ଶ୍ରୀକାନ୍ତ, ଲକ୍ଷ୍ୟ ସେନ୍ ଓ ଚିରାଗ ସେଟ୍ଟୀ ଏବଂ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ଭାରତକୁ ବ୍ୟାଡ୍‌ମିଣ୍ଟନରୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ମିଳିଥିଲା ।

- ଫେବୃୟାରୀରେ ଚାଇନାରେ ଅନୁଷ୍ଠିତ ହୋଇଥିଲା ୱିଣ୍ଟର ଅଲିମ୍ପିକ୍ସ । ଏଥିସହ ପ୍ରଥମ ସହରଭାବେ ବେଜିଂ ଗ୍ରୀଷ୍ମକାଳୀନ ଓ ୱିଣ୍ଟର ଅଲିମ୍ପିକ୍ସ ଆୟୋଜନ କରି ରେକର୍ଡର ଅଧିକାରୀ ହୋଇଥିଲା ।
- ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ୮ମ ସଂସ୍କରଣରେ ଇଂଲଣ୍ଡ ଚାମ୍ପିୟନ ଓ ପାକିସ୍ତାନ ରନରଅପ୍ ହୋଇଥିଲା ।
- ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ୍ ଦଳ ଏସିଆ କପ୍ ଓ ଦିନିକିଆ ବିଶ୍ୱକପ୍ ଜିତିଥିଲା ।
- ସ୍ମୃତି ମନ୍ଧାନାଙ୍କୁ ଆଇସିସି ମହିଳା କ୍ରିକେଟର ଅଫ୍ ଦ ଇୟର ପୁରସ୍କାର ।
- ୨୦୨୨ରେ ସ୍ପେନ୍‌ର ରାଫାଲ୍ ନାଡାଲ ଅଷ୍ଟ୍ରେଲିଆନ୍ ଓପନ୍ ଓ ଫ୍ରେଞ୍ଚ ଓପନ୍, ନୋଭାକ୍ ଜୋକୋଭିଚ୍ ୱିମ୍ବେଲଡନ୍ ଏବଂ କାର୍ଲୋସ୍ ଅଲକାରାଜ୍ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ । ମହିଳା ବର୍ଗରେ ପୋଲାଣ୍ଡର ଇଗା ସ୍ୱିଟେକ୍ ଫ୍ରେଞ୍ଚ ଓପନ, ୟୁଏସ୍ ଓପନ୍, ଏଲେନା ରିବାକିନା ଫ୍ରେଞ୍ଚ ଓପନ୍ ଏବଂ ଆସ୍‌ଲେ ବାର୍ଟି ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ ।
- ପି.ଆର. ଶ୍ରୀଜେଶଙ୍କୁ ୱାର୍ଲ୍ଡ ଗେମ୍ ଆଥ୍‌ଲେଟ ଅଫ୍ ଦ ଇୟର ସମ୍ମାନ ।

## ଅବସର ନେଲେ ଫେଡେରର

ବିଦାୟୀ ବର୍ଷରେ ଅନେକ ଦିଗ୍‌ଗଜ ଖେଳାଳି ନିଜ ପେସାଦାର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ସେମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି ଟେନିସ୍‌ର ମହାନାୟକ ରୋଜର ଫେଡେରର । ସେପ୍ଟେମ୍ବରରେ ଅନୁଷ୍ଠିତ ଲାଭର କପ୍ ଖେଳି ସେ ଅବସର ନେଇଛନ୍ତି । ଏହି ତାଲିକାରେ ସାମିଲ ହୋଇଥିଲେ ବିଶ୍ୱର ପୂର୍ବତନ ଏକ ନମ୍ବର ମହିଳା ଖେଳାଳି ଆସଲେ ବାର୍ଟି । ସେ ମାତ୍ର ୨୫ ବର୍ଷ ବୟସରେ ଟେନିସ୍‌କୁ ଅଲ୍‌ବିଦା ଜଣାଇଥିଲେ । ପୂର୍ବତନ ଫର୍ମୁଲା ୱାନ୍ ଚାମ୍ପିୟନ ସେବାଷ୍ଟିଆନ ଭେଟେଲ ମଧ୍ୟ ନିଜ କ୍ୟାରିୟରରେ ଟାଣିଥିଲେ ପୂର୍ଣ୍ଣଚ୍ଛେଦ । ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ୬ ବିଶ୍ୱକପ ଖେଳିଥିବା ମିଥାଲି ରାଜ୍, ଝୁଲଣ ଗୋସ୍ୱାମୀ, ସୁରେଶ ରାଇନା, ରବିନ୍ ଉତ୍ଥପ୍ପା ଓ ଏସ୍. ଶ୍ରୀସନ୍ଥ ଏଥିରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂଲଣ୍ଡର ପ୍ରଥମ ବିଶ୍ୱକପ୍ ବିଜୟୀ ଅଧିନାୟକ ଇଓନ ମୋର୍ଗାନ ନିଜ କ୍ରିକେଟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ।





ରୋଜର ଫେଡେରର

## ପରପାରିରେ ୱର୍ନ

୨୦୨୨ରେ ଅନେକ କ୍ରୀଡ଼ାବିତ୍‌ଙ୍କ ଅକାଳ ବିୟୋଗ ଘଟିଥିଲା । ସ୍ପିନ୍ ଯାଦୁଗର ଶେନ୍ ୱର୍ନ ଏହା ମଧ୍ୟରୁ ଅନ୍ୟତମ । ୫୨ ବର୍ଷ ବୟସରେ ସେ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିଲେ । ଅଷ୍ଟ୍ରେଲିଆର ଆଉ ଜଣେ କ୍ରିକେଟର ଆଣ୍ଡ୍ର୍ୟୁ ସାଇମଣ୍ଡ୍ସ ମଧ୍ୟ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଦୁଇଜଣ ପୂର୍ବତନ ଏଲିଟ ପ୍ୟାନେଲ ଅମ୍ପାୟର ରୁଡି କର୍ଜନ ଓ ଅସଦ ରୌଫ୍ ମଧ୍ୟ ହୃଦ୍‌ଘାତରେ ପରଲୋକ ଗମନ କରିଥିଲେ ।



ଥୋମାସ୍ କପ୍ ଚାମ୍ପିୟନ ଭାରତୀୟ ଦଳ

# ବାଂଲାଦେଶ ୨୨୭ରେ ସୀମିତ

**ଢାକା ଟେଷ୍ଟ**

ମୀରପୁର,୨୨।୧୨

ଗୁରୁବାର ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ମାତ୍ର ୨୨୭ ରନରେ ଅଲଆଉଟ ହୋଇଛି ବାଂଲାଦେଶ। ଉମେଶ ଯାଦବ ଓ ରବିଚନ୍ଦ୍ରନ ଅଶ୍ୱିନ ୪ଟି ଲେଖାଏ ଉଇକେଟ ନେଇ ଘରୋଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ବିନା କ୍ଷତିରେ ୧୯ ରନ ସଂଗ୍ରହ କରିଛି। ଶେର ଏ ବାଙ୍ଗଲା ଷ୍ଟାଡିୟମରେ ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବାଂଲାଦେଶର ସମସ୍ତ ବ୍ୟାଟରଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ଏହାକୁ ବଡ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲେ। ମୋମିନୁଲ୍ ହକ୍ ଘରୋଇ ଦଳ ପକ୍ଷରୁ ଟପ୍ ସ୍କୋରର(୮୪ ରନ) ରହିଥିଲେ। ୧୫୭ ବଲ ଖେଳି ସେ ୧୨ ଚୌକା ଓ ୧ ଛକା ମାରିଥିଲେ। ଜାକିର ହସନ(୧୫) ଓ ନଜମୋଲ ହସନ ଶନ୍ତୋ(୨୪) ପ୍ରଥମ ଉଇକେଟରେ ୩୯ ରନ୍ ଯୋଡିଥିଲେ। ତେବେ ୩ ବଲ ମଧ୍ୟରେ ଉଭୟ ଖେଳାଳି ଆଉଟ ହେବା ସହିତ ଦଳ ସଙ୍କଟରେ ପଡିଥିଲା। ପରବର୍ତ୍ତୀ ବ୍ୟାଟରଙ୍କ ମଧ୍ୟରେ ଶାକିବ୍ ଅଲ ହସନ ୧୬, ମୁଶଫିକର ରହିମ ୨୬, ଲିଟନ୍ ଦାସ ୨୫ ଓ ମେହିଦୀ ହସନ ମିରାଜ ୧୫ ଭଲ ଆରମ୍ଭ ପାଇଥିଲେ ହେଁ ବଡ ସ୍କୋର କରିପାରି ନ ଥିଲେ। ଭାରତୀୟ ବୋଲର ନିୟମିତ ବ୍ୟବଧାନରେ ଉଇକେଟ ଅକ୍ତିଆର କରିବା ସହିତ ବାଂଲାଦେଶର ରନ ହାରକୁ ନିୟନ୍ତ୍ରଣରେ ରଖିଥିଲେ। ଏକଦା ୨୧୩/୫ ରହିଥିବା ବାଂଲାଦେଶ ପରବର୍ତ୍ତୀ ୫ ଉଇକେଟ ମାତ୍ର ୧୪ ରନରେ ହରାଇଥିଲା। ଭାରତ ପକ୍ଷରୁ ଉମେଶ ଯାଦବ ନିଜ ଅନ୍ତିମ ସ୍ପେଲରେ ଘାତକ ବୋଲିଂ କରିଥିଲେ। ଉମେଶ ୨୫ ରନରେ ୪ ଉଇକେଟ ନେଇଥିବା ବେଳେ ଅଶ୍ୱିନ ୭୧ ରନରେ ୪ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା ଜୟଦେବ ଉନାଡକଟ ଅନ୍ୟ ୨ ଉଇକେଟ ନେଇଥିଲେ। ଭାରତ ଇନିଂସରେ ମାତ୍ର ୮ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ଦଳ ବିନା ଉଇକେଟରେ ୧୯ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶୁବମାନ ଗିଲ୍ ୧୪ ଓ ଲୋକେଶ ରାହୁଲ ୩ ରନ୍‌ରେ ବ୍ୟାଟିଂ କରୁଛନ୍ତି।



ଉମେଶ ଯାଦବ-୪/୨୫।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୭୩.୫ ଓଭରରେ ୨୨୭/୧୦( ମୋମିନୁଲ ହକ୍-୮୪, ମୁଶଫିକର ରହିମ-୨୬, ଲିଟନ୍ ଦାସ-୨୫, ଉମେଶ ଯାଦବ-୪/୨୫, ରବିଚନ୍ଦ୍ରନ ଅଶ୍ୱିନ-୪/୭୧, ଜୟଦେବ ଉନାଡକଟ-୨/୫୦)। ଭାରତ ୮ ଓଭରରେ ୧୯/୦ଣ (ଶୁବମାନ ଗିଲ୍-୧୪, ଲୋକେଶ ରାହୁଲ-୩)।

## ୧୧୮ ମ୍ୟାଚ୍ ପରେ ଫେରିଲେ ଉନାଡକଟ

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଜୟଦେବ ଉନାଡକଟ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛନ୍ତି। ଦୀର୍ଘ ୧୧୮ ମ୍ୟାଚ ପରେ ସେ ଭାରତୀୟ ଦଳକୁ ଫେରିଛନ୍ତି। ଡିସେମ୍ବର ୧୬, ୨୦୧୦ରେ ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଆନରେ ସେ ଟେଷ୍ଟ ପଦାର୍ପଣ କରିଥିଲେ। ଏହାପରେ ସେ ଦଳରୁ ବାଦ୍ ପଡିଥିବା ବେଳେ ବିଶ୍ୱ କ୍ରିକେଟରେ ଖେଳା ଯାଇଛି ୧୧୮ ଟେଷ୍ଟ। ଏହି ମାମଲାରେ ଗ୍ୟାରେଥ୍ ବାଟି ୧୪୨ ଟେଷ୍ଟ ପରେ ଇଂଲଣ୍ଡ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମହମ୍ମଦ ଶାମିଙ୍କ ବଦଳ ଖେଳାଳି ଭାବରେ ଭାରତୀୟ ଦଳରେ ସାମିଲ ହୋଇଥିଲେ ଉନାଡକଟ। ଦ୍ୱିତୀୟ ଟେଷ୍ଟରେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ସହିତ ଦୁଇ ଉଇକେଟ ଅକ୍ତିଆର କରିଛନ୍ତି। ଓପନର ଜାକିର ହସନ ଓ ଉଇକେଟ କିପର ମୁସଫିକର ରହିମଙ୍କୁ ସେ ଆଉଟ କରିଥିଲେ। ବିଜୟ ହଜାରେ ଟ୍ରଫିରେ ୧୦ ମ୍ୟାଚରୁ ୧୯ ଉଇକେଟ ନେଇ ଉନାଡକଟ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ୯୬ ପ୍ରଥମ ଶ୍ରେଣୀ ମ୍ୟାଚରେ ସେ ୩୫୩ ଉଇକେଟ ନେଇଛନ୍ତି।

# ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା: ଆର୍ଯ୍ୟନ ମନୋନୀତ

ଭୁବନେଶ୍ୱର, ୨୨।୧୨
(କ୍ରୀଡ଼ା ପ୍ରତିନିଧି)

ମେଘାଳୟରେ ହେବାକୁଥିବା ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ପାଇଁ ଗୁରୁବାର ଘୋଷିତ ଉତ୍କଳ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ଦଳରେ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି। ସମ୍ପ୍ରତି ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ସମ୍ମାନର ପ୍ରଥମ ବର୍ଷ କଳା ଛାତ୍ର ଆର୍ଯ୍ୟନ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫଳ ସ୍ୱରୂପ ତାଙ୍କୁ ୧୨ ଜଣିଆ ଦଳରେ ସାମିଲ କରାଯାଇଛି। ଓଡିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ୍ ତେହେରାନରେ ଅନୁଷ୍ଠିତ ଏସିଆନ ବିଚ୍ ହ୍ୟାଣ୍ଡବଲ ଏବଂ ବାହାରିନରେ ଏସିଆନ ଯୁବ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ଆର୍ଯ୍ୟନ ବ୍ରାହ୍ମିନ




# ତୃତୀୟ ଦିନରେ କିଟ୍‌କୁ ୨ ବ୍ରୋଞ୍ଜ

**ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୨୨।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଦଳର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିବସରେ କିଟ୍ ପ୍ରତିଯୋଗୀଙ୍କୁ ୨ଟି ବ୍ରୋଞ୍ଜ ପଦକ ମିଳିଛି। ଶଟପୁଟରେ ବନମ ଶର୍ମା ଓ ୧୧୦ ମିଟର ବାଧାଦୌଡରେ ଦୁଇଟି ଯାକ ପଦକ ମିଳିଛି। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ଦୂତୀ ଚାନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି।




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପର କୃତି ପ୍ରତିଯୋଗୀଙ୍କୁ ଗୁରୁବାର ପୁରସ୍କୃତ କରିବା ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଦୂତୀ ଚାନ୍ଦ।

# ଦକ୍ଷିଣ କୋରିଆ-ଓଡ଼ିଶା ଜୁନିୟର ହକି ଦଳର ଅଭ୍ୟାସ ମ୍ୟାଚ୍ ଆଜି

ରାଉରକେଲା ଅଫିସ,୨୨।୧୨

ବିଶ୍ୱକପ୍ ପୁରୁଷ ହକି ମ୍ୟାଚ୍ ଯେତେ ପାଖେଇ ଆସୁଛି ରାଉରକେଲା ସହରରେ ହକି କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢିବାରେ ଲାଗିଛି। ବିଶ୍ୱକପ୍ ପାଇଁ ନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଗୁରୁବାରଠାରୁ ଅଭ୍ୟାସ ମ୍ୟାଚ୍ ଆରମ୍ଭ ହୋଇଛି। ଭାରତ ଜୁନିୟର ଦଳ ଓ ସେଲ୍ ହକି ଏକାଡେମୀ ମଧ୍ୟରେ ସନ୍ଧ୍ୟା ୭ଟାରେ ଏକ ଅଭ୍ୟାସ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ କୋରିଆ ଜୁନିୟର ଓ ଭାରତ ଜୁନିୟର ଦଳ ବୁଧବାର ରାତି ୮ଟାରେ ରାଉରକେଲାର ଏକ ଘରୋଇ ହୋଟେଲରେ ପହଞ୍ଚିଥିଲେ। ଗୁରୁବାର ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲରେ ଉଭୟ ଦଳର ଖେଳାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସନ୍ଧ୍ୟା ୭ଟାରେ ଦୁଇ ଦଳର ଖେଳାଳି ବସ୍ ଯୋଗେ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ପହଞ୍ଚିବା ପରେ ଷ୍ଟାଡିୟମ୍‌ରେ ଥିବା ଆଷ୍ଟ୍ରୋଟର୍ଫ ପଡିଆରେ ଅଭ୍ୟାସ କରିଥିଲେ। ଶୁକ୍ରବାର ଓଡିଶା ହକି ଦଳ ଓ ଦକ୍ଷିଣ କୋରିଆ ଜୁନିୟର ଦଳ ମଧ୍ୟରେ ଅଭ୍ୟାସ ମ୍ୟାଚ୍ ଖେଳାଯିବ। ଖେଳକୁ ଏଫ୍‌ଆଇଏଚ୍ ପରିଚାଳନା କରିବ। ଅନ୍ୟପକ୍ଷେ ଅଫ୍‌ଲାଇନ୍ ଟିକେଟ ପାଇଁ ବିର୍ସାମୁଣ୍ଡା ଷ୍ଟାଡିୟମର ୨ ଓ ୬ ନମ୍ବର କାଉଣ୍ଟର ଖୋଲାଯାଇଛି। କାଉଣ୍ଟରରେ ଜାନୁଆରୀ ୧୩ରେ ହେବାକୁ ଥିବା ଭାରତ-ସ୍ପେନ ଏବଂ ୧୫ରେ ଭାରତ-ଇଂଲଣ୍ଡ ମଧ୍ୟରେ ହେବାକୁଥିବା ମ୍ୟାଚ୍‌ର ଟିକେଟ ମିଳୁ ନ ଥିବାରୁ ଅଧିକାଂଶ କ୍ରୀଡ଼ାପ୍ରେମୀ ନିରାଶ ହୋଇଛନ୍ତି। ତଥାପି ହକି ବିଶ୍ୱକପ୍ ଦେଖିବା ପାଇଁ ଟିକେଟ କାଉଣ୍ଟରରେ ପ୍ରତିଦିନ ଭିଡ଼ ଦେଖିବାକୁ ମିଳୁଛି। ୨୪ ତାରିଖରେ ଦକ୍ଷିଣ କୋରିଆ ସହ ଭାରତ ଦଳ ମଧ୍ୟରେ ଅଭ୍ୟାସ ମ୍ୟାଚ୍ ହେବ।

# ପରାଜୟ ଆଶଙ୍କାରେ ଓଡ଼ିଶା

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୨।୧୨
(କ୍ରୀଡ଼ା ପ୍ରତିନିଧି)

ଡେରାଡୁନରେ ଚାଲିଥିବା ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପରାଜୟ ଆଶଙ୍କାରେ ପଡ଼ିଛି। ପ୍ରଥମ ଇନିଂସରେ ଓଡ଼ିଶା ୨୧୩ ରନ କରିଥିବାବେଳେ ଉତ୍ତରାଖଣ୍ଡ ୪୭୭ ରନକରି ୨୬୪ ରନରେ ଅଗ୍ରଣୀଲାଭ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଗୁରୁବାର ତୃତୀୟ ଦିବସ ଶେଷ ବେଳକୁ ୪ ଉଇକେଟ ହରାଇ ୯୭ ରନ କରିଛି। ଶାନ୍ତନୁ ମିଶ୍ର ଓ ନାଇଟ ୱାଚମ୍ୟାନ ଶୁଭମ୍ ନାୟକ ଖାତା ଖୋଲିପାରି ନ ଥିବାବେଳେ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୩ ଓ ବିପ୍ଳବ ସାମନ୍ତରାୟ ୯ ରନ କରି ଆଉଟ ହୋଇଛନ୍ତି। ଓପନର ଅନୁରାଗ ଷଡ଼ଙ୍ଗୀ ୫୯ ଓ କାର୍ତ୍ତିକ ବିଶ୍ୱାଳ ୪ ରନକରି ଅପରାଜିତ ରହିଛନ୍ତି। ଉତ୍ତରାଖଣ୍ଡ ବୋଲର ମୟଙ୍କ ମିଶ୍ର ୨ଟି ଏବଂ ଦୀପକ ଧପୋଲା ଓ ଆକାଶ ମାଧ୍ୱାଲ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଶୁକ୍ରବାର ମ୍ୟାଚର ଶେଷ ଦିବସ ହୋଇଥିବାବେଳେ ଓଡ଼ିଶା ଆହୁରି ୧୬୭ ରନ ପଛରେ ରହିଛି।

### ଜିଓ୍ୱନଜୋତଙ୍କ ଦ୍ୱିଶତକ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୦୮/୩ରୁ ଖେଳ ଆରମ୍ଭ କରିଥିବା ଉତ୍ତରାଖଣ୍ଡ ତୃତୀୟ ଦିବସରେ ଆଉ ୧୬୯ ରନ ଯୋଗକରି ଅବଶିଷ୍ଟ ୭ଟି ଉଇକେଟ ହରାଇଥିଲା। ଅଧିନାୟକ ସ୍ୱପ୍ନିଲ ସିଂ ଦ୍ୱିଶତକ ହାସଲ କରି ଉତ୍ତରାଖଣ୍ଡକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ସେ ୩୬୩ଟି ବଲ୍‌ର ସମ୍ମୁଖୀନ ହୋଇ ୩୫ ଚୌକା ସହାୟତାରେ ୨୧୮ ରନ ସ୍କୋର କରିଥିଲେ। ସ୍ୱପ୍ନିଲ ସିଂ ୬୫ ଓ ଆଦିତ୍ୟ ତାରେ ୫୭ ରନର ଯୋଗଦାନ ଦେଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପ୍ରଧାନ ସର୍ବାଧିକ ୩ଟି, ଶୁଭମ୍ ନାୟକ ଓ ଅଭିଷେକ ରାଉତ ୨ଟି ଲେଖାଏ ଏବଂ ବିପ୍ଳବ ସାମନ୍ତରାୟ ଓ ସୌରଭ କନୋଜିଆ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୧୩। ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୪୭୭/ଅଲ୍‌ଆଉଟ (ଜିଓ୍ୱନଜୋତ ସିଂ-୨୧୮, ସ୍ୱପ୍ନିଲ ସିଂ-୬୫, ଆଦିତ୍ୟ ତାରେ-୫୭, ସୂର୍ଯ୍ୟକାନ୍ତ ପ୍ରଧାନ -୩/୯୦, ଶୁଭମ୍ ନାୟକ-୨/୭୯, ଅଭିଷେକ ରାଉତ-୨/୩୩, ବିପ୍ଳବ ସାମନ୍ତରାୟ-୧/୫୨, ସୌରଭ କନୋଜିଆ-୧୨୧)। ଓଡ଼ିଶା ଦ୍ୱିତୀୟ ଇନିଂସ: ୯୭/୪ (ଅନୁରାଗ ଷଡ଼ଙ୍ଗୀ-୫୯*, ମୟଙ୍କ ମିଶ୍ର-୨/୨୯, ଦୀପକ ଧପୋଲା-୧/୮, ଆକାଶ ମାଧ୍ୱାଲ-୧/୨୧)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ